ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.140, Tuesday, 8 September 2026, Puri, Pages - 25, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୦, ମଙ୍ଗଳବାର, ୮ ସେପ୍ଟେମ୍ବର ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Wonder world
Water Park & Resort

MONSOON
MASTI

PRICE STARTS FROM
~~₹899/~~
₹749/-
Including GST

ONLY ON
ONLINE
BOOKING

Malatipatpur,Puri.Odisha
FOLLOW US -
TOLL FREE : 1800 120 6676

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.140, Tuesday, 8 September 2026, Puri, Pages - 25, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୦, ମଙ୍ଗଳବାର, ୮ ସେପ୍ଟେମ୍ବର ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Ambruta™
Pyaas Zaroori Hai

JOIN US AS A
DISTRIBUTOR!
Be the Source of
ODISHA'S
TRUSTED HYDRATION

Call us Tollfree
1800 123 6373

FOLLOW US

CALL US FOR
Business Enquiry and Bulk Order
Toll Free number : 1800 123 6373

ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▶ www.amrutadunia.org

Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନୀତ କରିବା ପାଇଁ ଇମ୍ବୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ

■ Vol.13, Issue.140, Tuesday, 8 September 2026, Puri, Pages - 25, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୦, ମଙ୍ଗଳବାର, ୮ ସେପ୍ଟେମ୍ବର ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

୧୮ ପ୍ରସ୍ତାବ ଉପରେ ବାଜିଲା କ୍ୟାବିନେଟ୍ ମୋହର

ପେନ୍‌ସନ୍ ବିଲମ୍ବ ହେଲେ ମିଳିବ ସୁଧ

- 'ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା'କୁ ମଞ୍ଜୁରୀ
- 'ପଞ୍ଚସଖା ଶିକ୍ଷା ସେତୁ ଯୋଜନା'ର କାର୍ଯ୍ୟକାରିତାକୁ ସବୁଜ ସଙ୍କେତ
- 'ଶ୍ରୀଜଗନ୍ନାଥ ମନ୍ଦିର ଭୂମି ପ୍ରବନ୍ଧନ ନିୟମ, ୨୦୨୬'କୁ ଅନୁମୋଦନ

ଭୁବନେଶ୍ୱର(ବ୍ୟୁରୋ)

(ପେନସନ) ନିୟମାବଳୀ, ୨୦୨୧ ସହ ସାମଞ୍ଜସ୍ୟ ରକ୍ଷା କରାଯାଇ ଓଡ଼ିଶା ବେସାମରିକ ସେବା (ପେନସନ) ନିୟମାବଳୀ, ୧୯୯୨ରେ ନିମ୍ନଲିଖିତ ସଂଶୋଧନ ପ୍ରସ୍ତାବ କରାଯାଇଛି। ସରକାରୀ କର୍ମଚାରୀଙ୍କ ସେବାକାଳରେ ଆରମ୍ଭ ହୋଇ ଅବସର ପରେ ମଧ୍ୟ ଜାରି ରହିଥିବା କିମ୍ବା ଅବସର ପରେ ଆରମ୍ଭ ହୋଇଥିବା ବିଭାଗୀୟ କାର୍ଯ୍ୟାନୁଷ୍ଠାନ କ୍ଷେତ୍ରରେ ପେନସନ ଏବଂ/କିମ୍ବା ଗ୍ରାଚୁଇଟିକୁ ଅଟକାଇ ରଖିବା କିମ୍ବା ପ୍ରତ୍ୟାହାର କରିବା ସମ୍ପର୍କରେ ସରକାରଙ୍କ ଅଧିକାରକୁ ସ୍ପଷ୍ଟ କରାଯିବ। ପେନସନ ମଞ୍ଜୁରି ପ୍ରକ୍ରିୟା ନିର୍ଦ୍ଧାରିତ ସମୟଠାରୁ ଏକ ବର୍ଷରୁ ଅଧିକ ବିଳମ୍ବ ହେଲେ ଏବଂ ଏହି ବିଳମ୍ବ ପ୍ରଶାସନିକ ତ୍ରୁଟି କାରଣରୁ ଘଟିଥିଲେ, ତେବେ ଏକ ବର୍ଷ ପରବର୍ତ୍ତୀ ବିଳମ୍ବ ଅବଧି ପାଇଁ ପେନସନର ବକେୟା ରାଶି ଉପରେ ବାର୍ଷିକ ୭ ପ୍ରତିଶତ ହାରରେ ସୁଧ ପ୍ରଦାନ କରିବାର ବ୍ୟବସ୍ଥା କରାଯିବ। ସେହିପରି ଓଡ଼ିଶା ମୃତ୍ତିକା ସଂରକ୍ଷଣ ସେବା କ୍ୟାଡରର ପୁନର୍ଗଠନ ପରେ ମୋଟ ଅନୁମୋଦିତ ପଦସଂଖ୍ୟା ୩୧୯ରେ ଅପରିବର୍ତ୍ତିତ ସହ ବରିଷ୍ଠ ସ୍ତରରେ ୨ଟି ଅତିରିକ୍ତ ନିର୍ଦ୍ଦେଶକ ଓ ୬ଟି ଯୁଗ୍ମ ନିର୍ଦ୍ଦେଶକ ପଦ ସୃଷ୍ଟି ହେବ ଏବଂ ଉପନିର୍ଦ୍ଦେଶକ ପଦ ୨୯ରୁ ୩୨କୁ ବୃଦ୍ଧି ପାଇବ। ଏନେଇ କ୍ୟାବିନେଟ୍‌ରେ ମୋହର ବାଜିଛି। ୫ ବର୍ଷରେ ୧ ଲକ୍ଷ ୫୦ ହଜାର ଗଭୀର ନଳକୂପ ସ୍ଥାପନ ସହ ୭.୫ ଲକ୍ଷ ହେକ୍ଟର ଜଳସେଚନ କ୍ଷମତା ସୃଷ୍ଟି ପାଇଁ ୮,୬୫୩.୦୪ କୋଟି ବ୍ୟୟବରାଦ ସହ 'ଓଡ଼ିଶାର ଜଳସେଚନ ■ ପୃଷ୍ଠା-୧୫

ସୁପ୍ରିମକୋର୍ଟରେ ଓଡ଼ିଶା ଡିଜିପି ଚୟନ ବିବାଦ

ଶୁଣାଣି ପୁଣି ୧୬କୁ ଘୁଞ୍ଚିଲା

- ସରକାରଙ୍କ ଆଭିମୁଖ୍ୟକୁ ଚ୍ୟାଲେଞ୍ଜ କରି ପକ୍ଷ ରଖିଲେ ସୁଗାନ୍ତ ନାଥ
- ୨୨ରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ

ସୁପ୍ରିମକୋର୍ଟରେ ପୁଣି ଡିଜିପି ନିଯୁକ୍ତି ଶୁଣାଣି ଘୁଞ୍ଚିଲା । ଆସନ୍ତା ୧୬ ତାରିଖରେ ଶୁଣାଣି ପାଇଁ ଦିନଧାର୍ଯ୍ୟ କରାଯାଇଥିବାର ସୂଚନା ମିଳିଛି । ଏନେଇ ସୂଚନା ଦେଲେ ବରିଷ୍ଠ ଆଇନଜୀବୀ ସଂଗ୍ରାମ ପଟ୍ଟନାୟକ । ସୁଗାନ୍ତ ନାଥଙ୍କ ପାଇଁ ତାଙ୍କ ଆଇନଜୀବୀ ପିଟିସନ୍ କରିଛନ୍ତି କହିଲେ ବରିଷ୍ଠ ଆଇନଜୀବୀ । ଆମିକସକ୍ୟୁରି ମଧ୍ୟ ଆଉ ଏକ ରିପୋର୍ଟ ଆଜି ଦାଖଲ କରିଛନ୍ତି । ଆମିକସକ୍ୟୁରି ରିପୋର୍ଟ ପଢ଼ିବାକୁ ସମୟ ନେଲେ ସଲିସିଟର ଜେନେରାଲ ।ତେଣୁ ପରବର୍ତ୍ତୀ ଶୁଣାଣି ଆସନ୍ତା ୧୬ ତାରିଖକୁ ଘୁଞ୍ଚିଲା ବୋଲି ବରିଷ୍ଠ ଆଇନଜୀବୀ ସଂଗ୍ରାମ ପଟ୍ଟନାୟକ କହିଛନ୍ତି । ଅନ୍ୟପଟରେ ଓଡ଼ିଶା ପୁଲିସର ପରବର୍ତ୍ତୀ ମୁଖ୍ୟା(ଡିଜିପି) ଚୟନ ବିବାଦକୁ ନେଇ ସୁପ୍ରିମକୋର୍ଟରେ ଚାଲିଥିବା ମାମଲାରେ ଆଜି ନୂଆମୋଡ଼ ଆସିଛି । ବରିଷ୍ଠ ଓଡ଼ିଆ ଆଇପିଏସ୍ ତଥା ଜେଲ୍ ଡିଜି ସୁଶାନ୍ତ କୁମାର ନାଥ ଏହି ମାମଲାରେ ଏକ ଇଣ୍ଟରଭେନସନ୍ ଆବେଦନ (ଆଇଏ) ଦାଖଲ କରି କୋର୍ଟରେ ନିଜ ପକ୍ଷ ରଖିଛନ୍ତି । ଆଜି ମାମଲାର ଶୁଣାଣିବେଳେ ସୁଶାନ୍ତ ନାଥଙ୍କ ପକ୍ଷରୁ ତାଙ୍କ ଓକିଲ କୋର୍ଟରେ ଯୁକ୍ତି ରଖି ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ସଙ୍ଗୀନ ପ୍ରଶ୍ନ ଉଠାଇବା ସହ ସରକାରଙ୍କ ଆଭିମୁଖ୍ୟକୁ ଚ୍ୟାଲେଞ୍ଜ କରିଛନ୍ତି। ସୁପ୍ରିମକୋର୍ଟ ଆଜି ସୁଶାନ୍ତ ନାଥଙ୍କ ପକ୍ଷ ଶୁଣିବା ସହ ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୨ ତାରିଖକୁ ଧାର୍ଯ୍ୟ କରିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି.ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଜି ଏହି ମାମଲାର ଶୁଣାଣି ଆରମ୍ଭ ହେବାମାତ୍ରେ ସୁଶାନ୍ତ ନାଥ ନିଜ ଓକିଲଙ୍କ ମାଧ୍ୟମରେ ପକ୍ଷଭୁକ୍ତ ହେବାକୁ କୋର୍ଟଙ୍କ ଅନୁମତି ଲୋଡ଼ିଥିଲେ। ସେ ଦାଖଲ କରିଥିବା ଆଇଏ ଉପରେ ବିଚାର କରିବା ସହ ପକ୍ଷ ରଖିବାକୁ ଖଣ୍ଡପୀଠ ତାଙ୍କୁ ସୁଯୋଗ ଦେଇଥିଲେ। ଆଇପିଏସ୍ ସୁଶାନ୍ତ ନାଥ ତାଙ୍କ ଓକିଲ ମାଧ୍ୟମରେ ଆଜି ସୁପ୍ରିମକୋର୍ଟରେ ଯୁକ୍ତି ଉପସ୍ଥାପନ କରି କହିଥିଲେ ଯେ, ସେ ଜଣେ ଡିଜିପାହ୍ୟାର ବରିଷ୍ଠ ଅଫିସର ଓ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୟୁପିଏସସିକୁ ପଠାଇଥିବା ତିନିଜଣିଆ ତାଲିକାରେ ତାଙ୍କ ନାମ ପ୍ରଥମରୁ ସାମିଲ ଥିଲା। କିନ୍ତୁ ବିନା କୌଣସି ପୂର୍ବ ସୂଚନାରେ ତାଙ୍କର ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ପ୍ରତ୍ୟାହାର କରାଯାଇଥିବା ନେଇ ସେ କେବଳ ଖବରକାଗଜରୁ ହିଁ ଜାଣିବାକୁ ପାଇଥିଲେ। ତାଙ୍କ ନାମକୁ ଅଟକାଇ ■ ପୃଷ୍ଠା-୧୫

ଭିଜିଲାନ୍ସ ଜାଲରେ ଆର୍‌ଆଇ ଓ ଏଆର୍‌ଆଇ

ପିପିଲ(ଅମୃତ ମିଡ଼ିଆ)

ଜମି ମ୍ୟୁଟେସନ୍ କାମ ପାଇଁ ୩୫ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ପିପିଲି ତହସିଲ ଅଧୀନ ସିଉଳା ଆରଆଇ ସର୍କଲର ରାଜସ୍ୱ ନିରୀକ୍ଷକ (ଆରଆଇ) ଓ ସହକାରୀ ରାଜସ୍ୱ ନିରୀକ୍ଷକ (ଏଆରଆଇ) ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ଉଭୟଙ୍କୁ ଧରି ଗିରଫ କରିଥିବା ଜଣାପଡ଼ିଛି । ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଅଧିକାରୀ ଦ୍ୱୟ ହେଲେ ସିଉଳା ଆରଆଇ ସର୍କଲର ରାଜସ୍ୱ ନିରୀକ୍ଷକ କଲ୍ୟାଣୀ ଜେନା ଓ ସହକାରୀ ରାଜସ୍ୱ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା। ଉଭୟଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଟ୍ରାପ୍ କରିବା ପରେ ଗିରଫ କରି ଭୁବନେଶ୍ୱର ନେଇଥିବା ■ ପୃଷ୍ଠା-୧୫

ଖରିଫ ମଣ୍ଡି ପାଇଁ ସରିଲା ଅବଧି

ରେକର୍ଡ ସଂଖ୍ୟକ ଚାଷୀଙ୍କ ପଞ୍ଜୀକରଣ

ଭୁବନେଶ୍ୱର(ବ୍ୟୁରୋ)

ଚଳିତ ଖରିଫ୍ ଋତୁରେ ଧାନ ବିକ୍ରି ପାଇଁ ଚାଷୀଙ୍କ ପଞ୍ଜୀକରଣ ଅବଧି ଆଜି (ସୋମବାର) ଶେଷ ହୋଇଛି । ୨୧.୭୨ଲକ୍ଷରୁ ଅଧିକ ଚାଷୀ ଏଥିପାଇଁ ପଞ୍ଜୀକରଣ କରିସାରିଛନ୍ତି। ଆଜି ରାତି ୧୨ଟା ପର୍ଯ୍ୟନ୍ତ ଚାଷୀମାନେ ନିଜର ପଞ୍ଜୀକରଣ କରିପାରିବେ। ତେବେ ପଞ୍ଜୀକରଣ ଅବଧି ଆଉ ବଢ଼ିବ ନାହିଁ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ଅଗଷ୍ଟ ୬ତାରିଖରୁ ରାଜ୍ୟରେ ଚାଷୀଙ୍କ ପଞ୍ଜୀକରଣ ଆରମ୍ଭ ହୋଇଥିଲା। ପ୍ୟାକ୍ସ-ଲ୍ୟାମ୍ପସ, ପାଣି ପଞ୍ଚାୟତ ଜରିଆରେ ପଞ୍ଜୀକରଣ କରାଯାଉଛି। ଅଗଷ୍ଟ ଶେଷ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ଅବଧି ରହିଥିଲା। ତେବେ ବିଭିନ୍ନ ଜିଲ୍ଲାରେ ବନ୍ୟା ପାଇଁ ରାଜ୍ୟ ସରକାର ଅବଧିକୁ ସେପ୍ଟେମ୍ବର ୭ତାରିଖ ପର୍ଯ୍ୟନ୍ତ ବଢ଼ାଇଥିଲେ। ଗତବର୍ଷ ରାଜ୍ୟରେ ୧୯ଲକ୍ଷ ୬୭ହଜାର ଚାଷୀ ପଞ୍ଜୀକରଣ କରିଥିଲେ। ହେଲେ ଚଳିତବର୍ଷ ରେକର୍ଡ ସଂଖ୍ୟକ ଚାଷୀ ପଞ୍ଜୀକରଣ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ବରଗଡ଼ରେ ସର୍ବାଧିକ ୧.୮୩ଲକ୍ଷ, ଗଞ୍ଜାମ ୧.୭୮ଲକ୍ଷ, କଳାହାଣ୍ଡି ୧.୩୪ଲକ୍ଷ, ବାଲେଶ୍ୱର ୧.୨୧ଲକ୍ଷ, ବଲାଙ୍ଗୀର ୧.୧୯ଲକ୍ଷ ଓ ମୟୂରଭଞ୍ଜରେ ୧ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିଛନ୍ତି। ସାଢ଼େ ୭ଲକ୍ଷ ଚାଷୀଙ୍କ ଏଗ୍ରିଷ୍ଟାକ୍ ଆଇଡି ପ୍ରସ୍ତୁତ କରାଯାଇଛି। ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି, ଗତକାଲି ପର୍ଯ୍ୟନ୍ତ ୨୧.୪୨ଲକ୍ଷ ପଞ୍ଜୀକରଣ କରିଛନ୍ତି। ଯେଉଁମାନେ ପଞ୍ଜୀକରଣ କରିନାହାନ୍ତି ଆଜି ମଧ୍ୟ ସେମାନେ କରିପାରିବେ। ■ ପୃଷ୍ଠା-୧୫

ଦଶମ-ଦ୍ୱାଦଶ ମିଶି ହେବ ଗୋଟିଏ ବୋର୍ଡ

ଛାତ୍ରୀଛାତ୍ର ଓଡ଼ିଆରେ ପଢ଼ିବେ ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ

ଭୁବନେଶ୍ୱର(ବ୍ୟୁରୋ)

ଦଶମ ଓ ଦ୍ୱାଦଶ ପରୀକ୍ଷା ନେଇ ବଡ଼ ସୂଚନା ଦେଲେ ଗଣଶିକ୍ଷା ସଚିବ । ଏଣିକି ଦଶମ ଓ ଦ୍ୱାଦଶ ପରୀକ୍ଷା ପାଇଁ ଗୋଟିଏ ବୋର୍ଡ କାର୍ଯ୍ୟ କରିବ । ଏନେଇ ସୂଚନା ଦେଲେ ଗଣଶିକ୍ଷା ସଚିବ ଏନ୍ ତିରୁମାଲା ନାୟକ । ଆଉ ଆଗକୁ ବିଏସଇ ଓ ସିଏଚଏସଇ ଅଲଗା ଅଲଗା ବୋର୍ଡ ରହିବ ନାହିଁ । ଦଶମ ଓ ଦ୍ୱାଦଶ ପାଇଁ ଗୋଟିଏ ବୋର୍ଡ ଗଠନ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଥିବା ନେଇ ସେ କହିଛନ୍ତି । ଗଣଶିକ୍ଷା ସଚିବଙ୍କ କହିବା ଅନୁସାରେ, ଆଗକୁ ମାଧ୍ୟମିକ ଶିକ୍ଷା ପରିଷଦ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଲଗା ଅଲଗା ବୋର୍ଡ ଭାବେ ରହିବ ନାହିଁ। ଦଶମରୁ ଦ୍ୱାଦଶ ପର୍ଯ୍ୟନ୍ତ ଶିକ୍ଷା ଓ ପରୀକ୍ଷା ବ୍ୟବସ୍ଥାକୁ ଗୋଟିଏ ବୋର୍ଡ ଅଧୀନକୁ ଆଣିବା ନେଇ ପଦକ୍ଷେପ ନିଆଯିବ। ଏହି ପରିବର୍ତ୍ତନ ଲାଗୁ ହେଲେ ଦଶମ ଓ ଦ୍ୱାଦଶ ଶ୍ରେଣୀର ବୋର୍ଡ ପରୀକ୍ଷା, ଶିକ୍ଷା ବ୍ୟବସ୍ଥା ଓ ଅନ୍ୟାନ୍ୟ ପ୍ରକ୍ରିୟା ଗୋଟିଏ ବୋର୍ଡ ମାଧ୍ୟମରେ ପରିଚାଳିତ ହେବ। ଏହାଦ୍ୱାରା ଦୁଇଟି ବୋର୍ଡର ପୃଥକ ପ୍ରଶାସନିକ ବ୍ୟବସ୍ଥାରେ ପରିବର୍ତ୍ତନ ଆସିପାରେ। ବର୍ତ୍ତମାନ ବିଏସଇ ଦଶମ ଶ୍ରେଣୀ ସମେତ ବିଭିନ୍ନ ମାଧ୍ୟମିକ ପରୀକ୍ଷା ପରିଚାଳନା କରୁଥିବାବେଳେ ସିଏଚଏସଇ +୨ ଅର୍ଥାତ୍ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଓ ଫଳ ପ୍ରକାଶନ ଭଳି କାର୍ଯ୍ୟ କରୁଛି। ଗୋଟିଏ ବୋର୍ଡ ଗଠନ ହେଲେ ଦଶମରୁ ଦ୍ୱାଦଶ ଯାଏଁ ଶିକ୍ଷା ବ୍ୟବସ୍ଥାରେ ସମନ୍ୱୟ ବଢ଼ିବା ସହ ପରୀକ୍ଷା ପରିଚାଳନା ଓ ପ୍ରଶାସନିକ କାର୍ଯ୍ୟ ସରଳ ହୋଇପାରେ। ତେବେ ଏହି ବ୍ୟବସ୍ଥା କେବେଠାରୁ ଲାଗୁ ହେବ ଏବଂ ନୂଆ ବୋର୍ଡର ଗଠନ କିପରି ହେବ, ସେନେଇ ବିସ୍ତୃତ ସୂଚନା ମିଳିପାରି ନାହିଁ । ସେହିପରଶିକ୍ଷା ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆସିବାକୁ ଯାଇଛି । ଦଶମ-ଦ୍ୱାଦଶ ପାଇଁ ଗୋଟିଏ ବୋର୍ଡ ହେବ । ମୁକ୍ତ ବିଦ୍ୟାଳୟରେ ମିଳିବ ମାଗଣା ଯୁକ୍ତ ଦୁଇ ଶିକ୍ଷା । ଏନେଇ

ଗଣଶିକ୍ଷା ସଚିବ ଏନ. ଥିରୁମାଲା ନାଏକ ଆଜି ସୂଚନା ଦେଇଛନ୍ତି । ଏହି ବୋର୍ଡର କାର୍ଯ୍ୟାଳୟ କେଉଁଠାରେ ହେବ, ସେନେଇ ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି । ତେବେ ଛାତ୍ରୀଛାତ୍ର ଓଡ଼ିଆରେ ପଢ଼ିବେ ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ । ଏହାଦ୍ୱାରା ଛାତ୍ରୀଛାତ୍ର ନିଜ ମାତୃଭାଷାରେ ଉଚ୍ଚମାଧ୍ୟମିକ ଶିକ୍ଷା ଗ୍ରହଣ କରିପାରିବେ । ସେହିପରି ୧୮ ବର୍ଷ ଯାଏଁ ମୁକ୍ତ ବିଦ୍ୟାଳୟରେ ମିଳିବ ମାଗଣା ଶିକ୍ଷା । ମାଗଣା ଡିଜିଟାଲ ଶିକ୍ଷା ପାଇଁ ସିଏଚଏସଇକୁ ୧୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଛାତ୍ରୀଛାତ୍ର ଅଯଥା ଖର୍ଚ୍ଚାନ୍ତ ହେଉଥିବାରୁ ମାଗଣା ଡିଜିଟାଲ୍ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବ । ଯୁକ୍ତ ଦୁଇ ପରେ ଦକ୍ଷତା ସହ ନିଯୁକ୍ତି ସୁଯୋଗ ମିଳିବ ବୋଲି ଗଣଶିକ୍ଷା ସଚିବ ସୂଚନା ଦେଇଛନ୍ତି ।

ସେ କହିଲେ...



ଭାରତ ଆତ୍ମବିଶ୍ୱାସର ସହ ଆଗକୁ ବଢୁଛି। ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତିନି ମାସରେ ଦେଶର ପ୍ରକୃତ ଜିଡିପି ଅଭିବୃଦ୍ଧି ୭.୮ ପ୍ରତିଶତ ରହିବା ଆକଳନ କରାଯାଇଛି। ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ, ମହାକାଶ, ଡିଜିଟାଲ ପ୍ରଯୁକ୍ତି, ଉତ୍ପାଦନ, ସ୍ୱାସ୍ଥ୍ୟସେବା, କୃଷି ଓ ଅକ୍ଷୟ ଶକ୍ତି ଭଳି କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି ହେଉଥିବା ବେଳେ ଏହାର ଲାଭ ପ୍ରସ୍ତୁତ ଥିବା ଯୁବପିଢ଼ି ହିଁ ଉଠାଇ ପାରିବେ। ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ରେ ସାମଗ୍ରିକ, ବହୁବିଷୟକ, ଅନୁଭୂତିଭିତ୍ତିକ ଓ ଦକ୍ଷତାଭିତ୍ତିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି।

ଡକ୍ଟର ହରିବାବୁ କମ୍ଭମପାଟି
ରାଜ୍ୟପାଳ

ନୂଆଁଖାଇ ପୂର୍ବରୁ ବଢ଼ିଲା ଚିନ୍ତା

ଚାଉଳ ବଣ୍ଟନ ଠପ୍, ଚିନ୍ତାରେ ଖାଉଟି

ଦାବି ପୂରଣ ନହେବାରୁ ଯୋଗାଣ ସହାୟକଙ୍କ ଆନ୍ଦୋଳନ ତୀବ୍ର ହୋଇଛି। ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିଶାଳ ପ୍ରତିବାଦ ପରେ ସରକାର ଦାବି ନମାନିଲେ ସେପ୍ଟେମ୍ବର ଓ ଅକ୍ଟୋବରର ପିଡିଏସ୍ ଚାଉଳ ବଣ୍ଟନ ବନ୍ଦ ରଖିବାକୁ ସଂଘ ଚେତାବନୀ ଦେଇଛି। ଆଗକୁ ନୂଆଁଖାଇ ଥିବାରୁ ଏଭଳି ସମୟରେ ଚାଉଳ ବଣ୍ଟନ ଠପ୍ ହୋଇଗଲେ ଗରିବ ଖଟିଖିଆ ପରିବାର ପାଇଁ ପର୍ବ ପାଳନ କରିବା କଷ୍ଟକର ହୋଇପଡ଼ିବ। ରାଜ୍ୟର ପ୍ରାୟ ୯୩ ଲକ୍ଷ ହିତାଧିକାରୀ ସିଧାସଳଖ ଏହାଦ୍ୱାରା ପ୍ରଭାବିତ ହେବାକୁ ଯାଉଛନ୍ତି। ଅନେକ ଅସହାୟ ଗରିବ ପରିବାର ଅଛନ୍ତି, ଯେଉଁମାନଙ୍କ ଚୁଲି କେବଳ ସରକାରୀ ରାସନ ଚାଉଳ ଉପରେ ନିର୍ଭର କରେ। ଏଭଳି ସ୍ଥିତିରେ ଯୋଗାଣ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଲେ ରାଜ୍ୟରେ ଏକ ବଡ଼ ଧରଣର ପୋଷଣ ସଂକଟ ସୃଷ୍ଟି ହେବାର ଯଥେଷ୍ଟ ଆଶଙ୍କା ରହିଛି।

- ଗରିବ ହିତାଧିକାରୀଙ୍କ ମୁଣ୍ଡରେ ପଡ଼ିଲା ଚଡ଼କ
- ରାଜଧାନୀରେ ଗର୍ଜିଲେ ଯୋଗାଣ ସହାୟକ
- ୯୩ ଲକ୍ଷ ହିତାଧିକାରୀ ହେବେ ପ୍ରଭାବିତ

ଭୁବନେଶ୍ୱର (ବ୍ୟୁରୋ)

ବ୍ୟବସ୍ଥାଗତ ତ୍ରୁଟି ଯୋଗୁଁ ଭୁଶୁଡ଼ି ପଡୁଛି ଯୋଗାଣ ବିଭାଗ। ରାଜ୍ୟରେ ପିଡିଏସ୍ (ରାସନ) ଚାଉଳ ବଣ୍ଟନକୁ ନେଇ ସୃଷ୍ଟି ହୋଇଥିବା ଅନିଶ୍ଚିତତା ଏବେ ଆହୁରି ଘନେଇବାରେ ଲାଗିଛି। ନିଜର ଦାବି ପୂରଣ ନହେବାରୁ ଗତ ୨ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିବା ଯୋଗାଣ ସହାୟକମାନେ ଏବେ ସିଧାସଳଖ ରାଜଧାନୀକୁ ଓହ୍ଲାଇଛନ୍ତି। ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ରାଜ୍ୟ ଯୋଗାଣ ସହାୟକ ସଂଘ ପକ୍ଷରୁ ବିଶାଳ ଆନ୍ଦୋଳନ କରାଯାଇଛି। ସରକାର ଦାବି ନମାନିବା ଯାଏଁ ସେପ୍ଟେମ୍ବର ଓ ଅକ୍ଟୋବର ମାସର ଚାଉଳ ବଣ୍ଟନ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ସଂଘ ଚେତାବନୀ ଦେବା ପରେ ଗରିବ ହିତାଧିକାରୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି।

ପଞ୍ଚାୟତ ସ୍ତରରେ ଘରେ ଘରେ ରାସନ ପହଞ୍ଚାଉଥିବା ଏହି କର୍ମଚାରୀମାନେ ନିଜ ହକ୍ ପାଇଁ ଅଡ଼ି ବସିଛନ୍ତି। ସେମାନେ ୧୧ ଦଫା ଦାବିପତ୍ର ଉପସ୍ଥାପନ କରିଛନ୍ତି । ଏଥିରେ ମଧ୍ୟସ୍ଥ ବ୍ୟବସ୍ଥା ଉଚ୍ଛେଦ କରି ସିଧାସଳଖ ବ୍ୟାଙ୍କ ଖାତାରେ ଦରମା ପ୍ରଦାନ, ଜିଲ୍ଲା କ୍ୟାଡରରେ ଅନ୍ତର୍ଭୁକ୍ତୀକରଣ, ନିର୍ଦ୍ଦିଷ୍ଟ କାର୍ଯ୍ୟ ସମୟ ଓ ଛୁଟି ନିର୍ଦ୍ଧାରଣ, ଭତ୍ତା ଏବଂ ଅନୁକମ୍ପାମୂଳକ ନିଯୁକ୍ତି ଭଳି ପ୍ରମୁଖ ଦାବି ସାମିଲ ରହିଛି। ସରକାରୀ ସ୍ତରରେ କୌଣସି ଠୋସ୍ ନିଷ୍ପତ୍ତି ନଆସିବା ଯାଏଁ କାର୍ଯ୍ୟାଳୟରେ ତାଲା ଝୁଲିବ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି।

ଏହି ଆନ୍ଦୋଳନ ଯୋଗୁଁ ରାଜ୍ୟର ପ୍ରାୟ ୯୩ ଲକ୍ଷ ହିତାଧିକାରୀ ସିଧାସଳଖ ପ୍ରଭାବିତ ହେବାକୁ ଯାଉଛନ୍ତି। ଅନେକ ଅସହାୟ ଗରିବ ପରିବାର ଅଛନ୍ତି, ଯେଉଁମାନଙ୍କ ଚୁଲି କେବଳ ସରକାରୀ ରାସନ ଚାଉଳ ଉପରେ ନିର୍ଭର କରେ। ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି, ଆଗକୁ ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ 'ନୂଆଁଖାଇ' ଆସୁଛି। ଏଭଳି ସମୟରେ ଚାଉଳ ବଣ୍ଟନ ଠପ୍ ହୋଇ ରହିଲେ ଗରିବ ଖଟିଖିଆ ପରିବାର ପାଇଁ ପର୍ବ ପାଳନ କରିବା କଷ୍ଟକର ହୋଇପଡ଼ିବ। ଗୋଟିଏ ପଟେ ଲୋକେ ନବାନ୍ନ ଖାଇବାକୁ ପ୍ରସ୍ତୁତ ହେଉଥିବା ବେଳେ ଅନ୍ୟପଟେ ରାସନ ନମିଳିବା ପରିସ୍ଥିତିକୁ ଆହୁରି ସଙ୍ଗିନ କରିଦେବ।

ଅନ୍ୟପକ୍ଷରେ, ରାଜ୍ୟ ସରକାର ଅନ୍ନପୂର୍ଣ

ଲୋକଙ୍କ ଭାବାବେଗ ସହ ଖେଳ

ବେଲଗାମ୍ ଯାତ୍ରାପାର୍ଟି। ଶସ୍ତା ଲୋକପ୍ରିୟତା ପାଇଁ ଭୁଲିଗଲେଣି ଶାଳୀନତା। ଆପତ୍ତିଜନକ ଭାବେ ଅଙ୍ଗ ପ୍ରଦର୍ଶନ ଏବଂ ଧର୍ମୀୟ ଭାବନାକୁ କୁଠାରଘାତ ପରେ ଏଥର ସିଧା ଦୋ' ଅକ୍ଷରୀ ଛିଡ଼ାଇ ସଂଳାପ କହିଲେଣି କଳାକାର। ଡବଲ ମିନିଂ ବି ନୁହଁ, ପୂରା କଞ୍ଚା ଭାଷା କହୁଛନ୍ତି। ହଲିଉଡ୍, ବଲିଉଡ୍, ଓଲିଉଡ୍ ଓ ଯଲିଉଡ୍‌ରେ ବିଭିନ୍ନ ନାମୀ ଦାମୀ ରୋଚକ ଦୃଶ୍ୟ ପ୍ରଦର୍ଶନ କରାଯାଉଛି। ଲୋକମାନେ ମୋଟା ଅଙ୍କର ଟଙ୍କାଦେଇ ସେଗୁଡ଼ିକୁ ଉପଭୋଗ କରିବାକୁ ପଛାଉ ନାହାନ୍ତି। ଲୋକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଦେବା ଭଲ କଥା। କ୍ଲାନ୍ତମୟ ଜୀବନରୁ ସମୟ ବାହାର କରି ଲୋକମାନେ ଏସବୁ ଦେଖିଥାନ୍ତି। କଳା, ସଂସ୍କୃତି ଆଧାରିତ ଫିଲ୍ମ ଅପେକ୍ଷା ଫାଇଟ୍, ଥ୍ରିଲର ଓ ଲଭ୍ ଷ୍ଟୋରୀକୁ ଲୋକେ ଅଧିକ ପସନ୍ଦ କରୁଛନ୍ତି। ହେଲେ ଏବେ ଏସବୁକୁ ଛାଡ଼ି ଏବେ ଭିନ୍ନ ଧରଣର ଫିଲ୍ମ ଓ ନାଟକମାନ ପ୍ରସ୍ତୁତ କରାଯାଉଛି। ଏଥିରେ ଯେଉଁଭଳି ଭାବେ ଦୃଶ୍ୟ ଏବେ ଦେଖାଯାଉଛି, ସେଥିରେ ସଂଶୋଧନର ଆବଶ୍ୟକତା ରହିଛି। ବିଶେଷକରି ଯାତ୍ରା ଦୁନିଆଁରେ ଏବେ ଯେଉଁଭଳି ଦୃଶ୍ୟ ଲୋକଲୋଚନକୁ ଆସୁଛି, ତାକୁ ଦେଖି ଦର୍ଶକମାନେ ଚିହିଁକିବା ସ୍ୱାଭାବିକ। ମନୋରଞ୍ଜନ ନାଁରେ ଏବେ ଯାତ୍ରାରେ ଦେଖିବାକୁ ମିଳିଛି ଭାଣ୍ଡାମୀ। ପବ୍ଲିସିଟି ଷ୍ଟଣ୍ଟ ଲାଗି ଯାତ୍ରା ମାଲିକ, ଯାତ୍ରା ପ୍ରଯୋଜକ, ନିର୍ଦ୍ଦେଶକ ଓ କଳାକାରମାନେ ଯେକୌଣସି ସ୍ତରକୁ ଖସିଯିବା ଲାଗି ପ୍ରସ୍ତୁତ ଥିବା ଜଣାପଡ଼ିଛି। ଏଥିରେ ରୋକ୍ ଲଗାଇବା ପାଇଁ କେହିନାହିଁ। ଯାହା ମନକୁ ଆସିଲା, ଲୋକଙ୍କ ଆଗରେ ପରିବେଷଣ କରାଗଲା। ଏମିତିକି ଧର୍ମ ନାଁରେ ଭାଣ୍ଡାମୀ କରିବାକୁ ବି ସେମାନେ ପଛାଉ ନାହାନ୍ତି। ଏଭଳି ଲୋକଙ୍କ ଭାବାବେଗ ସହ ଖେଳିବା ଆଦୌ ଗ୍ରହଣୀୟ ନୁହେଁ। ଏନେଇ ବିଳମ୍ବରେ ହେଉ ପଛେ ଚାରିଆଡୁ ସ୍ୱର ଉଠିଲାଣି। ଧଉଳି ଗଣନାଟ୍ୟର 'ଲଭ୍ ଜିହାଦ୍' ଯାତ୍ରା ହେଉ କି ଯାଜ୍ଞସେନୀର 'ସନାତନୀ, ଏହାକୁ ଦେଖିଲେ ଯାତ୍ରା ନାଁରେ ଭାଣ୍ଡାମୀ ଚାଲିଥିବା ଯେକେହି କହିପାରିବ।

ସୁଶାନ୍ତ କୁମାର ଦାସ

ବାଦୀୟ ଓଡ଼ିଆ ଯାତ୍ରା ନାଟକ 'ଲଭ୍ ଜିହାଦ୍' ଅପ୍ରାତିକର ବିଷୟବସ୍ତୁ ଏବଂ ଓଡ଼ିଶାରେ ନାଟକ ପ୍ରସ୍ତୁତି ଉପରେ ଅଧିକ ନିୟନ୍ତ୍ରଣ ଆବଶ୍ୟକତାକୁ ନେଇ ଏକ ନୂତନ ବିତର୍କ ସୃଷ୍ଟି କରିଛି। ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସାମ୍ପ୍ରତିକ ପ୍ରଦର୍ଶନ ସମୟରେ ଦର୍ଶକମାନଙ୍କର ବିରୋଧ ଏହି ଦାବିକୁ ଆହୁରି ଜୋରଦାର କରିଛି। ରିପୋର୍ଟ ଅନୁଯାୟୀ, ନାଟକର କିଛି ଦୃଶ୍ୟ ଧର୍ମୀୟ ଭାବନାକୁ ଆଘାତ ଦେଉଥିବା ଦର୍ଶକମାନେ ଅଭିଯୋଗ କରିବା ପରେ ଏହା ସମାଲୋଚନାର ଶିକାର ହୋଇଥିଲା। ଭୁବନେଶ୍ୱରରେ ଏକ ରବିବାରର ଶୋ' ସମୟରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା, ଯେଉଁଠାରେ ଦର୍ଶକଙ୍କ ମଧ୍ୟରୁ ଚେୟାର ଓ ବୋତଲ ଫିଙ୍ଗାଯିବା ସହ କଳାକାରମାନେ ପ୍ରତିବାଦର ସମ୍ମୁଖୀନ ହୋଇଥିଲେ।

ସାମାଜିକ ଦାୟିତ୍ୱବୋଧ ଉପରେ ପ୍ରଶ୍ନ

ମଞ୍ଚରେ ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକୁ ଉପସ୍ଥାପନ କରିବା ସମୟରେ ପ୍ରଯୋଜକ, ନିର୍ଦ୍ଦେଶକ ଏବଂ କଳାକାରମାନଙ୍କର ଦାୟିତ୍ୱ କ'ଣ, ତାହାକୁ ନେଇ ଏହି ବିବାଦ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦର୍ଶକଙ୍କୁ ଆକର୍ଷିତ କରିବା ଏବଂ ପ୍ରଚାର ପାଇଁ ଅପଚେଷ୍ଟା କେବେ ମଧ୍ୟ ସାମାଜିକ ସଭ୍ୟତା କିମ୍ବା ସାଂସ୍କୃତିକ ଭାବନାକୁ ଜଳାଞ୍ଜଳି ଦେବା ଉଚିତ୍ ନୁହେଁ ବୋଲି ସମାଲୋଚକମାନେ ଯୁକ୍ତି ବାଢ଼ିଛନ୍ତି। ଅତୀତରେ ମଧ୍ୟ ଯାତ୍ରା ପ୍ରଦର୍ଶନଗୁଡ଼ିକ ଆପତ୍ତିଜନକ ବିଷୟବସ୍ତୁ ଏବଂ ଦୃଶ୍ୟ ପାଇଁ ବିବାଦର ସମ୍ମୁଖୀନ ହୋଇଛି। ସାମ୍ପ୍ରତିକ ବିବାଦ ପୁଣିଥରେ ସିନେମା ପ୍ରମାଣପତ୍ର (ସେନସର) ଭଳି ନାଟକ ପ୍ରସ୍ତୁତି ପାଇଁ ମଧ୍ୟ କୌଣସି ନିୟନ୍ତ୍ରଣ ବ୍ୟବସ୍ଥା ରହିବା ଉଚିତ୍ କି ନାହିଁ, ସେହି ପ୍ରଶ୍ନକୁ ଆଗକୁ ଆଣିଛି। କାରଣ ଧଉଳି ଗଣନାଟ୍ୟ ଦ୍ୱାରା ପରିବେଷିତ 'ଲଭ୍ ଜିହାଦ' ନାଟକରେ ହିନ୍ଦୁ ଦେବାଦେବୀଙ୍କ ପ୍ରତି ଅପମାନ କରାଯାଇଛି। ସାମ୍ପ୍ରଦାୟିକତାର ମଞ୍ଜି ବୁଣିବା ଲାଗି ପ୍ରୟାସ କରାଯାଇଛି। ଏଭଳି ଦୃଶ୍ୟକୁ ନେଇ ଯାତ୍ରା ପ୍ରେମୀ ସ୍ୱର ଉଠାଇବା ସହ ଅନେକ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି। ଶସ୍ତା ଲୋକପ୍ରିୟତା ହାସଲକରିବା ଲାଗି ଏଭଳି ତଳସ୍ତରକୁ ଖସିଯିବା କେତେଦୂର ଯୁକ୍ତିଯୁକ୍ତ, ତାହା ବିଚାରଯୋଗ୍ୟ।

ଜାତି, ଧର୍ମ ଏବଂ ଦେବଦେବୀଙ୍କ ସହ ଖେଳ

ଆଜି ସୋସିଆଲ ମିଡିଆରେ ଯାହା ଘଟୁଛି, କାଲି ତାହା ଯାତ୍ରାରେ ଘଟିବ। ଏଭଳି ସ୍ଥିତିରେ ପହଞ୍ଚିଲେ ଲୋକେ ନିଷ୍ଠିତ ଭାବେ ଯାତ୍ରାକୁ ପୋଡ଼ିଦେବେ। ଅଶାନ୍ତି ବଢୁଛି ଏବଂ ବିଦ୍ରୋହ ତୀବ୍ର ହେବାରେ ଲାଗିଛି। ଯାତ୍ରା ଦଳଗୁଡ଼ିକ ସୀମା ଲଂଘିବା ଯୋଗୁଁ ସେମାନଙ୍କ ପ୍ରତି ଅସନ୍ତୋଷ ବୃଦ୍ଧି ପାଉଛି। କାରଣ ସେମାନେ କେବଳ ଶସ୍ତା ପ୍ରଚାର ପାଇଁ ଓଡ଼ିଆ ସଂସ୍କୃତିକୁ ଖଣ୍ଡ ଖଣ୍ଡ କରି ଚିରି ଦେଉଛନ୍ତି। ଜାତି, ଧର୍ମ ଏବଂ ଦେବଦେବୀଙ୍କ ସହ ଖେଳ ଖେଳୁଛନ୍ତି। ସେମାନଙ୍କୁ ନିୟନ୍ତ୍ରଣ କରିବାକୁ କେହି ନାହାନ୍ତି କି ତଦାରଖ କରିବାକୁ ମଧ୍ୟ କେହି ନାହାନ୍ତି। ପରିସ୍ଥିତି ଏପରି ହୋଇଛି ଯେ, ଯାତ୍ରା ମଞ୍ଚରେ ଆପତ୍ତିଜନକ ଦୃଶ୍ୟ ଚାଲିଥିବା ବେଳେ ଦର୍ଶକ ଗ୍ୟାଲେରୀରୁ ବିଦ୍ରୋହର ସ୍ୱର ଶୁଣିବାକୁ ମିଳୁଛି। ଚେୟାର ଫିଙ୍ଗାଯାଉଛି ଏବଂ ଗାଳିଗୁଲଜ କରାଯାଉଛି। ଏଭଳି ପରିସ୍ଥିତି ଆଗକୁ ଭୟଙ୍କର ପରିସ୍ଥିତିକୁ ଡାକିଆଣୁଛି। ଯାତ୍ରାର ଦୃଶ୍ୟଗୁଡ଼ିକ ମାର୍ଜିତ ଓ ସାଧାରଣରେ ଗ୍ରହଣଯୋଗ୍ୟ ନହେଲେ କଳାକାରମାନେ ପ୍ରାତିକର ପରିସ୍ଥିତିର ସମ୍ମୁଖୀନ ହେବାର ଆଶଙ୍କା ରହିଛି। କିଛି ଅଘଟଣ ଘଟିବା ପୂର୍ବରୁ ଏଭଳି ଶସ୍ତା ଲୋକପ୍ରିୟତା ବିରୋଧରେ ସମସ୍ତେ ସଚେତନ ହେବାର ବେଳ ଆସିଯାଇଛି।

କାର୍ଯ୍ୟାନୁଷ୍ଠାନ ଲାଗି ସରକାରଙ୍କ ଚେତାବନୀ

ଓଡ଼ିଶା ସଂସ୍କୃତି ବିଭାଗ ଅପେରା ଏବଂ ଯାତ୍ରା ପ୍ରସ୍ତୁତି ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କରିଛି, କିନ୍ତୁ ସେଗୁଡ଼ିକର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ, ଯଦି କୌଣସି ପ୍ରସ୍ତୁତି ଧର୍ମୀୟ ଭାବନାକୁ ଆଘାତ ଦେଇଥିବା ଜଣାପଡ଼େ, ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ବିବାଦ ନାଟକ ଶିଳ୍ପ ନିଜେ ମଧ୍ୟ ବିଷୟବସ୍ତୁ ଚୟନ ଏବଂ ନାଟକ ପରିବେଷଣ ସମୟରେ ଅଧିକ ସାମାଜିକ ଦାୟିତ୍ୱବୋଧ ପ୍ରଦର୍ଶନ କରିବା ଆବଶ୍ୟକ କି ନାହିଁ, ସେ ସମ୍ବନ୍ଧରେ ଏକ ବ୍ୟାପକ ବିତର୍କକୁ ମଧ୍ୟ ଜନ୍ମ ଦେଇଛି। ମନ୍ତ୍ରୀ କହିଛନ୍ତି, ଯଦି କୌଣସି ଧର୍ମୀୟ ଆଚରଣବିଧି କିମ୍ବା ସାମାଜିକ ଆଚରଣବିଧିର ଉଲ୍ଲଂଘନ ହୁଏ, ତେବେ ଯାତ୍ରା ଦଳର ନାମଠାରୁ ଆରମ୍ଭ କରି ଯେକୌଣସି ପୃଷ୍ଠଭୂମି ହେଉନା କାହିଁକି, ସେଥିପାଇଁ ନିୟମ ରହିଛି। ମାର୍ଗଦର୍ଶିକାକୁ ଉଲ୍ଲଂଘନ କରିବା ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମଞ୍ଚ ଉପରେ ଉଲଗ୍ନ ନୃତ୍ୟ ହେଉ କି ଜାତି, ଧର୍ମକୁ ନେଇ କୁସାରଟନା ହେଉ- ଏସବୁର ମୂଳୋତ୍ପାଟନ କରାଯିବା ଜରୁରୀ। ନହେଲେ ଅଯଥାରେ ସମାଜରେ ଅପ୍ରାତିକର ପରିସ୍ଥିତି ସୃଷ୍ଟିହେବାର ଆଶଙ୍କା ରହିଛି। ଏସବୁ ଉପରେ କଠୋର ଆଇନ ଲଗାଯିବାର ବିଶେଷ ଆବଶ୍ୟକତା ରହିଛି।

ଶସ୍ତା ଲୋକପ୍ରିୟତା ଓ ବିବାଦୀୟ ଚିତ୍ରଣ

ମଞ୍ଚରେ ହିନ୍ଦୁ ଦେବଦେବୀଙ୍କୁ ଅପମାନିତ କରାଯାଉଥିବା ନେଇ ଦର୍ଶକମାନେ ଦୃଢ଼ ପ୍ରତିବାଦ କରିଛନ୍ତି। କେତେକ ଯାତ୍ରା ପାର୍ଟି କେବଳ ଶସ୍ତା ଲୋକପ୍ରିୟତା ହାସଲ କରିବା ପାଇଁ ଧର୍ମୀୟ ବିଷୟବସ୍ତୁର ଆବରଣ ତଳେ ଅରୁଚିକର ଦୃଶ୍ୟ ଏବଂ ଅଶ୍ଳୀଳତାର ଆଶ୍ରୟ ନେଉଥିବା ଦର୍ଶକମାନେ ଅଭିଯୋଗ କରିଛନ୍ତି। ତୀବ୍ର ସାମ୍ପ୍ରଦାୟିକ ବିବାଦ, ବାଧତାମୂଳକ ଧର୍ମାନ୍ତରୀକରଣ ଏବଂ ବିବାଦୀୟ ଶୀର୍ଷକଗୁଡ଼ିକର ଚିତ୍ରଣ ପାରମ୍ପରିକ ଦର୍ଶକଙ୍କ ଧର୍ମୀୟ ଭାବନାକୁ ଗଭୀର ଭାବେ ଆଘାତ ଦେଇଛି। ବିଶେଷକରି ଭୁବନେଶ୍ୱର ଏବଂ ଯାଜପୁରରେ ଅନୁଷ୍ଠିତ ହୋଇଥିବା ନାଟକଗୁଡ଼ିକରେ ଏହି ଅସନ୍ତୋଷ ଚରମ ସୀମାରେ ପହଞ୍ଚିଥିଲା। ସେଠାରେ ଉତ୍ତ୍ୟକ୍ତ ଦର୍ଶକମାନେ ନାଟକ ବନ୍ଦ କରିବାକୁ ଦାବି କରି ହଙ୍ଗାମା କରିବା ସହ ଚେୟାର ଓ ବୋତଲ ଆଦି ଭଙ୍ଗାରୁଜା କରିଥିଲେ। ଜନସାଧାରଣଙ୍କ ବଢୁଥିବା ଅସନ୍ତୋଷକୁ ଦୃଷ୍ଟିରେ ରଖି ଓଡ଼ିଶା ଟେଲିଭିଜନ ଲିମିଟେଡ୍ ଅନୁଯାୟୀ ଓଡ଼ିଶା ସଂସ୍କୃତି ବିଭାଗ ଏଥିରେ ହସ୍ତକ୍ଷେପ କରିଛି। ପାରମ୍ପରିକ ଓଡ଼ିଆ ଯାତ୍ରାର ସମୃଦ୍ଧି ଏବଂ ପରିବାର-ଅନୁକୂଳ ପରମ୍ପରାକୁ ବଜାୟ ରଖିବା ପାଇଁ ଭକ୍ତ ଏବଂ ସାଂସ୍କୃତିକ ବିଶେଷଜ୍ଞମାନେ କଡ଼ା ସେନସର ବ୍ୟବସ୍ଥା ଲାଗୁ କରିବାକୁ ଦାବି ଜାରି ରଖିଛନ୍ତି। ନହେଲେ ଏଭଳି ଯାତ୍ରା ମଞ୍ଚ ତିଷ୍ଠିରହିବା ନେଇ ସଂଶୟଭାବ ସୃଷ୍ଟିହୋଇଛି।

ଯାତ୍ରାରେ କଞ୍ଚା ଦୋ' ଅକ୍ଷରୀ ଭାଷା

ଅପେରା ସୂର୍ଯ୍ୟମନ୍ଦିର ମଞ୍ଚରେ ଆପତ୍ତିଜନକ ଭାଷା କହି ବିବାଦୀୟ ହୋଇପଡ଼ିଥିବା ଯୁବ ଅଭିନେତା ସାଇ। ଫଳରେ ବାଟ ହୁଡ଼ିଥିବା ଯାତ୍ରା ଇଣ୍ଡଷ୍ଟ୍ରିର ଏଭଳି ସଂସ୍କାରହୀନ କାର୍ଯ୍ୟକଳାପକୁ ନେଇ ଛିଡ଼ା ହୋଇଛି ନୂଆ ବିବାଦ। ଅସନ୍ତୋଷ ଝଡ଼ିଛନ୍ତି ଯାତ୍ରାପ୍ରେମୀ। ଯୁବ ଅଭିନେତା ସାଇଙ୍କ ସଂଳାପ ବିଦ୍ରୋହ ସୃଷ୍ଟି କରିଛି। ତାଙ୍କ ସଂଳାପରେ ମା' ପ୍ରତି ମମତା ଅଛି, ମହିଳାଙ୍କ ପ୍ରତି ସମ୍ମାନ ଅଛି... ମାତୃଭୂମି ପ୍ରତି ଆଦର ବି ଅଛି। ସେ ଯାଏଁ ତ ଠିକ୍ ଅଛି। କିନ୍ତୁ ତା'ପରେ ଯାହା କହୁଛନ୍ତି, ତାହା ନା ଆପଣ ଶୁଣିପାରିବେ ନା ଆମେ ଶୁଣାଇପାରିବୁ। ଏଭଳି ଭାଷା କ'ଣ ଗ୍ରହଣୀୟ ? ଆମ ଓଡ଼ିଆ ଭାଷା, ସଂସ୍କୃତି ଆଉ ପରମ୍ପରା କ'ଣ ଏହା ଶିଖାଇଛି ? ହଜାର ହଜାର ଦର୍ଶକଙ୍କ ଭିତରେ ସଂଳାପ ନାଁରେ ଦୋ' ଅକ୍ଷରୀ ଭାଷା କହିଲେ ହିଁ ଦର୍ଶକଙ୍କ ତାଳି ମିଳିବ ? କୁଆଡ଼େ ଯାଉଛି ବର୍ଷ ବର୍ଷ ଧରି ମନୋରଞ୍ଜନର ପାରମ୍ପାରିକ ମାଧ୍ୟମ ସାଜିଥିବା ଯାତ୍ରାପାର୍ଟି ଗୁଡ଼ିକର ଗତି ? ତେଜିଛି ଅସନ୍ତୋଷ, ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ମହିଳା ଯାତ୍ରା ଦର୍ଶକ। ଅନୁଗୋଳ ଛେଣ୍ଡିପଦା ବ୍ଲକ କୋଶଳାରେ ଯାତ୍ରାପାର୍ଟି ସୂର୍ଯ୍ୟ ମନ୍ଦିରର 'ରାଗିଛ କି କଥା ହଉନ'ର ଏକଦୃଶ୍ୟରେ ସାଇ ଓରଫ୍ ସାଇ ସତ୍ୟଜିତ ପଣ୍ଡାଙ୍କ ସଂଳାପ ଛିଡ଼ା କରାଇଛି ନୂଆ ବିବାଦ। ଏଭଳି ସଂଳାପ ନା ଶୁଣି ହେଉଛି, ନା ପରିବାରକୁ ଧରି ଗ୍ୟାଲେରୀରେ ବସି ଦୃଶ୍ୟକୁ ଦେଖି ହେଉଛି। ହଜାର ହଜାର ଦର୍ଶକଙ୍କ ଗହଣରେ ଅଶାଳୀନ ଭାଷାର ସଂଳାପ ଆଦୌ ଗ୍ରହଣୀୟ ନୁହଁ। ପ୍ରଶ୍ନ ଉଠୁଛି, ଏଭଳି ସଂଳାପ ସାଇ ନିଜେ ମନକୁ ମନ କହିଦେଲେ ନା କେହି ପ୍ରବର୍ତ୍ତାଇଥିଲେ ? ବାଟ ହୁଡୁଥିବା ଯାତ୍ରା ଇଣ୍ଡଷ୍ଟ୍ରିରେ ଏବେ ଏହି ଦୋ'ଅକ୍ଷରୀ ସଂଳାପ ସାମାଜିକ ଦାୟିତ୍ୱବୋଧକୁ ନେଇ ପ୍ରଶ୍ନ ଛିଡ଼ା କରାଇଛି। ଓଡ଼ିଶା ମାଷ୍ଟର୍ସ ଆସୋସିଏସନ ବି ତୀବ୍ର ନିନ୍ଦା କରିଛି।

ଯାତ୍ରା ମଞ୍ଚରେ କୌଣସି ପ୍ରସଙ୍ଗ କିମ୍ବା ଚରିତ୍ରକୁ ନେଇ ଭିନ୍ନ ଭିନ୍ନ ଢଙ୍ଗରେ ସଂଳାପ କହିବାର ଦୃଶ୍ୟ ଆମେ ଦେଖିଛନ୍ତି। ସେ ବ୍ୟଙ୍ଗାତ୍ମକ ଶୈଳୀରେ ହେଉ କିମ୍ବା ଦ୍ୱି ଅର୍ଥ ବୋଧ ବାକ୍ୟ ହେଉ। ଏଥିରେ ବି ଶାଳୀନତା ରହୁଥିଲା। କିନ୍ତୁ ଗତକିଛି ବର୍ଷ ହେଲା ପ୍ରତିଯୋଗିତା ଭିତରେ ଶସ୍ତା ଲୋକପ୍ରିୟତା ପାଇଁ ନିର୍ଦ୍ଦିଷ୍ଟ କିଛି ଯାତ୍ରାପାର୍ଟି ବେଲଗାମ୍ ହୋଇଯାଇଛନ୍ତି। ଅପରପକ୍ଷେ ସୂର୍ଯ୍ୟ ମନ୍ଦିର ପ୍ରଯୋଜକ ପ୍ରମୋଦ ସ୍ୱାଇଁ କହିଛନ୍ତି, ଏଭଳି ଅସଭ୍ୟ ଓ ଆଶାଳୀନ ଭାଷାକୁ ମୁଁ ପ୍ରଶ୍ରୟ ଦିଏନାହିଁ। ଶାଳୀନତା ଭୁଲି ସାଇ କହୁଥିବା ସଂଳାପକୁ ନେଇ କିନ୍ତୁ ନୂଆ ବିବାଦ ମୁଣ୍ଡ ଟେକିଛି। କେବଳ ଏଇ କେତୋଟି ନାଟକ ନୁହେଁ, ଏଭଳି ଅନେକ ନାଟକ ଏଭଳି ଆଗକୁ ଲୋକଲୋଚନକୁ ଆସିପାରେ। ଏବେଠାରୁ ଏସବୁ ଉପରେ ରୋକ୍ ନଲଗାଇଲେ ପରିସ୍ଥିତି ଆଗକୁ ଅସମ୍ଭାଳ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ।

ପଶ୍ଚିମ ଓଡ଼ିଶା

ପୃଷ୍ଠା ୩

ବାରମ୍ବାର ସଂଗଠନ ବୈଠକ

ପଞ୍ଚାୟତ ନିର୍ବାଚନ ପାଇଁ ବ୍ଲକ ଅଧ୍ୟକ୍ଷଙ୍କ କର୍ମୀଙ୍କୁ ଗୁରୁମନ୍ତ୍ର, ଚିନ୍ତାରେ ବିରୋଧୀ ଶିବିର

କଳାହାଣ୍ଡି(ଅମୃତ ମିଡିଆ): ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଏବେଠାରୁ ରାଜନୈତିକ ଉଷ୍ଣତା ପ୍ରକାଶ ପାଇଲାଣି। ଏହି କ୍ରମରେ ଗୋଲାମୁଣ୍ଡା ବ୍ଲକରେ ଭାରତୀୟ ଜନତା ପାର୍ଟି ନିଜର ସଂଗଠନକୁ ତୃଣମୂଳ ସ୍ତରରୁ ଅଧିକ ଶକ୍ତିଶାଳୀ ଏବଂ ସଶକ୍ତ କରିବା ପାଇଁ ରଣନୀତି ପ୍ରସ୍ତୁତ କରିଛି। ଦଳୀୟ କର୍ମୀ ଓ ସଂଗଠନକୁ ସକ୍ରିୟ ରଖିବା ପାଇଁ ଯୁବ ମୋର୍ଚ୍ଚା ରାଜ୍ୟ କାରିଣୀ ସଦସ୍ୟ, କେଗାଁ ମଣ୍ଡଳ ବିଜେପି ପ୍ରଭାରୀ,ନୂଆପଡା ଜିଲ୍ଲା ଯୁବମୋର୍ଚ୍ଚା ଇନଚାର୍ଜ ତଥା ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ବାରମ୍ୟାର ଗୁରୁତ୍ୱପୂର୍ଣ୍ଣ ବୈଠକମାନ ଆୟୋଜନ କରାଯାଉଛି। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳର ବଡ଼ ବିଜୟ ପାଇଁ ଏବେ ବ୍ଲକରେ ଲଗାତାର ଭାବେ 'ରୁଦ୍ରଦ୍ୱାର ବୈଠକ' ମାନ ଚାଲିଥିବା ବେଳେ, ବିଜେପିର ଏହି ଆକ୍ରମଣାତ୍ମକ ରଣନୀତିକୁ ଦେଖି ବିରୋଧୀ ଦଳ ମାନଙ୍କ ମଧ୍ୟରେ ଏବେ ଛାନିଆ ପଶିଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ଗୋଲାମୁଣ୍ଡା ବ୍ଲକ ଉପକଣ୍ଠରେ ଥିବା ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ଏକ ବିଶାଳ ରୁଦ୍ରଦ୍ୱାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରୁ ବିଜେପି ଦଳର ଛାମୁଆ ଯୁବ ସଂଗଠନର କର୍ମକର୍ତା ଏବଂ ଶତାଧିକ ସକ୍ରିୟ କର୍ମୀ ସାମିଲ ହୋଇଥିଲେ। ବୈଠକରେ ଯୁବ ଶକ୍ତିର ଭୂମିକା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ବୈଠକରେ ମୁଖ୍ୟ ପୁରୋଧା ସାଜି ବ୍ଲକ ଅଧକ୍ଷ ଶ୍ରୀ ବିନ୍ଦୁ ମହାନନ୍ଦ ଉପସ୍ଥିତ ଛାମୁଆ ଯୁବ ସଂଗଠନକୁ ନିର୍ବାଚନ

ବୈତରଣୀ ପାର ହେବା ପାଇଁ ବିଶେଷ ଗୁରୁମନ୍ତ୍ର ଦେଇଛନ୍ତି। ସେ ନିଜ ଅଭିଭାଷଣରେ କହିଛନ୍ତି ଯେ, 'ଯୁବ ସମାଜ ହେଉଛି ଦଳର ମେରୁଦଣ୍ଡ। ପ୍ରତ୍ୟେକ ପଞ୍ଚାୟତ ଓ ୱାର୍ଡ ସ୍ତରକୁ ଯାଇ ଲୋକଙ୍କ ସୁଖଦୁଃଖରେ ସାମିଲ ହେବା ସହ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ହେବ।' ଏଥିସହିତ ଆଗାମୀ ଦିନରେ ବିରୋଧୀଙ୍କ ସମସ୍ତ ଅପପ୍ରଚାରର ଦୃଢ଼ ଜବାବ ଦେଇ ଗୋଲାମୁଣ୍ଡା ବ୍ଲକର ପ୍ରତ୍ୟେକଟି ଆସନରେ କିପରି ପଦ୍ମ ଫୁଟିବ, ସେନେଇ ସେ କର୍ମୀମାନଙ୍କୁ ସଂକଳ୍ପବଦ୍ଧ କରାଇଛନ୍ତି। ଏହି ବୈଠକ ରେ ସଦର ମଣ୍ଡଳ ରୁ ସଭାପତି ବୈଶାଖୁ କେତକୀ, ଗଙ୍ଗା ବିଷ୍ଣୁ ମୁଣ୍ଡ, ମୁରଲୀ ମାଝୀ, ହେମନ୍ତ ବାଗ, ନକୁଳ ରାଉତ ଯୋଗଦାନ ଦେଇଥିଲେ । ଦଶପୁର ମଣ୍ଡଳରୁ ସଭାପତି ପ୍ରମୋଦ ପ୍ରଧାନ, ଭାଗ୍ୟବାନ ବାଗ,ଅନନ୍ତ ରାମ ବେହେରା, ଲଳିତ ପ୍ରଧାନ ଯୋଗଦାନ ଦେଇଥିଲେ । ସେହିପରି ବ୍ଲକ ର କେଗାଁ ମଣ୍ଡଳ ରୁ ସଭାପତି ଜୟକୃଷ୍ଣ ସାହୁ, ଜୟନ୍ତ ସିଂ, ମନୋଜ ଅଗ୍ରୱାଲ, ଦୁରୁଦାକ୍ଷ୍ୟ ପୁଟେଲ, ଜୟରାମ ସାହୁ, ଚମ୍ପାବତୀ ସାହୁ ସମେତ ଶତାଧିକ ବିଜେପି କର୍ମୀ ଯୋଗଦାନ ଦେଇଥିଲେ। ବିଜେପିର ଏହି ଘନ ଘନ ବୈଠକ ଏବଂ କର୍ମୀମାନଙ୍କ ଉତ୍ସାହ ସ୍ଥାନୀୟ ରାଜନୀତିରେ ହଲଚଲ ସୃଷ୍ଟି କରିଛି। ବିଜେପିର ଏହି ସଂଗଠନ ଗତିବିଧି ଯୋଗୁଁ ବିରୋଧୀ କ୍ୟାମ୍ପରେ ଏବେଠାରୁ ନିଜ ଗଡ଼ ରକ୍ଷା କରିବା ନେଇ ଚିନ୍ତା ବଢ଼ିବାରେ ଲାଗିଛି। ଆଜିର ଏହି ରୁଦ୍ରଦ୍ୱାର ବୈଠକ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଏକ ବଡ଼ ମୂଳଦୁଆ ସାଜିବ ବୋଲି ରାଜନୈତିକ ସମୀକ୍ଷକ ମାନେ ମତ ପ୍ରକାଶ କରିଛନ୍ତି ।

ଖପରାମାଲରୁ ଆମପଡ଼ା ରାସ୍ତାରେ ବଡ଼ ବଡ଼ ଖାଲ

କଳାହାଣ୍ଡି(ଅମୃତ ମିଡିଆ): କୋକସରା ବ୍ଲକ, ମୃଷାପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖପରାମାଲ ଗ୍ରାମରୁ ଆମପଡ଼ା କୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ଏହି ଅଣ ଓସାରିଆ ଓ ଖାଲ ଖମାରେ ଭର୍ତ୍ତି ଥିବା ରାସ୍ତାରେ ପ୍ରତିଦିନ ଆମପଡ଼ାବାସୀ ଯିବା ଆସିବା କରୁଛନ୍ତି। ଗାଡ଼ି ମଟର ମଧ୍ୟ ଯିବା ଆସିବା କରୁଛି। ତତ୍ ସହିତ ପ୍ରତିଦିନ ଅନେକ ଛାତ୍ରଛାତ୍ରୀ ଖପରାମାଲ ଏବଂ ବେହେରାକୁ ପାଠ ପଢ଼ିବା ପାଇଁ ଯିବା ଆସିବା କରିଥାନ୍ତି। ଆଗରୁ ଥିବା ପ୍ରାଥମିକ ବିଦ୍ୟାଳୟ ବନ୍ଦ ହେବା ଫଳରେ ବାଧ୍ୟ ହୋଇ ସମସ୍ତ ଛାତ୍ର ଛାତ୍ରୀ ୨ ରୁ ୩ କିମି ଦୂର ଖପରାମାଲ୍ ସ୍ଥିତ ବିଦ୍ୟାଳୟକୁ ପଢିବାକୁ ଯାଉଛନ୍ତି। ଅଣ ଉସାରିଆ, ଖାଲ ଖମାରେ ଭର୍ତ୍ତି ଥିବା କାଦୁଅ ରାସ୍ତାରେ ବେଳେ ବେଳେ ଗୋଡ଼ ଖସିଯିବା ସହ ସାଇକେଲ କିମ୍ବା ବାଇକ୍‌ରୁ ପଡ଼ି ଯାଇ ଦୁର୍ଘଟଣା ମଧ୍ୟ ଘଟୁଛି। ରାସ୍ତାର ଅବସ୍ଥା ବର୍ତ୍ତମାନ ଖରାପ ଥିବାରୁ ପଡ଼ାବାସୀ ଯିବା ଆସିବାରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପଡାକୁ ଆମ୍ବୁଲାନ୍ସ ମଧ୍ୟ ଆସି ପାରୁ ନାହିଁ। ଫଳରେ ଲୋକେ ବାଧ୍ୟ ହୋଇ ରୋଗୀଙ୍କୁ କେନାଲ ଛକ୍ ପର୍ଯ୍ୟନ୍ତ ବୋହିକି ନେଇ ଆମ୍ବୁଲାନ୍ସ ଯୋଗେ ଡ଼ାକ୍ତରଖାନା ନେଉଛନ୍ତି। ଏଣୁ ତୁରନ୍ତ ଗ୍ରାମ ପଞ୍ଚାୟତ ତଥା କୋକସରା ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ଏହି ଖପରାମାଲ ରୁ ଆମପଡ଼ା ରାସ୍ତାକୁ ମରାମତି କରିବାକୁ ପଡ଼ାବାସୀଙ୍କ ଦାବୀ ହେଉଛି।

ମା'ମାଣିକେଶ୍ୱରୀଙ୍କ ନିର୍ବାଚନ ଲଗ୍ନଧାର୍ଯ୍ୟ

୨୧ ତାରିଖରେ ନୂଆ ଖାଇବେ ଗଡ଼ଜାତବାସୀ

କଳାହାଣ୍ଡି(ଅମୃତ ମିଡିଆ): ନୂଆଁଖାଇ ପଶ୍ଚିମ ଓଡ଼ିଶାର ମୁଖ୍ୟ ପର୍ବ ହୋଇଥିଲେ ହେଁ କଳାହାଣ୍ଡି ଜିଲାରେ ଟିକେ ନିଆରା ଢଙ୍ଗରେ ପାଳିତ ହୋଇଥାଏ। ସବୁଠି ପଞ୍ଚମୀ ତିଥିରେ ନୂଆଁଖାଇ ପାଳନ ହେଉଥିବାବେଳେ ଏଠାରେ ପ୍ରତିପଦାଠାରୁ ଆରମ୍ଭ କରି ଦଶହରା ଦଶମୀ ପର୍ଯ୍ୟନ୍ତ ଚାଲିଥାଏ ନୂଆଁଖାଇ। ତେବେ କଳାହାଣ୍ଡି ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କ ନୂଆଁ ଖାଇବା ଲଗ୍ନ ଧାର୍ଯ୍ୟ ହୋଇଛି। ଆସନ୍ତା ଶୁକ୍ଲପକ୍ଷ ଦଶମୀ ଅର୍ଥାତ ସେପ୍ଟେମ୍ବର ୨୧ ତାରିଖ ସୋମବାର ସକାଳ ୮ଟା ୨୦ରୁ ୯ଟା ୩୦ ମଧ୍ୟରେ ମା'ଙ୍କ ନିକଟରେ ଲାଗି ହେବ ନବାନ୍ନ। ଏହାପରେ ୧୦ଟାରୁ ୧୨ଟା ମଧ୍ୟରେ ଗଡ଼ଜାତ ଅଞ୍ଚଳର ଜନସାଧାରଣ ନୂଆଁ ଖାଇବା ନେଇ ଲଗ୍ନ ଧାର୍ଯ୍ୟ ହୋଇଛି । ମା'ଙ୍କ ନିକଟରେ ନବାନ୍ନ ଲାଗି ପରେ ଭବାନୀପାଟଣା ସହର ସମେତ ଗତଜାତ ଅଞ୍ଚଳ ଲାଞ୍ଜିଗଡ, ଜୟପାଟଣା, ମଦନପୁର, ରାମପୁର, ମାଣିକେଶ୍ୱରୀଙ୍କ ମୂଳପୀଠ ଥୁଆମୂଳ ରାମପୁରରେ ପାଳିତ ହେବ ନୂଆଁଖାଇ ପର୍ବ ଓ ଏ ନେଇ ରବିବାର କଳାହାଣ୍ଡି ରାଜପରିବାର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ସଂସ୍କୃତି ଗବେଷକ ସତ୍ୟନାରାୟଣ ମହାପାତ୍ର କହିଛନ୍ତି, କଳାହାଣ୍ଡିରେ ନୂଆଁଖାଇର ଏକ ଭିନ୍ନ ପରମ୍ପରା ରହିଛି। କୌଣସି ନିର୍ଦ୍ଦିଷ୍ଟ ତିଥିରେ ସମଗ୍ର ଜିଲାରେ ନୂଆଁଖାଇ ପାଳିତ ହୁଏନାହିଁ। ପର୍ଯ୍ୟାୟ ଭିତ୍ତିରେ ଅର୍ଥାତ ଛଅଟି ପର୍ଯ୍ୟାୟରେ ଦୀର୍ଘ ୫୫ ଦିନ ଧରି କଳାହାଣ୍ଡିରେ ଏହା ପାଳିତ ହେଇଥାଏ। ସବୁଠାରୁ ମୁଖ୍ୟ ହେଉଛି କଳାହାଣ୍ଡିର ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କ ପୀଠରେ ନୂଆଁଖାଇ।

ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ସୁବର୍ଣ୍ଣପୁର(ଅମୃତ ମିଡିଆ) ସଂଗ୍ରାମ ମହାପାତ୍ର: ଆଜି ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀଯୁକ୍ତ ରାଜେନ୍ଦ୍ର ମାଝୀ ଓ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ନାରାୟଣ ନାଏକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୩୧ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା, ସେଥିମଧ୍ୟରୁ ୧୮ ବ୍ୟକ୍ତିଗତ ଏବଂ ୧୩ଟି ସାମୁହିକ ଦରଖାସ୍ତ ଥିଲା। ସମସ୍ତ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏହି ଅବସରରେ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ ସୋନପୁର ଡ.ସୌମ୍ୟରୂପା ରଥ, ତହସିଲଦାର ସୋନପୁର ଜି ରଶ୍ମିରେଖା, ସୋନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତୀକ କର, ସହାୟକ ଜିଲ୍ଲାପାଳ ଅଭିଯୋଗ ଶାଖା ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ତାଙ୍କର ବ୍ଲକ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ।

ମାତୃସମ୍ମିଳନୀରେ ଯୋଗ ଦେଲେ ଅଧ୍ୟାପିକା ସନ୍ତୋଷିନୀ ନାୟକ

ସୁବର୍ଣ୍ଣପୁର(ଅମୃତ ମିଡିଆ)ସଂଗ୍ରାମ ମହାପାତ୍ର : ଗତ ପବିତ୍ର ଗୁରୁଦିବସ ରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସୁବଳୟାଠାରେ ଆୟୋଜିତ ପବିତ୍ର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ଏହି ସମ୍ମିଳନୀରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ ବୀରମହାରାଜପୁର ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଶ୍ରୀମତୀ ସନ୍ତୋଷିନୀ ନାୟକ । ସିଏ ନିଜକୁ ଅତ୍ୟନ୍ତ ଆନନ୍ଦିତ ଓ ଗର୍ବିତ ମନେ କରି ନିଜକୁ ଗୌରବ ଅନୁଭବ କରିବା ସହ ମା'ମାନଙ୍କର ସ୍ନେହଭରା ଉପସ୍ଥିତି ଓ ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମାମାନଙ୍କର ଅକୃତ୍ରିମ ସ୍ନେହ, ଆତ୍ମୀୟତା ଏବଂ ଆନ୍ତରିକତା ଆଜିର ଦିନଟିକୁ ତାଙ୍କ ପାଇଁ ଆହୁରି ସ୍ମରଣୀୟ କରିଦେଲା ବୋଲି ମତ ରଖି ଥିଲେ । କେବଳ ଏକ କାର୍ଯ୍ୟକ୍ରମରେ ଯୋଗଦାନ ନୁହେଁ ଆଜି ସେ ଅନୁଭବ କରିଥିଲେ ସ୍ନେହ ଓ ସମ୍ମାନର ଏକ ନିଆରା ସମ୍ପର୍କ। ବିଦ୍ୟାଳୟ ପରିବାରର ଆତିଥ୍ୟ, ଆଦର ଓ ହୃଦୟସ୍ପର୍ଶୀ ଆତ୍ମୀୟତା ତାଙ୍କ ମନରେ ଏକ ଅମୂଲ୍ୟ ସ୍ମୃତି ଭାବେ ସଦା ସତେଜ ହୋଇ ରହିବ। ଆଜି ମିଳିଥିବା ଏହି ସ୍ନେହ ପାଇଁ ନିଶ୍ଚୟ ଏକ ଅମୂଲ୍ୟ ଉପହାର। ସମଗ୍ର ବିଦ୍ୟାଳୟ ପରିବାରକୁ ନିଜର ହୃଦୟରୁ ଅଶେଷ କୃତଜ୍ଞତା ଓ ଆନ୍ତରିକ ଧନ୍ୟବାଦ ଦେଇଥିଲେ ।

ନୂଆଁଖାଇ ପୂର୍ବରୁ ରେଙ୍ଗାଲି ପଞ୍ଚାୟତର ନିଆରା ସ୍ୱଚ୍ଛତା ଅଭିଯାନ

ଖପ୍ରାଖୋଲ(ଅମୃତ ମିଡିଆ) ଅଶୋକ କୁମାର ବାଗ : ପଶ୍ଚିମ ଓଡ଼ିଶାର ବଡ଼ଖା ଡିହାର ନୂଆଁଖାଇ ଆସୁଥିବା ବେଳେ ଗାଁ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ରେଙ୍ଗାଲି ପଞ୍ଚାୟତ ପକ୍ଷରୁ ଆରମ୍ଭ ହୋଇଛି ନିଆରା ସାମୂହିକ ସଫେଇ ଅଭିଯାନ। ଯୁବ ସରପଞ୍ଚ ଉମାକାନ୍ତ ମେହେରଙ୍କ ନେତୃତ୍ୱରେ ପଞ୍ଚାୟତ ଅଧୀନ ସମସ୍ତ ଗାଁରେ ସ୍ୱଚ୍ଛତାର ବାର୍ତ୍ତା ପହଞ୍ଚାଇବା ସହ ସାଧାରଣ ସ୍ଥାନଗୁଡ଼ିକୁ ପରିଷ୍କାର କରିବା ପାଇଁ ଏହି ପ୍ରୟାସ ଆରମ୍ଭ କରାଯାଇଛି। ଏହି ଅଭିଯାନରେ ଗାଁର ଯୁବକମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ସାମିଲ ହୋଇ ରାସ୍ତାଘାଟ, ବିଦ୍ୟାଳୟ ପରିସର, ମନ୍ଦିର ପରିସର ସମେତ ବିଭିନ୍ନ ସାଧାରଣ ସ୍ଥାନରେ ଜମିଥିବା ଅଳିଆ ଆବର୍ଜନା ସଫା କରୁଛନ୍ତି। ନୂଆଁଖାଇ ଭଳି ଏକ ଗଣପର୍ବ ପୂର୍ବରୁ ନିଜ ଗାଁ ଓ ପରିବେଶକୁ ସ୍ୱଚ୍ଛ ରଖିବାର ଏହି ସାମୂହିକ ପ୍ରୟାସ ଅନ୍ୟମାନଙ୍କ ପାଇଁ ମଧ୍ୟ ଏକ ଉଦାହରଣ ପାଲଟିଛି। ଯୁବ ସରପଞ୍ଚଙ୍କ ଏହି ପଦକ୍ଷେପକୁ ପଞ୍ଚାୟତବାସୀ ପ୍ରଶଂସା କରିବା ସହ ଏଭଳି ଅଭିଯାନ ନିୟମିତ ଭାବେ ଜାରି ରହିଲେ ଗାଁର ପରିବେଶ ଅଧିକ ସୁନ୍ଦର ଓ ସ୍ୱଚ୍ଛ ହୋଇପାରିବ ବୋଲି ମତ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ, ଖପ୍ରାଖୋଲ ବ୍ଲକର କେତେକ ପଞ୍ଚାୟତର ମୁଖ୍ୟ ରାସ୍ତାକଡ଼ରେ ଅଳିଆ ଆବର୍ଜନା ଜମି ରହିଥିବା ନେଇ ଅଭିଯୋଗ ହେଉଛି। ଏପରିକି ରାସ୍ତାକଡ଼ରେ ଦିନକୁ ଦିନ ଆବର୍ଜନା ବଢୁଥିଲେ ମଧ୍ୟ କେତେକ ପଞ୍ଚାୟତର ଦାୟିତ୍ୱରେ ଥିବା ସରପଞ୍ଚମାନେ ଏହାକୁ ଅଣଦେଖା କରୁଥିବା ଅଭିଯୋଗ ଉଠିଛି। ରେଙ୍ଗାଲି ପଞ୍ଚାୟତର ଏହି ପଦକ୍ଷେପ ସେହି ପଞ୍ଚାୟତଗୁଡ଼ିକ ପାଇଁ ଏକ ସ୍ପଷ୍ଟ ବାର୍ତ୍ତା।—ପର୍ବ ପାଳନ କେବଳ ଉତ୍ସବରେ ସୀମିତ ନ ରହି, ନିଜ ଗାଁ ଓ ପରିବେଶ ପ୍ରତି ଦାୟିତ୍ୱବୋଧରେ ମଧ୍ୟ ପ୍ରତିଫଳିତ ହେବା ଆବଶ୍ୟକ। ନୂଆଁଖାଇର ଖୁସି ମଧ୍ୟରେ ଗାଁର ପ୍ରତିଟି କୋଣ ସ୍ୱଚ୍ଛ ରଖିବାର ଏହି ପ୍ରୟାସ ଏବେ ରେଙ୍ଗାଲି ପଞ୍ଚାୟତରେ ଏକ ସକାରାତ୍ମକ ପରିବର୍ତ୍ତନର ଆଶା ସୃଷ୍ଟି କରିଛି।

ବୋଧମାର୍ଗ ଲାଇଭ୍‌ଲିହୁଡ୍ ଫାଉଣ୍ଡେସନ୍ ପକ୍ଷରୁ ଗୁରୁଦିବସ

ବଙ୍ଗୋମୁଣ୍ଡା(ଅମୃତ ମିଡିଆ): ବୋଧମାର୍ଗ ଲାଇଭଲିହୁଡ୍ ଫାଉଣ୍ଡେସନ୍ ପକ୍ଷରୁ ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଦେଢ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଗୁରୁ ଦିବସ ଶ୍ରଦ୍ଧା ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ମହାନ ଦାର୍ଶନିକ, ଶିକ୍ଷାବିତ୍ ତଥା ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମଦିବସକୁ ସ୍ମରଣ କରି ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବୋଧମାର୍ଗ ଲାଇଭଲିହୁଡ୍ ଫାଉଣ୍ଡେସନର ସହ-ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ବଳଦେବ ବାଗ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ସଞ୍ଜୟ ବାଗର୍ତ୍ତୀ, ରାଜକିଶୋର ଥାପା, ଜୟନ୍ତୀ ଲାଲା ସାହୁ, ଇନ୍ଦ୍ରା ମାଝୀ, ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।ଏହି ଅବସରରେ ଶିକ୍ଷକମାନଙ୍କ ଅମୂଲ୍ୟ ଅବଦାନ, ତ୍ୟାଗ ଓ ଛାତ୍ରଛାତ୍ରୀଙ୍କ ଜୀବନ ଗଠନରେ ସେମାନଙ୍କ ଭୂମିକାକୁ ସ୍ମରଣ କରାଯାଇଥିଲା। ଶିକ୍ଷା କେବଳ ଜ୍ଞାନ ପ୍ରଦାନ ନୁହେଁ, ବରଂ ଜଣେ ମଣିଷର ଚରିତ୍ର, ଚିନ୍ତାଧାରା ଓ ଭବିଷ୍ୟତ ଗଠନର ମୁଖ୍ୟ ଆଧାର ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ବଳଦେବ ବାଗ ଛାତ୍ରଛାତ୍ରୀମାନଙ୍କୁ ଗୁରୁଜନଙ୍କୁ ସମ୍ମାନ କରିବା ସହ ଶିକ୍ଷକମାନଙ୍କ ଦିଗଦର୍ଶନରେ ନିଜ ଜୀବନକୁ ସଫଳ ଓ ସମାଜୋପଯୋଗୀ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନଶିକ୍ଷକ ଶ୍ରୀ ସଞ୍ଜୟ ବାଗର୍ତ୍ତୀ ମଧ୍ୟ ଗୁରୁ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ।କାର୍ଯ୍ୟକ୍ରମରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହର ପରିବେଶ ଦେଖାଯାଇଥିଲା। ଶେଷରେ ସମସ୍ତ ଗୁରୁଜନଙ୍କ ପ୍ରତି କୃତଜ୍ଞତା ଓ ସମ୍ମାନ ଜଣାଇ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

ଆଦିବାସୀଙ୍କ ଜମିରେ ଜାଲିଆତି କରି ଫସଲବୀମା

୧୩ ଏକର ୧୨ ଡିସମିଲ ଜମିକୁ ନେଇ ସାଂଘାତିକ ଅଭିଯୋଗ

ଖପ୍ରାଖୋଲ(ଅମୃତ ମିଡିଆ) ଅଶୋକ କୁମାର ବାଗ : ଗରିବ ଆଦିବାସୀ ପରିବାରଙ୍କ ଜମିକୁ ନେଇ ଜାଲିଆତି ଓ ଚଞ୍ଚକତାର ଅଭିଯୋଗ ପୁଣିଥରେ ସାମ୍ନାକୁ ଆସିଛି। ନିଜ ଜମିର ମାଲିକାନା କିମ୍ବା ଅନୁମତି ନଥିବା ସତ୍ତ୍ୱେ ଅନ୍ୟ କେହି ତାଙ୍କ ଜମିର ତଥ୍ୟ ବ୍ୟବହାର କରି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମା କରାଇଥିବା ଅଭିଯୋଗ ହୋଇଛି। ଘଟଣାଟି ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଅନ୍ତର୍ଗତ ସାଲେପାଲି ଗ୍ରାମର ବୋଲି ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ସାଲେପାଲି ଗ୍ରାମର ଠଣ ସୁନ୍ଦର ବରିହାଙ୍କ ଅଜାଙ୍କ ନାମରେ ଝାଙ୍କରପାଲି ମୌଜାରେ ଥିବା ଖାତା ନମ୍ବର ୭୦, ପ୍ଲଟ ନମ୍ବର ୩୨ରୁ ୫୧ ମଧ୍ୟରେ ମୋଟ ୫୧ ଏକର ୩୨ ଡିସମିଲ ଜମି ରହିଛି। ସେଥିରୁ ୧୩ ଏକର ୧୨ ଡିସମିଲ ଜମିକୁ କେହି ଅଜଣା ବ୍ୟକ୍ତି ଚଞ୍ଚକତାପୂର୍ବକ ବ୍ୟବହାର କରି ପ୍ରଧାନମନ୍ତ୍ରୀ ଫସଲ ବୀମା କରାଇଥିବା ଅଭିଯୋଗ ଉଠିଛି।ସବୁଠାରୁ ଗୁରୁତର ପ୍ରଶ୍ନ ହେଉଛି—ଜମିର ପ୍ରକୃତ ମାଲିକଙ୍କ ଅଜାଣତରେ ତାଙ୍କ ଜମିର ତଥ୍ୟ କିପରି ଫସଲ ବୀମା ପାଇଁ ବ୍ୟବହାର ହେଲା ? ଏଥିପା

ସମ୍ପାଦକୀୟ...

ବିଭୀଷିକା ଭିତରେ ଜୀବନ

ଗତ ଅଗଷ୍ଟ ୨୬ରେ ନେପାଳରେ ଘଟିଥିବା ଜଳ ପ୍ରଳୟରେ କେତେ କ'ଣ ଯେ ଅଘଟଣ ଘଟିଗଲାଣି , ତା'ର କିଛ ଇୟତ୍ତା ନାହିଁ। ନେପାଳରେ ଆସିଥିବା ସେହି ପ୍ରଳୟଙ୍କରୀ ବନ୍ୟାରେ ଦେଶର ଭିତ୍ତିଭୂମି ଏକପ୍ରକାର ନଷ୍ଟ ହୋଇଯାଇଛି କହିଲେ କିଛି ଅତ୍ୟୁକ୍ତି ହେବନାହିଁ। ବୋଧହୁଏ ନେପାଳରେ ଏହା ସବୁଠାରୁ ବଡ଼ ଭୟଙ୍କର ଘଟଣା ଯାହା ଦେଶର ଇତିହାସର ସମ୍ଭବତଃ ସବୁଠାରୁ ବଡ଼ ଦୁର୍ଘଟଣା ବୋଲି କୁହାଯାଇପାରେ। ଯେଉଁଥିରେ ଏ ଯାବତ୍ ହଜାରେରୁ ଊର୍ଦ୍ଧ୍ୱଲୋକଙ୍କ ପ୍ରାଣହାନି ହୋଇଥିବାର ଯାହା ସରକାରୀ ସୂତ୍ରରୁ ସ୍ପଷ୍ଟ ପ୍ରମାଣ ମିଳୁଥିଲେ ବି ବାସ୍ତବତା କିନ୍ତୁ କିଛି ଭିନ୍ନ କଥା କହେ। ଏବେସୁଦ୍ଧା ନେପାଳର ଭୟଙ୍କର ବନ୍ୟାରେ ପ୍ରାୟ ପାଞ୍ଚ ହଜାରେରୁ ଅଧିକ ଲୋକଙ୍କ ନିଖୋଜ୍ ନେଇ ସୂଚନା ମଧ୍ୟ ପ୍ରାପ୍ତ ହୋଇଛି। ଯେଉଁମାନେ ନିଖୋଜ୍ ଅଛନ୍ତି ସେମାନଙ୍କ ଜୀବିତ ଥିବା ସମ୍ପୂର୍ଣ୍ଣ ସନ୍ଦେହଯୁକ୍ତ କାରଣ ନେପାଳର ଏତେ ବଡ଼ ଭୟଙ୍କର ବନ୍ୟାରେ ନିଖୋଜ ଥିବା ମଣିଷ ବି ବନ୍ୟାର ସେହି ଭୟଙ୍କର ସ୍ରୋତରେ ହୁଏତ ଭାସିଯାଇଥିବେ ଅଥବା ଭୟଙ୍କର ବନ୍ୟାଜନିତ କର୍ଦ୍ଦମାକ୍ତ ପରିସରରେ ହୁଏତ ପୋତି ହୋଇଯାଇଥିବେ। ସେଭଳି ସ୍ଥିତିରେ ସେମାନଙ୍କ ଜୀବିତ ଥିବା ନେଇ କ'ଣ କୁହାଯାଇପାରେ ? ଆଗକୁ ସମୟ ତ କହିବ ..ତେବେ ମୃତ ଶରୀରକୁ ନ ଦେଖି ସେମାନଙ୍କ ପ୍ରିୟ ପରିଜନମାନଙ୍କ ଉଦ୍ଦେଶ୍ୟରେ ସେମାନେ ସନ୍ଦେହଘେରରେ ରହି କରୁଛନ୍ତି ପ୍ରତୀକାତ୍ମକ ଶବଦାହ। ଏଥିରୁ କ'ଣ ଅନୁମାନ କରାଯାଇପାରେ ? ମୃତ୍ୟୁର ଆଶଙ୍କା ଅଧିକ .. ଜୀବନର ସମ୍ଭାବନା କିନ୍ତୁ ବହୁତ୍ କମ୍ । ତେବେ ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର ବିଷୟ ହେଉଛି ନେପାଳରେ ଅଗଷ୍ଟ ୨୬ରେ ଆସିଯାଇଥିବା ଏହି ଭୟଙ୍କର ବନ୍ୟା ପରର ବିଭୀଷିକା ଭିତରେ ଏବେ ବି ଖୋଜା ଚାଲିଛି ଜୀବନ । ଏବେ ବି ସଂପୃକ୍ତ ବନ୍ୟାପ୍ଲାବିତ ଅଞ୍ଚଳର ଅନେକ ସମ୍ବେଦନଶୀଳ ସ୍ଥାନମାନଙ୍କରେ ଉଙ୍କିମାରୁଛି ଜୀବନ। ଏଇ ଶୁକ୍ରବାର ନେପାଳ ଜଳବିଦ୍ୟୁତ୍ ପ୍ରକଳ୍ପର ଟନେଲ୍ ଭିତରେ ଫସିଥିବା ଦୁଇଜଣ ପ୍ରକଳ୍ପ କର୍ମଚାରୀଙ୍କୁ ଅତି ସୁରକ୍ଷିତ ଭାବେ ଉଦ୍ଧାର କରିବା ପରେ ସତରେ ଘଟିଛି ଅତି ବଡ଼ ଧରଣର ଚମତ୍କାର। ଦୀର୍ଘ ୯ ଦିନ ଧରି ଫସିରହିବା ପରେ ରେସ୍କ୍ୟୁ ଅପରେସନ୍ ଟିମ୍ ଏବଂ ନେପାଳର ଯବାନମାନଙ୍କ୍ ମିଳିତ ସହଯୋଗରେ ସଂପୃକ୍ତ ଦୁଇଜଣ ବ୍ୟକ୍ତିଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ଦୀର୍ଘ ୯ ଦିନ ଧରି ମାଟି-ପାଣିପଙ୍କ ଭିତରେ ଫସିରହିଲା ପରେ ଦେଶର ଯବାନମାନଙ୍କ ଦ୍ୱାରା ଉଦ୍ଧାର ହେବା ଘଟଣା କେବଳ ନେପାଳରେ ନୁହେଁ.. ସାରା ଏସିଆରେ .. ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ଯାହା କି କୌଣସି ବିଶେଷ ଚମତ୍କାର ଠାରୁ କିଛି କମ୍ ନୁହେଁ। ଉଭୟ ଉଦ୍ଧାରକାରୀ ଦଳ ଏବଂ ଉଦ୍ଧାର ପାଇଥିବା ସଭିଏଁ ମୁକ୍ତ କଣ୍ଠରେ ଏପରି ଏକ ବିଶେଷ ଚମତ୍କାରକୁ ସ୍ୱୀକାର କରିଛନ୍ତି। ତେବେ କେବଳ ଶୁକ୍ରବାର ସେହି କାଳରାତ୍ରିର ଅନ୍ଧକାର ମଧ୍ୟରୁ ନୂତନ ଜୀବନର ଆଲୋକ ଦେଖିଥିବା ଦୁଇଜଣ ମେକାନିକ୍ସ୍ ଙ୍କ ବାସ୍ତବ କାହାଣୀ ନୁହେଁ, ଆଜି ବି ...ଏବେ ବି ନେପାଳର ସେହି ଭୟଙ୍କର ତଥା ଛାତିଥରା ବନ୍ୟାର ବିଭୀଷିକା ଭିତରେ ଫସିରହିଥିବା ଅନେକ ଜୀବନ ବିଷୟରେ ଯାହା ଅନୁମାନ କରାଯାଏ, ତାହା ପଛରେ ବି ରହିଥାଇପାରେ ବାସ୍ତବତା ଯାହା କି ନେପାଳୀ ଯବାନ ଏବଂ ସରକାରୀ ଅନୁସନ୍ଧାନକାରୀ ଦଳଙ୍କ ଉଦ୍ୟମ ପରେ ହିଁ ଜଣାପଡ଼ିବ। ତେବେ ଗତ ଅଗଷ୍ଟ ମାସ ୨୬ ରେ ନେପାଳରେ ଆସିଥିବା ପ୍ରଳୟଙ୍କରୀ ବନ୍ୟା ଯାହାକି ଦେଶର ରାଜଧାନୀ କାଠମାଣ୍ଡୁ ଠାରୁ ଯଥାକ୍ରମେ ୧୨୦ କିମି..୬୦ କି ମି ଏବଂ ୩୦ କି ମି ଦୂରରେ ଅବସ୍ଥିତ ସ୍ଥାନମାନଙ୍କୁ ଯେଭଳି ଭାବେ ବନ୍ୟାପ୍ଲାବିତ କରି ସେ ସବୁ ଅଞ୍ଚଳକୁ ଭସାଇଦେଲା, ବରବାଦ୍ କରିଦେଲା, ସେଠାରେ ପୁନଃ ଭିତ୍ତିଭୂମି ନିର୍ମାଣ ପାଇଁ ଯଥେଷ୍ଟ ସମୟ ଲାଗିବ ନେପାଳ ସରକାରଙ୍କୁ । ଯଦିଓ ଭାରତ ସମେତ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ର ନେପାଳ ପାଇଁ ବଢ଼ାଇ ଚାଲିଛନ୍ତି ସହଯୋଗର ହାତ ତଥାପି ନେପାଳର ବାଲେନଶାହ ସରକାର ସେସବୁର ସଠିକ୍ ଉପଯୋଗ କରିବାରେ ଫେଲ୍ ମାରିପାରନ୍ତି । ଯେହେତୁ ସେ ଏବେ ବି ଜଳାତଙ୍କମାରେ ନୋପଳକୁ ଦେଖୁଛନ୍ତି। ଏଣୁ ସେ ତୁରନ୍ତ କଳାତଙ୍କମା ପରିହାର କରି ଭଲକରି ଦେଖନ୍ତୁ ପୁଣିଥରେ ନିଜ ଦେଶକୁ ଏବଂ ବୁଝିବାକୁ ଚେଷ୍ଟା କରନ୍ତୁ ଚାଇନାର ଚାଲ୍‌ବାଜୀକୁ ଯେ କି ଖେଳ କରୁଛି ରହି ରହି ଉପରମୁଣ୍ଡରେ ।

ଜ୍ଞାନାମୃତ

ପାନ୍ଥଶାଳା

କୌଣସି ଜରୁରୀ କାମରେ ବାହାରିଗଲା ପରେ ପରେ ଏକ ଦୂର ସ୍ଥାନକୁ ତାଙ୍କ ଯାତ୍ରା ପଥରେ କିଛି ବିପଦର ଆଶଙ୍କା ରହିଥିଲା। ଏଣୁ ସେଥିନେଇ ଯୁବକଙ୍କ ଗୁରୁ ବହୁତ ଚିନ୍ତିତ ଥିଲେ। ଯେହେତୁ ଯୁବକ ଜଣଙ୍କ କୌଣସି ଏକ ଆଶ୍ରମରେ ରହୁଥିଲେ, ସେଣୁ ସେ ଆଶ୍ରମରୁ ବାହାରିଯିବା ପୂର୍ବରୁ ତାଙ୍କ୍ ଗୁରୁଙ୍କ୍ ପରାମର୍ଶ ନେବାକୁ ଭୁଲିନଥିଲେ। ଗୁରୁଜୀ ସେହି ଯୁବକଙ୍କୁ ତାଙ୍କ୍ ସାଙ୍ଗରେ ଆଉ ଜଣେ ସାଧାରଣ ଯୁବକଙ୍କୁ ସାଙ୍ଗରେ ନେବାକୁ ପରାମର୍ଶ ଦେଇଥିଲେ ଯାହାକୁ ସହଜରେ ଗ୍ରହଣ କରି ପାରିନଥିଲେ ଯୁବକ। ଯେହେତୁ ଯୁବକ ଜଣଙ୍କ ଥିଲେ ଅତି ଦୁର୍ବଳ ମାନେ ତାଙ୍କ୍ ଶରୀର ଥିଲା ଦୁର୍ବଳ। ସେଣୁ ସାହସୀ ଯୁବକ ଜଣଙ୍କ ତାଙ୍କୁ ନିଜ ସାଙ୍ଗରେ କିଛି ନେବାକୁ ନେଇ କିଛି କହିପାରିନଥିଲେ। ତଥାପି ଗୁରୁଙ୍କ ଆଦେଶ ଉପରେ ଯୁବକ ଜଣଙ୍କ୍ କିଛି କହିପାରିନଥିଲେ କି କିଛି ପ୍ରତିବାଦ କରି ପାରି ନଥିଲେ। ମନ କଥା ମନରେ ମାରି ଯୁବକ ଜଣଙ୍କ ଗୁରୁଙ୍କ କଥାକୁ ନୀରବରେ ମାନିନେଇଥିଲେ। ପରେ ଦୁଇ ଜଣ ମିଶି ସେହି ଯାତ୍ରାରେ ବାହାରି ଗଲେ। ତେବେ ବାଟରେ ଯାଉ ଯାଉ ସେମାନେ ଗୋଟାଲ ପାନ୍ଥଶାଳାରେ ଅଟକିଗଲେ। ସାମୟିକ ବିଶ୍ରାମ ନେଇ ସେମାନେ ଆଗକୁ ବାହାରିଯିବାର ଥିଲା କିନ୍ତୁ ସେହି ପାନ୍ଥଶାଳାରେ ହିଁ ଘଟିଗଲା ବହୁତ ବଡ଼ ଦୁର୍ଘଟଣା। ଅବଶ୍ୟ ଅଳ୍ପକେ ବଞ୍ଚିଯାଇଥିଲେ ସେଦିନ। ଯେହେତୁ ସେହି ଯୁବକଙ୍କ ଉପରେ ସେହି ପାନ୍ଥଶାଳାରେ କିଛି ଆକ୍ରମଣର ଆଶଙ୍କା ରହିଥିଲା। ସେମାନେ ବାହାରିଯିବା ପୂର୍ବରୁ କେତେକ ବଦମାସ ପ୍ରକୃତିର ମଣିଷ ସେହି ଯୁବକ ଉପରେ ଆକ୍ରମଣ କରିବାର ଯୋଜନା ନେଇ ଆଗେଇ ଆସୁଥିବାର ଦେଖି ସାହସୀ ଯୁବକ କିନ୍ତୁ କିଛି ବି ଜାଣିପାରି ନଥିଲା କିନ୍ତୁ ତା' ସାଙ୍ଗରେ ଥିବା ସେହି ଦୁର୍ବଳ ଯୁବକ ଜଣଙ୍କ କିନ୍ତୁ ପାନ୍ଥଶାଳା ଆଡ଼କୁ ମାଡ଼ି ଆସୁଥିବା ଯୁବକ ମାନଙ୍କ ହାବଭାବକୁ ଅନୁଭବ କରି, ତା'ର ପୂର୍ବାନୁମାନ କରି ସେଠାରୁ ପଳାୟନ କରିବାର ସୁଯୋଗ ଉଣ୍ଡି ସେଠାରୁ ଖସିଯିବାର ବାଟ ବାହାର କଲେ ଏବଂ ସେଠାରୁ ପଳାୟନ କରିବାରେ ସଫଳ ହେଲେ। ବୀର ତଥା ସାହସୀ ଯୁବକ ଜଣଙ୍କ ତାଙ୍କ ଯାତ୍ରା ପଥରେ ଆଉ ଆଗକୁ ନ ଯାଇ ଧୀରେ ଧୀରେ ପଛକୁ ଫେରିବାରେ ଲାଗିଲେ। ପରେ ସେହି ଦୁଇଜଣ ଯାଇ ଶେଷରେ ପହଞ୍ଚଗଲେ ସେହି ସାଧୁଙ୍କ ଆଶ୍ରମରେ ଯେଉଁ ସାଧୁଙ୍କ ଆଶ୍ରମରୁ ସେମାନେ ବାହାରିଥିଲେ, ସେହି ଆଶ୍ରମରେ ଗୁରୁଜୀ ତାଙ୍କ୍ ଯାତ୍ରା ସମ୍ବନ୍ଧରେ ପଚାରିବାରୁ ଯୁବକ ଜଣଙ୍କ ତାଙ୍କୁ ବିଫଳତାର କଥା ବଖାଣି ଦୁଃଖ କରିବାରୁ ଗୁରୁଜୀଙ୍କ ମତରେ କାହା ସହିତ ହାରି ଯିବାରେ ବିଫଳତା ନଥାଏ, ବରଂ ଆଗାମୀ ସମୟରେ ଜିତିବାର ପଥ ପରିଷ୍କାର କରିବାଟା ହେଉଛି ଅସଲ କଥା, ତାହା ହେଉଛି ପ୍ରକୃତ କଥା। କେବେ କେବେ ଦୁର୍ବଳ ଲୋକର ବୁଦ୍ଧିବଳ ମଧ୍ୟ କାମରେ ଲାଗେ ଯାହା ବାହୁବଳରେ ନଥାଏ। ଯାହାକି ମଣିଷ ସହଜରେ ବୁଝିପାରେନା। ହେଲେ ପରିସ୍ଥିତି କିନ୍ତୁ ସମୟକ୍ରମେ ବୁଝାଇଦେଇଥାଏ ସେହି ମଣିଷକୁ ଯାହା ସେ ଆଗରୁ ବୁଝିନଥାଏ କିୟା ବୁଝିବାକୁ ଚେଷ୍ଟା କରିନଥାଏ।

ସିଜେପି ଆନ୍ଦୋଳନରୁ ଶିକ୍ଷା

ଯୁଧିଷ୍ଠିର ମହାରଣା

ଆଜିର ଭାରତ ବର୍ଷରେ ଶିକ୍ଷା ପଦ୍ଧତି, ଶିକ୍ଷା ନୀତି ପରୀକ୍ଷା ବ୍ୟବସ୍ଥା ସମ୍ପର୍କରେ ମୁଁ କହିବି ଧାରଣା ଆଦୌ ଭଲ ନାହିଁ। ଅନେକ ପିଲାଙ୍କର ଜୀବନର ବଡ଼ ସ୍ୱପ୍ନ ହେଉଛି ଡାକ୍ତରୀ ହେବା। ମୋ ପୁଅ ବି ଜଣେ ଡାକ୍ତର, ପାଠପଢ଼ା ଭିତରେ କେତେ ଆହ୍ୱାନ, ଆର୍ଥିକ ଚାପ, ପରୀକ୍ଷାର ଅବ୍ୟବସ୍ଥା ମୁଁ ମର୍ମେ ମର୍ମେ ଅନୁଭବ କରିଛି।

ନିଟ ପ୍ରଶ୍ନ ପତ୍ର ଲିକ ମାମଲା ଏକ ବଡ଼ ରାଜନୈତିକ ସଙ୍କଟ ସୃଷ୍ଟି କରିଥିଲା ମୋଦୀ ସରକାରଙ୍କ ପାଇଁ। କକ୍ରୋଚ ଜନତା ପାର୍ଟିର ଆନ୍ଦୋଳନର ଅନେକ କୁସିତ ଦିଗ ଅଛି। ଏହାକୁ କେହି କେହି ଅଭିଯୋଗ କରୁଛନ୍ତି କିନ୍ତୁ ପ୍ରସଙ୍ଗ ଅନ୍ୟଆଡ଼େ ଟିକିଏ ଦେଖନ୍ତୁ। ଯେଉଁ ପ୍ରସଙ୍ଗକୁ ସେମାନେ ରାଜନୈତିକ ଅସ୍ଥିରତା ସୃଷ୍ଟିର ମାଧ୍ୟମ ଭାବେ ଗ୍ରହଣ କରିଥିଲେ, ତାହା ଅନେକଙ୍କୁ ଆକୃଷ୍ଟ କରିଥିଲା। ସବୁ ଆନ୍ଦୋଳନରେ କିଛି ନେତା ତିଆରି ହୁଅନ୍ତି। ଆନ୍ଦୋଳନକୁ ଫାଇଦା ନେବା ପାଇଁ କିଛି ଦଳ ଉଦ୍ୟମ କରନ୍ତି। କ୍ଷମତା ପରିବର୍ତ୍ତନ ପାଇଁ ନେପାଳ ପଦ୍ଧତି ଅବଲମ୍ବନ ପାଇଁ କିଛି ଅସାମାଜିକ ତତ୍ତ୍ୱ ଅଧିକ ତତ୍ପର ହୋଇପଡ଼ନ୍ତି। ଜୟପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣ କ୍ରାନ୍ତିଠାରୁ ଆନ୍ନା ହଜାରେଙ୍କ ଦୁର୍ନୀତି ବିରୋଧି ଆନ୍ଦୋଳନରେ ଅପରାଧୀମାନଙ୍କର ପ୍ରାୟତଃ କୌଣସି ଭୂମିକା ଦେଖିବାକୁ ମିଳି ନଥିଲା। କିନ୍ତୁ ସିଜେପି ଆନ୍ଦୋଳନରେ ସାମାଜିକ ଗଣମାଧ୍ୟମର ବ୍ୟାପକ ଦୂରୁପଯୋଗ ହେଲା। ବ୍ୟକ୍ତିଗତ ଏଜେଣ୍ଡାକୁ ଆନ୍ଦୋଳନ ଜରିଆରେ କାର୍ଯ୍ୟକାରୀ କରିବାକୁ ବିଭିନ୍ନ ଗୋଷ୍ଠୀ ଆଗଭର ହୋଇପଡ଼ିଲେ। ପ୍ରଧାନମନ୍ତ୍ରୀଙ୍କ ପ୍ରତି ଯେଭଳି ଅଶାଳୀନ, ଅଭଦ୍ର ଟିକାଟିପ୍ପଣୀ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଲା, ତାହା ଆଗାମୀ ଦିନ ପାଇଁ ସବୁ ରାଜନୈତିକ ଦଳ ସକାଶେ ବଡ଼ ଅଶୁଭ ସଙ୍କେତ। କିଛି ମହଲ ଯୁକ୍ତି କଲେ ଯେ ଆଗଧାଡ଼ିର ଗଣମାଧ୍ୟମ ବିଫଳ ହେବା କାରଣରୁ ସାମାଜିକ ଗଣମାଧ୍ୟମକୁ ଅସ୍ତ୍ର କଲେ ଆନ୍ଦୋଳନକାରୀମାନେ। କିନ୍ତୁ ବ୍ୟକ୍ତିଗତ ଆକ୍ଷେପ ଏବଂ ଅତ୍ୟନ୍ତ ଅଶାଳୀନ ମନ୍ତବ୍ୟ ପାଇଁ ସାମାଜିକ ଗଣମାଧ୍ୟମ ନୁହେଁ ସାଧାରଣତଃ ହ୍ୱାଟସଆପ, ଟୁଇଟର ଏବଂ ଇନଷ୍ଟାଗ୍ରାମ ଏହାକୁ ପ୍ରୋତ୍ସାହିତ କରନ୍ତି ନାହିଁ। ମାତ୍ର ସିଜେପି ଆନ୍ଦୋଳନବେଳେ ଏହିସବୁ ପ୍ଲାଟଫର୍ମ ଗୁଡ଼ିକ ଏହାକୁ ଉତ୍ସାହିତ କରୁଥିବା ସାମ୍ନାକୁ ଆସିଲା। ସୁତରାଂ କ୍ଷମତା ପରିବର୍ତ୍ତନ ପାଇଁ ବିଦେଶୀ ଷଡ଼ଯନ୍ତ୍ରର ଗନ୍ଧ ବାରି ହୋଇ ପଡୁଛି।

ଏହାସତ୍ତ୍ୱେ ଆନ୍ଦୋଳନର ଏକ ଭଲ ଦିଗ ମଧ୍ୟ ଉପଲବ୍ଧି କରି ହେଉଛି। ଏହା ହୋଇ ନଥିଲେ ୨୦୨୪ରେ ସୁପ୍ରିମକୋର୍ଟଙ୍କ ରାୟ କାର୍ଯ୍ୟକାରୀ କରି ନଥିବା ସରକାର ସିଜେପି ଆନ୍ଦୋଳନ ଯୋଗୁଁ ପରୀକ୍ଷା ସଂସ୍କାର ନିମନ୍ତେ ବାଧ୍ୟ ହେଲେ। ପ୍ରଥମ ଥର ପାଇଁ ଚାପରେ ଜଣେ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ହଟାଇ ଦିଆଗଲା। ପୂର୍ବରୁ କୃଷକ ଆନ୍ଦୋଳନ ସମୟରେ ମଧ୍ୟ କେନ୍ଦ୍ର ସରକାର ଏକ ପ୍ରକାର ବ୍ୟାକଷ୍ଟେପକୁ ଆସିଥିଲେ। ସେହିପରି କିଛିଦିନ ତଳେ ବିହାରରେ ମଧ୍ୟ ଏହି ସିଜେପି ଅନୁଷ୍ଠାନ ତାଙ୍କ ପ୍ରଭାବ ଓ ପ୍ରତିବାଦ ଦେଖାଇଥିଲେ। ମୋଦିଜୀଙ୍କ ସରକାର ଅବଶ୍ୟ ଏହି ଆନ୍ଦୋଳନରୁ ଅନେକ କିଛି ଶିକ୍ଷା ଲାଭ କରିଥିବେ। ସାମାଜିକ ଗଣମାଧ୍ୟମ ରାଷ୍ଟ୍ରୀୟ ଅସ୍ଥିରତା ସୃଷ୍ଟିର ମାଧ୍ୟମ ଯେଭଳି ହୋଇ ନପାରିବ, ସେଥିପାଇଁ ଆଇନ ଆସିବାର ପଥ ପ୍ରଶସ୍ତ ହୋଇଛି। କିନ୍ତୁ ଓଡ଼ିଶା ପାଇଁ ଆମେ ଯେତେବେଳେ ନିଟ ପରୀକ୍ଷା କେଳେଙ୍କାରୀ ତର୍ଜମା କରୁଛୁ, ଆମକୁ ବିବଶ ହେବାକୁ ପଡୁଛି। ଦେଶବ୍ୟାପୀ ଆଲୋଡ଼ନ ପରେ ଯଦି ଓଡ଼ିଶାରେ ମେଡ଼ିକାଲ ପିଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୁଏ, ତେବେ ଏହାକୁ ଗମ୍ଭୀରତାର ସହ କାହିଁକି ଗ୍ରହଣ କରିବେ ନାହିଁ ସରକାର ଦିଲ୍ଲୀ ଆନ୍ଦୋଳନ ପରେ ଓଡ଼ିଶାରେ ମେଡ଼ିକାଲ ପିଜି ପରୀକ୍ଷା ପ୍ରଶ୍ନପତ୍ର ଲିକ ହେବ, ଏହା ଭାବି ହେଉଛି କି ? କିନ୍ତୁ ପାପକୁ ଘୋଡ଼ାଇବା ପାଇଁ କର୍ତ୍ତୃପକ୍ଷ ଯେଭଳି ଲିକକୁ କପିର ରୂପ ଦେବା ପାଇଁ ଚେଷ୍ଟା କରୁଛନ୍ତି, ତାହା ଅତ୍ୟନ୍ତ ଲଜ୍ଜାଜନକ। ଓଡ଼ିଶାରେ ପ୍ରଶ୍ନପତ୍ର ଲିକ ଏକ ନୀତିରେ ପରିଣତ ହୋଇସାରିଛି। ପ୍ରଧାନମନ୍ତ୍ରୀ ଏହାକୁ ମହାପାପ ବୋଲି କହିବା ସହ ଏହାର ମୂଲ୍ୟୋତ୍ପାଟନ ଲାଗି ଆହ୍ୱାନ ଜଣାଇଛନ୍ତି। କିନ୍ତୁ ଏ ଦିଗରେ ଓଡ଼ିଶାରେ ମୋହନ ଚରଣ ମାଝୀଙ୍କ ସରକାର ଠୋସ ପଦକ୍ଷେପ ଗ୍ରହଣ କରିବେ କି ନାହିଁ, ସୂଚନା ମିଳୁନାହିଁ।

କେନ୍ଦ୍ର ଡ଼ାଞ୍ଚାରେ ଓଡ଼ିଶାରେ ଯଦି ପ୍ରଶ୍ନପତ୍ର ଲିକ ନିରାକାରଣ ନିମନ୍ତେ କଠୋର ଆଇନର ବ୍ୟବସ୍ଥା ନହୁଏ, ତେବେ ଆଗକୁ ଏଡି ରାଜ୍ୟରେ ମଧ୍ୟ ଜେନ୍ ଜୀ ଆନ୍ଦୋଳନ ଲାଗି ବାତାବରଣ ତିଆରି ହୋଇଯିବ। ଗୋଟିଏ ପଟେ ଲକ୍ଷାଧିକ ଟଙ୍କାର ଶିକ୍ଷା ଲୋନ ସହିତ ଅନ୍ୟାନ୍ୟ ଆର୍ଥିକ ସହାୟତା ନେଇ ପିଲାମାନଙ୍କ ଡାକ୍ତରୀ ସ୍ୱପ୍ନ ପାଇଁ ଅନେକ ପିତାମାତା ଯେଉଁ ମାନସିକ ସନ୍ତାପ ଭିତରେ ଥାଆନ୍ତି ଅନ୍ୟ ପଟେ ପିଲାଟି ଦେଖୁଛି ତାର ବର୍ଷ ବର୍ଷର ପରିଶ୍ରମ ଅକାରଣରେ ପାଣିରେ ପଡ଼ି ଯାଉଛି। ଅନେକ କ୍ଷେତ୍ରରେ ଦେଶର ଉଜ୍ଜ୍ୱଳତମ ଭବିଷ୍ୟତ କୁହାଯାଉଥିବା ଆମରି ପିଲାମାନେ ବିତଳିତ ହୋଇଯାଉଛନ୍ତି। ମାଆବାପା ପରିବାର, ବନ୍ଧୁବର୍ଗ ସମସ୍ତଙ୍କୁ ଭୁଲି ଜୀବନ ହାରି ଦେଉଛନ୍ତି। ଅନେକ ମାଆ ମାନଙ୍କ କୋଳ ଉଜୁଡ଼ି ଯାଇଛି, ବାପଟିର ସ୍ୱପ୍ନ ଚୁରମାର ହୋଇଯାଇଛି, ଭାଇଭଉଣୀଙ୍କୁ ଦେଖାଇ ଥିବା ଜୀବନ ସଞ୍ଜୀବନିର ସେହି ପିଲାଟି (ବିଦ୍ୟାର୍ଥୀ) ଆଉ ଆଗପଛ କିଛି ବିଚାର କରିପାରି ନାହାଁନ୍ତି କି ସରକାରଙ୍କ ଶିକ୍ଷା ବ୍ୟବସ୍ଥା ଓ ପରିଚାଳନା ଉପରେ ଭରଷା ବି ରଖି ପାରୁନାହାଁନ୍ତି। ଆଉ ବିଳମ୍ବ ନକରି ପରୀକ୍ଷା ବିଭ୍ରାଟ ଏବଂ ଚାକିରୀ ବିକ୍ରି ରୋକିବା ନିମନ୍ତେ ଭାଜପା ସରକାର କେନ୍ଦ୍ର ଡ଼ାଞ୍ଚାରେ ଆଇନ ପ୍ରଣୟନ କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
କଟକ, ଦୂରଭାଷ :
୯୪୩୭୧୬୩୫୨୮

ସମ୍ଭବାମି ଯୁଗେ ଯୁଗେ

ଅନୀତା ପଟ୍ଟନାୟକ

ଅବତାର ମନୁଷ୍ୟକୁ ତାର ନିଜତ୍ୱ ଦେଖାଇବାକୁ ଓ ତାର ଜନ୍ମଗତ ଅଧିକାର ଆତ୍ମାନନ୍ଦକୁ ଫେରାଇ ଆଣିବାକୁ ଧରାପୃଷ୍ଠରେ ବାରମ୍ବାର ଜନ୍ମଗ୍ରହଣ କରନ୍ତି। ତାଙ୍କୁ ବାରମ୍ବାର ଏ ପୃଥିବୀରେ ଜନ୍ମଗ୍ରହଣ କରିବାକୁ ପଡ଼ିଥାଏ। ସେଥିପାଇଁ ସେ ଗୀତାରେ ଉଦଘୋଷଣା କରିଛନ୍ତି 'ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ'।

ମନୁଷ୍ୟ କିନ୍ତୁ ନିଜ ମନ ଦ୍ୱାରା ନିର୍ବିକଳ୍ପ ଓ ନିର୍ଗୁଣ ତତ୍ୱକୁ ବୁଝିପାରି ନଥାଏ। କାରଣ ଭଗବାନଙ୍କର କଥା ମନୁଷ୍ୟର ବାକ ମନ ଓ ବୁଦ୍ଧିର ଉର୍ଦ୍ଧ୍ୱରେ ହୋଇଥାଏ। ସେହିପରି ଅବତାର ଥିଲେ ଗୋପାଳ ନନ୍ଦନ ଶ୍ରୀକୃଷ୍ଣ। ଶାସ୍ତ୍ରରେ ଲେଖାଯାଇଛି ଶ୍ରୀକୃଷ୍ଣ ଥିଲେ ଷୋଳକଳାପୂର୍ଣ୍ଣ। ସେହି ଷୋଳକଳା ଗୁଡ଼ିକ ହେଉଛି ଧନ, ବଳ, ବୁଦ୍ଧି, ଯୌବନ, ଉଚ୍ଚଶିକ୍ଷା, ପଦ, ବଂଶ, ସୌନ୍ଦର୍ଯ୍ୟ, କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ରଜ, ତମ। ମନୁଷ୍ୟ ନିକଟରେ ଏହି ସବୁ ଗୁଣ ଗୁଡ଼ିକ ପରିଲକ୍ଷିତ ହୋଇଥାଏ। ସେଥିପାଇଁ ସେ କହିଥାନ୍ତି ମୁଁ ତୁମର ଓ ତୁମେ ମୋର। ଏହି ଷୋଳ କଳାର ଉତ୍ତମ ପରିଚାଳନାର ଶିକ୍ଷା ଦେବାପାଇଁ ଭଗବାନଙ୍କୁ ଅବତାର ଗ୍ରହଣ କରିବା ପାଇଁ ପଡ଼ିଥାଏ। ଏହାର ଏକ ଉଦାହରଣ ଦିଆଯାଇପାରେ। ଯଥା ସୌଜନ୍ୟ ପ୍ରଧାନ ନୀତି ହେଲେ ଈର୍ଷାର ସ୍ଥାନ ଜଗତରେ ରହିବ ନାହିଁ। କିନ୍ତୁ ପ୍ରକୃତ କଥା ହେଉଛି ଭଗବାନ ଯେତେବେଳେ ଅବତାରତ୍ୱ ଗ୍ରହଣ କରନ୍ତି ସେ ଆମ କଥା ଶୁଣନ୍ତି ଆମେ ଭଗବାନଙ୍କ କଥା ଶୁଣୁନା।

କୃଷ୍ଣ ଅବତାରତ୍ୱ ଗ୍ରହଣ କରିଥିବା ସମୟରେ ଆମର ମନକୁ ସୀମାହୀନତାର ପାଠ ପଢ଼ାଇଥିଲେ। ତାଙ୍କର ମନ ଥିଲା ସୀମାପାର। ଏହାକୁ ହିରଣ୍ୟଗର୍ଭ ବା ବ୍ରହ୍ମର ଲୀନ କୁହାଯାଏ। ସେହିପରି ତାଙ୍କ ଶରୀରର ଅସୀମତ୍ୱ ଧାରଣ କରି ଦେଖା ଦେଇଥିଲେ ସେ ବିରାଟ ସ୍ୱରୂପ ଶାସ୍ତ୍ରଜ୍ଞ କୁହନ୍ତି ସେ ଥିଲେ ସୀମାହୀନ ଆଲୋକ ତେଣୁ ସେ ପରମ ଜ୍ୟୋତି। ସେ ମାନବ ସମାଜକୁ ଦେଖାଇଥିଲେ, ଯେଉଁ ସଂସ୍କାରକୁ ନେଇ ତୁମେ ଆନ୍ଦୋଳିତ ତାହା କ'ଣ ? ବ୍ରହ୍ମ ମାୟା ହେଉଛି ଏ ସଂସାର। ତୁମେମାନେ ହେଉଛ ଜୀବ, ଏହାକୁ ବୁଝାଇବାକୁ ଯାଇ କହିଥିଲେ ବ୍ରହ୍ମ + ଅବିଦ୍ୟା = ଜୀବ। ଜୀବନ ଓ କାମନାର ମିଶ୍ରଣର ସୃଷ୍ଟି ହେଉଛି ମାନବ। ଜୀବନ ବିଯୁକ୍ତ କାମନା ହେଉଛି ମାଧବ। କୃଷ୍ଣ ଅବତାରତ୍ୱ ସମ୍ପର୍କରେ କୁବ୍ଜାକୁ ଏକ ସୁ

ଖଣ୍ଡପଡ଼ା ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ଦୁର୍ଘଟଣାଗ୍ରସ୍ତ ଗାଈର ଚିକିତ୍ସା ଆରମ୍ଭ

ଖଣ୍ଡପଡା (ଅମୃତ ମିଡ଼ିଆ) : ଗତ ୬ ତାରିଖ ରାତିରେ ଏକ ବାଲିବୋଝେଇ ହାଇୱା ଅଗ୍ନିସମ ସେବା ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖସ୍ଥ ରାସ୍ତା ଉପରେ ଗୋଟିଏ ଗାଈର ଗୋଡ଼ଉପରେ ଗାଡ଼ି ଚଢାଇ ଦେଇ ଦ୍ରୁତ ଗତିରେ ଚାଲିଯାଇଥିଲା। ମୂର୍ମୁସ ଅବସ୍ଥାରେ ଗାଈଟି ମୃତ୍ୟୁ ସହ ସଂଗ୍ରାମ କରୁଥିଲା ଓ ପ୍ରବଳ ରକ୍ତସ୍ରାବ ହୋଇ ସାରା ରାସ୍ତା ସମ୍ପୂର୍ଣ୍ଣ ଭିଜିଯାଇଥିଲା। ଖବର ପାଇ ଖଣ୍ଡପଡ଼ା ପ୍ରାଣୀଚିକିତ୍ସାଳୟର ଗୋଷ୍ଠୀ ପ୍ରାଣୀଚିକିତ୍ସକ ଅଧିକାରୀ ବିଶ୍ୱରନ ରାଉତଙ୍କ ନିର୍ଦ୍ଦେଶକ୍ରମେ ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସକ ଷ୍ଟାଫ୍ ଗାଡ଼ି ସହ ଘଟଣାସ୍ଥଳରେ ପହଂଚି ମୃମୁସ ଅବସ୍ଥାରେ

ଥିବା ଗାଈଟିକୁ ଉଧାର କରି ଏକ ଖୋଲା ସ୍ଥାନକୁ ନେଇ ତୁରଂ ଚିକିତ୍ସା ଆରମ୍ଭ କରିଥିଲେ। ଉକ୍ତ ଭ୍ରାମ୍ୟମାଣ ଗାଡ଼ିରେ ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସାଧିକାରୀ ଡ଼ାଃ. ଅୁନିଆ ନାୟକ ଓ ଆଟେଣ୍ଡାଂଟ୍ ପ୍ରତାପ ଚନ୍ଦ୍ର ବେହେରା ନିଜର ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ଦୁର୍ଘଟଣା ଗ୍ରସ୍ତ ଗାଈଟିର ଚିକିତ୍ସା କରିବାରେ ପ୍ରାୟ ୧୨ ଘଂଟା ପରେ ସମ୍ପୃକ୍ତ ଗାଈ ଏକ ପ୍ରକାର ସୁସ୍ଥ ଅବସ୍ଥାକୁ ଫେରି ଆସିଥିବା ଦେଖାଯାଇଛି। ସୂଚନା ଯୋଗ୍ୟ ଯେ ଏହିଭଳି କିବା ଦିନ କିବା ରାତି ଖବର ପାଇବା ସଙ୍ଗେ ସଙ୍ଗେ ପ୍ରାଣୀମାନଙ୍କ ସୁରକ୍ଷା ନିମତେ ଖଣ୍ଡପଡ଼ା ପ୍ରାଣୀଚିକିତ୍ସାଳୟ ପକ୍ଷରୁ ଭ୍ରାମ୍ୟମାଣ ଗାଡ଼ି ପହଂଚିଯାଇଥାଏ ଓ ଚିକିତ୍ସା ଦ୍ୱାରା ସେ ଦୁର୍ଘଟଣା ଗ୍ରସ୍ତ ହେଉ କିମ୍ବା ରୋଗଗ୍ରସ୍ତ ସମସ୍ତ ପ୍ରାଣୀମାନଙ୍କ ଚିକିତ୍ସା ଅବିଳମ୍ବେ ହୋଇପାରୁଥିବାର ସୂଚନା ମିଳିଛି। ବିଶେଷ କରି ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ. ରାଉତଙ୍କ ବଳିଷ୍ଠ ପଦକ୍ଷେପ ଆଜି ଖଣ୍ଡପଡ଼ା ଅଂଚଳରେ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ସୃଷ୍ଟି କରିପାରିଥିବା ସହ କାର୍ଯ୍ୟରେ ତ୍ୱରାନ୍ୱିତ ହୋଇପାରିଥିବା ଜଣାପଡ଼ିଛି।

ଖଣ୍ଡପଡ଼ା ବ୍ଲକ୍‌ସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ରାଜ୍ୟରେ ପ୍ରଥମ

ଖଣ୍ଡପଡା (ଅମୃତମିଡ଼ିଆ) : ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟବ୍ୟାପି ପ୍ରତି ସୋମବାର ଗୁଡ଼ିକରେ ବ୍ଲକ୍ ସ୍ତରୀୟ ଓ ପଂଚାୟତ ସ୍ତରୀୟ ଜନଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଖଣ୍ଡପଡ଼ା ବ୍ଲକ୍‌ରେ ମଧ୍ୟ ବିଡ଼ିଓ ଅଙ୍କୁର ଅଭିଳାଷଙ୍କ ଅଧ୍ୟକ୍ଷତାରେ ପ୍ରଥମ କରି ଏହି ଶିବିର ସୋମବାର ତା ୦୭.୦୯.୨୬ରିଖରେ ଅନୁଷ୍ଠିତ ହୋଇଯାଇଥିବା ଦେଖାଯାଇଛି। ପୂର୍ବାହ୍ନ ୧୦ଟାରେ ଆରମ୍ଭ ହୋଇଥିବା ଏହି ଜନଶୁଣାଣୀ ଶିବିରରେ ଯୋଗଦେଇଥିବା ଅନ୍ୟତମ ଅଧିକାରୀମାନଙ୍କ ମଧ୍ୟରେ ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ, ସ୍ଥାନୀୟ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିସେକ୍ ମିଶ୍ର, ଗୋଷ୍ଠୀ ପ୍ରାଣୀଚିକିତ୍ସାଧିକାରୀ ଡ଼ଃ. ବିଶ୍ୱରନ ରାଉତ, ଗ୍ରାମପଂଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ୍ କୁମାର ବଡ଼ସେଟ୍, ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ଼ଃ. ଅଭିଷାର ପଣ୍ଡାଙ୍କ ସମେତ କୃଷିବିଭାଗ, ମତ୍ସ୍ୟ ବିଭାଗ,

ଗ୍ରାମ୍ୟଉନ୍ନୟନ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ, ଜଳ ସେଚନ ବିଭାଗ ସମେତ ସମସ୍ତ ବିଭାଗ ଗୁଡ଼ିକର କାର୍ଯ୍ୟରତ ମୁଖ୍ୟ ଅଧିକାରୀ ଓ ବ୍ଲକ୍ ପ୍ରଶାସନର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗୁଡ଼ିକ ଉପରେ ରେଜେଷ୍ଟ୍ରି କରିବା ସହ ସେମାନଙ୍କ ଅଭିଯୋଗ ଉପରେ ତ୍ୱରୀତ ପଦକ୍ଷେପ ନିଆଯାଇ ତ୍ୱରୀତ ଶୁଣାଣୀ ଉପରେ ସହାୟତା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଏହି ଶିବିରରେ ସର୍ବମୋଟ ୨୦ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିବା ବେଳେ ସମସ୍ତ ଅଭିଯୋଗର ଶୁଣାଣୀ ହୋଇପାରିଥିଲା। ଖଣ୍ଡପଡ଼ା ବ୍ଲକ୍ ଅଧିନସ୍ଥ ୨୨ ଗୋଟି ଗ୍ରାମପଂଚାୟତ ସହିତ ଖଣ୍ଡପଡ଼ା ସହରାଂଚଳରୁ ବିଭିନ୍ନ ଅଭିଯୋଗକାରୀ ଶିବିରରେ ଯୋଗଦେଇଥିଲେ। ପ୍ରକାଶଥାଉକି ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ମଧ୍ୟ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ ପୂର୍ବରୁ ଯେଉଁଭଳି ଭାବରେ ହୋଇଆସୁଥିଲା ତାହା ମଧ୍ୟ ବିଭିନ୍ନ ସୋମବାରରେ ପ୍ରତିଟି ବ୍ଲକ୍‌ରେ ପର୍ଯ୍ୟାୟ କ୍ରମେ ଅନୁଷ୍ଠିତ ହେବ ବୋଲି ବ୍ଲକ୍ ପ୍ରଶାସନ ସୁତ୍ରରୁ ପ୍ରକାଶ।

ନୀଳଗିରିରେ ଖୋଲିଲା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଶାଖା, ସାଂସଦ କଲେ ଉଦ୍‌ଘାଟନ

ନୀଳଗିରି (ଅମୃତ ମିଡିଆ) : ନୀଳଗିରି ସହରରେ ଏକ ନୂତନ ପଞ୍ଜାବ ନ୍ୟାସନେଲ ବ୍ୟାଙ୍କର ଶୁଭ ଉଦଘାଟନ ହୋଇଛି। ଏହାକୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶାଖାର ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପ ମହାପ୍ରବନ୍ଧକ ରାଜକୁମାର ସିଂ, ବାଲେଶ୍ୱର ମଣ୍ଡଳ ପ୍ରମୁଖ ଜିତେନ୍ଦ୍ର କୌଶଲ,ଶାଖା ପରିଚାଳକ ବିକାଶ କୁମାର ମଲ୍ଲିକଙ୍କ ସମେତ ବ୍ୟାଙ୍କର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ନୀଳଗିରିରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର

କୌଣସି ଶାଖା ନଥିବାରୁ ଗ୍ରାହକ ମାନେ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏହାକୁ ଦୃଷ୍ଟିରେ ରଖି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ତରଫରୁ ନୀଳଗିରି ଠାରେ ଆଜି ନୂତନ ଶାଖାର ଉଦଘାଟନ ହୋଇଯାଇଛି। ପ୍ରଥମ ଦିବସରେ ମୁଖ୍ୟଅତିଥି ଶ୍ରୀଯୁକ୍ତ ଷଡ଼ଙ୍ଗୀଙ୍କ ଦ୍ୱାରା ଜଣେ ଗ୍ରାହକଙ୍କୁ ୧୪ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ସରକାରଙ୍କ ବିଭିନ୍ନ ଯୋଜନାରେ ଗ୍ରାହକମାନେ ଲାଭ ପାଇପାରିବେ ବୋଲି ଉପ ମହାପ୍ରବନ୍ଧକ ମତପ୍ରକାଶ କରିଛନ୍ତି।

ରାତିରେ ଚାଲିଥିଲା ନିମ୍ନମାନର କାର୍ଯ୍ୟ ବିରୋଧ କରିବାରୁ ଠିକାଦାରଙ୍କ ଭୁଜାଲି ଆକ୍ରମଣରେ ଜଣେ ଗୁରୁତର

ନୀଳଗିରି (ଅମୃତ ମିଡିଆ) : ନୀଳଗିରି ଏନ.ଏ.ସି ଘାଟଘରସାହି ଗ୍ରାମର ହୃଷିକେଶ ଦାସଙ୍କ ପୁଅ ସରୋଜ କୁମାର ଦାସ (୪୭) ଗତ ୬ ତାରିଖ ରବିବାର ରାତ୍ରୀ ପ୍ରାୟ ୧୦.୩୦ ସମୟରେ ପଞ୍ଚଲିଙ୍ଗେଶ୍ୱର ରୁ ନିଜଘରକୁ ଏକ ବାଇକରେ ଫେରୁଥିବା ବେଳେ ନୀଳଗିରି-ପଞ୍ଚଲିଙ୍ଗେଶ୍ୱର ପି.ଡବ୍ଲ୍ୟୁ.ଡି ରାସ୍ତା ମରାମତି କାର୍ଯ୍ୟ ଚାଲିଥିଲା। ତେବେ ସଂପୃକ୍ତ ରାସ୍ତାର ମରାମତି କାର୍ଯ୍ୟରେ ଲକ୍ଷଲକ୍ଷ ଟଙ୍କା ବ୍ୟୟ ହେଉଥିବା ବେଳେ କାର୍ଯ୍ୟସ୍ଥଳୀରେ ବିଭାଗୀୟ ଅଧିକାରୀ ରହୁନଥିବା ଦେଖାଯାଇଥିଲା। ତେବେ ରାତ୍ରୀ ୧୦.୩୦ ସମୟରେ ଠିକାଦାର ଜଣଙ୍କ ରାସ୍ତାରେ ରାବିସ୍ ଠିକଭାବେ ନପକାଇ ଛାଞ୍ଚ ପିଟ ପକାଉଥିବାର ସରୋଜ ଦେଖି ସେଠାରେ ବାଇକ ଛିଡାକରି ଠିକା କର୍ମଚାରୀଙ୍କୁ ଟିକେ ଭଲରେ କାମ କରିବାକୁ କହିଥିଲେ। ସେହି

ସମୟରେ ସେଠାରେ ଉପସ୍ଥିତ ଥିବା ବାଲେଶ୍ୱର ଜିଲ୍ଲା ଶିକ୍ଷାଞ୍ଚଳ ଥାନା ବାମପଦା ଗ୍ରାମର ଭବେଶ୍ ପ୍ରଧାନ (୪୦) ଉତ୍‌ଯକ୍ତହୋଇ ଅଭଦ୍ର ଭାଷାରେ ଗାଳିଗୁଲଜ କରିବାସହ ସମସ୍ତଙ୍କୁ ପିସି ଦିଆଯାଇଛି। ୦ରାତ୍ରିରେ ପିଚୁକାମ ହେବ, କାମ ଭଲରେ କରିହେବ ନାହିଁ। ଏହାକୁ ନେଇ ଯୁକ୍ତି ତର୍କ ବଢିବା ସହ ଠିକାସଂସ୍ଥାର ଶ୍ରୀ ପ୍ରଧାନ ସହ ୪-୫ ଜଣଙ୍କ କର୍ମଚାରୀ ହାତରେ ଭୁଜାଲି, ଲୁହାରଡ ଧରି ପଥଚାରୀ ସରୋଜ କୁମାର ଦାସଙ୍କୁ ଆକ୍ରମଣ କରି ରକ୍ତାକ୍ତ କରି ତାଙ୍କ ବେକରୁ ସୁନାଚେନ୍ ଓ ହାତରୁ ଘଣ୍ଟା ନେଇଯାଇଥିଲେ। ରାସ୍ତାରେ ଯିବା ଆସିବା କରୁଥିବା ଲୋକେ ପ୍ରତିବାଦ କରିବାରୁ ଛାଡି ଦେଇଥିଲେ। ଏହି ଆକ୍ରମଣରେ ଗୋଟିଏ ହାତରେ ଲିଗାମେଣ୍ଟ ଛିଡିଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ନୀଳଗିରି ମେଡିକାଲକୁ ଅଣାଯାଇ ଚିକିତ୍ସା ଚାଲିଛି। ଏନେଇ ନୀଳଗିରି ଥାନାରେ ସରୋଜ କୁମାର ଦାସ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଠିକାସଂସ୍ଥା ପକ୍ଷରୁ ମଧ୍ୟ ପାଲଟା ଅଭିଯୋଗ ହୋଇଛି। ଏନେଇ ନୀଳଗିରି ଥାନା ପକ୍ଷରୁ ୪୦୩-୨୬ ଓ ୪୦୪-୨୬ ଦୁଇଟି ମାମଲା ରୁଜୁ ହୋଇଛି।

ଧର୍ମପ୍ରାଣ ବ୍ୟକ୍ତି ଭୀମସେନ ବିହାରୀଙ୍କ ବିୟୋଗରେ ଶୋକ

ମାହାଙ୍ଗା (ଅମୃତ ମିଡ଼ିଆ) : କୁହୁଣ୍ଡା ପଞ୍ଚାୟତ ବନ ଗୁରିଆ ଗ୍ରାମର ଭୀମସେନ ବେହାରୀଙ୍କ ୭୬ ବର୍ଷ ବୟସରେ ପରଲୋକ ଘଟିଛି । ସେ ଜଣେ ପରୋପକାରୀ,ମିଷ୍ଟଭାଷୀ, ଆଧ୍ୟାତ୍ମିକ ବାଦୀ ବ୍ୟକ୍ତି ଭାବେ ସବୁଠି ପରିଚିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ପୁତ୍ର ମନୋରଞ୍ଜନ ବେହାରୀ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ

ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ସର୍ବଶ୍ରୀ ବଟ କୃଷ୍ଣ ବେହାରୀ, ଅଖିଳେଶ ମହାନ୍ତି,ଅର୍ଜୁନ ବେହାରୀ,ନିରଞ୍ଜନ ବେହାରୀ, କ୍ଷୀରୋଦ ବେହାରୀ, ମଞ୍ଜୁଲତା ସାହୁ, ଅଞ୍ଜି ଲତା ସାହୁ, ଗଣେଶ ବେହାରୀ, କାର୍ତ୍ତିକ ବେହାରୀ, କବିତା ସାହୁ,ବେବିନା ବେହାରୀ, କଳ୍ପନା ସାହୁ, ରାମଚନ୍ଦ୍ର ସାହୁ, ନିତ୍ୟାନନ୍ଦ ସାହୁ, ନିରଞ୍ଜନ ସାହୁ, ରବୀନ୍ଦ୍ର ସାହୁ, ମାଗୁଣି ବେହାରୀ, ଗୌରାଙ୍ଗ ବେହାରୀ, ଗୋକୁଳାନନ୍ଦ ପୃଷ୍ଟି, ଅଭିରାମ ବେହାରୀ, ଅଭିମନ୍ୟୁ ସାହୁ, ଶରତ ସାହୁ, ନିରଞ୍ଜନ ସାହୁ, ଅନନ୍ତ କିଶୋର ସାହୁ, ଲକ୍ଷ୍ମଣ ସାହୁ, ଗୋବିନ୍ଦ ସାହୁ ପ୍ରମୁଖ ବାନା ବଟ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ ଏକ ବିରାଟ ଶୋଭାଯାତ୍ରାରେ ଭୀମସେନଙ୍କ ପାର୍ଥିବ ଶରୀରକୁ ନଗର ପରିକ୍ରମା କରାଇଥିଲେ । ଶବାଧାରରେ ବହୁ ବ୍ୟକ୍ତି ସାମିଲ ହୋଇଥିଲେ ।

ଅଷ୍ଟମ ଓଡ଼ିଶା ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା



ନୀଳଗିରି (ଅମୃତ ମିଡିଆ) : ପ୍ରଜ୍ଞାନ ମିଶନ୍’ତରଫରୁ ରନ୍ୟାକର ଟାଉନ୍ ହାଇସ୍କୁଲ ବାଲିଗୋହିରି ନୀଳଗିରି ଠାରେ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ତୃତୀୟଶ୍ରେଣୀ ଠାରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ସର୍ବୋ ମୋଟ ୪୭ଜଣ ପ୍ରତିଯୋଗୀ କ’,ଖ’,ଗ’,ଘ’ ଚାରୋଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ପ୍ରତିବିଭାଗରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟସ୍ଥାନ ଅଧିକାର କରିଥିବା ପ୍ରତିଯୋଗି ମାନଙ୍କୁ ପ୍ରଜ୍ଞାନ ମିଶନ୍ ତରଫରୁ ମାନପତ୍ର ଓ ପୁସ୍ତକପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବରେ ଶକ୍ତିପଦ ମିଶ୍ର, ସୁଶାନ୍ତ କୁମାର ମହାପାତ୍ର,ଅର୍ଚ୍ଚନା ପଣ୍ଡା, ଜ୍ୟୋତିର୍ମୟୀ ନାୟକ, ସଞ୍ଜୟ କୁମାର ପତି, ପ୍ରଭାକର ସାହୁ, ଖଗେନ୍ଦ୍ର ବେହେରା, ପ୍ରଦୀପ ମିଶ୍ର, ଚିତ୍ତରଞ୍ଜନ ପତି,ବନଜା ମହାପାତ୍ର, କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ସରସସୁନ୍ଦର କରିବାପାଇଁ ଶ୍ରୀଯୁକ୍ତ ବିନୋଦ ବିହାରୀ ପଣ୍ଡା , ଉତ୍ତମ କୁମାର ବିଶ୍ୱାଳ, ଜୟନ୍ତୀ ପ୍ରଧାନ,ହେମନ୍ତ ବେହେରା, ପରମାନନ୍ଦ ସାହୁ, ବାସନ୍ତୀ ସାହୁ, ସତ୍ୟ ନାରାୟଣ ମହାପାତ୍ର,ଶିବସୁନ୍ଦର ସାହୁ, ବ୍ରହ୍ମାନନ୍ଦ ଦାସ, ପ୍ରଦୀପ କୁମାର ମହାପାତ୍ର, ଭାଗବତ ପତି, ସାହାଯ୍ୟର ହାତ ବଢ଼ାଇଥିଲେ। ଆୟୋଜକ ଶ୍ରୀ ବିମ୍ୟାଧର ଦ୍ୱିବେଦୀ (ଜିଲ୍ଲା ସଂଯୋଜକ)ଓ ହରେକୃଷ୍ଣ ଗିରି କାର୍ଯ୍ୟକ୍ରମର ତଦାରଖ କରିଥିଲେ। ବ୍ଲକ ସଂଯୋଜିକା ଶ୍ରୀମତୀ ସୁଭାଷିନୀ ଜାଙ୍କ ଭୂମିକା ମଧ୍ୟ ପ୍ରଶଂସନୀୟ ଥିଲା।ଏହି ପ୍ରତିଯୋଗିତାରେ ‘କ’ ବିଭାଗ -ପ୍ରଥମ- ପ୍ରତିକ ରଞ୍ଜନ ପତି,୨ୟ ସାଇରିତିକା ବେହେରା,ତୃୀୟ ତିଳଶ୍ରୀ ବେହେରା,‘ଖ’ ବିଭାଗ -୧ମ ବନ୍ୟାନନ୍ଦିନୀ ବିଶ୍ୱାଳ,୨ୟ ଭାଗ୍ୟଲକ୍ଷ୍ମୀ ପାଣିଗ୍ରାହୀ,ତୃୀୟ ଲକ୍ଷ୍ମୀଦେବୀ ଦତ୍ତ,‘ଗ’ବିଭାଗ ୧ମ କ୍ରିଷ୍ଣା ବେହେରା,୨ୟ ଭବାନୀଶଙ୍କର ମହାପାତ୍ର ତୃୀୟ ବିଶ୍ୱରଂଜନ ମହାରଣା।‘ଘ’ବିଭାଗ ୧ମ ଦୀପାଞ୍ଜଳୀ ପରିଡ଼ା,୨ୟ ନନ୍ଦନନ୍ଦନ ମିଶ୍ର,ତୃୀୟ ମଧୁସ୍ମିତା ବଳଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସମସ୍ତ ପୁରସ୍କୃତ ପ୍ରତିଯୋଗିମାନେ ଜିଲ୍ଲାସ୍ତରକୁ ଉନ୍ନିତ ହୋଇଛନ୍ତି।

ରଘୁନାଥପୁର ବ୍ଲକ୍ କାର୍ଯ୍ୟଳୟରେ ଜନଅଭିଯୋଗ ଶୁଣାଣି ଶିବିର

ରଘୁନାଥପୁର (ଅମୃତ ମିଡିଆ) : ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୧୧୯ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୦୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୫ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୯ ଟି, ଆବାସ ଯୋଜନା ସମ୍ପର୍କୀୟ ୧୮ ଟି ,ଜମିଜମା ସମସ୍ୟା ସମ୍ପର୍କୀୟ ୧୩ ଟି, ପୋଲିସ୍ ସହାୟତା ପାଇବା ପାଇଁ ୩ ଟି, ଭତା ପାଇବା ପାଇଁ ୨ ଟି ଏବଂ ଅନ୍ୟାନ୍ୟ ୧୬ ଟି ଅଭିଯୋଗର ଶୁଣାଣି



କରାଯାଇଥିଲା। ୪୩ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା ବେଳେ ଜଇଶୋଳ ପଞ୍ଚାୟତର ଏକ ରାସ୍ତା ଦୀର୍ଘ ଦିନ ଧରି ଅବହେଳିତ ଅବସ୍ଥାରେ ରହିଥିବା ନେଇ ଏହି ଗ୍ରାମର ଶତାଧିକ ମହିଳା ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଉପସ୍ଥିତ ହୋଇଥିଲେ। ଏଥିରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ,ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ରଘୁନାଥପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ବେହେରା, ରଘୁନାଥପୁର ତହସିଲଦାର ରାଜଲକ୍ଷ୍ମୀ ନାୟକ,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

ଗୋରେଖନାଥଙ୍କ ହୁଣ୍ଡି ଗଣତି, ୧୪ ଲକ୍ଷ ୫୬ ହଜାର ଟଙ୍କା ଆୟ

ରଘୁନାଥପୁର (ଅମୃତ ମିଡିଆ) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରେକେରା ସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ହୁଣ୍ଡିରୁ ସୋମବାର ପ୍ରଥମ ଦିନ ଗଣତିରେ ୧୪ ଲକ୍ଷ ୫୬ ହଜାର ୧୮୦ ଟଙ୍କା ଆୟ ହୋଇଛି। ଗଣତି କାର୍ଯ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ରଘୁନାଥପୁର ତହସିଲ କର୍ମଚାରୀଙ୍କ ସମେତ ପୀଠ କର୍ମଚାରୀ ଓ କେତେକ ସେଚ୍ଛାସେବିମାନେ ନିୟୋଜିତ ଥିଲେ। ପୂର୍ବାହ୍ନରୁ ଗଣତି କାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲ୍ଲା ଦେବୋତର ନିରୀକ୍ଷକ ଅଜୟ ମାଝୀ,ଡିଙ୍ଗୋଳ ଥାନା ପକ୍ଷରୁ ଏସଆଇ ବିଶ୍ୱଜିତ ଗଡ଼ନାୟକ ,ଉପଦେଷ୍ଟା କମିଟି ସଦସ୍ୟ ପ୍ରମୋଦ କୁମାର ମହାନ୍ତି ଓ ସୁରେନ୍ଦ୍ର ନାଥ ସାହାଣୀ,ପୀଠ କିରାଣୀ ସରୋଜ କୁମାର ସାହାଣୀ ଉପସ୍ଥିତ ଥିଲେ।ପ୍ରଭୁଙ୍କ ନାମରେ ଡିଙ୍ଗୋଳ ୟୁକୋ ବ୍ୟାଙ୍କରେ ଥିବା ଆକାଉଣ୍ଟରେ ସମସ୍ତ ଟଙ୍କା ଡିପୋଜିଟ କରାଯିବ ବୋଲି ସୂଚନା ଦିଆଯାଇଥିଲା। ବ୍ୟାଙ୍କ ମ୍ୟାନେଜର ସୁଶିଲ କୁମାର ରଥ ଓ କର୍ମଚାରୀମାନେ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ।

ଛାତ୍ରୀଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ ଘଟଣା,ଅଧ୍ୟକ୍ଷଙ୍କ ବିରୋଧରେ ଘଟଣା ଚାପିଦେବା ଅଭିଯୋଗ

ଦଶପଲ୍ଲା (ଅମୃତ ମିଡିଆ) : ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକରା ସ୍ଥିତ ମଣିନାଗ ବହୁମୁଖୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହଷ୍ଟେଲରେ ଏକ ଅଭାବନୀୟ ଘଟଣା ଘଟିଛି। ଗତ ୨ ତାରିଖ ବିଳମ୍ବିତ ରାତିରେ ହଷ୍ଟେ

ବଜ୍ରକାପ୍ତା ଚାଲାଣ ଅଭିଯୋଗରେ ବଡ଼ ଚଢ଼ଉ

ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର, ୭ ଜଣ ଅଟକ

ବନ ବିଭାଗ–ଏସ୍‌ଟିଏଫ୍‌ର ମିଳିତ ଅଭିଯାନ
ବିଦେଶ ଚାଲାଣ ସନ୍ଦେହକୁ ନେଇ ତଦନ୍ତ ଜୋରଦାର
ଅଟକ ବ୍ୟକ୍ତିଙ୍କୁ ମାଡ଼ ଅଭିଯୋଗରେ ଚାପା ଉତ୍ତେଜନା

କଳାହାଣ୍ଡି (ଅମୃତ ମିଡ଼ିଆ) : କଳାହାଣ୍ଡି ଜିଲ୍ଲା ଜୟପାଟଣା ରେଞ୍ଜରେ ବଜ୍ରକାପ୍ତା ଚାଲାଣ ଅଭିଯୋଗକୁ ନେଇ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ହୋଇଥିବା ସୂଚନା ମିଳିଛି। ଜୟପାଟଣା ରେଞ୍ଜ ଅନ୍ତର୍ଗତ ପଣ୍ଡି ଅଞ୍ଚଳରେ ବନ ବିଭାଗ ଓ ଏସ୍‌ଟିଏଫ୍‌ର ମିଳିତ ଚଢ଼ଉ ସମୟରେ ଏକ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର ହୋଇଥିବା ବେଳେ ଘଟଣାରେ ୭ ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଥିବା ଜଣାପଡ଼ିଛି। ଉଦ୍ଧାର ହୋଇଥିବା ବଜ୍ରକାପ୍ତାଟି କେଉଁଠାରୁ ଧରାଯାଇଥିଲା, କାହା ମାଧ୍ୟମରେ ଏହାକୁ ଚାଲାଣ କରାଯାଉଥିଲା ଏବଂ ଏହା ପଛରେ ଆଉ କେତେଜଣଙ୍କ ସଂପୃକ୍ତି ରହିଛି, ସେନେଇ ତଦନ୍ତକାରୀ ଟିମ୍ ଖୋଳତାଡ଼ କରୁଥିବା ସୂଚନା ମିଳିଛି। ଘଟଣାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ବଜ୍ରକାପ୍ତାକୁ ବିଦେଶକୁ ଚାଲାଣ କରାଯିବାର ଯୋଜନା ଥିଲା କି ନାହିଁ। ଏହା କେବଳ ସ୍ଥାନୀୟ ସ୍ତରର ବନ୍ୟପ୍ରାଣୀ ଚାଲାଣ ଘଟଣା, ନା ଏହା ପଛରେ ଏକ ବଡ଼ ନେଟୱାର୍କ କାର୍ଯ୍ୟ କରୁଛି, ତାହା ଜାଣିବା ପାଇଁ ଅଟକ ବ୍ୟକ୍ତିମାନଙ୍କୁ ପଚରାଉଚରା କରାଯାଉଛି। ଚାଲାଣର ସମ୍ଭାବ୍ୟ ରୁଟ୍, ମଧ୍ୟସ୍ଥ ବ୍ୟକ୍ତି, କ୍ରେତା ଏବଂ ଆର୍ଥିକ କାରବାର ସମ୍ପର୍କରେ ମଧ୍ୟ ତଦନ୍ତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।

ବଜ୍ରକାପ୍ତା ଏକ ସୁରକ୍ଷିତ ବନ୍ୟପ୍ରାଣୀ ହୋଇଥିବାରୁ ଏହାର ଶିକାର, ଧରିବା କିମ୍ବା ଅବୈଧ ଚାଲାଣ ଗୁରୁତର ବନ୍ୟପ୍ରାଣୀ ଅପରାଧ ଭାବେ ବିଚାର କରାଯାଏ। ତେଣୁ ଏହି ଘଟଣାରେ କେବଳ ଅଟକ ବ୍ୟକ୍ତିଙ୍କ ଭୂମିକା ନୁହେଁ, ଏହା ପଛରେ ଥିବା ସମ୍ଭାବ୍ୟ ଚାଲାଣ ଶୃଙ୍ଖଳାର ମୂଳ ସୂତ୍ର ଖୋଜିବା ତଦନ୍ତର ମୁଖ୍ୟ ଦିଗ ହୋଇପାରେ।

ମାଡ଼ ଅଭିଯୋଗକୁ ନେଇ ନୂଆ ମୋଡ଼

ଅନ୍ୟପଟେ ଚଢ଼ଉ ପରେ ଘଟଣାକୁ ନେଇ ଆଉ ଏକ ଅଭିଯୋଗ ସାମ୍ନାକୁ ଆସିଛି। ଅଟକ ବ୍ୟକ୍ତିମାନଙ୍କ ପରିବାର ପକ୍ଷରୁ ବନ କର୍ମଚାରୀମାନେ ସେମାନଙ୍କୁ ଅମାନୁଷିକ ଭାବେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ପରେ ପରିବାର ସଦସ୍ୟ ଓ କିଛି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବାରୁ ଚାପା ଉତ୍ତେଜନା ସୃଷ୍ଟି ହୋଇଥିବା ଜଣାପଡ଼ିଛି। ତେବେ ମାଡ଼ ମାରିବା ଅଭିଯୋଗର ସତ୍ୟତା ଏପର୍ଯ୍ୟନ୍ତ ସ୍ୱତନ୍ତ୍ର ଭାବେ ସ୍ପଷ୍ଟ ହୋଇନାହିଁ। ଅଟକ ବ୍ୟକ୍ତିଙ୍କ ଡାକ୍ତରୀ ପରୀକ୍ଷା ହୋଇଛି କି ନାହିଁ, ତାଙ୍କ ଶରୀରରେ କୌଣସି ଆଘାତ ରହିଛି କି ନାହିଁ ଏବଂ ଏନେଇ କୌଣସି ଲିଖିତ ଅଭିଯୋଗ କିମ୍ବା ମାମଲା ହୋଇଛି କି ନାହିଁ ଏସବୁ ତଥ୍ୟ ସାମ୍ନାକୁ ଆସିଲେ ଘଟଣାର ପ୍ରକୃତ ଚିତ୍ର ଅଧିକ ସ୍ପଷ୍ଟ ହେବ।

ତଦନ୍ତରେ ଏବେ ଅନେକ ପ୍ରଶ୍ନ

ଏହି ଘଟଣାରେ ତଦନ୍ତକାରୀଙ୍କ ସାମ୍ନାରେ ଅନେକ ପ୍ରଶ୍ନ ରହିଛି। ଜୀବନ୍ତ ବଜ୍ରକାପ୍ତାଟି କେଉଁଠାରୁ ଆସିଲା ? ଏହାକୁ କିଏ ଧରିଥିଲା, କାହା ନିର୍ଦ୍ଦେଶରେ ଚାଲାଣ ହେଉଥିଲା ? ଏହାର ସମ୍ଭାବ୍ୟ ଗନ୍ତବ୍ୟସ୍ଥଳ କେଉଁଠାରେ ଥିଲା ? ଅଟକ ୭ ଜଣଙ୍କ ମଧ୍ୟରେ କାହାର କେଉଁ ଭୂମିକା ଥିଲା ? ଏବଂ ଏହି ଘଟଣା ସହ ଆଉ କାହାର ସଂପୃକ୍ତି ରହିଛି ? ଏହା ସହିତ ଯଦି ବିଦେଶ ଚାଲାଣର ଅଭିଯୋଗ ତଦନ୍ତରେ ପ୍ରମାଣିତ ହୁଏ, ତେବେ ଚାଲାଣ ନେଟୱାର୍କର ଉପରସ୍ତର ପର୍ଯ୍ୟନ୍ତ ତଦନ୍ତ ପହଞ୍ଚିବା ନେଇ ମଧ୍ୟ ଗୁରୁତ୍ୱ ରହିବ। ମୋବାଇଲ୍ ଯୋଗାଯୋଗ, ଆର୍ଥିକ କାରବାର ଓ ଅନ୍ୟାନ୍ୟ ଦସ୍ତାବିଜରୁ ତଦନ୍ତକୁ କୌଣସି ସୁରାଗ ମିଳୁଛି କି ନାହିଁ, ତାହା ମଧ୍ୟ ଆଗାମୀ ଦିନରେ ଗୁରୁତ୍ୱ ବହନ କରିବ। ତେବେ ଏହି ଘଟଣାରେ ଅଟକ ବ୍ୟକ୍ତିମାନେ ଦୋଷୀ ବୋଲି ଅଦାଲତର ଚୂଡ଼ାନ୍ତ ରାୟ ନ ଆସିବା ପର୍ଯ୍ୟନ୍ତ କୁହାଯାଇପାରିବ ନାହିଁ। ସେହିପରି ବନ କର୍ମଚାରୀଙ୍କ ବିରୋଧରେ ଆସିଥିବା ମାଡ଼ ଅଭିଯୋଗର ସତ୍ୟତା ମଧ୍ୟ ନିରପେକ୍ଷ ଯାଞ୍ଚ ପରେ ହିଁ ସ୍ପଷ୍ଟ ହେବ। ଜୟପାଟଣାର ଏହି ଘଟଣା ଏବେ ବନ୍ୟପ୍ରାଣୀ ସୁରକ୍ଷା ସହିତ ତଦନ୍ତର ସ୍ୱଚ୍ଛତାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛି। ଉଦ୍ଧାର ବଜ୍ରକାପ୍ତା, ଅଟକ ୭ ଜଣ, ବିଦେଶ ଚାଲାଣର ଅଭିଯୋଗ ଏବଂ ମାଡ଼ ଅଭିଯୋଗ ଏହି ସବୁ ଦିଗରେ ତଦନ୍ତ ଆଗକୁ ବଢ଼ିଲେ ହିଁ ପ୍ରକୃତ ଘଟଣାର ପର୍ଦ୍ଦାଫାସ ହୋଇପାରିବ।

ଓଏଏସରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ 'ଲକ୍ଷେ ଘର ଗଣ୍ଡା ସମାଜ'ର ସମ୍ବର୍ଦ୍ଧନା

ସୁବର୍ଣ୍ଣପୁର (ଅମୃତ ମିଡିଆ) : ସୁବର୍ଣ୍ଣପୁର ଜିଲ୍ଲା ଲକ୍ଷେ ଘର ଗଣ୍ଡା ସମାଜ ପକ୍ଷରୁ ଆଜି ଓ ଏ ଏସ ଛାତ୍ରଛାତ୍ରୀ ତଥା ସୋନପୁରର ଗର୍ବ ଗୌରବଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଭାରପ୍ରାପ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଯୋଗ ଦେଇ ଶିକ୍ଷା ବିନା ସମାଜ ଆଗକୁ ବଢ଼ି ପାରେନି ବୋଲି ମତ ରଖି ଆଜିର ଏ ସମ୍ବର୍ଦ୍ଧନା ଉତ୍ସ ଏଇ କୃତି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ନୂଆଁ ଯୁବ ପିଢ଼ୀଙ୍କୁ ପ୍ରେରଣା ଦେବ ବୋଲି କହିଥିଲେ। ବୀରମହାରାଜପୁର ବ୍ଲକ୍ ଉପାଧକ୍ଷ ନାରାୟଣ ଲୁହା, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ଆନନ୍ଦ ବାରିକ, ସମାଜସେବୀ ସାନନ୍ଦ

ବାରିକ, ତରଭା ବ୍ଲକ କଂଗ୍ରେସ କମିଟି ସଭାପତି ମୁକୁନ୍ଦ ବିଶ୍ୱାଳ, ବରିଷ୍ଠ କଂଗ୍ରେସ ନେତା ମାଧବ କୁମ୍ଭାର, ତରଣୀ ବାରିକ, କଟକ ଲେବର କମିଶନର ବିଭାଗର ଆସିଷ୍ଟାଣ୍ଟ ଲେବର ଅଫିସର ମୌସୁମୀ ପାତ୍ର ଯୋଗଦେଇ ଓଏଏସ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଓଏଏସ୍ କୃତି ଛାତ୍ର ନିତିଶ ବାରିକ, ଆଶିଷ କୁମାର ସୁନା, ଆକାଶ ସୁନା ଓ ଓଏଏସ ଛାତ୍ରୀ ମୌସୁମୀ ପାତ୍ରଙ୍କୁ ମୁଖ୍ୟ ଅତିଥି ଶ୍ରୀ ମାଝୀ ଓ ସମ୍ମାନିତ ଅତିଥି ଶ୍ରୀମତୀ ପଧାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଲକ୍ଷେ ଘର ଗଣ୍ଡା ସମାଜ ଜିଲ୍ଲା ସଭାପତି ମାଧବ କୁମ୍ଭାର ଓ ତରଣୀ ବାରିକଙ୍କ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧନା ସଭା ଅୟୋଜନ କରାଯାଇଥିଲା।

ଜିଲ୍ଲାସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ପ୍ରଶିକ୍ଷଣ ସମ୍ମିଳନୀ

ସୁବର୍ଣ୍ଣପୁର (ଅମୃତ ମିଡିଆ) : ଆଜି ସୁବର୍ଣ୍ଣପୁର ଜିଲ୍ଲାରେ ଜିଲ୍ଲାସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ପ୍ରଶିକ୍ଷଣ ସମ୍ମିଳନୀ-ସହ-ଅଭିମୁଖୀକରଣ କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ସୁବର୍ଣ୍ଣପୁର ପକ୍ଷରୁ ଆୟୋଜିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଘନଶ୍ୟାମ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁରର ଭାରପ୍ରାପ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲାପାଳ ରାଜେନ୍ଦ୍ର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ ଏବଂ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଉଲୁଣ୍ଡା ବ୍ଲକ

ଶିକ୍ଷା ଅଧିକାରୀ ଅଜୟ ଲୁହା, ସୁବର୍ଣ୍ଣପୁର ଏବଂ ବିନିକାର ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ଏବଂ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ଲାନ କୁମାର ପାଣ୍ଡିଆ ଯୋଗଦେଇଥିଲେ। କ୍ରୀଡ଼ା ପ୍ରଶିକ୍ଷଣରେ ଡିପ୍ଲୋମା କରିଥିବା ବିଭୁଦତ୍ତ ରଥ, ପ୍ରଶିକ୍ଷକ ଜୀବନଜ୍ୟୋତି ନାୟକ ଏବଂ ଦିଲ୍ଲୀପ କୁମାର କୁଅଁର ଏବଂ ଡାଇକୋଣ୍ଡୋ ପ୍ରଶିକ୍ଷକ ଅନ୍ୱେଷ ହୋତା ଯୋଗଦେଇ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କୁ ବିଭିନ୍ନ କ୍ରୀଡ଼ା ସମ୍ପର୍କରେ ସବିଶେଷ ତାଲିମ ପ୍ରଦାନ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବାଲାଜି ବିଶ୍ୱନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା। ଅଧ୍ୟାପିକା ଶ୍ରୀମତୀ ସନ୍ତୋଷିନୀ ନାୟକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

ସ୍କୁଲ ପରିସରରେ ନାବାଳକ ଛାତ୍ରଙ୍କୁ ତୀରମାଡ଼

ନାକଟିଦେଉଳ (ଅମୃତ ମିଡିଆ) : ପୂର୍ବ ଶତ୍ରୁତାକୁ ନେଇ ନାବାଳକ ଛାତ୍ରଙ୍କୁ ଆକ୍ରମଣ। ନାକଟିଦେଉଳ ବ୍ଲକ ସାଲେଭଟା ପଞ୍ଚାୟତ କେଉଟ ବେଣ୍ଡି ପ୍ରାଥମିକ ସ୍କୁଲ ପରିସରରେ ସ୍କୁଲ ଛାତ୍ରଙ୍କୁ

ଅଜ୍ଞକେ ବର୍ତ୍ତିଲେ ନାବାଳକ

ତୀର ମାରି ଫେରାର ମାରିଥିବା ଜଣାପଡିଛି। ଛାତ୍ରଜଣକ ସେହି ଗ୍ରାମର ଅମୂଲ୍ୟ ଧଳଙ୍କ ଚତୁର୍ଥ ଶ୍ରେଣୀ ଛାତ୍ର ସୌମ୍ୟ ରଞ୍ଜନ ଧଳ (୧୦)। ତେବେ ତୀର ସୌମ୍ୟଙ୍କ ପଛପଟେ ଧରିଥିବା ବହି ବ୍ୟାଗ ରେ ବାଜି ଥିବାରୁ ସେ ଅଜ୍ଞକେ ବର୍ତ୍ତିଯାଇଥିଲା। ଏ ସମ୍ପର୍କରେ ଖବର ପାଇ ନାକଟିଦେଉଳ ପୁଲିସ ଘଟଣା ସ୍ଥଳକୁ ପହଞ୍ଚି ଅନୁସନ୍ଧାନ କରି ଫେରାର ଥିବା ଆସାମୀ ମୁଚି ସାହୁଙ୍କୁ ଥାନାକୁ ଆଣି ତଦନ୍ତ କରୁଥିବା ଜଣାପଡିଛି।

ପରିଚୟ ନାହିଁ, ଘର ନାହିଁ, ଭତ୍ତା ନାହିଁ

ଫାଇଲରେ ବିକାଶ, ଜଙ୍ଗଲରେ ଭୋକ

ଖପ୍ରାଖୋଲ (ଅମୃତ ମିଡିଆ/ଅଶୋକ କୁମାର ବାଗ) : ଆଜିର ଡିଜିଟାଲ ଯୁଗରେ ଜଣେ ନାଗରିକଙ୍କ ପରିଚୟ ତାଙ୍କର ଅଧିକାର ଓ ସରକାରୀ ସେବା ପାଇବାର ପ୍ରଥମ ପାହାଚ। କିନ୍ତୁ ଖପ୍ରାଖୋଲ ଅଞ୍ଚଳରେ ଏମିତି ଦୁଇ ଅସହାୟ ବୃଦ୍ଧ ଦମ୍ପତିଙ୍କ ଜୀବନ ସାମ୍ନାକୁ ଆସିଛି, ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ ଅନ୍ତର୍ଗତ ସିନ୍ଧବାହାଲି ଗ୍ରାମ ନିକଟରେ ଜଙ୍ଗଲ ରେ ରହୁଥିବା ଜୀବର୍ଦ୍ଧନ ବିନ୍ଧାଣି ଏବଂ ତାଙ୍କ ସ୍ତ୍ରୀ ଉଆଁସୀ ବିନ୍ଧାଣି ଯେଉଁମାନଙ୍କ ପାଖରେ ନାହିଁ ଭୋଟର କାର୍ଡ, ନାହିଁ ଆଧାର କାର୍ଡ। ଏହି ପରିଚୟର ଅଭାବ ଯେପରି ସେମାନଙ୍କୁ ସରକାରୀ ବ୍ୟବସ୍ଥାରୁ ମଧ୍ୟ ଅଦୃଶ୍ୟ କରିଦେଇଛି। ଗାଁଠାରୁ ପ୍ରାୟ ଦୁଇ କିଲୋମିଟର ଦୂର ଜଙ୍ଗଲ ଭିତରେ ଏକ ଅସ୍ଥାୟୀ କୁଡ଼ିଆ କରି ଦୁହେଁ ସ୍ୱାମୀ-ସ୍ତ୍ରୀ ଦିନ କାଟୁଛନ୍ତି। ମୁଣ୍ଡ ଉପରେ ପକ୍କା ଛାତ ନାହିଁ, ନିରାପଦ ଘର ନାହିଁ, ଆଗାମୀ ଦିନର ନିଶ୍ଚିତତା ମଧ୍ୟ ନାହିଁ। ଏହା କେବଳ ଦାରିଦ୍ର୍ୟର ଚିତ୍ର ନୁହେଁ, ବରଂ ସାମାଜିକ ସୁରକ୍ଷା ବ୍ୟବସ୍ଥାର ପହଞ୍ଚ ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ। ଉଆଁସୀ ବିନ୍ଧାଣି ଦୀର୍ଘଦିନ ଧରି ଅଜଣା ରୋଗରେ ପାଡ଼ିତ। ଚାଲିବାକୁ ଅସମର୍ଥ, କୌଣସି କାମ କରିବାର ସାମର୍ଥ୍ୟ ମଧ୍ୟ ନାହିଁ। ଅନ୍ୟପଟେ ବୃଦ୍ଧ ସ୍ୱାମୀ ଜୀବର୍ଦ୍ଧନ ମଧ୍ୟ ଦୃଷ୍ଟିଶକ୍ତି ହରାଇବା ଅବସ୍ଥାରେ। ଅଳ୍ପ ଦେଖିପାରୁଥିବା ସତ୍ତ୍ୱେ ନିଜ ପେଟ ଓ ଅସୁସ୍ଥ ସ୍ତ୍ରୀଙ୍କ ପେଟ ପାଇଁ ଭିକ୍ଷା ମାଗିବାକୁ ବାଧ ହେଉଛନ୍ତି। ସେମାନଙ୍କ ଜୀବନର ସବୁଠାରୁ ହୃଦୟବିଦାରକ ଦିଗ ହେଉଛି ଗୋଟିଏ ବେଳ ଖାଇବାକୁ ମିଳିଲେ ପରବର୍ତ୍ତୀ ଦୁଇ ଦିନ ଭୋକରେ ରହିବାକୁ ପଡୁଛି। ଯେଉଁ ସମୟରେ ଗରିବ ଓ ଅସହାୟଙ୍କ ପାଇଁ ସରକାର ଖାଦ୍ୟ ସୁରକ୍ଷା, ବାର୍ଦ୍ଧକ୍ୟ ଭତ୍ତା, ଆବାସ ଏବଂ ଚିକିତ୍ସା ଭଳି ଅନେକ ଯୋଜନା ଚଳାଉଛନ୍ତି, ସେହି ସମୟରେ ଏହି ଦୁଇ ବୃଦ୍ଧଙ୍କ ଜୀବନ ଭୋକ ଓ ଅନିଶ୍ଚିତତା ମଧ୍ୟରେ ଝୁଲୁଛି। ସେମାନଙ୍କ କହିବା ଅନୁଯାୟୀ, ସ୍ଥାନୀୟ ସରପଞ୍ଚଙ୍କ ମାନବିକତା ଯୋଗୁଁ ପୂର୍ବରୁ ମାସକୁ କିଛି ପରିମାଣର ଚାଉଳ ମିଳୁଥିଲା। ସେହି ଚାଉଳ ହିଁ ଥିଲା ସେମାନଙ୍କ ବଞ୍ଚିବାର ଏକମାତ୍ର ଆଶା। କିନ୍ତୁ ଏବେ ସେହି ସହାୟତା ମଧ୍ୟ ମିଳୁନାହିଁ। ଫଳରେ ଦୁଇ ଅସହାୟ ପ୍ରାଣୀଙ୍କ ଜୀବନ ଆହୁରି ଦୁର୍ବିଷହ ହୋଇପଡ଼ିଛି।

ଦୁଇ ବୃଦ୍ଧଙ୍କ ଆର୍ତ୍ତନାଦ ଶୁଣିବ କି ପ୍ରଶାସନ ?

ବିକାଶର ଦାବି, ନା ଗ୍ରାଉଣ୍ଡ ଜିରୋର ସତ୍ୟ ?

ସରକାରୀ ମଞ୍ଚରେ ବିକାଶର ବଡ଼ ବଡ଼ ଦାବି ଓ ଯୋଜନାର ସଫଳତାର ତଥ୍ୟ ଦିଆଯାଉଛି। ଗରିବଙ୍କ ପାଇଁ ଯୋଜନା ପରେ ଯୋଜନା ଘୋଷଣା ହେଉଛି। କିନ୍ତୁ ଯଦି ଜଣେ ବୃଦ୍ଧ ଦମ୍ପତିଙ୍କ ପାଖରେ ନିଜର ପରିଚୟପତ୍ର ନାହିଁ, ଘର ନାହିଁ, ନିୟମିତ ଖାଦ୍ୟ ନାହିଁ, ଭତ୍ତା ନାହିଁ ଏବଂ ଚିକିତ୍ସାର ସୁବିଧା ମଧ୍ୟ ନାହିଁ, ତେବେ ସେହି ବିକାଶର ଲାଭ କାହା ପାଖରେ ପହଞ୍ଚୁଛି ଏହା ନିଶ୍ଚିତ ଭାବେ ପ୍ରଶାସନକୁ ଆତ୍ମସମୀକ୍ଷା କରିବାକୁ ପଡ଼ିବ। ଏଠାରେ ପ୍ରଶ୍ନ କେବଳ ଦୁଇ ଜଣଙ୍କର ନୁହେଁ। ପ୍ରଶ୍ନ ହେଉଛି— ସରକାରୀ ଯୋଜନାରୁ ଯଦି ସବୁଠାରୁ ଅସହାୟ ଲୋକଟିଏ ବାଦ ପଡ଼ିଯାଏ, ତେବେ ସେହି ଯୋଜନାର ସଫଳତାର ଅର୍ଥ କ'ଣ ? ପ୍ରଶାସନିକ ବ୍ୟବସ୍ଥାର କାମ କେବଳ କାଗଜପତ୍ର ଯାଞ୍ଚ କରିବା ନୁହେଁ; ଯେଉଁମାନେ କାଗଜପତ୍ର ଯୋଗାଡ଼ କରିବାର ସାମର୍ଥ୍ୟ ମଧ୍ୟ ରଖିନାହାନ୍ତି, ସେମାନଙ୍କ ପାଖକୁ ପହଞ୍ଚି ସହାୟତା ଯୋଗାଇଦେବା ମଧ୍ୟ ପ୍ରଶାସନର ମାନବିକ ଦାୟିତ୍ୱ।

ତୁରନ୍ତ ହସ୍ତକ୍ଷେପ ଆବଶ୍ୟକ

ଜୀବର୍ଦ୍ଧନ ଏବଂ ଉଆଁସୀଙ୍କ ଅବସ୍ଥାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ତୁରନ୍ତ ଗୁରୁତ୍ୱ ଦେବା ଆବଶ୍ୟକ। ସେମାନଙ୍କର ପରିଚୟପତ୍ର ପ୍ରସ୍ତୁତି, ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ, ବାର୍ଦ୍ଧକ୍ୟ/ଅସହାୟ ଭତ୍ତା, ଆବାସ ଯୋଜନା, ଚିକିତ୍ସା ସହାୟତା ଏବଂ ଆବଶ୍ୟକ ସାମାଜିକ ସୁରକ୍ଷା ଯୋଗାଇଦେବା ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବା ଦରକାର। କାରଣ ଏହି ଦୁଇ ଜଣଙ୍କୁ ଆଉ ଏକ ଯୋଜନାର ଆଶ୍ୱାସନ ନୁହେଁ—ଆଜି ବଞ୍ଚିବା ପାଇଁ ଖାଦ୍ୟ, ନିରାପଦ ଆଶ୍ରୟ ଓ ମାନବିକ ସହାୟତା ଦରକାର। ଜଙ୍ଗଲ ଭିତରେ ଏହି କୁଡ଼ିଆ ଭିତରୁ ଉଠୁଥିବା ଭୋକର ଆର୍ତ୍ତନାଦ ପ୍ରଶାସନର କାନରେ କେବେ ପହଞ୍ଚିବ ? ଯୋଜନାର ଫାଇଲ ଓ ରିପୋର୍ଟରେ ନୁହେଁ, ଗ୍ରାଉଣ୍ଡ ଜିରୋରେ ଏହି ଦୁଇ ଅସହାୟ ପ୍ରାଣୀଙ୍କ ଜୀବନରେ ବିକାଶର ଆଲୋକ କେବେ ପହଞ୍ଚିବ ଏବେ ଏହାର ଉତ୍ତର ଦେବାର ସମୟ ଆସିଛି।

ବେ-ବନ୍ଦୋବସ୍ତ ମାମଲା ସମାଧାନ ମନ୍ଥର ଛନ୍ଦିହୋଇଛି ସାଢ଼େ ୬ ହଜାର ଏକର ଜମି

ଝାରସୁଗୁଡ଼ା (ଅମୃତ ମିଡିଆ) : ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନରେ ବେ-ବନ୍ଦୋବସ୍ତ ଜମି ସଂକ୍ରାନ୍ତ ମାମଲା ଫଇସଲାରେ ମନ୍ଥରତା ଦେଖାଦେଇଛି। ଏହାକୁ ନେଇ ଉତ୍ତରାଞ୍ଚଳ ରାଜସ୍ୱ କମିସନର (ଆ ?ଡିସି) ସଂଗ୍ରାମ କେଶରୀ ମହାପାତ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ୨୦୨୬ ଜୁନ ୩୦ରେ ଶେଷ ହୋଇଥିବା ତ୍ରୈମାସିକ ସମୀକ୍ଷାରେ ଉତ୍ତରାଞ୍ଚଳରେ ମୋଟ ୯୯୮ଟି ବେ-ବନ୍ଦୋବସ୍ତ ମାମଲା ଫଇସଲା ଅପେକ୍ଷାରେ ରହିଥିବା ଜଣାପଡ଼ିଛି। ଏହି ମାମଲାଗୁଡ଼ିକ ସହ ୬,୪୭୮.୦୪୯ ଏକର ଜମିର ଭବିଷ୍ୟତ ଝୁଲିରହିଛି। ବକେୟା ମାମଲା ସଂଖ୍ୟାରେ କେନ୍ଦୁଝରଜିଲ୍ଲା ସର୍ବାଗ୍ରେ ରହିଛି। ଏଠାରେ ୩୧୩ଟି ମାମଲା ରହିଥିବା ବେଳେ ବଲାଙ୍ଗୀରରେ ୨୯୧, ସୁବର୍ଣ୍ଣପୁରରେ ୧୭୧ ଓ ବରଗଡ଼ରେ ୧୪୩ଟି ମାମଲା ବକେୟା ରହିଛି। ସମ୍ବଲପୁରରେ ୩୭, ସୁନ୍ଦରଗଡ଼ରେ ୩୬, ବୌଦ୍ଧରେ ୬ ଓ ଝାରସୁଗୁଡ଼ାରେ ଗୋଟିଏ ମାମଲା ଫଇସଲା ଅପେକ୍ଷାରେ ରହିଛି। ସମୀକ୍ଷା ଅବଧିରେ ବଲାଙ୍ଗୀରର ୨ଟି, ବରଗଡ଼ର ୩ଟି, ଦେବଗଡ଼ର ଗୋଟିଏ, କେନ୍ଦୁଝରର ୧୦ଟି ଏବଂ ସମ୍ବଲପୁରର ଗୋଟିଏ ମାମଲା ଫଇସଲା ହୋଇଛି। ହେଲେ ବୌଦ୍ଧ, ଝାରସୁଗୁଡ଼ା, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ରେ ଏହି ସମୟରେ କୌଣସି ମାମଲା ଫଇସଲା ହୋଇନଥିବା ରିପୋର୍ଟରେ ଦର୍ଶାଯାଇଛି। ବିଶେଷକରି ବଲାଙ୍ଗୀର, ବରଗଡ଼, କେନ୍ଦୁଝର ଓ ସୁବର୍ଣ୍ଣପୁର ଜିଲ୍ଲାରେ ଶତାଧିକ ମାମଲା ବକେୟା ରହିଛି। ବଲାଙ୍ଗୀରରେ ୨୯

ଭାଲୁ ଆକ୍ରମଣରେ ଦୁଇ ଭାଇ ଗୁରୁତର

ବାରିପଦା (ଅମୃତମିଡିଆ): କରଞ୍ଜିଆ ବନଖଣ୍ଡ, ସାତକୋଶିଆ ବନ୍ୟପ୍ରାଣୀ ବନାଞ୍ଚଳ, ଘୁଲୁଘୁଳିଆ ଗ୍ରାମର ବାଉଁଶରାଇ ସାହିରେ ସୋମବାର ସକାଳ ୭ ଟା ବେଳେ ଭାଲୁ ଆକ୍ରମଣରେ ଦୁଇ ଭାଇ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ ସେହି ଗ୍ରାମର ଦୁଇ ଭାଇ ବେହେରା ହାଇବୁରୁ (୩୫) ଓ ଦୁମି ହାଇବୁରୁ (୩୦) ବିଲରେ ଘାସ ବାଛୁଥିବା ବେଳେ ପଛପଟୁ ଗୋଟିଏ ଭାଲୁ ଆକ୍ରମଣ କରିଥିଲା। ବଡ଼ ଭାଇ ବେହେରାର ହାତ ଭାଙ୍ଗିବା ସହ ମୁଣ୍ଡ ଓ ଜଙ୍ଘ ଏବଂ ଦୁମିର ହାତ ଭାଙ୍ଗି ଯାଇଛି। ଜଙ୍ଗଲ ଭିତରୁ ଗୋଟିଏ ଭାଲୁ ହଠାତ୍ ବାହାରି ଆସି ନଇଁକି ବିଲ ବାଛୁଥିବା ବେଳେ ଆକ୍ରମଣ କରି ଜଙ୍ଗଲ ଭିତରକୁ ପଳାଇ ଯାଇଥିଲା । ଖବରପାଇ ଗ୍ରାମବାସୀଙ୍କ ସାହାଯ୍ୟରେ ଆହତ ଦ୍ୱୟଙ୍କୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାର ପ୍ରକାଶ । ତେବେ ସାତକୋଶିଆ ଫରେଷ୍ଟର ଗୌତମ ମହାନ୍ତ ଘଟଣାର ଅନୁଧ୍ୟାନ କରି ବିଭାଗୀୟ ପଦକ୍ଷେପ ନେଇଥିବାର ଜଣାଯାଇଛି।

ସାହାରପଡ଼ା କୃଷି ବିଭାଗର ସଦସ୍ୟ ଚୟନକୁ ନେଇ ତୁମୁଳ ବିବାଦ

୨୪ ସଦସ୍ୟ ମନୋନୀତ; ୭ ପଞ୍ଚାୟତକୁ ମିଳିଲାନି ପ୍ରତିନିଧିତ୍ୱ

ତାଲିକାକୁ ନେଇ ଉଠିଲା ପ୍ରଶ୍ନ

ବାରିପଦା /ସାହାରପଡା (ଅମୃତମିଡିଆ): କେନ୍ଦୁଝର ଜିଲ୍ଲା,ସାହାରପଡା ବ୍ଲକ, କୃଷି ବିଭାଗ ଅଧୀନ କୃଷକ ପରାମର୍ଶଦାତା କମିଟିର ନୂତନ ସଦସ୍ୟ ଚୟନକୁ ନେଇ ଏବେ ବିବାଦ ଦେଖାଦେଇଛି। ନୂତନ କମିଟି ଗଠନ ସହ ଅଶ୍ୱିନୀ କୁମାର ମହାନ୍ତଙ୍କୁ ଅଧକ୍ଷ ଭାବେ ଚୟନ କରାଯାଇଥିବାବେଳେ, ସଦସ୍ୟ ତାଲିକାରେ କେତେକ ଗ୍ରାମ ପଞ୍ଚାୟତକୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଥିବା ଅଭିଯୋଗ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସାହାରପଡା ବ୍ଲକ ଅଧୀନରେ ମୋଟ ୨୦ଟି ଗ୍ରାମ ପଞ୍ଚାୟତ ରହିଥିବାବେଳେ କମିଟି ପାଇଁ ୨୪ ଜଣ ସଦସ୍ୟ ଓ ସଦସ୍ୟାଙ୍କୁ ମନୋନୀତ କରାଯାଇଛି। ମାତ୍ର ଏତେ ସଂଖ୍ୟକ ସଦସ୍ୟ ଚୟନ ହୋଇଥିଲେ ମଧ୍ୟ ସମସ୍ତ ପଞ୍ଚାୟତକୁ ପ୍ରତିନିଧିତ୍ୱ ମିଳିନଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ଅନୁଯାୟୀ, କୁଷ୍ଣଳା, ଡାଳପକା, ଦମାହୁଦା, ମାଛଗଡ଼, ଗୋରାସ, ସିଲିପଦା ଓ ଖୁଣ୍ଟାପଡା ଗ୍ରାମ ପଞ୍ଚାୟତରୁ ଜଣେ ହେଲେ ମଧ୍ୟ ସଦସ୍ୟଙ୍କୁ କମିଟିରେ ସ୍ଥାନ ମିଳିନାହିଁ। ୨୪ ଜଣ ସଦସ୍ୟ, ତଥାପି ୭ ପଞ୍ଚାୟତ କାହିଁକି ବାଦ୍ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ସାହାରପଡା ବ୍ଲକରେ ୨୦ଟି ଗ୍ରାମ ପଞ୍ଚାୟତ ରହିଥିବାବେଳେ ଏବଂ କମିଟି ପାଇଁ ୨୪ ଜଣ ସଦସ୍ୟ ଚୟନ ହୋଇଥିବା ସତ୍ତ୍ୱେ ୭ଟି ପଞ୍ଚାୟତକୁ ସମ୍ପୂର୍ଣ୍ଣ ଭାବେ ପ୍ରତିନିଧିତ୍ୱରୁ ବଞ୍ଚିତ କରାଗଲା କାହିଁକି ? କେଉଁ ନିୟମ ଓ ମାନଦଣ୍ଡ ଆଧାରରେ ଏହି ସଦସ୍ୟ ଚୟନ କରାଗଲା ? ସମସ୍ତ ପଞ୍ଚାୟତକୁ ସମାନ ସୁଯୋଗ ଦିଆଯାଇଥିଲା କି ? ନା କେତେକ ନିର୍ଦ୍ଦିଷ୍ଟ ପଞ୍ଚାୟତକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି ? ଏଭଳି ଅନେକ ପ୍ରଶ୍ନ ଏବେ ସାଧାରଣ ଲୋକଙ୍କ ମନରେ ସୃଷ୍ଟି ହୋଇଛି। କାହା ନିଷ୍ପତ୍ତିରେ ପ୍ରସ୍ତୁତ ହେଲା ଏଭଳି ତାଲିକା ? କୃଷକଙ୍କ ସ୍ୱାର୍ଥ ସହ ଜଡ଼ିତ ଏହି ଗୁରୁତ୍ୱପୂର୍ଣ୍ଣ କମିଟିରେ ବ୍ଲକର ସମସ୍ତ ଅଞ୍ଚଳର ପ୍ରତିନିଧିତ୍ୱ ରହିବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। କିନ୍ତୁ ୭ଟି ପଞ୍ଚାୟତକୁ ସମ୍ପୂର୍ଣ୍ଣ ଭାବେ ବାଦ୍ ଦିଆଯିବା ପରେ ଚୟନ ପ୍ରକ୍ରିୟାର ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠିଛି। ସ୍ଥାନୀୟ ମହଳରେ ପ୍ରଶ୍ନ ଉଠୁଛି—କାହାର ନିଷ୍ପତ୍ତିରେ ଏଭଳି ସଦସ୍ୟ ତାଲିକା ପ୍ରସ୍ତୁତ ହେଲା ? ସମସ୍ତ ପଞ୍ଚାୟତକୁ ସମାନ ନ୍ୟାୟ ଦିଆଯାଇଛି କି ? ଅଧିକାରୀଙ୍କ ଦସ୍ତଖତ ପରେ ମଧ୍ୟ କିପରି ରହିଗଲା ଅସଙ୍ଗତି ? ସଦସ୍ୟ ତାଲିକାରେ କୃଷି, ପ୍ରାଣୀସମ୍ପଦ, ଶିଶୁ ବିକାଶ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀଙ୍କ ଦସ୍ତଖତ ରହିଥିବା ସୂଚନା ମିଳିଛି। ତେବେ ତାଲିକା ପ୍ରସ୍ତୁତି ସମୟରେ ବ୍ଲକର ସମସ୍ତ ୨୦ଟି ପଞ୍ଚାୟତର ପ୍ରତିନିଧିତ୍ୱ ଓ ସନ୍ତୁଳନକୁ କାହିଁକି ଗୁରୁତ୍ୱ ଦିଆଗଲା ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଏହା ଏକ ସାଧାରଣ ତ୍ରୁଟି ନା ସଦସ୍ୟ ଚୟନ ପ୍ରକ୍ରିୟାରେ କୌଣସି ଅନିୟମିତତା ରହିଛି, ତାହାର ସ୍ପଷ୍ଟୀକରଣ ଦାବି କରାଯାଇଛି। ପୁନଃ ସମୀକ୍ଷା ଓ ସଦସ୍ୟ ଚୟନ ଦାବି । ବିବାଦୀୟ ସଦସ୍ୟ ତାଲିକାକୁ ପୁନଃ ସମୀକ୍ଷା କରାଯାଇ ସମସ୍ତ ୨୦ଟି ଗ୍ରାମ ପଞ୍ଚାୟତକୁ ନ୍ୟାୟସଙ୍ଗତ ପ୍ରତିନିଧିତ୍ୱ ଦିଆଯାଉ ବୋଲି ଦାବି ଉଠିଛି। ଆବଶ୍ୟକ ହେଲେ ଚୟନ ପ୍ରକ୍ରିୟାର ପୁନଃ ଯାଞ୍ଚ କରାଯାଇ ସ୍ୱଚ୍ଛ ଓ ନିୟମାନୁସାରେ ନୂତନ ଭାବେ ସଦସ୍ୟ ଚୟନ କରାଯାଉ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ୨୦ଟି ପଞ୍ଚାୟତ ଥିବାବେଳେ ୭ଟି ପଞ୍ଚାୟତକୁ କାହିଁକି ବାଦ୍ ଦିଆଗଲା ? ୨୪ ଜଣ ସଦସ୍ୟ ଚୟନ ସତ୍ତ୍ୱେ ସମସ୍ତ ପଞ୍ଚାୟତକୁ କାହିଁକି ସୁଯୋଗ ମିଳିଲା ନାହିଁ ? କେଉଁ ନିୟମ ଓ ମାନଦଣ୍ଡ ଆଧାରରେ ସଦସ୍ୟ ତାଲିକା ପ୍ରସ୍ତୁତ ହେଲା ? ଏହି ଅସଙ୍ଗତିର ତଦନ୍ତ କେବେ ହେବ ? ସାହାରପଡା ବ୍ଲକ କୃଷି ବିଭାଗର ସଦସ୍ୟ ଚୟନ ପ୍ରକ୍ରିୟା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୭ଟି ପଞ୍ଚାୟତକୁ ପ୍ରତିନିଧିତ୍ୱରୁ ବାଦ୍ ଦିଆଯିବା ଅଭିଯୋଗର ସତ୍ୟତା କ'ଣ ଏବଂ ତାଲିକାର ପୁନଃ ସମୀକ୍ଷା ହେବ କି ନାହିଁ, ଏବେ ସେଥିପ୍ରତି ସମସ୍ତଙ୍କ ନଜର ରହିଛି।

ଦଲଦଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବ୍ରହ୍ମାନନ୍ଦ ମହାପାତ୍ର ସମ୍ବର୍ଦ୍ଧିତ

ବାରିପଦା(ଅମୃତମିଡିଆ): ବେଶିଙ୍ଗା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦଲଦଲି ପରିସରରେ ଗୁରୁଦିବସ ତଥା ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମଦିନ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ତାଙ୍କୁ ବିଦ୍ୟାଳୟ ତରଫରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ନୀଳାଦ୍ରି ଶେଖର ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯିବା ସହ ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପିଲାମାନଙ୍କର ସୁମଧୁର ଗୁରୁବନ୍ଦନା ଗାନରେ ସଭାକାର୍ଯ୍ୟ ମୁଖରିତ ହୋଇପଡ଼ିଥିଲା। ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ନିଜର ସ୍ୱାଗତ ଅଭିଭାଷଣରେ ଗୁରୁଦିବସର ତାତ୍ପର୍ଯ୍ୟ ବର୍ଣ୍ଣନା କରିବା ସହିତ ପୁରାତନ ଯୁଗର ଗୁରୁ-ଶିଷ୍ୟ ସମ୍ପର୍କ ଓ ଆଧୁନିକ ଯୁଗର ଗୁରୁ-ଶିଷ୍ୟ ସମ୍ପର୍କର ଏକ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରି ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଦାସ ଏବଂ ମିଳିତ କଣ୍ଠରେ ବନ୍ଦନା ଏବଂ ଭାଷଣ ପ୍ରଦାନ କରିବା ସହ ନିଜ ଗୁରୁମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସ ଭା କା ର୍ଯ୍ୟ ର ମନମୁଗ୍ଧକର ପରିବେଶ ଏବଂ ପିଲାଙ୍କ ଶୃଙ୍ଖଳା ଦେଖି ମୁଖ୍ୟ ଅତିଥି ଅତ୍ୟନ୍ତ ଖୁସିବ୍ୟକ୍ତ କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ କୁମାର ମିଶ୍ର ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିବା ପରେ ସଭାକାର୍ଯ୍ୟ ସଫଳତାର ସହ ସାଙ୍ଗ ହୋଇଥିଲା।

ଆମ୍ବଡିହା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁ ଦିବସ

ବାରିପଦା /ଉଦଳା(ଅମୃତମିଡିଆ): ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମ ଦିବସ ସେପ୍ଟେମ୍ବର ୫ ତାରିଖଟିକୁ ଦେଶବ୍ୟାପି ଗୁରୁଦିବସ ରୂପେ ପ୍ରତିବର୍ଷ ପାଳନ କରାଯାଉଛି । ଏହି ଅବସରରେ ଉଦଳା ବ୍ଲକ ଅନ୍ତର୍ଗତ ଆମଡ଼ିହା କଲୋନିସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସର ଉତ୍ସବ ମୁଖର ହୋଇ ପଡ଼ିଥିଲା । କାର୍ଯ୍ୟରତ ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ପ୍ରିୟଦର୍ଶିନୀ ସାମଲ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଏହି ବିଶେଷ ଦିନଟି ଆମକୁ ଗୁରୁ ଓ ଶିଷ୍ୟର ପବିତ୍ର ସମ୍ପର୍କ ଏବଂ ସମାଜ ଗଠନରେ ଗୁରୁଙ୍କ ଭୂମିକା ବିଷୟରେ ଗଭିର ଅନୁଚିନ୍ତା କରିବାକୁ ସୁଯୋଗ ଦେଇଥାଏ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ଡ଼କ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଫଟୋ ଚିତ୍ରରେ ପୁଷ୍ପ, ଧୂପ, ଦୀପ ଅର୍ପଣ ପୂର୍ବକ ବେଦମନ୍ତ୍ର ଉଚ୍ଚାରଣ କରି ଛାତ୍ର ଛାତ୍ରୀ ମାନେ ପୂଜାର୍ଚ୍ଚନା କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ତଥା ପ୍ରାଥମିକ ଶିକ୍ଷକ ସଂଘର ପ୍ରାକ୍ତନ ଜିଲ୍ଲା ସଭାପତି ଆରତ କୁମାର ପରିଡ଼ା ଅତିଥି ଭାବରେ ଯୋଗଦେଇଥିବାରୁ ପ୍ରାରମ୍ଭରେ ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ସେ ତାଙ୍କର ବକ୍ତବ୍ୟରେ ଗୁରୁଦିବସ ହେଉଛି କୃତଜ୍ଞତା ଜ୍ଞାପନ କରିବାର ଦିନ । ଜୀବନର ପ୍ରତିଟି ମୋଡ଼ରେ ଆମକୁ ସତପଥ ଦେଖାଇଥିବା ପ୍ରତ୍ୟେକ ଗୁରୁଙ୍କ ଚରଣରେ ପ୍ରଣାମ ଜଣାଇବାର ଏହା ଏକ ପବିତ୍ର ଅବସର ବୋଲି କହିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ, ଅଭିଭାବକ ଓ ପରିଚାଳନା କମିଟିର ସମସ୍ତ ସଦସ୍ୟ ଯୋଗଦେଇଥିଲେ । ଶେଷରେ ସମସ୍ତେ ମିଳିମିଶି ଏକସ୍ୱରରେ ଗୁରୁବନ୍ଦନା ବୋଲିବାପୂର୍ବକ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ ।

ବିଶ୍ୱବିଦ୍ୟାଳୟରେ ଆମନ୍ତ୍ରିତ ସେମିନାର ବକ୍ତୃତା କାର୍ଯ୍ୟକ୍ରମ

ବାରିପଦା(ଅମୃତମିଡିଆ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଏହାର ଅନ୍ତର୍ଜାତୀୟ ବ୍ୟାପାର କାର୍ଯ୍ୟାଳୟ ପକ୍ଷରୁ 'ଧାରଣକ୍ଷମ ବିକାଶ ନିମନ୍ତେ ଚକ୍ରାକାର ଅର୍ଥନୀତିର ଭୂମିକା' ଶୀର୍ଷକ ଏକ ଆମନ୍ତ୍ରିତ ସେମିନାର ବକ୍ତୃତା ଆୟୋଜିତ ହୋଇଯାଇଛି । କାନାଡାର ଡେଲହାଉସି ବିଶ୍ୱବିଦ୍ୟାଳୟର କୃଷି ଅନୁଷ୍ଠାନର ଇଞ୍ଜିନିୟରିଂ ବିଭାଗର ସହକାରୀ ପ୍ରଫେସର ଡ. ସୋନିଲ ନନ୍ଦ ଏହି ଅବସରରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଚକ୍ରାକାର ଅର୍ଥନୀତିର ଧାରଣା, ସମ୍ପଦର ପୁନଃ ବ୍ୟବହାର, ଅପଚୟ ହ୍ରାସ, ନବସୃଜନ, ଦକ୍ଷତା ବିକାଶ ଏବଂ ସ୍ଥାନୀୟ ସ୍ତରରେ ନୂତନ ସାମାଜିକ-ଆର୍ଥିକ ସୁଯୋଗ ସୃଷ୍ଟି ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଧାରଣକ୍ଷମ ବିକାଶ ପାଇଁ କେବଳ ସମ୍ପଦ ସଂରକ୍ଷଣ ଯଥେଷ୍ଟ ନୁହେଁ; ଶିକ୍ଷାନୁଷ୍ଠାନ, ଶିଳ୍ପ ଓ ସମାଜ ମଧ୍ୟରେ ସମନ୍ୱିତ ଉଦ୍ୟମ ସହିତ ନବସୃଜନ ଓ ଦକ୍ଷତା ବିକାଶକୁ ଆଗକୁ ନେବା ଆବଶ୍ୟକ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏପରି ଅନ୍ତର୍ଜାତୀୟ ଜ୍ଞାନ ବିନିମୟ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ଓ ଗବେଷକମାନଙ୍କୁ ସମକାଳୀନ ବିଶ୍ୱସ୍ତରୀୟ ଆହ୍ୱାନ ଓ ସମ୍ଭାବନା ସହିତ ଯୋଡ଼ିବାରେ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଅନ୍ତର୍ଜାତୀୟ ବ୍ୟାପାର କାର୍ଯ୍ୟାଳୟର ନୋଡାଲ ଅଧିକାରୀ ଡ. ପ୍ରିୟ ରଞ୍ଜନ ଦେବତା ପରିଚାଳନା କରିଥିବା ବେଳେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଦେଇଥିଲେ।

ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟରେ ନିଶାମୁକ୍ତ ଅଭିଯାନ କର୍ମଶାଳା ଓ ଶପଥ ପାଠ

ବାରିପଦା /କରଞ୍ଜିଆ(ଅମୃତମିଡିଆ): ମୟୂରଭଞ୍ଜ ଜିଲ୍ଲା, କରଞ୍ଜିଆ ବ୍ଲକ ଅନ୍ତର୍ଗତ କାଦଡିହାସ୍ଥିତ ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟର ସଭାଗୃହରେ ନିଶାମୁକ୍ତ ଅଭିଯାନ ସମ୍ପର୍କିତ କର୍ମଶାଳା ଓ ଶପଥ ପାଠ ସମାରୋହ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡକ୍ଟର ଭାଗବତ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିଶାଦ୍ରବ୍ୟ ସେବନର କୁପରିଣାମ ଏବଂ ଏହାର ନିରାକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ବକ୍ତାମାନେ କହିଥିଲେ ଯେ, ନିଶାମୁକ୍ତ ଜୀବନ ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନର ମୁଖ୍ୟ ଆଧାର। ଅନ୍ୟପକ୍ଷରେ ନିଶାସକ୍ତି ମଣିଷର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ସହ ଆର୍ଥିକ ଓ ସାମାଜିକ ଜୀବନକୁ ମଧ୍ୟ ପ୍ରଭାବିତ କରିଥାଏ। ତେଣୁ ଯୁବପିଢ଼ି ନିଶାଠାରୁ ଦୂରେଇ ଶିକ୍ଷା ଓ ସୃଜନଶୀଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ନେଶାଦ୍ରବ୍ୟ ସେବନ ନ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ନିଶାମୁକ୍ତ ଜୀବନ ପାଇଁ ପ୍ରେରିତ କରିବାକୁ ଶପଥ ଗ୍ରହଣ କରିଥିଲେ। ଏଥିରେ ଇତିହାସ ବିଭାଗର ଅଧ୍ୟାପିକା ଯଶୋଦା ରାଉତ, ସଂସ୍କୃତ ବିଭାଗର ଅଧ୍ୟାପକ ରମାକାନ୍ତ ପାଢ଼ୀ, ଶିକ୍ଷା ବିଭାଗର ଅଧ୍ୟାପିକା ଶୁଭଶ୍ରୀ ଶୁଭଦ୍ଧିତା ମହାନ୍ତ, ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ପଦ୍ମଲୋଚନ ମହାନ୍ତ ଓ ଅଧ୍ୟାପିକା ବେନୀସିମତା ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପିକା ମୋନାଲିସା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶୁଭମ ସତ୍ୟପ୍ରକାଶ ମହାନ୍ତ, ବିଦ୍ୟାଧର ମହାନ୍ତ ଓ ଅକ୍ଷୟ କୁମାର ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବାରିପଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଇଟରନିଟୀ ସଂଗଠନ ତରଫରୁ ଗୁରୁ ଦିବସ ଉପରେ ଆଲୋଚନାଚକ୍ର

ବାରିପଦା(ଅମୃତମିଡିଆ): ଇଟରନିଟୀ ଆଧ୍ୟାତ୍ମିକ, ସାଂସ୍କୃତିକ ଓ ସାହିତ୍ୟ ସଂଗଠନ ତରଫରୁ ଗୁରୁ ଦିବସ ଉପରେ ଏକ ଆଲୋଚନାଚକ୍ର ଭଂଜକିଆଠାରେ ଅନୁଷ୍ଠିତ ହେଷ୍ଟଇଯାଇଛି । ଏଥିରେ ଅଧ୍ୟକ୍ଷତା କରି ଇଟରନିଟୀ ଇଂରାଜୀ ପତ୍ରିକାର ସଂପାଦକ ହରେକୃଷ୍ଣ ମହାନ୍ତ କହିଲେ ଯେ, ଋଷିମୁନିଙ୍କର ଦେଶ ଭାରତବର୍ଷରେ ଗୁରୁ ଶିଷ୍ୟଙ୍କର ପବିତ୍ର ଆଧ୍ୟାତ୍ମିକ ପରଂପରା ପୁରାଣ ମହାଭାରତ ଯୁଗରୁ ପ୍ରଚଳିତ ହୋଇ ଆସୁଅଛି । ସାରା ବିଶ୍ୱରେ ଆଉ କୌଣସି ଦେଶରେ ଗୁରୁଙ୍କୁ ଈଶ୍ୱର ରୂପେ ପୂଜା ପାଇବାର ଦେଖାଯାଏ ନାହିଁ । ମୁଖ୍ୟ ଅତିଥି ଭାବରେ ଗାୟକ କୋକିଳ କନ୍ଦର୍ପ ବାରିକ୍ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ମହାନ୍ତ ଯୋଗଦେଇ ଭାରତର ଆଦର୍ଶ ଶିକ୍ଷାବିତ୍ ଓ ଦାର୍ଶନିକ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିନକୁ କାହିଁକି ଗୁରୁ ଦିବସ ରୂପେ ପାଳନ କରାଯାଏ, ସେ ବିଷୟରେ ଅନେକ ଦୃଷ୍ଟାନ୍ତ ଦେଇ ସୂଚନା ଦେଇଥିଲେ । ଅନ୍ୟ ସମ୍ମାନିତ ଅତିଥିଙ୍କ ମଧ୍ୟରେ ବର୍ଷିୟାନ୍ ସମାଜସେବୀ ବେଣୁଧର ମହାନ୍ତ, କବି ରବୀନ୍ଦ୍ରନାଥ ପାତ୍ର ଓ ସ୍ଥାନୀୟ ମେୟର ମାନସ ନାଏକ ଯେକ୍ଷଗଦେଇ ଗୁରୁ ଶିଷ୍ୟଙ୍କ ପବିତ୍ର ପରଂପରା ଆଜିର ଆଧୁନିକ, ବସ୍ତୁବାଦ ଯୁଗରେ ହଜି ଯାଉଥିବାରୁ କ୍ଷୋଭ ପ୍ରକାଶ କରିଥିଲେ ଏବଂ ଏହା ସୃଷ୍ଟିର ବିନାଶର କାରଣ ହେବ ବୋଲି ସତର୍କ କରାଇ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ମଧ୍ୟ ଯୋଗଦେଇ ଥିଲେ।

ବାରିପଦା (ଅମୃତମିଡିଆ): ବାରିପଦା ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କର ଏକ ଅଭିନବ ପ୍ରୟାସ ଦ୍ୱାରା ପ୍ରଥମ କରି ବାରିପଦା ବ୍ଲକର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ବିଦ୍ୟାଳୟମାନଙ୍କରେ ପିଲାମାନଙ୍କର ସୁରକ୍ଷା ଓ ନିରାପତ୍ତାକୁ ଆଖି ଆଗରେ ରଖି ଏକ ଦିନିଆ ପ୍ରଶିକ୍ଷଣ ଶିବିର ଚାରିଦିନ ଧରି ଚାଲି ଶେଷରେ ୦୩.୦୯.୨୦୨୬ ରିଖଦିନ ପୋଲିସଲାଇନ୍ ଉଚ୍

ସେଲ୍ ଅର୍ଡରରେ ହେରାଫେରି ଅଭିଯୋଗ

ଡ୍ୟାମେଜ କାର୍ଟୁନ ଓ ପଲିଥିନ ବିକ୍ରିକୁ ନେଇ ପ୍ରଶ୍ନ

ଆସିକା (ଅମୃତ ମିଡିଆ): ଆସିକା ସମବାୟ ଚିନିଶିଳ୍ପର ମଦ ପ୍ଲାଣ୍ଟରେ ଖାଲି ମଦ ବୋତଲ ପ୍ୟାକେଜିଂରେ ବ୍ୟବହୃତ ଡ୍ୟାମେଜ କାର୍ଟୁନ ଓ ପଲିଥିନ ବିକ୍ରିକୁ ନେଇ ଅନିୟମିତତାର ଅଭିଯୋଗ ଉଠିଛି। ଏନେଇ ଜାରି ହୋଇଥିବା 'ସେଲ ଅର୍ଡର ଫର ଡ୍ୟାମେଜ କାର୍ଟୁନ ଓ୍ୱିଥ୍ ପଲିଥିନ'ରେ ଦର୍ଶାଯାଇଥିବା ପରିମାଣ, ପ୍ରକୃତ ଷ୍ଟକ୍, ଓଜନ, ମୂଲ୍ୟ ନିର୍ଦ୍ଧାରଣ ଓ ବିକ୍ରି ପ୍ରକ୍ରିୟାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି।

ଅଭିଯୋଗ ଅନୁଯାୟୀ, ମଦ ପ୍ଲାଣ୍ଟରେ ନଷ୍ଟ ହୋଇଥିବା କାର୍ଟୁନ ଓ ସେଥିରେ ବ୍ୟବହୃତ ପଲିଥିନକୁ ଡ୍ୟାମେଜ ମାଲ ଭାବେ ଦର୍ଶାଇ ସେଲ ଅର୍ଡର ଜାରି କରାଯାଇଛି। ଏହି ମାଲ ଉଠାଇବା ଓ ବିକ୍ରି ପାଇଁ 'ଆୟୁଷ ପଲ୍‌ପ ଆଣ୍ଡ ପେପର ଇଣ୍ଡଷ୍ଟ୍ରିଜ୍'କୁ ଲିଜ୍ ଦାୟିତ୍ୱ ଦିଆଯାଇଥିବା କୁହାଯାଉଛି। ସେଲ ଅର୍ଡରରେ ଉଭୟ କାର୍ଟୁନ ଓ ପଲିଥିନର ନିର୍ଦ୍ଧାରିତ ଦର ପ୍ରତି କିଲୋଗ୍ରାମ ୪୦ ଟଙ୍କା ଥିବା ଦାବି କରାଯାଉଛି।

ନିୟମ ଅନୁଯାୟୀ, ମାଲ ଉଠାଇବା ପୂର୍ବରୁ ଶତପ୍ରତିଶତ ସେଲ୍ ଭାଲ୍ୟୁ ସହ ଜିଏସ୍?ଟି ଜମା କରିବା ଏବଂ ମାଲ ଉଠାଣ, ଶ୍ରମିକ ଓ ପରିବହନ ଆଦି ଖର୍ଚ୍ଚ କ୍ରେତାଙ୍କ ପକ୍ଷରୁ ବହନ କରିବାର ବ୍ୟବସ୍ଥା ଥିବା କୁହାଯାଉଛି। ତେବେ ଅଭିଯୋଗ ହେଉଛି ଯେ, ଲିଜ୍ ନେଇଥିବା ସଂସ୍ଥା ଏହି ମାଲକୁ ଦୁଇ ଭାଗରେ ବିଭକ୍ତ କରି ଡ୍ୟାମେଜ କାର୍ଟୁନ ପ୍ରତି କିଲୋଗ୍ରାମ ୧୬ ଟଙ୍କା ୪୦ ପଇସା ଏବଂ ପଲିଥିନ ପ୍ରତି କିଲୋଗ୍ରାମ ୬୦ ଟଙ୍କା ହାରରେ ପୃଥକ ଭାବେ ବିକ୍ରି କରୁଛି। ଏହି ଅଭିଯୋଗ ସତ୍ୟ ହେଲେ ଚିନିଶିଳ୍ପର ରାଜସ୍ୱ ଉପରେ ଏହାର ପ୍ରଭାବ ପଡ଼ିବା ସମ୍ଭାବନା ରହିଛି।

ସୂଚନା ଅନୁଯାୟୀ, ଆସିକା ସମବାୟ ଚିନିଶିଳ୍ପର ମଦ ପ୍ଲାଣ୍ଟକୁ ପ୍ରତିଦିନ ପ୍ରାୟ ୪ ଲକ୍ଷ ଖାଲି ମଦ ବୋତଲ କାର୍ଟୁନ ଓ ପଲିଥିନ ସଂଲଗ୍ନ ପ୍ୟାକେଜିଂରେ ଆସୁଥିବା ବେଳେ ପ୍ଲାଣ୍ଟରେ ପ୍ରତିଦିନ ପ୍ରାୟ ୩ ଲକ୍ଷ ବୋତଲ ପ୍ୟାକେଜିଂ କରାଯାଉଥିବା କୁହାଯାଉଛି। ଏହି ବିପୁଳ ପରିମାଣର ପ୍ୟାକେଜିଂ ସାମଗ୍ରୀ ମଧ୍ୟରୁ ଡ୍ୟାମେଜ ଭାବେ ଦର୍ଶାଯାଉଥିବା ମାଲର ପରିମାଣ ଓ ଏହାର ବିକ୍ରି ପ୍ରକ୍ରିୟାକୁ ନେଇ ଏବେ ତଦନ୍ତର ଦାବି ଜୋର ଧରିଛି।

ଅଭିଯୋଗକାରୀଙ୍କ କହିବାନୁଯାୟୀ, ପ୍ରାୟ ଦୁଇ ସପ୍ତାହ ପୂର୍ବେ ଚିନିଶିଳ୍ପ ପରିସରରୁ ଡ୍ୟାମେଜ କାର୍ଟୁନ ଓ ପଲିଥିନ ନେଇ ଯାଉଥିବା ଏକ ଗାଡ଼ିକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଏହି ସମୟରେ ମାଲର ପରିମାଣ ଓ ଉଠାଣ ପ୍ରକ୍ରିୟାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଚିନିଶିଳ୍ପର ସଭାପତି ଓ ସେକ୍ରେଟାରୀଙ୍କୁ ଅବଗତ କରାଯାଇଥିବା ବେଳେ ଏଭଳି କୌଣସି ଅନିୟମିତତା ହୋଇନଥିବା ନେଇ ପ୍ରତିକ୍ରିୟା ମିଳିଥିବା କୁହାଯାଇଛି।

ତେବେ ଏହା ପରେ ମଧ୍ୟ ପ୍ରତିଦିନ ବିପୁଳ ପରିମାଣର ଡ୍ୟାମେଜ କାର୍ଟୁନ ଓ ପଲିଥିନ ବାହାରକୁ ଯାଉଥିବା ଅଭିଯୋଗ ହେଉଛି। ଫଳରେ ସେଲ ଅର୍ଡରରେ ଦର୍ଶାଯାଇଥିବା ମାଲର ପରିମାଣ ସହ ପ୍ରକୃତ ଷ୍ଟକ୍‌ର ସମନ୍ୱୟ ରହିଛି କି ନାହିଁ, ପ୍ରକୃତରେ କେତେ ପରିମାଣ ମାଲ ଉତ୍ପନ୍ନ ଓ ବିକ୍ରି ହୋଇଛି, କେଉଁ ଦରରେ ବିକ୍ରି ହୋଇଛି ଏବଂ ସେହି ଅନୁଯାୟୀ ଚିନିଶିଳ୍ପକୁ କେତେ ଅର୍ଥ ମିଳିଛି—ତାହାର ସ୍ୱଚ୍ଛ ହିସାବ ସାର୍ବଜନୀନ କରିବାକୁ ଦାବି ହେଉଛି।

ଏହି ଅଭିଯୋଗର ନିରପେକ୍ଷ ଯାଞ୍ଚ ପାଇଁ ସେଲ ଅର୍ଡର, ଷ୍ଟକ୍ ରେଜିଷ୍ଟର, ଓଜନ ରେକର୍ଡ, ଗେଟ୍ ପାସ୍, ଟ୍ରକ୍ ଚାଲାଣ, ବିକ୍ରି ରସିଦ, ଜିଏସ୍?ଟି ଜମା ରେକର୍ଡ ଓ ସମ୍ପୃକ୍ତ ଦଲିଲପତ୍ର ଯାଞ୍ଚ କରାଯିବା ଆବଶ୍ୟକ ବୋଲି ଦାବି ହୋଇଛି। ଏହା ସହିତ ସେଲ୍ ଅର୍ଡରରେ ଥିବା ପରିମାଣ ଓ ପ୍ରକୃତ ଷ୍ଟକ୍‌ର ଭୌତିକ ଯାଞ୍ଚ କରାଗଲେ ଅଭିଯୋଗର ପ୍ରକୃତତା ସ୍ପଷ୍ଟ ହୋଇପାରିବ।

ପ୍ରକାଶ ଥାଉକି, ଓଡ଼ିଶାର ଚାଲୁଥିବା ପୁରାତନ ସମବାୟ ଚିନିଶିଳ୍ପ ମଧ୍ୟରୁ ଆସିକା ସମବାୟ ଚିନିଶିଳ୍ପରେ ଚିନି ସହ ଦେଶୀ ମଦ ଉତ୍ପାଦନ ଓ ବଟଲିଂ କାର୍ଯ୍ୟ ମଧ୍ୟ ଚାଲିଛି। ଏଠାରେ ସ୍ପିରିଟ୍ ଆଣିବାଠାରୁ ଆରମ୍ଭ କରି ବୋତଲ ପ୍ରସ୍ତୁତି, ଲେବଲ ଓ ଅବକାରୀ ଲେବଲ ଲଗାଇବା, ଠିପି ଦେବା, କାର୍ଟୁନରେ ପ୍ୟାକିଂ କରିବା ଏବଂ ପ୍ରସ୍ତୁତ ମାଲ ପରିବହନ ପର୍ଯ୍ୟନ୍ତ ବିଭିନ୍ନ ପ୍ରକ୍ରିୟା ଚାଲିଥାଏ। ଏତେ ବଡ଼ ପରିମାଣରେ ପ୍ୟାକେଜିଂ ସାମଗ୍ରୀ ବ୍ୟବହାର ହେଉଥିବାରୁ ଡ୍ୟାମେଜ କାର୍ଟୁନ ଓ ପଲିଥିନର ହିସାବରେ ସ୍ୱଚ୍ଛତା ଓ ଜବାବଦେହିତା ରହିବା ଜରୁରୀ। ତେଣୁ ଉଠିଥିବା ଅଭିଯୋଗର ନିରପେକ୍ଷ ତଦନ୍ତ କରି ପ୍ରକୃତ ତଥ୍ୟ ସାମ୍ନାକୁ ଆଣିବା ସହ ସମ୍ପୃକ୍ତ ରେକର୍ଡ ସାର୍ବଜନୀନ କରିବାକୁ ସାଧାରଣରେ ଦାବି ହେଉଛି।

ସେବା କାର୍ଯ୍ୟ ପାଇଁ ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିରର ସ୍କାଉଟ୍-ଗାଇଡ୍ ସମ୍ମାନିତ

ଆସିକା (ଅମୃତ ମିଡିଆ): ବିଭିନ୍ନ ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମ ସମୟରେ ନିସ୍ୱାର୍ଥପର ଭାବେ ସେବା ଯୋଗାଇ ଆସୁଥିବା ଆସିକା ଗାୟତ୍ରୀନଗରସ୍ଥିତ ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିରର ସ୍କାଉଟ୍ ଓ ଗାଇଡ୍‌ମାନଙ୍କୁ ଆସିକା ଥାନା ପକ୍ଷରୁ ସମ୍ମାନିତ କରାଯାଇଛି। ବିଦ୍ୟାଳୟର ରାମକୃଷ୍ଣ ସ୍କାଉଟ୍ ଓ ଶାରଦା ଗାଇଡ୍ କଝାଟୀର ସଦସ୍ୟମାନେ ରଥଯାତ୍ରା, ମହାବାରୁଣୀ ସ୍ନାନ, ମହାଶିବରାତ୍ରି, ମେରୁଯାତ୍ରା, ସାଧାରଣ ନିର୍ବାଚନ ଏବଂ ବୁଦ୍ଧତୋଟା ସଫେଇ ଭଳି ବିଭିନ୍ନ କାର୍ଯ୍ୟକ୍ରମରେ ଆସିକା ଥାନାର ନିର୍ଦ୍ଦେଶକ୍ରମେ ଲୋକଙ୍କ ସେବା ଓ ସହଯୋଗରେ ନିୟୋଜିତ ହୋଇଥିଲେ। ଭିଡ଼ ନିୟନ୍ତ୍ରଣ, ଶୃଙ୍ଖଳା ରକ୍ଷା ଓ ସାଧାରଣ ଲୋକଙ୍କୁ ସହଯୋଗ କରିବାରେ ସେମାନଙ୍କ ଭୂମିକା ପ୍ରଶଂସନୀୟ ରହିଥିଲା। ଏହି ସେବା କାର୍ଯ୍ୟ ପାଇଁ ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ ବିଦ୍ୟାଳୟର ୪୦ରୁ ଊର୍ଦ୍ଧ୍ୱ ସ୍କାଉଟ୍ ଓ ଗାଇଡ୍‌ଙ୍କ ସମେତ ସ୍କାଉଟ୍ ମାଷ୍ଟର କମଳେନ୍ଦୁ ହୋତା, ଗାଇଡ୍ କ୍ୟାପଟେନ୍ କାଦମ୍ବିନୀ ହୋତା ଓ ଲିନା କୁମାରୀ ସ୍ୱାଇଁଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ସମ୍ମାନପତ୍ର ପ୍ରଦାନ ପରେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟା ଅନୁପୂର୍ଣ୍ଣା ଆଚାର୍ଯ୍ୟାଙ୍କ ସମେତ ଗୁରୁଜୀ-ଗୁରୁମା, ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିଲା। ସ୍କାଉଟ୍ ଓ ଗାଇଡ୍‌ମାନଙ୍କ ଏଭଳି ସେବା ମନୋଭାବକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

ଆଇ.ଆର୍.ଇ. ଚୁକ୍ତିଭିତ୍ତିକ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

ଛତ୍ରପୁର (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଛତ୍ରପୁର ଉପକଣ୍ଠ ଭାରତୀୟ ବିରଳ ମୃତ୍ତିକା (ଆଇ.ଆର.ଇ) ଚୁକ୍ତିଭିତ୍ତିକ କର୍ମଚାରୀ ସଂଘ ତରଫରୁ ଉପଦେଷ୍ଟା ତଥା ସରକାରୀ ଓକିଲ ବ୍ରଜ ଆଚାର୍ଯ୍ୟ, ସହ ସମ୍ପାଦକ ମନୋରଞ୍ଜନ ବେହେରା, ସଦସ୍ୟ ଟୁଟୁ ନାୟକ ଓ ସାମାଞ୍ଚଳ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଇ.ଆର.ଇ.ର ସିଏମଡି ତଥା ଅଧ୍ୟକ୍ଷ ଶାରଦା ଭୂଷଣ ମହାନ୍ତିଙ୍କୁ ଭେଟି ଆଇ.ଆର.ଇ.ରେ କାର୍ଯ୍ୟରତ କର୍ମଚାରୀଙ୍କର ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ସେଥିମଧ୍ୟରେ ସମସ୍ତ କର୍ମଚାରୀଙ୍କୁ ସମାନ ବେତନ, ସ୍ଥାନୀୟ ଜନସାଧାରଣଙ୍କୁ ନିଯୁକ୍ତି, ସମସ୍ତଙ୍କୁ ଉତ୍ତମ ଚିକିତ୍ସା ସୁବିଧା ଯୋଗାଇବା, ବିଭିନ୍ନ ପ୍ରକାରର ଆନୁସଙ୍ଗିକ ସୁବିଧା ଯୋଗାଇ ନେଇ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ଥରକୁ ଥର ଏହି ପ୍ଲାଣ୍ଟରେ କାର୍ଯ୍ୟ କରୁଥିବା ଚୁକ୍ତିଭିତ୍ତିକ କର୍ମଚାରୀ ନିଜର ବିଭିନ୍ନ ଦାବି ନେଇ ବିଭିନ୍ନ ସମୟରେ ନେତା ତଥା ମନ୍ତ୍ରୀଙ୍କୁ ଭେଟିଥିଲେ ମଧ୍ୟ ତାହା ଫଳପ୍ରସୂ ହେଉ ନାହିଁ। କେବଳ ପୌରୁଷ୍ୟ ମୂଳକ ସାକ୍ଷାତକାରରେ ରହିଯାଉଥିବାରୁ, ଏଥର ଏ ନେଇ ଶ୍ରୀ ମହାନ୍ତି କିଛି ଠୋସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସମସ୍ତ କର୍ମଚାରୀ ଆଶାବାଦୀ ରହିଛନ୍ତି।

ଅନ୍ୱେଷଣ ଥିଏଟର ପକ୍ଷରୁ ଗୁରୁପୂଜନ

ଯାଜପୁର (ଅମୃତ ମିଡିଆ): ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ପବିତ୍ର ଗୁରୁଦିବସ ଅବସରରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି, ଅନୁଷ୍ଠାନ ର ସଭାପତି ବୃନ୍ଦାବନ ମିଶ୍ର ଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଓ ସଦସ୍ୟା ମାନେ ଅନୁଷ୍ଠାନ ର ମୁଖ୍ୟ ଉପଦେଷ୍ଟା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଙ୍କ ବାସଭବନ ରେ ଏକତ୍ରିତ ହୋଇ ଅନୁଷ୍ଠାନ ର ପୁଜ୍ୟ ଗୁରୁ ଙ୍କୁ ଉପଢ଼ୌକନ, ପୁଷ୍ପମାଲ୍ୟ ପ୍ରଦାନ କରି ସମସ୍ତେ ଆଶୀର୍ବାଦ ଭିକ୍ଷା କରିଥିଲେ, । ଏହି କାର୍ଯ୍ୟକ୍ରମ ରେ ଅନୁଷ୍ଠାନ ର କୋର୍ କମିଟିର ଅଧକ୍ଷ ସେକ୍ ଅବଦୁଲ ସାଜିଦ (ଚାନ୍ଦ) କୋର୍ କମିଟିର ସଦସ୍ୟ ରବିନାରାୟଣ ରାଉତ, ଅଶୋକ କୁମାର ପାଣିଗ୍ରାହୀ, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ସଙ୍ଗଠନ ସମ୍ପାଦକ ଧନଞ୍ଜୟ ପୃଷ୍ଟି,ସହ ସମ୍ପାଦିକା ଶକୁନ୍ତଳା ବେହେରା, ବରିଷ୍ଠ ସଦସ୍ୟ ଅବକାଶ ରଥ, ସମ୍ପାଦକ ଅଭିମନ୍ୟୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଶିବ ସ୍ମୃତି ଭବନରେ ଗୁରୁ ଦିବସ ପାଳିତ

"ଶିକ୍ଷକ ହିଁ ବାସ୍ତବିକ ରାଷ୍ଟ୍ର ନିର୍ମାତା"

ବ୍ରହ୍ମପୁର (ଅମୃତ ମିଡିଆ): ପ୍ରହଲ୍ଲାଦ ନଗର ଦ୍ୱିତୀୟ ଗଳିସ୍ଥିତ ସ୍ଥାନୀୟ ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଶିବ ସ୍ମୃତି ଭବନ ପରିସରରେ ପବିତ୍ର ଗୁରୁ ଦିବସ ଅବସରରେ "ଶିକ୍ଷକ ହିଁ ବାସ୍ତବିକ ରାଷ୍ଟ୍ର ନିର୍ମାତା" ଶୀର୍ଷକ ଏକ ସମ୍ମିଳନୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ସୁନାମଧନ୍ୟ ବକ୍ତା ଭଗିନୀ ଡ. ପ୍ରତିଭା ମହାରଥୀ ଯୋଗଦେଇ କହିଥିଲେ ଯେ, ଶିକ୍ଷକମାନେ ହିଁ ସମାଜକୁ ଏକ ନୂତନ ଦିଗ ଦେଖାଇପାରିବେ। ରାଷ୍ଟ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଶିକ୍ଷକମାନଙ୍କୁ ନୈତିକ ସ୍ତରରେ ନିଜକୁ ଆଦର୍ଶ ଭାବେ ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ।

ସମ୍ମାନନୀୟ ଅତିଥି ଭାବେ ଓଡ଼ିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂର ଅଧକ୍ଷ ଇଞ୍ଜିନିୟର ଭ୍ରାତା ମିଥୁନ କୁମାର ସାହୁ ଯୋଗଦେଇ ସାଧାରଣ ଶିକ୍ଷା ସହିତ ଆଧ୍ୟାତ୍ମିକ ଶିକ୍ଷାର ମଧ୍ୟ ଅତ୍ୟନ୍ତ ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ।

ସେହିପରି କୁକୁଡ଼ାଖଣ୍ଡି ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡ. କମଳ କୁମାର ପ୍ରଧାନ କହିଥିଲେ ଯେ, ରାଷ୍ଟ୍ର ଗଠନରେ ଶିକ୍ଷକମାନେ ନୂତନ ଭାବନା ଓ ଉଦ୍ଦେଶ୍ୟ ନେଇ ବ୍ରତୀ ହେବା ଆବଶ୍ୟକ। ଶିକ୍ଷକମାନଙ୍କର ଭାବନା ଓ ଚିନ୍ତାଧାରା ସକାରାତ୍ମକ ହେବା ଉଚିତ ବୋଲି ସେ ମତ ଦେଇଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭ୍ରାତା ଡ. ଶ୍ରୀନିବାସ ମହାପାତ୍ର ଯୋଗଦେଇ ସାମାଜିକ ଗଣମାଧ୍ୟମର କୁପ୍ରଭାବରୁ ଯୁବଶକ୍ତିକୁ ସୁରକ୍ଷିତ ରଖିବା ଦିଗରେ ଶିକ୍ଷକମାନଙ୍କୁ ଆଗଭର ହେବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମକୁ ବ୍ରହ୍ମାକୁମାରୀ ସଂଯୁକ୍ତା ପରିଚାଳନା କରିଥିବା ବେଳେ ବ୍ରହ୍ମାକୁମାରୀ ବାସନ୍ତୀ ଆଶୀର୍ବଚନ ପ୍ରଦାନ କରିଥିଲେ। ଏହି ଅବସରରେ କୁମାରୀ ଦିଶା ଓ କୁମାରୀ ପ୍ରତିଜ୍ଞା ଆଧ୍ୟାତ୍ମିକ ନୃତ୍ୟ ପରିବେଷଣ କରି ଉପସ୍ଥିତ ଅତିଥି ଓ ଶିକ୍ଷକମାନଙ୍କର ମନ ମୋହିଥିଲେ।

ଏହି ସମ୍ମିଳନୀରେ ବିଭିନ୍ନ ସ୍କୁଲ ଓ କଲେଜରୁ ୩୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଶେଷରେ ବ୍ରହ୍ମପୁର ସରସ୍ୱତୀ ଡିଗ୍ରୀ କଲେଜର ଉପାଧ୍ୟକ୍ଷ ଭ୍ରାତା ଚିତ୍ତରଞ୍ଜନ ପଣ୍ଡା ଉପସ୍ଥିତ ସମସ୍ତ ଅତିଥି, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଆୟୋଜକମାନଙ୍କୁ ସାଧୁବାଦ ଜଣାଇଥିଲେ।

ମୁକୁଳା ପୋଖରୀ ନେଲା ନିଷ୍ପାପ ଜୀବନ

ବେଗୁନିଆପଡା (ଅମୃତ ମିଡିଆ): ମୃତ୍ୟୁ ଏମିତି ବି ଆସେ ! ନିଷ୍ପାପ ଜୀବନ, ବୟସ ମାତ୍ର ପାଞ୍ଚ ବର୍ଷ, ଜୀବନର ପ୍ରଥମ ସୋପାନରେ ଥାଇ କିଛି ବୁଝିବା ଆଗରୁ ଚାଲିଗଲା ନିଗାହ ଜୀବନ। ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି କୋଦଳା ଥାନା ଅନ୍ତର୍ଗତ କାଳିମେଘି ପଞ୍ଚାୟତରେ । ଆଜି ସକାଳ ୯ ଘଣ୍ଟା ସମୟରେ କାଳିମେଘି ଗ୍ରାମର ନୁଆଁସାହି ବାସିନ୍ଦା ଲକ୍ଷ୍ମଣ ଜେନାଙ୍କ ସାନପୁଅ ଶ୍ରାୟାଂଶୁ (୦୫) ଟିୟୁସନରୁ ଆସି ନିଜ ମା' କୁ ନପାଇ ପୋଖରୀକୁ ଖୋଜିବାକୁ ଆସି ଦୁର୍ଭାଗ୍ୟବଶତଃ ଗୋଡ ଖସି ଜୀବନ ହରାଇବା

ଘଟଣା ସମସ୍ତଙ୍କୁ ହତବାକ କରିଛି । ତୁରନ୍ତ ତାକୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯିବାପରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଲା କାଳିମେଘି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିକଟରେ ଥିବା ଏହି ପୋଖରୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଆସୁଥିବା ରାସ୍ତା କଡରେ ଅଛି । ବହୁ ବାର ଜନସାଧାରଣ ଏବିଷୟରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିକୁ ଆଣିଥିଲେ ମଧ୍ୟ କନିଷ୍ଠ ଯନ୍ତ୍ରୀଙ୍କ ଖାମଖିଆଲି ମନୋବୃତି ଯୋଗୁଁ ଏଯାବତ ପୋଖରୀ କଡରେ ଗାଡ଼ଖାଲ କିମ୍ବା କୌଣସି ସୁରକ୍ଷା ପଦକ୍ଷେପ ନିଆଯାଇନାହିଁ। ହେଲେ ଏଥିରେ ପ୍ରଶ୍ନ ଉଠୁଛି ଏଥିପାଇଁ ଦାୟୀ କିଏ ନିଷ୍ପାପ ଶିଶୁର ଜୀବନ ହାନି ନେଇ ପରିବାର ସମେତ ଗ୍ରାମବାସୀ ଦୁଃଖରେ ଭାଙ୍ଗିପଡିଛନ୍ତି ।

ପାଚିଲା ଫଳର ଉପକାରୀତା

ଜ୍ଞାନ ଓ ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର (ଅମୃତ ମିଡିଆ): ସ୍ଥାନୀୟ ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଚିର ନିରୋଗ ପାଇଁ ପାଚିଲା ଫଳର ଉପକାରୀତା ଜ୍ଞାନ ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି କହିଲେ ପାଚିଲା ଫଳ ଏହି ଦିନେ ପ୍ରଚୁର ମିଳେ ସାଧାରଣତଃ ଶରୀର ପାଇଁ ଭଲ।ଏଥିରେ ଭିଟାମିନ୍, ଖଣିଜ,ଫାଇବର୍ ଓ ଆଣ୍ଟିଅକ୍ସିଡାଣ୍ଟ ଥାଏ। ପାଚନ ଶକ୍ତି ବଢ଼ାଏ ଫାଇବର୍ ଥିବାରୁ କୋଷ୍ଠକାଠିନ୍ୟ ଦୂରକରେ, ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ, ପ୍ରାକୃତିକ ଶର୍କରା ଓ କାର୍ବୋହାଇଡ୍ରେଟ୍ ମିଳେ।ହୃଦୟ ପାଇଁ ଉପକାରୀ। ତରଭୁଜ, କମଳା, ପଇଡ଼,କାକୁଡି ଶରୀରରେ ଜଳଅଂଶ ବଢ଼ାଏ, କୋଷଗୁଡ଼ିକୁ ସୁରକ୍ଷା ଯୋଗାଏ, ମର୍ତ୍ତ୍ୟ ଅମୃତ ଅଁଳା, ପିଜୁଳି, ଡାଳିମ୍ବ ଶରୀର ପାଇଁ ଅମୃତ, ମଧୁମେହ କମାଏ। ବନବାସୀ, ରୁଷି ମାନେ ଫଳ ଖାଇ ଶହ ଶହ ବର୍ଷ ନିରାମୟ ଜୀବନ ବିତାଉ ଥିଲେ। ସଫା କରି ଫଳ ଖାଇବାକୁ ପରାମର୍ଶ ଦେଇଥିଲେ। ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମୂଳିତ, ସ୍ତ୍ରୀରୋଗଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରି ଥିଲେ । ଶିବିରର ପରିଚାଳନାରେ ଡି. ଶ୍ରୀନିବାସ ରାଓ ସହଯୋଗ କରିଥିଲେ । ଏହି ଶିବିର ପ୍ରତି ସୋମବାରେ ଅନୁଷ୍ଠିତ ହୁଏ ଏହାର ସୁଯୋଗ ନେବାକୁ ପ୍ରତିଷ୍ଠାନ ଅନୁରୋଧ କରିଛନ୍ତି।

ସମାଜସେବୀ ଶ୍ରୀଧର ନାୟକଙ୍କୁ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

ଯାଜପୁର (ଅମୃତ ମିଡିଆ): ଯାଜପୁରର ବିଶିଷ୍ଟ ସମାଜସେବୀ ତଥା ସାମ୍ବାଦିକ ଶ୍ରୀଧର ନାୟକ (୮୧)ଙ୍କର ପରଲୋକ ଘଟିଚି । ସ୍ୱର୍ଗତ ନାୟକଙ୍କ ଏକାଦଶାହ ଉପଲକ୍ଷେ ଯାଜପୁର ତଥା ଭଦ୍ରକ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ

୧୬୦ ଦିନରେ ନୀରବ ପଦଯାତ୍ରା

ସ୍ଥାୟୀ, ସ୍ୱତନ୍ତ୍ର ଓ ସମ୍ମାନଜନକ ବ୍ୟବସ୍ଥା ଦାବିରେ ସତ୍ୟାଗ୍ରହ ଜାରି

ପୁରୀ (ବ୍ୟୁରୋ): ପବିତ୍ର କାଳୀୟଦଳନ ଏକାଦଶୀରେ ଶ୍ରୀମନ୍ଦିର ନୀଳଚକ୍ର ଉପରେ ମହାଦୀପ ଉଠିବାର ପବିତ୍ର ଦିନରେ ପୁରୀବାସୀଙ୍କ ଶ୍ରୀମନ୍ଦିର ଦର୍ଶନ ଅଧିକାର ପାଇଁ ଚାଲିଥିବା ଅହିଂସାପୂର୍ଣ୍ଣ ସଚେତନତା ପଦଯାତ୍ରା ୧୬୦ ଦିନରେ ପହଞ୍ଚିଛି। ଗତ ୧ ଏପ୍ରିଲରୁ ଭକ୍ତ ସାଲବେଗ ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଖରା, ବର୍ଷା ଓ ପ୍ରତିକୂଳତା ସତ୍ତ୍ୱେ ଅବିରତ ଚାଲିଛି। ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନର ଏକ ସ୍ଥାୟୀ, ସ୍ୱତନ୍ତ୍ର ଓ ସମ୍ମାନଜନକ ବ୍ୟବସ୍ଥା ଦାବିରେ ଏହି ସତ୍ୟାଗ୍ରହ ଜାରି ରହିଛି। ଆଜି ସତ୍ୟାଗ୍ରହୀମାନେ ଭକ୍ତ ସାଲବେଗ ପୀଠରୁ ଶାନ୍ତି ଓ ଶୃଙ୍ଖଳାର ସହ ପଦଯାତ୍ରା କରି ଶ୍ରୀମନ୍ଦିର ଅଭିମୁଖେ ଯାଇ ପତିତପାବନଙ୍କ ଦର୍ଶନ କରି ପୁରୀବାସୀଙ୍କ ଦାବିର ଶୀଘ୍ର ସମାଧାନ ପାଇଁ ପ୍ରାର୍ଥନା କରିଥିଲେ। ପଦଯାତ୍ରାର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, "୧୬୦ ଦିନ ଧରି ଆମେ ଶାନ୍ତିର ସହିତ ଆମର ଦାବି ରଖିଆସୁଛୁ। ଆମେ କାହାର ବିରୋଧୀ ନୁହେଁ। ପୁରୀବାସୀଙ୍କ ଭାବନା ପ୍ରତି ସରକାର ସମ୍ବେଦନଶୀଳ ହୋଇ ସ୍ଥାୟୀ ସମାଧାନର ବାଟ ଖୋଲନ୍ତୁ। ସୋମବାର ପଦଯାତ୍ରାରେ ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ବିଶ୍ୱନାଥ ମିଶ୍ର, ନୃସିଂହନାଥ ନାୟକ, ମନୋରଞ୍ଜନ ରଣସିଂହ, ରମେଶ ଚନ୍ଦ୍ର ମହାନ୍ତି, ଯାଦବାନନ୍ଦ ରାୟ, କାହ୍ନୁଚରଣ ପ୍ରଧାନ, ସନ୍ଧ୍ୟାରାଣୀ ମିଶ୍ର, ଅଞ୍ଜୁବାଳା ମହାନ୍ତି, ବେବି ଚୌଧୁରୀ, ବେବିନା ସାମଲ, ଶ୍ରାବଣୀ ପ୍ରଧାନ, ମମତା ସ୍ୱାଇଁ, ଅଭିମନ୍ୟୁ ରାୟଗୁରୁ, ସନ୍ତୋଷ ସେନାପତି, ଲିଙ୍ଗରାଜ ସାହୁ, କାଶୀନାଥ ସାହୁ, ସୁବାଷ ପଟ୍ଟନାୟକ ଓ ମାନସ ପଟ୍ଟନାୟକଙ୍କ ସମେତ ବହୁ ସତ୍ୟାଗ୍ରହୀ ଯୋଗ ଦେଇ ଥିଲେ। ୧୬୦ ଦିନର ଏହି ଆନ୍ଦୋଳନ କୌଣସି ଦଳ କିମ୍ବା ବ୍ୟକ୍ତି ବିରୋଧରେ ନୁହେଁ; ଏହା ପୁରୀବାସୀଙ୍କ ନ୍ୟାୟସଙ୍ଗତ ଅଧିକାର ପାଇଁ ଏକ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ। ଆଜି ମହାଦୀପର ପବିତ୍ର ଆଲୋକରେ ଏକମାତ୍ର ପ୍ରାର୍ଥନା ମହାପ୍ରଭୁ ପୁରୀବାସୀଙ୍କ ମନର କଥା ଶୁଣନ୍ତୁ ଏବଂ ଦାବିର ଶୀଘ୍ର ଓ ସ୍ଥାୟୀ ସମାଧାନର ବାଟ ଖୋଲନ୍ତୁ।ପାଦ ଥକିପାରେ, କିନ୍ତୁ ସଂକଳ୍ପ ଥକିବ ନାହିଁ। ୧୬୦ ଦିନର ସଂକଳ୍ପ ଅଧିକାର ପାଇଁ ଅହିଂସା, ସମ୍ମାନ ପାଇଁ ସତ୍ୟାଗ୍ରହ।

'ଓ୍ୱି ଟୁଗେଦର' ପକ୍ଷରୁ ପ୍ରଥମଥର ଶ୍ରୀକ୍ଷେତ୍ର କ୍ରିଏଟର ସମ୍ମାନ ମହାସମାରୋହ

ପୁରୀ (ବ୍ୟୁରୋ): ସ୍ଥାନୀୟ ୟୁଥ ହଷ୍ଟେଲ ଠାରେ 'ଓ୍ୱି ଟୁଗେଦର' ଅନୁଷ୍ଠାନ ପକ୍ଷରୁ ପ୍ରଥମଥର ପାଇଁ ଶ୍ରୀକ୍ଷେତ୍ର କ୍ରିଏଟର ସମ୍ମାନ ମହାସମାରୋହ ରେ ଆୟୋଜିତ ହୋଇଯାଇଛି ପନ୍ଦର ଟି ବିଭାଗ ର ପ୍ରାୟ ୧୯ ଜଣ କ୍ରିଏଟର ଙ୍କୁ ଏଥିରେ ସମ୍ମାନିତ କରାଯାଇଛି। ଏହି, ଉଦ୍ଘାଟନୀ ମହୋତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ପୁରୀ ରାଜ୍ୟ ସଭା ସାଂସଦ ଶ୍ରୀଯୁକ୍ତ ଶୁଭାଶିଷ ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟ ର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଶ୍ରୀଯୁକ୍ତ ଚନ୍ଦନ ପଣ୍ଡା, ମାହାରୀ ନୃତ୍ୟଶିଳ୍ପୀ ଗୁରୁ ଶ୍ରୀମତୀ ରୂପଶ୍ରୀ ମହାପାତ୍ର, ଏବଂ ପ୍ରିୟପତ୍ର ର ସମ୍ପାଦକ ଶ୍ରୀଯୁକ୍ତ ବିପିନ ବିହାରୀ ଦଳାଇ। ଏହି ସମାରୋହ କୁ ସମ୍ବୋଧିତ କରି ଶ୍ରୀ ଆଚାର୍ଯ୍ୟ କହିଥିଲେ ଜେନଜୀ ମାନେ ଆଧାତ୍ମିକ ଆଡକୁ ଅଗ୍ରସର ହୋଇ ଶ୍ରୀ ଜଗନ୍ନାଥ ସଂସ୍କୃତି ର ପ୍ରଚାର ପ୍ରସାର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜନ କରି ଓଡ଼ିଆ ପରମ୍ପରା ଏବଂ ସଂସ୍କୃତି ଆହୁରି ସଂବୃଦ୍ଧ କରିବା ବାସ୍ତବିକ ପ୍ରଶଂସନୀୟ ମାନ୍ୟବର ସାଂସଦ କହିଥିଲେ ଯେ, ଆଗାମୀ ସମୟରେ ଏକ ବିକଶିତ ରାଷ୍ଟ୍ର କୁ ନିର୍ମାଣ କରିବାକୁ ହେଲେ କେଉଁଭଳି ଭାବରେ ଆମକୁ ଆଜିଠୁ ପରିଶ୍ରମ କରିବାକୁ ହେବ କେବଳ ଗୋଟିଏ ଦିଗରେ ନୁହେଁ ବିଭିନ୍ନ ଦିଗରେ କାମ କରିବାର ଇଚ୍ଛା କୁ ଦୃଢ଼ୀଭୂତ କରିବାକୁ ହେବ। 'ଉଇ ଟୁଗେଦର'ର ମୁଖ୍ୟ ପ୍ରତିଷ୍ଠାତା ଯୁବ ଉଦ୍ୟୋଗୀ ତଥା ମହାପ୍ରଭୁ ଙ୍କ ସେବାୟତ ଶ୍ରୀ ଆଦିତ୍ୟ ଅରଢିତ ମହାପାତ୍ର ଅନୁଷ୍ଠାନ ର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିବା ବେଳେ କାର୍ଯ୍ୟକ୍ରମ ର ସଂଯୋଜନା କରିଥିଲେ ସୁଶ୍ରୀ ସର୍ବାଣୀ ଦାସ ଏବଂ ଶ୍ରୀମତୀ ପ୍ରବାସିନୀ ମିଶ୍ର। କବୀ ତୃପ୍ତି ପଣ୍ଡା, ପ୍ରତିଭା ଦାସ, ସୁଦୀପ୍ତା ମିଶ୍ର, କାର୍ତ୍ତି, ପ୍ରିୟଙ୍କା ଏବଂ ଆଦିତ୍ୟ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲା ବେଳେ ଅନୁଷ୍ଠାନ ର ମୁଖ୍ୟ ସଂଯୋଜକ ଓମକାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ମହାତ୍ମା ଗାନ୍ଧୀ ସ୍ମୃତି ଶିକ୍ଷା ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁଦିବସ

ପୁରୀ (ବ୍ୟୁରୋ): ମହାତ୍ମା ଗାନ୍ଧୀ ସ୍ମୃତି ଶିକ୍ଷା ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷର ଗୁରୁଦିବସ ମହାସମାରୋହରେ ପାଳିତ ହୋଇଛି। ଏହି ପବିତ୍ର ଦିବସରେ ଅଧକ୍ଷା ଶ୍ରୀମତୀ ମଧୁସ୍ମିତା ଜେନା ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟକୁ ଉଦ୍ଘାଟନ କରିଥିବାବେଳେ ପୂର୍ବତନ ଦୁଇ ଅଧକ୍ଷ ଶ୍ରୀଯୁକ୍ତ ଶଙ୍କର ପ୍ରସାଦ ତ୍ରିପାଠୀ ଓ ଡକ୍ଟର ଶିବ ପ୍ରସାଦ ରାଉତ ଙ୍କୁ ଅବସରପ୍ରାପ୍ତ ମହାନ୍ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା,ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଗୁରୁ ବନ୍ଦନା,ବିଭିନ୍ନ ପ୍ରକାର ଭକ୍ତିଗିତ ଏବଂ ନୃତ୍ୟ ପରିବେଷଣ କରି ଆଜିର ଏହି ଗୁରୁ ଦିବସକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଛାତ୍ର ଶଙ୍କର୍ଷଣ ପାତ୍ର ଓ ଆଶିଷ ବେହେରା ସମସ୍ତ କାର୍ଯ୍ୟକୁ ସୂଚାରୁ ରୂପେ ପରିଚାଳନା କରିଥିବା ବେଳେ ଉପସ୍ଥିତ ଛାତ୍ର ଛାତ୍ରୀ , ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ମାନେ ଗୁରୁ ଦିବସଟିର ମହତ୍ୱକୁ ପ୍ରତିପାଦିତ କରିଥିଲେ।ଉତ୍ସବଟି ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥିଲା।

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ କାଳୀୟଦଳନ ବେଶ

ଶ୍ରୀମନ୍ଦିରରେ ବକାସୁର ଓ ଅର୍ଘାସୁର ବଧ ନୀତି

ପୁରୀ (ବ୍ୟୁରୋ): ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଛି ବକାସୁର ବଧ ଓ ଅର୍ଘାସୁର ବଧ ନୀତି। ସାତ ସାହିର ଯୁବକଙ୍କ ଅଭିନୟରେ ଯେମିତି ଜୀବନ୍ତ ହୋଇଛି କୃଷ୍ଣ ଲୀଳାର ଚରିତ୍ର। ଲାଗୁଥିଲା ଯେମିତି ଦ୍ୱାପର ଯୁଗ ପୁଣି ଫେରିଆସିଛି । ବାଲିସାହିରୁ ବକାସୁର ବେଶରେ, କାଳିକାଦେବୀ ସାହିରୁ ଅର୍ଘାସୁର ବେଶରେ ସାହି ଯୁବକମାନେ କରିଥିଲେ ଦ୍ୱାପର ଲୀଳାର ଦୁଇ ପ୍ରମୁଖ ଚରିତ୍ର। ସାହିଯାତ୍ରାର ପରମ୍ପରା ଭଳି, ସାତ ସାହିର ଯୁବକମାନେ କୃଷ୍ଣ ଜନ୍ମଠାରୁ କଂସ ବଧ ପର୍ଯ୍ୟନ୍ତ ବିଭିନ୍ନ ଚରିତ୍ର କରିଥାନ୍ତି। ସନ୍ଧ୍ୟାଧୂପ ବଢ଼ିବା ପରେ ରାତିର ନିରବତା ଭିତରେ ଜଗମୋହନରେ ଆରମ୍ଭ ହୋଇଥିଲା ବଧ ନୀତି। ସାମ୍ନାରେ ବକାସୁର...ସାମ୍ନାରେ ଅର୍ଘାସୁର...ଆଉ ତାଙ୍କ ସାମ୍ନାରେ ସ୍ୱୟଂ ପ୍ରଭୁ ଶ୍ରୀକୃଷ୍ଣ । ଦୁଇ ଅସୁରଙ୍କୁ ବଧ କରି ଅଧର୍ମ ଉପରେ ଧର୍ମର ବିଜୟର ବାର୍ତ୍ତା ଦେଇଥିଲେ ଶ୍ରୀକୃଷ୍ଣ । କେବଳ ବଧ ଲୀଳା ନୁହେଁ, ଭାଦ୍ରକୃଷ୍ଣ ଦଶମୀ ତିଥିରେ ମହାପ୍ରଭୁଙ୍କ ଅନୁଷ୍ଠିତ ହୋଇଛି ବଣଭୋଜି ବେଶ। ଶ୍ରୀଜିଉଙ୍କ ଏହି ମନୋମୁଗ୍ଧକର ବେଶ ଦେଖି ଭକ୍ତଙ୍କ ମନ ହୋଇଯାଇଥିଲା ଭକ୍ତିମୟ। ଶ୍ରୀଭୁଜରେ ରୂପା ପିଙ୍ଗଶରେ ସର, ଅନ୍ୟ ହସ୍ତରେ ନଉଡି । ଆଉ ପ୍ରାୟ ୧୮ ପ୍ରକାର ସ୍ୱର୍ଣ୍ଣ ଅଳଙ୍କାରରେ ବିମଣ୍ଡିତ ହୋଇଥିଲେ ଶ୍ରୀଜିଉ।

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ବାର୍ଷିକୋତ୍ସବ

ପୁରୀ (ବ୍ୟୁରୋ): 'ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ'ର ତ୍ରୟୋବିଂଶତିତମ ବାର୍ଷିକ ଉତ୍ସବ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟକ ଭାବେ 'ସମ୍ବାଦ' ର ପ୍ରତିଷ୍ଠାତା ସୌମ୍ୟରଂଜନ ପଟ୍ଟନାୟକ ଯୋଗଦେଇ ଶ୍ରୀଜଗନ୍ନାଥ ହିଁ ଆମ ଓଡ଼ିଆ ଅସ୍ମିତାର ପ୍ରଥମ ଓ ସର୍ବଶ୍ରେଷ୍ଠ ପ୍ରମାଣ । ଓଡ଼ିଶା ବାହାରେ 'ଓଡ଼ିଶା' ଅପେକ୍ଷା 'ଶ୍ରୀଜଗନ୍ନାଥ ଧାମ' ଭାବେ ବେଶୀ ପରିଚିତ ବୋଲି କହିଥିଲେ । ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମହାପ୍ରଭୁ ସମସ୍ତଙ୍କର ଦେବତା। ପ୍ରଫେସର ଗୋପାଳକୃଷ୍ଣ ଦାଶ କାର୍ଯ୍ୟକ୍ରମରେ ଅଧକ୍ଷତା କରି ସଂସାରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ହିଁ ଏକମାତ୍ର ବ୍ରହ୍ମ ପଦବାଚ୍ୟ ବୋଲି କହିଥିଲେ। ଡ.ଶ୍ରୀନିବାସ ଆଚାର୍ଯ୍ୟ ସମ୍ପାଦକୀୟ ବିବରଣୀ ପାଠ କରିଥ ?ଲେ। ଏହି ଅବସରରେ ପରିଷଦର ମୁଖପତ୍ର 'ତତ୍ତ୍ୱଦର୍ଶୀ' ଏବଂ ଇଂ କେଶବ ଚନ୍ଦ୍ର ପାତ୍ରଙ୍କ 'ଜଗବନ୍ଧୁ ହେ ଗୋସାଇଁ' ପୁସ୍ତକ ଅତିଥିମାନେ ଉନ୍ମୋଚନ କରିଥିଲେ। ଉତ୍ସବରେ ପଣ୍ଡିତ ଗଣେଶ୍ୱର ଦାଶଙ୍କ ସ୍ମୃତିରେ ଡ.ପୀତବାସ ରାଉତରାୟଙ୍କୁ 'ତତ୍ତ୍ୱଦର୍ଶୀ ସାହିତ୍ୟିକ ସମ୍ମାନ', ଗବେଷକ ଜଗବନ୍ଧୁ ପାଢ଼ୀଙ୍କ ସ୍ମୃତିରେ ଡ. କାଦମ୍ବିନୀ ଦାଶଙ୍କୁ 'ତତ୍ତ୍ୱଦର୍ଶୀ ପ୍ରାବନ୍ଧିକ ସମ୍ମାନ' ଏବଂ ଜ୍ୟୋତିଷ ଶାସ୍ତ୍ରୀୟ ଗବେଷଣାରେ ଅବଦାନ ପାଇଁ ଅନାମ ଚନ୍ଦ୍ର ସାହୁଙ୍କୁ 'ତତ୍ତ୍ୱଦର୍ଶୀ ଗବେଷକ ସମ୍ମାନ' ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ.ଭାସ୍କର ମିଶ୍ର ସଞ୍ଚାଳନ କରିଥିଲେ। କାର୍ଯ୍ୟକାରୀ ସଦସ୍ୟ ଶ୍ୟାମ ପ୍ରକାଶ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।କାର୍ଯ୍ୟକ୍ରମର ପ୍ରଥମ ସତ୍ରରେ 'ଭକ୍ତିଧାରାରେ ଶ୍ରୀଜଗନ୍ନାଥ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଧାପକ ଡ.ଉମେଶ ଚନ୍ଦ୍ର ଚିହ୍ନରାଙ୍କ ଅଧକ୍ଷତାରେ ଏବଂ ଡ.କଲ୍ୟାଣୀ ଶତପଥୀଙ୍କ ସଂଯୋଜନାରେ ଡ.ନୃସିଂହ ଚରଣ ସାହୁ, ପ୍ରଧାପିକା ବାସନ୍ତୀ ଦେବୀ, ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ଡ.ନରେଶ ଚନ୍ଦ୍ର ଦାଶ, ସତ୍ୟନାରାୟଣ ମିଶ୍ର, ଡ.ଭାସ୍କର ମିଶ୍ର, ଡ.ପ୍ରମୋଦ କୁମାର ଦଳାଇ, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ଲକ୍ଷ୍ମୀପ୍ରିୟା ମହାନ୍ତି, ଡ.ଜୟକୃଷ୍ଣ ଦାଶ ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। ଆଲୋଚନାରେ ଅଂଶଗ୍ରହଣ କରିଥିବା ପ୍ରାବନ୍ଧିକଙ୍କୁ ପ୍ରଶଂସାପତ୍ର ସହ ସମ୍ମାନିତ କରାଯାଇଥିଲା। ବିଶ୍ୱମ୍ଭର ସାହୁ, ବାସନ୍ତୀ ଦେବୀ ଓ କ୍ରିଷ୍ଣା ମହାପାତ୍ର ମାନପତ୍ର ପାଠ କରିଥିଲେ। ଡ.ଶଙ୍କର୍ଷଣ ପ୍ରଧାନଙ୍କ ସହ ଅନ୍ୟ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଜାତୀୟ ଅନୁସୂଚୀତ ଜନଜାତି ଆୟୋଗଙ୍କ ପୁରୀ ଜିଲ୍ଲା ଗସ୍ତ

ପୁରୀ (ବ୍ୟୁରୋ): ଜାତୀୟ ଅନୁସୂଚୀତ ଜନଜାତି ଆୟୋଗ ର ଅଧକ୍ଷ ଅନ୍ତର ସିଂ ଆର୍ଯ୍ୟ ଦୁଇଦିନିଆ ପୁରୀ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଗତକାଲି ଅଧକ୍ଷ ଶ୍ରୀ ଆର୍ଯ୍ୟ ସର୍କିଟ ହାଉସ ଠାରେ ପହଞ୍ଚିବା ପରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ତାଙ୍କୁ ଓ ଅନ୍ୟ ସଦସ୍ୟ ମାନଙ୍କୁ ସ୍ୱାଗତ କରିଥିଲେ।ପରେ ସର୍କିଟ ହାଉସ ସଙ୍ଗିଳନୀ କକ୍ଷରେ ଆୟୋଜିତ ବୈଠକରେ ଜିଲ୍ଲାପାଳ ଶ୍ରୀ ପରିଡା ପୁରୀ ଜିଲ୍ଲାରେ ଅନୁସୂଚୀତ ଜନଜାତି ବିକାଶ, କଲ୍ୟାଣ ତଥା ଉନ୍ନୟନ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କମିଶନ ଙ୍କୁ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲାରେ ୮ଗୋଟି ଅନୁସୂଚୀତ ଜାତି ଓ ଜନଜାତି ବିଦ୍ୟାଳୟ ଓ ୧୦ ଗୋଟି ଅନୁସୂଚୀତ ଜାତି ଓ ଜନଜାତି ହଷ୍ଟେଲ ରହିଛି।ସେଥିରୁ ୬ ଟି ଏସସି ଓ ଏସଟି ବିଭାଗ ଓ ୪ ଗୋଟି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପରିଚାଳିତ ବିଦ୍ୟାଳୟ ରେ ହଷ୍ଟେଲ ଚାଲୁଅଛି । ସେମାନଙ୍କୁ ନିୟମିତ ଶିକ୍ଷା ଦାନ ସହ ସରକାରଙ୍କ ସ୍ଥିରୀକୃତ ଛାତ୍ର ବୃତ୍ତି ମଧ୍ୟ ପ୍ରଦାନ କରାଯାଉଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ।ଅଧକ୍ଷ ଶ୍ରୀ ଆର୍ଯ୍ୟ ସମସ୍ତ କାର୍ଯ୍ୟ ର ସମୀକ୍ଷା କରିବା ସହ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସନ୍ତୋଷ ପ୍ରକାଶ କରିଥିଲେ।ପୂର୍ବରୁ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମ ଅଧିନରେ ଅଧକ୍ଷ ଶ୍ରୀ ଆର୍ଯ୍ୟ ଚାରାରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏଫଓ ମଗର ଧନୀଜ ରାସୋସୋ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପଜିଲ୍ଲାପାଳ ରାଜ କିଶୋର ଜେନା,ଜିଲ୍ଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡା,ଅଧକ୍ଷଙ୍କ ସହ ଆସିଥିବା ଅନ୍ୟାନ୍ୟ ଅଧିକାରୀ, ଅନସୂଚୀତ ଜନଜାତି କମିଟିର ସଦସ୍ୟ ବୃନ୍ଦ, ବିଭିନ୍ନ ସାମାଜିକ ସଂଗଠନ ର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ। ଆଜି ପୂର୍ବାହ୍ନରେ ଅଧକ୍ଷ ମହାପ୍ରଭୁଙ୍କ ଦର୍ଶନ ସହ ସାତପଡ଼। ଅଞ୍ଚଳ ପରିଦର୍ଶନ କରିଥିଲେ।

ଶ୍ରୀମଦ୍ ଭାଗବତ କଥା ମହୋତ୍ସବ ସମାପନ

ପୁରୀ (ବ୍ୟୁରୋ): ଶ୍ରୀଜଗନ୍ନାଥ ଧାମ, ପୁରୀସ୍ଥିତ ହୋଟେଲ୍ ସେଭେନ୍ ହିଲ୍ସଠାରେ ପରମ ଶକ୍ତି ପୀଠ ପକ୍ଷରୁ ଆୟୋଜିତ 'ଶ୍ରୀମଦ୍ ଭାଗବତ କଥା ମହୋତ୍ସବ'ର ସପ୍ତମ ଦିବସରେ କଥାବାଚକ ପଦ୍ମଭୂଷଣ ବିଭୂଷିତ, ବାତ୍ସଲ୍ୟମୂର୍ତ୍ତି ପୂଜ୍ୟ ଦିଦି ମା' ସାଧ୍ୱୀ ଋତମ୍ଭରା ଜୀଙ୍କ ପବିତ୍ର ସାନ୍ନିଧ୍ୟରେ ମହୋତ୍ସବର ସମାପନ ହୋଇଥିଲା। ଏହି କଥା ମହୋତ୍ସବର ଶୁଭାରମ୍ଭ ମୁଖ୍ୟ ଯଜମାନ ଶ୍ରୀ ଚେତନ କୁମାର ଟେକ୍‌ରିୱାଲ ଏବଂ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ନିର୍ମଳା ଟେକ୍‌ରିୱାଲଙ୍କ ଦ୍ୱାରା ବ୍ୟାସପୀଠ ପୂଜନ ସହିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ତାଙ୍କ ଧର୍ମପତ୍ନୀ ପ୍ରିୟଙ୍କା ଏବଂ ରାଜ୍ୟର ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ନିଜ ଉପସ୍ଥିତିରେ ଏହି ପବିତ୍ର ଆୟୋଜନକୁ ଗୌରବାନ୍ୱିତ କରିଥିଲେ। ଏହି ଅବସରରେ ପୂଜ୍ୟ ଦିଦି ମା' ଜୀ ଓଡ଼ିଶାର ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ମଞ୍ଚ ଉପରେ ଶାଲ୍ ପ୍ରଦାନ କରି ସ୍ୱାଗତ ଓ ସମ୍ମାନିତ କରିଥିଲେ। ସାଧ୍ୱୀ ଶିରୋମଣି ଜୀ ମଞ୍ଚ ପରିଚାଳନା କରିଥିବା ବେଳେ ଶ୍ରୀ ଜୟ ଭଗବାନ ଅଗ୍ରୱାଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମଞ୍ଚ ସଂଯୋଜକ ଭାବେ ସାଧ୍ୱୀ ସାଧ୍ୟ ଜୀ, ସାଧ୍ୱୀ ସତ୍ୟନିଷ୍ଠା ଜୀ ଏବଂ ସାଧ୍ୱୀ ସତ୍ୟମୂର୍ତ୍ତି ଜୀ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ପ୍ରମୁଖ ଉପସ୍ଥିତ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଶ୍ରୀ ସୁଭାଷ ଜଗ୍ଗା, ଶ୍ରୀ ଅଶୋକ ସରିନ, ଶ୍ରୀମତୀ ସ୍ୱସ୍ତିକା, ଶ୍ରୀ ପବନ ଶର୍ମା, ଶ୍ରୀମତୀ ସରୋଜ ଶର୍ମା, ଶ୍ରୀ ଗୁଣେନ୍ଦ୍ର ମେଡାତିଆ, ଶ୍ରୀମତୀ କାମିନୀ ମେଡାତିଆ, ଶ୍ରୀ ପ୍ରକାଶ ଅଗ୍ରୱାଲ, ଶ୍ରୀ ପ୍ରହ୍ଲାଦରାୟ ଗର୍ଗ, ଶ୍ରୀ ସନ୍ତୋଷ ଚୋପ୍ରା, ଶ୍ରୀ ଅନିଲ ଗୋୟଲ, ଶ୍ରୀ ଶ୍ୟାମଲାଲ ଅଗ୍ରୱାଲ, ଶ୍ରୀମତୀ ସୋମ ନାୟର, ଶ୍ରୀ ବିକ୍ରମ ଚୋୟଲ, ଶ୍ରୀ ବି.ଆର୍. ସିଙ୍ଗଲା, ଶ୍ରୀ ଦେବୀସିଂହ ସୋଲଙ୍କୀ, ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି ବିଧାୟିକା), ଶ୍ରୀ ଆଶ୍ରିତ ପଟ୍ଟନାୟକ (ପିପିଲି ବିଧାୟକ), ଶ୍ରୀ ଓମପ୍ରକାଶ ମିଶ୍ର (ସାକ୍ଷୀଗୋପାଳ ବିଧାୟକ), ଶ୍ରୀ ଜୟନ୍ତ ସାରଙ୍ଗୀ (ପୂର୍ବତନ ବିଧାୟକ), ଶ୍ରୀ ସଞ୍ଜୟ ଶର୍ମା, ଶ୍ରୀ ସାହିଲ ଶର୍ମା, ଶ୍ରୀ ମନମୋହନ ଗୁପ୍ତା, ଶ୍

କବକ ଚାଷ

କବକ ଚାଷ ହେଉଛି ଛତୁ ଭଳି କବକର ଚାଷ। କବକ ଚାଷ କରିବା ଦ୍ୱାରା ଖାଦ୍ୟ (ପ୍ରାଥମିକ ଭାବରେ ଛତୁ), ଔଷଧ, ନିର୍ମାଣ ସାମଗ୍ରୀ ଏବଂ ଅନ୍ୟାନ୍ୟ ଉତ୍ପାଦ ମିଳିପାରେ। କବକ ଚାଷ ଛତୁ ଚାଷ ଭଳି ବ୍ୟବସାୟିକ କ୍ଷେତ୍ରରେ ଜଡିତ।

କବକ ଚାଷ ହେଉଛି ଛତୁ ଭଳି କବକର ଚାଷ। କବକ ଚାଷ କରିବା ଦ୍ୱାରା ଖାଦ୍ୟ (ପ୍ରାଥମିକ ଭାବରେ ଛତୁ), ଔଷଧ, ନିର୍ମାଣ ସାମଗ୍ରୀ ଏବଂ ଅନ୍ୟାନ୍ୟ ଉତ୍ପାଦ ମିଳିପାରେ। ଏକ ଛତୁ ଚାଷ କବକ ଚାଷ ବ୍ୟବସାୟରେ ଜଡିତ। ଏହି ଶବ୍ଦଟି ସାଧାରଣତଃ ପତ୍ର କାଟିବା ପିମ୍ପୁଡ଼ି, ଉଇ, ଆମ୍ବ୍ରୋସିଆ ବିଟଲ୍ସ ଏବଂ ମାର୍ଶ ପେରିଓ୍ୱିଙ୍କଲ୍ସ ଭଳି ପ୍ରାଣୀମାନଙ୍କ ଦ୍ୱାରା ଛତୁ ଚାଷ ପାଇଁ ମଧ୍ୟ ବ୍ୟବହୃତ ହୁଏ। କବକ ଭାବରେ, ଛତୁକୁ ସର୍ବୋତ୍ତମ ବୃଦ୍ଧି ପାଇଁ ଉଦ୍ଭିଦ ଅପେକ୍ଷା ଭିନ୍ନ ପରିସ୍ଥିତି ଆବଶ୍ୟକ ହୁଏ। ଉଦ୍ଭିଦ ଆଲୋକସଂଶ୍ଳେଷଣ ମାଧ୍ୟମରେ ବିକଶିତ ହୁଏ, ଏକ ପ୍ରକ୍ରିୟା ଯାହା ବାୟୁମଣ୍ଡଳୀୟ କାର୍ବନ ଡାଇଅକ୍ସାଇଡକୁ କାର୍ବୋହାଇଡ୍ରେଟ୍, ବିଶେଷକରି ସେଲୁଲୋଜରେ ପରିଣତ କରେ। ସୂର୍ଯ୍ୟକିରଣ ଉଦ୍ଭିଦ ପାଇଁ ଏକ ଶକ୍ତି ଉତ୍ସ ପ୍ରଦାନ କରୁଥିବା ବେଳେ, ଛତୁ ସେମାନଙ୍କର ସମସ୍ତ ଶକ୍ତି ଏବଂ ବୃଦ୍ଧି ସାମଗ୍ରୀ ସେମାନଙ୍କର ବୃଦ୍ଧି ମାଧ୍ୟମରୁ, ଜୈବ ରାସାୟନିକ ବିଘଟନ ପ୍ରକ୍ରିୟା ମାଧ୍ୟମରେ ପ୍ରାପ୍ତ କରେ। ଏହାର ଅର୍ଥ ନୁହେଁ ଯେ ଆଲୋକ ଏକ ଅପ୍ରାସଙ୍ଗିକ ଆବଶ୍ୟକତା, କାରଣ କିଛି କବକ ଫଳ ଦେବା ପାଇଁ ଆଲୋକକୁ ଏକ ସଙ୍କେତ ଭାବରେ ବ୍ୟବହାର କରନ୍ତି। ତଥାପି, ବୃଦ୍ଧି ପାଇଁ ସମସ୍ତ ସାମଗ୍ରୀ ପୂର୍ବରୁ ବୃଦ ମାଧ୍ୟମରେ ଉପସ୍ଥିତ ରହିବା ଆବଶ୍ୟକ। ଥ୍ୟୀଧ ଛତୁ ପ୍ରାୟ ୯୫-୧୦୦% ଆପେକ୍ଷିକ ଆର୍ଦ୍ରତା ସ୍ତର ଏବଂ ୫୦ ରୁ ୭୫% ସବଷ୍ଟ୍ରେଟ୍ ଆର୍ଦ୍ରତା ସ୍ତରରେ ଭଲ ଭାବରେ ବଢ଼ିଥାଏ।

ବୀଜ ବଦଳରେ, ଛତୁ ସ୍ପୋର ମାଧ୍ୟମରେ ପ୍ରଜନନ କରେ। ସ୍ପୋରଗୁଡ଼ିକ ବାୟୁଗତ ସୂକ୍ଷ୍ମଜୀବମାନଙ୍କ ଦ୍ୱାରା ଦୂଷିତ ହୋଇପାରେ, ଯାହା ଛତୁ ବୃଦ୍ଧିରେ ବାଧା ସୃଷ୍ଟି କରିବ ଏବଂ ଏକ ସୁସ୍ଥ ଫସଲକୁ ରୋକିବ। ମାଇସେଲିୟମ୍, କିମ୍ବା ସକ୍ରିୟ ଭାବରେ ବଢୁଥିବା ଛତୁ ସଂସ୍କୃତି, ଏକ ସବଷ୍ଟ୍ରେଟ୍ ଉପରେ ରଖାଯାଏ - ସାଧାରଣତଃ ରାଇ କିମ୍ବା ବାଜରା ପରି ଜୀବାଣୁମୁକ୍ତ ଶସ୍ୟ - ଏବଂ ସେହି ଶସ୍ୟରେ ବୃଦ୍ଧି ପାଇବାକୁ ପ୍ରେରିତ ହୁଏ। ଏହାକୁ ଇନୋକୁଲେସନ୍ କୁହାଯାଏ। ଇନୋକୁଲେସନ୍ ଶସ୍ୟ (କିମ୍ବା ପ୍ଲଗ୍) କୁ ସ୍ପନ୍ କୁହାଯାଏ। ସ୍ପୋର୍ ହେଉଛି ଅନ୍ୟ ଏକ ଇନୋକୁଲେସନ୍ ବିକଳ୍ପ, କିନ୍ତୁ ପ୍ରତିଷ୍ଠିତ ମାଇସେଲିୟମ୍ ଅପେକ୍ଷା କମ୍ ବିକଶିତ। ଯେହେତୁ ସେମାନେ ସହଜରେ ଦୂଷିତ ମଧ୍ୟ ହୁଅନ୍ତି, ତେଣୁ ସେମାନଙ୍କୁ କେବଳ ଲାମିନାର୍ ପ୍ରବାହ କ୍ୟାବିନେଟ୍ ସହିତ ପରୀକ୍ଷାଗାର ପରିସ୍ଥିତିରେ ପରିଚାଳନା କରାଯାଏ।

ପ୍ରଣାଳୀ

ଶହ ଶହ ବର୍ଷ ଧରି କରାଯାଇଥିବା ପରିବା କିମ୍ବା ଗଦାରେ ବାହାରେ ରଖାଯାଇଥିବା ଲଗ୍ ଉପରେ ଛତୁ ଚାଷ କରାଯାଇପାରିବ। ଥ୍ୟଧ ଏହି ପଦ୍ଧତିର ଅଂଶ ଭାବରେ ଜୀବାଣୁମୁକ୍ତିକରଣ କରାଯାଏ ନାହିଁ। ଯେହେତୁ ଉତ୍ପାଦନ ଅନିୟନ୍ତ୍ରିତ ଏବଂ ଋତୁକାଳୀନ ହୋଇପାରେ, ବାଣିଜ୍ୟିକ ଭାବରେ ବିକ୍ରି ହେଉଥିବା ୫% ରୁ କମ୍ ଛତୁ ଏହି ଉପାୟରେ ଉତ୍ପାଦିତ ହୁଏ। ଥ୫ଧ ଏଠାରେ, ଗଛ ଲଗଗୁଡ଼ିକୁ ସ୍ପାନ ସହିତ ଟୀକା ଦିଆଯାଏ, ତାପରେ ଜଙ୍ଗଲୀ ପରିସ୍ଥିତିରେ ଯେପରି ବଢ଼ିବ ସେହିପରି ବଢ଼ିବାକୁ ଦିଆଯାଏ। ଫଳ ଦେବା କିମ୍ବା ପିନ୍ କରିବା, ଋତୁକାଳୀନ ପରିବର୍ତ୍ତନ ଦ୍ୱାରା କିମ୍ବା ଲଗଗୁଡ଼ିକୁ ଥଣ୍ଡା ପାଣିରେ ସଂକ୍ଷିପ୍ତ ଭାବରେ ବୁଡ଼ାଇ ଦେବା ଦ୍ୱାରା ଆରମ୍ଭ ହୁଏ। ଥ୪ଧ ସିଆଟେକ୍ ଏବଂ ଓଏଷ୍ଟର୍ ଛତୁ ପାରମ୍ପରିକ ଭାବରେ ବାହାର ଲଗ୍ କୌଶଳ ବ୍ୟବହାର କରି ଉତ୍ପାଦନ କରାଯାଇଛି, ଯଦିଓ ଘର ଭିତର ଟ୍ରେ ଚାଷ କିମ୍ବା ସଙ୍କୁଚିତ ସବଷ୍ଟ୍ରେଟ୍ ରେ ଟିଆରି କୃତ୍ରିମ ଲଗ୍ ଭଳି ନିୟନ୍ତ୍ରିତ କୌଶଳଗୁଡ଼ିକୁ ପ୍ରତିସ୍ଥାପିତ କରାଯାଇଛି।

କୌଶଳ

ସମସ୍ତ ଛତୁ ଚାଷ କୌଶଳ ପାଇଁ ଆର୍ଦ୍ରତା, ତାପମାତ୍ରା, ସବଷ୍ଟ୍ରେଟ୍ (ବୃଦ୍ଧି ମାଧ୍ୟମ) ଏବଂ ଇନୋକୁଲମ୍ (ସ୍ପନ୍ କିମ୍ବା ଷ୍ଟାର୍ଟର୍ ସଂସ୍କୃତି) ର ସଠିକ୍ ମିଶ୍ରଣ ଆବଶ୍ୟକ। ବନ୍ୟ ଅମଳ, ବାହ୍ୟ ଲଗ୍ ଇନୋକୁଲେସନ୍ ଏବଂ ଘର ଭିତର ଟ୍ରେ ସମସ୍ତ ଏହି ଉପାଦାନଗୁଡ଼ିକ ପ୍ରଦାନ କରେ।

ଜଙ୍ଗଲ ଛାତ ତଳେ ଚାଷ ହେଉଥିବା ଶିଟାକ୍ ଛତୁଗୁଡ଼ିକ ଅଣ-କାଠ ଜଙ୍ଗଲ ଉତ୍ପାଦ ଭାବରେ ବିବେଚନା କରାଯାଏ। ଉତ୍ତର-ପୂର୍ବ ଯୁକ୍ତରାଷ୍ଟ୍ରରେ, ଶିଟାକ୍ ଛତୁକୁ ଓକ୍, ଆମେରିକୀୟ ବିଚ୍, ସୁଗାର ମ୍ୟାପଲ୍ ଏବଂ ହପହର୍ଣ୍ଣବିମ୍ ସମେତ ବିଭିନ୍ନ ପ୍ରକାରର କାଠ କାଠରେ ଚାଷ କରାଯାଇପାରିବ। ଶିଟାକ୍ ଛତୁ ଚାଷ ପାଇଁ ସଫ୍ଟକାଠ ବ୍ୟବହାର କରାଯିବା ଉଚିତ୍ ନୁହେଁ କାରଣ ସଫ୍ଟକାଠର ରେଜିନ୍ ପ୍ରାୟତଃ ଶିଟାକ୍ ଛତୁର ବୃଦ୍ଧିକୁ ବାଧା ଦେବ ଯାହା ଏହାକୁ ବଢୁଥିବା ସବଷ୍ଟ୍ରେଟ୍ ଭାବରେ ଅବୈଧ କରିଥାଏ। ଶିତାକେ ଛତୁ ଉତ୍ପାଦନ କରିବା ପାଇଁ, ୧୦-୧୫ ସେମି (୪-୬ ଇଞ୍ଚ) ବ୍ୟାସ ବିଶିଷ୍ଟ ୧ ମିଟର (୩ ଫୁଟ) କାଠ କାଠକୁ ଶିତାକେ ଛତୁର ମାଇସେଲିୟମ୍ ସହିତ ଟୀକାକରଣ କରାଯାଏ। କାଠ କାଠରେ ଗାତ ଖୋଳି, କଲଚର୍ଡ ଶିତାକେ ମାଇସେଲିୟମ୍ କିମ୍ବା ଇନୋକୁଲମ୍ ସହିତ ଗାତ ପୂରଣ କରି ଏବଂ ତାପରେ ଭରା ଗାତଗୁଡ଼ିକୁ ଗରମ ମହମ ସହିତ ସିଲ୍ କରି ଟୀକାକରଣ ସମାପ୍ତ କରାଯାଏ। ଟୀକାକରଣ ପରେ, କାଠଗୁଡ଼ିକୁ ଏକ ଶଙ୍କୁଆକାରୀ ଷ୍ଟାକ୍ଡର ବନ୍ଦ ଛାତି ତଳେ ରଖାଯାଏ ଏବଂ ୧୨ ରୁ ୧୫ ମାସ ପାଇଁ ଇନକ୍ୟୁବେସନ୍ ପାଇଁ ଛାଡି ଦିଆଯାଏ। ଇନକ୍ୟୁବେସନ୍ ସମାପ୍ତ ହେବା ପରେ, କାଠଗୁଡ଼ିକୁ ୨୪ ଘଣ୍ଟା ପାଣିରେ ବୁଡ଼ାଇ ରଖାଯାଏ। ଭିଜାଇବା ପରେ ସାତରୁ ଦଶ ଦିନ ପରେ, ଶିତାକେ ଛତୁ ଫଳ ଦେବା ଆରମ୍ଭ କରିବ ଏବଂ ସମ୍ପୂର୍ଣ୍ଣ ପାଚିବା ପରେ ଅମଳ କରାଯାଇପାରିବ।

ଘର ଭିତର ଟ୍ରେ

ବାଣିଜ୍ୟିକ ଫସଲ ଉତ୍ପାଦନ ଉଦ୍ଦେଶ୍ୟରେ ଘର ଭିତର ଛତୁ ଚାଷ ପ୍ରଥମେ ଫ୍ରାନ୍ସର ଗୁମ୍ଫାରେ ବିକଶିତ ହୋଇଥିଲା। ଗୁମ୍ଫାଗୁଡ଼ିକ ସାରା ବର୍ଷ ଏକ ସ୍ଥିର ପରିବେଶ (ତାପମାନ, ଆର୍ଦ୍ରତା) ପ୍ରଦାନ କରିଥିଲା। ନିୟନ୍ତ୍ରିତ ବୃଦ୍ଧି ମାଧ୍ୟମ ଏବଂ କବକ ଅଣ୍ଡା ପାଇଁ ପ୍ରଯୁକ୍ତିବିଦ୍ୟା ୧୮୦୦ ଦଶକର ଶେଷ ଭାଗରେ ବାଥ୍, ସୋମରସେଟ୍ ଭଳି ନିକଟବର୍ତ୍ତୀ ଅଞ୍ଚଳ ପଥର ଖଣି ଦ୍ୱାରା ସୃଷ୍ଟି ହୋଇଥିବା ଗୁମ୍ଫାଗୁଡ଼ିକରେ ଯୁକେକୁ ଅଣାଯାଇଥିଲା। ଥ୧୨ଧ ଘର ଭିତରେ ଚାଷ କରିବା ଦ୍ୱାରା ଆଲୋକ, ତାପମାତ୍ରା ଏବଂ ଆର୍ଦ୍ରତା ନିୟନ୍ତ୍ରଣ କରିବାର କ୍ଷମତା ମିଳିଥାଏ ଏବଂ ପ୍ରଦୂଷକ ଏବଂ କୀଟପତଙ୍ଗକୁ ବାଦ ଦିଆଯାଇଥାଏ। ଏହା ଅଣ୍ଡାଦାନ ଚକ୍ର ଦ୍ୱାରା ନିୟନ୍ତ୍ରିତ ସ୍ଥିର ଉତ୍ପାଦନକୁ ସକ୍ଷମ କରିଥାଏ। ଥ୧୨ଧ ବିଂଶ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ଏହା ସାଧାରଣତଃ ବଡ଼ ଧରଣର ବାଣିଜ୍ୟିକ ଉତ୍ପାଦନ ପାଇଁ ଝରକାବିହୀନ, ଉଦ୍ଦେଶ୍ୟ-ନିର୍ମିତ କୋଠାରେ ସମ୍ପାଦିତ ହେଉଥିଲା।

ଘର ଭିତରେ ଟ୍ରେ ଚାଷ ହେଉଛି ସବୁଠାରୁ ସାଧାରଣ ବାଣିଜ୍ୟିକ କୌଶଳ, ତା'ପରେ କଣ୍ଟେନରାଇଜଡ୍ ଚାଷ। ଟ୍ରେ କୌଶଳ ମାପନୀୟତା ଏବଂ ସହଜ ଅମଳର ସୁବିଧା ପ୍ରଦାନ କରେ।

ଅମଳର ଶ୍ରମ-ନିବିଡ଼ ପ୍ରକୃତି ଏବଂ ଶିଳ୍ପରେ ଶ୍ରମିକ ଅଭାବ ୧୯୯୦ ଦଶକର ପ୍ରାରମ୍ଭରୁ ସ୍ୱୟଂଚାଳିତତା ପ୍ରତି ଗବେଷଣା ଆଗ୍ରହକୁ ପ୍ରେରିତ କରିଛି; ତଥାପି, ସକ୍ରିୟ ବାଣିଜ୍ୟିକ ନିୟୋଜନ କେବଳ ୧୯୯୦ ମସିହାରେ ଆରମ୍ଭ ହୋଇଥିଲା।

ସ୍କର୍ଟ ଫ୍ୟାସନ୍‌ରେ

ସ୍କାର୍ଟ ଓ ସୁନ୍ଦର ଦିଶିବା ପାଇଁ ମହିଳାମାନଙ୍କ ପୋଷାକକୁ ନେଇ ସବୁବେଳେ ପରୀକ୍ଷାନିରୀକ୍ଷା ଚାଲିଆସିଛି। ଫ୍ୟାସନ୍‌ରେ ଏବେ ବେଶ୍ ପୁରୁଣା 'କର୍ଡସେଟ୍'ର ଚାହିଦା ବଢ଼ିବାରେ ଲାଗିଛି। ଏହାର କେତୋଟି କାରଣ ରହିଛି। ପ୍ରଥମତଃ ଏହା ପିନ୍ଧିବାକୁ ଆରାମଦାୟକ, ଦେଖିବାକୁ ମଧ୍ୟ ଷ୍ଟାଇଲିସ୍। ତା'ପରେ ଏହା ପିନ୍ଧୁଥିବା ମହିଳାଙ୍କୁ ଉପର କୁର୍ତ୍ତୀ ବା ସାର୍ଟ ତଳେ ଜିନ୍, ପ୍ଲାଜୋ ବା ସ୍କର୍ଟ କ'ଣ ପିନ୍ଧିବେ ଚିନ୍ତା କରିବାକୁ ପଡ଼ିନଥାଏ। କାରଣ ଗୋଟିଏ ରଙ୍ଗ, ଡିଜାଇନ୍ ବା ମ୍ୟାଚିଂ କପଡ଼ାରେ ଏକାଧିକ ବା ଉପର ଓ ତଳ ଦୁଇଟି ପୋଷାକର ସେଟ୍‌କୁ 'କର୍ଡସେଟ୍' କୁହାଯାଏ। ପୁଣି ଏହାକୁ ଅଧିକ ଆକର୍ଷଣୀୟ କରିବାକୁ ବେଳେବେଳେ ମ୍ୟାଚିଂ ଜ୍ୟାକେଟ୍ ମଧ୍ୟ ଥାଏ। ବିଭିନ୍ନ ରାଜ୍ୟର ହ୍ୟାଣ୍ଡଲୁମ୍ କପଡ଼ାରେ ତିଆରି କର୍ଡସେଟ୍‌ଗୁଡ଼ିକ ଆଧୁନିକା ଅଫିସ ଯାଉଥିବା ମହିଳାମାନେ ବେଶ୍ ପସନ୍ଦ କରିଥାନ୍ତି। ଏବେ ବଜାରରେ ଲିନେନ୍, କ୍ରେପ୍, ସୂତା, ସିଲ୍କ ଓ ବିଭିନ୍ନ ପ୍ରକାର ସିନ୍ଥେଟିକ୍ କପଡ଼ାରୁ ତିଆରି ପୋଷାକ ମିଳୁଛି। ଉଭୟ ନିଅନ୍ ଓ ପେଷ୍ଟାଲ୍ ସେଡ୍‌ର ଡ୍ରେସ୍ ଟ୍ରେଣ୍ଡରେ ଅଛି। ତେବେ କର୍ଡସେଟ୍‌ର ବିଶେଷତ୍ୱ ହେଉଛି ଏହା ମହିଳାମାନଙ୍କ ଶାରୀରିକ ଆକାର, ଉଚ୍ଚତା ଓ ରୁଚିକୁ ନେଇ ତିଆରି ହୋଇଥାଏ। ଯେମିତି ଜଣେ ଅଧିକ ଉଚ୍ଚତାର ମହିଳାଙ୍କ ପାଇଁ ଉପର ଓ ତଳ ପୋଷାକ ଲମ୍ବା ସମାନ ହେଲେ ମଧ୍ୟ ଚଳିବ। କିନ୍ତୁ ଜଣେ ସ୍ୱାସ୍ଥ୍ୟବତୀ ମହିଳାଙ୍କୁ ଉପର ପୋଷାକ ଟିକେ ଲମ୍ବା ହେଲେ ମାନିବ। ସେମିତି କାଜୁଆଲ୍ ଲୁକ୍‌ରେ ସ୍ନିର୍କ, ସମୁଦ୍ର କୂଳରେ ସାଣ୍ଡାଲ୍, ପାର୍ଟି ବା ଅଫିସ୍‌ରେ ହିଲ୍/ ଷ୍ଟିଲେଟୋ ସହିତ କର୍ଡସେଟ୍ ମ୍ୟାଚ୍ କରିଥାଏ।

କଳାପଟାରୁ କୃତ୍ରିମ ବୁଦ୍ଧିମତା

ଶିକ୍ଷକଙ୍କ ନୂଆ ଯାତ୍ରା

ଏସ. ଆର. ଶ୍ରଦ୍ଧାଞ୍ଜଳି

ଯେବେ ଓଡ଼ିଶାର ଗାଁଗୁଡ଼ିକରେ ପାଠଶାଳା ଥିଲା ଏକ ସରଳ ଶିକ୍ଷାର ଠିକଣା । ମାଟି ଚଟାଣ, କାଠର ପଟି, କଲମ ଓ କାଳି—ଏତିକିରେ ଚାଲୁଥିଲା ଶିକ୍ଷା । ଗୁରୁଙ୍କ କଥା ଥିଲା ପ୍ରମୁଖ ଜ୍ଞାନର ଉତ୍ସ । ଛାତ୍ର ଗୁରୁଙ୍କ ଠାରୁ କେବଳ ଗଣିତ ବା ବ୍ୟାକରଣ ଶିଖୁନଥିଲା; ଶିଖୁଥିଲା ଶୃଙ୍ଖଳା, ଶିଷ୍ଟାଚାର, ବଡ଼ଙ୍କୁ ସମ୍ମାନ ଓ ସମାଜ ପ୍ରତି ଦାୟିତ୍ୱ ।ଆମ ଓଡ଼ିଶାର ଅନେକ ପରିବାରରେ ଆଜି ମଧ୍ୟ ଏମିତି ପୁରୁଣା ଗଳ୍ପ ଶୁଣିବାକୁ ମିଳେ—“ଆମ ସମୟରେ ସାର୍ ଯାହା କହୁଥିଲେ, ସେଇଟା ହିଁ ଶେଷ କଥା ।” ପ୍ରଶ୍ନ କରିବା ପୂର୍ବରୁ ଦୁଇଥର ଭାବିବାକୁ ପଡୁଥିଲା । ଶିକ୍ଷକଙ୍କ କର୍ତ୍ତୃତ୍ୱ ଥିଲା ଶ୍ରେଣୀକକ୍ଷର ମେରୁଦଣ୍ଡ ।

ସମୟ ବଦଳିଲା । ପଟିର ସ୍ଥାନ ନେଲା ଖାତା, କାଳିର ସ୍ଥାନ ନେଲା ବଲ୍‌ପେନ୍, ଆଉ କାଠର ପଟି ବଦଳିଗଲା ବ୍ଲାକ୍‌ବୋର୍ଡରେ । ଶିକ୍ଷକ ହେଲେ ପାଠ୍ୟପୁସ୍ତକର ପ୍ରମୁଖ ବ୍ୟାଖ୍ୟାତା । “ସାର୍ କହିଛନ୍ତି” ଅନେକ ସମୟରେ ଯୁକ୍ତିର ଶେଷ ସୀମା ଥିଲା ।ତା’ପରେ ଆସିଲା ଇଣ୍ଟରନେଟ୍ । ଆଜି ପୁରୀର ଜଣେ ଛାତ୍ର ଶ୍ରେଣୀକକ୍ଷରେ ଜଗନ୍ନାଥ ସଂସ୍କୃତି ବିଷୟରେ ପଢୁଥିବାବେଳେ ଘରକୁ ଫେରି ୟୁ ଟ୍ୟୁବ୍ ରେ ରଥଯାତ୍ରାର ଅନ୍ୟ ରାଜ୍ୟର ପରମ୍ପରା ଦେଖିପାରୁଛି । କଟକର ଜଣେ ଛାତ୍ର ଇତିହାସର ଏକ ଘଟଣା ବିଷୟରେ ଅନଲାଇନ୍ ରେ ବିଭିନ୍ନ ମତ ପଢ଼ିପାରୁଛି । ଗାଁର ଜଣେ ଛାତ୍ର ମଧ୍ୟ ମୋବାଇଲ୍ ମାଧ୍ୟମରେ ଦୁନିଆର ଯେକୌଣସି ଶିକ୍ଷା ସାମଗ୍ରୀ ପାଖରେ ପାଇପାରୁଛି ।ଏବେ ତା’ସହ ଯୋଡ଼ିଛି କୃତ୍ରିମ ବୁଦ୍ଧିମତ୍ତା—ଏଆଇ ।

ଛାତ୍ର କହୁଛି—“ମ୍ୟାମ୍, ଏହି ପ୍ରଶ୍ନଟା ଚାଟ୍ ଜିପିଟି କୁ ପଚାରିଲି, ଏହା ଏମିତି ବୁଝାଇଲା !”ଶିକ୍ଷକ ହସି କହିପାରନ୍ତି—“ଭଲ ! ଏବେ ତୁମେ ମୋତେ କୁହ, ଏଆଇ ଯାହା କହିଲା, ସେଥିରେ କେତେଟା ଠିକ୍ ?”

ଏଠାରୁ ଆରମ୍ଭ ହୁଏ ଆଜିର ଶିକ୍ଷକଙ୍କ ପ୍ରକୃତ ଭୂମିକା । ଗୁଗଲ୍ ତଥ୍ୟ ଦିଏ; ଶିକ୍ଷକ ତଥ୍ୟକୁ ପରଖିବା ଶିଖାନ୍ତି । ଏଆଇ ଉତ୍ତର ଦିଏ; ଶିକ୍ଷକ ଭଲ ପ୍ରଶ୍ନ କରିବା ଶିଖାନ୍ତି । ଧରନ୍ତୁ, ଜଣେ ଓଡ଼ିଆ ଶ୍ରେଣୀରେ ଛାତ୍ର ‘ମାଟି’ ଶବ୍ଦର ଅର୍ଥ ପଚାରିଲା । ଆଗରୁ ଶିକ୍ଷକ ଅର୍ଥ କହି ଦେଇଥାନ୍ତେ । ଆଜିର ଶିକ୍ଷକ ହୁଏତ ପଚାରିବେ—“ତୁମ ଘର ଆଖପାଖର ମାଟି କେମିତି ? ଚାଷୀ ପାଇଁ ମାଟିର ଅର୍ଥ କ’ଣ ? ଆଉ ‘ମାଟି ମା’ କହିଲେ ଅର୍ଥ କ’ଣ ବଦଳୁଛି ?” ଗୋଟିଏ ଶବ୍ଦ ଏଠାରେ ଭାଷାରୁ ସଂସ୍କୃତି, ସମାଜ ଓ ଜୀବନ ସହ ଯୋଡ଼ିଯାଏ ।



ତେବେ କ’ଣ ଏହି ପରିବର୍ତ୍ତନରେ ଶିକ୍ଷକଙ୍କ କର୍ତ୍ତୃତ୍ୱ ହ୍ରାସ ପାଇଛି ?ନା । କର୍ତ୍ତୃତ୍ୱର ପରିଭାଷା ବଦଳିଛି ।

ଗୁରୁକୁଳର ଗୁରୁ ଛାତ୍ରର ଚରିତ୍ର ଗଢୁଥିଲେ । ଆଜିର ଡିଜିଟାଲ୍ ଯୁଗର ଶିକ୍ଷକଙ୍କୁ ସେହି କାମ ସହିତ ଡିଜିଟାଲ୍ ବିବେକ ମଧ୍ୟ ଗଢ଼ିବାକୁ ହେବ—କେଉଁ ତଥ୍ୟ ଠିକ୍ ?, କେଉଁଟି ଭୁଲ୍ ?, କେଉଁଠି ଆଇ ର ଉତ୍ତରକୁ ପରଖିବା ଦରକାର, ଏବଂ ପ୍ରଯୁକ୍ତିକୁ ଜ୍ଞାନ ପାଇଁ ବ୍ୟବହାର କରିବା, ନା ଜ୍ଞାନକୁ ଏଡ଼ାଇବା ପାଇଁ—ତାହା ଶିଖାଇବାକୁ ହେବ ।ଗୁରୁକୁଳ ଆମକୁ ଗୁରୁ ଦେଇଥିଲା, ପୁସ୍ତକ ଆମକୁ ଜ୍ଞାନ ଦେଲା, ଗୁଗଲ୍ ? ଆମକୁ ଅସୀମ ତଥ୍ୟ ଦେଲା ଏବଂ ଇଓ ଆମକୁ ତୁରନ୍ତ ଉତ୍ତର ଦେଉଛି । କିନ୍ତୁ ଏହି ସବୁ ମଧ୍ୟରେ ଶିକ୍ଷକ ହିଁ ସେହି ମଣିଷ, ଯିଏ ଶିଶୁକୁ ଶିଖାଇପାରନ୍ତି—ତଥ୍ୟକୁ ଜ୍ଞାନରେ, ଜ୍ଞାନକୁ ବିବେକରେ ଏବଂ ବିବେକକୁ ଚରିତ୍ରରେ କିପରି ପରିଣତ କରିବାକୁ ।

ତେଣୁ ପ୍ରଶ୍ନ ଏହା ନୁହେଁ—“ଗୁଗଲ୍ ଓ ଏଆଇ ଆସିଗଲା ପରେ ଶିକ୍ଷକଙ୍କ ଆବଶ୍ୟକତା ରହିଲା କି ?”ପ୍ରକୃତ ପ୍ରଶ୍ନ ହେଉଛି—“ଗୁଗଲ୍ ଓ ଏଆଇ ଥିବା ସତ୍ତ୍ୱେ ଆମେ କିପରି ଆହୁରି ଭଲ ଶିକ୍ଷକ ହୋଇପାରିବା ?”କାରଣ ଗୁଗଲ୍ ରାସ୍ତା ଦେଖାଇପାରେ, ଏଆଇ ଉତ୍ତର ଦେଇପାରେ; କିନ୍ତୁ ଜଣେ ଶିକ୍ଷକ ହିଁ ଶିଶୁକୁ ନିଜ ରାସ୍ତା ବାଛିବା ଶିଖାନ୍ତି । ତେଣୁ ଆସନ୍ତୁ, ଶିକ୍ଷକମାନେ—ଗୁଗଲ୍ କୁ ଭୟ କରିବା ନାହିଁ, ଏଆଇ କୁ ଏଡ଼ାଇବା ନାହିଁ; ବରଂ ଏହାକୁ ଶ୍ରେଣୀକକ୍ଷର ଶିକ୍ଷାର ସହଯୋଗୀ କରିବା, ନିଜକୁ କେବଳ ତଥ୍ୟର ଭଣ୍ଡାର ଭାବେ ନୁହେଁ, ପ୍ରଶ୍ନର ଉତ୍ତର ଖୋଜିବାର ସହଯାତ୍ରୀ ଭାବେ ପୁନଃପରିଭାଷିତ କରିବା । ଛାତ୍ର ଯଦି କହେ—“ଗୁଗଲ୍ ରେ ଅଲଗା ଅଛି” କିମ୍ବା “ଏଆଇ ଅନ୍ୟ କଥା କହୁଛି”, ତେବେ ତା’ର ପ୍ରଶ୍ନକୁ ଅବାଧତା ନୁହେଁ, ଶିକ୍ଷାର ଏକ ସୁଯୋଗ ଭାବେ ଗ୍ରହଣ କରିବା । କାରଣ ଆମର ଆଗାମୀ ପିଢ଼ିକୁ ଏମିତି ଛାତ୍ର ଦରକାର ନାହିଁ, ଯେଉଁମାନେ କେବଳ ଗୁଗଲ୍‌ରୁ ଉତ୍ତର ଖୋଜିପାରିବେ; ଆମକୁ ଏମିତି ମଣିଷ ଦରକାର, ଯେଉଁମାନେ ଭୁଲ୍ ଉତ୍ତର ମଧ୍ୟରୁ ସତ୍ୟ ଖୋଜିପାରିବେ, ଭିଡ଼ ମଧ୍ୟରେ ନିଜର ଚିନ୍ତା ଗଢ଼ିପାରିବେ ଏବଂ ପ୍ରଯୁକ୍ତିର ହାତ ଧରି ମାନବିକତାକୁ ହାତଛଡ଼ା କରିବେ ନାହିଁ ।

ଗୁରୁକୁଳର ଗୁରୁ ଆମକୁ ମଣିଷ ଗଢ଼ିବାର ଦାୟିତ୍ୱ ଦେଇଗଲେ । ଏବେ ସେହି ଦାୟିତ୍ୱ ଆମର—କେବଳ ଡିଜିଟାଲ୍ ଭାବେ ଦକ୍ଷ ନୁହେଁ, ବରଂ ଚିନ୍ତାରେ ସ୍ୱାଧୀନ, ବିବେକରେ ସଚେତନ ଓ ଚରିତ୍ରରେ ଦୃଢ଼ ଏକ ପିଢ଼ି ଗଢ଼ିବା ।

ଶିକ୍ଷକ ବଦଳିବେ, ଶିକ୍ଷା ବଦଳିବ—କିନ୍ତୁ ଶିଶୁକୁ ମଣିଷ କରିବାର ଦାୟିତ୍ୱ କେବେ ବଦଳିବ ନାହିଁ ।

ଶିକ୍ଷୟତ୍ରୀ, ଡି ଏ ଭି ପବ୍ଲିକ ସ୍କୁଲ, ପୁରୀ
ମୋ: ୭୮୫୪୮୦୨୮୦୫

ଗୁରୁ ସାକ୍ଷାତ୍ ଈଶ୍ୱର

ସରସ୍ୱତୀ ବାରିକ୍

ଗୁରୁ ଛାତ୍ର ସମ୍ପର୍କ
ଗୁରୁ ପିତାମାତା, ଗୁରୁ ବନ୍ଧୁ ସଖା
ଗୁରୁ ହିଁ ସାକ୍ଷାତ ଈଶ୍ୱର
ଗୁରୁ ପରଂବ୍ରହ୍ମ ସେତ ନିରାକାର
ଗୁରୁ ବ୍ରହ୍ମା ବିଷ୍ଣୁ ମହେଶ୍ୱର ।

ଏକ ମଧୁର , ଅନାବିଳ ସ୍ନେହ ମମତାର ବନ୍ଧନ, ପିତା ପୁତ୍ରର ବନ୍ଧନ ଯେଉଁଠି ଥାଏ ଉଚ୍ ପ୍ରେରଣା, ଆଙ୍କାକ୍ଷା, ପ୍ରତ୍ୟାଶା । ପଥରକୁ ନିହାଣ ମୁନରେ କୁଟିକୁଟି ସୁନ୍ଦର ମୂର୍ତ୍ତିଟିଏ ତିଆରି କଲା ପରି ଶତଶତ ଘାତ ପ୍ରତିଘାତ ଦେଇ ଗତି କରି ଜୀବନକୁ ମହମବତୀ କରି ତିଳ ତିଳ କରି ଜାଳି ନିଜର ଜ୍ଞାନର ଆଲୋକରେ ଶହ ଶହ କୁନି କୁନି ପ୍ରତିଭାମାନଙ୍କୁ ଆଲୋକିତ କରିବାର ଦୁବାର ପ୍ରୟାସ ନେଇଥାଏ ଗୁରୁଟିଏ । ପଥର କି ଜାଣିଥାଏ ସେ ଦିନେ ସୁନ୍ଦର ମୂର୍ତ୍ତି ହୋଇ ଦେବା ଦେବୀ ରୂପରେ ସମଗ୍ର ସମାଜରେ ପୂଜା ପାଇବ ! ଠିକ୍ ସେହିପରି ଗୁରୁଙ୍କ କର କମଳରେ ଛାତ୍ରଟି ଯେତେବେଳେ ସୁମଣିଷଟିଏ ହୋଇ ସମାଜରେ ପ୍ରତିବିମ୍ବିତ ହୁଏ ସେତେବେଳେ ଗୁରୁ ନିଜର ସାଧନାକୁ ସାର୍ଥକ ମଣେ । ଗୁରୁ ଶିଷ୍ୟର ମଧୁର ମୟ ମୁହୂର୍ତ୍ତର ଆନନ୍ଦ ଅନୁଭବି ହିଁ ଅନୁଭବ କରିଥାଏ । ଇତିହାସ ସାକ୍ଷୀ ଗୁରୁ ଶିଷ୍ୟର ସମ୍ପର୍କ ବହନ କରି ।

ଗୁରୁ ରାମଦାସ -ଛତ୍ରପତି ଶିବାଜୀ
ଜଣେ ରାଜାଙ୍କୁ ସୁଶାସକଟିଏ ହେବାପାଇଁ ଗୁରୁ ରାମଦାସ ଆସିଥିଲେ ରାଜଦରବାରକୁ ।

ଚରଣେ ବନ୍ଦୀ ଭାଷଇ ଶିବାଜୀ
କାହିଁ ପାଇଁ ଆଗମନ
ଦେଇ ପାରେ ସବୁ ଆଦେଶିବା ହେଉ
ଲୋଡ଼ା ଯେତେ ଧନ ଜନ ।

ଗୁରୁଙ୍କ ଆଦେଶରେ ଶିବାଜୀଙ୍କ ଗର୍ବ ଅହଙ୍କାର ଭାଙ୍ଗି ଯାଇଥିଲା । ସେହିପରି ଦେଖିବାକୁ ଗଲେ-
ଗୁରୁ ଦ୍ରୋଣାଚାର୍ଯ୍ୟ -ଶିଷ୍ୟ ଏକଲବ୍ୟ
ଗୁରୁ ସନ୍ଦିପନୀ - ଉପମନ୍ୟୁ
ଗୁରୁ ରାମଦାସ ପରମହଂସ- ସ୍ୱାମୀ ବିବେକାନନ୍ଦ
ଗୁରୁ ଶ୍ରୀକୃଷ୍ଣ -ଶିଷ୍ୟ ଅର୍ଜୁନ

ଅବଧୂତଙ୍କର ୨୪ ଗୁରୁ ଏମିତି ଅନେକ ଉଦାହରଣ ଅଛି । ଏମିତି ଛାତ୍ର ସୃଷ୍ଟି କରିବାକୁ ହେବ ଯେଉଁମାନେ କି ଆମ ଇତିହାସର ସ୍ୱାଧୀନତା ସଂଗ୍ରାମର ରକ୍ତ ନଦୀର ପୃଷ୍ଠାକୁ ଖୋଜିବେ , ଆମ ସଂସ୍କୃତି ପରମ୍ପରା ଜାଣିବେ,ବୁଦ୍ଧଙ୍କ ବାଣୀରେ ଦୀକ୍ଷିତ ହେବେ ଅଶୋକଙ୍କ ଚରିତ୍ର ପଢ଼ିବେ । ଗୁରୁ ଶିଷ୍ୟ ପାଇଁ କ୍ଷେତ୍ର ପ୍ରସ୍ତୁତ କରନ୍ତୁ, ପିଲା ପଢ଼ିବୁଝିବାର ସୁଯୋଗ ପାଉ, ଉପଯୁକ୍ତ ପରିବେଶରେ ନିଜେ ଜଣେ ସାଧକ ହେଉ । ଇତିହାସ ସୃଷ୍ଟି ହେବ ପିଲାମାନଙ୍କୁ ନେଇ ।

ପ୍ରେରଣାର ବାର୍ତ୍ତା ଗୁଞ୍ଜରିତ ହେଉଥିବା, ଆଜ୍ଞାନ ଅନ୍ଧକାର ନାଶ କରି ଜ୍ଞାନର ଆଲୋକରେ ମାର୍ଗ ଦର୍ଶାଉଥିବା,ମୃତ୍ୟୁ ଧାମରୁ ଅମୃତ ଧାମକୁ ନେଉଥିବା ତ୍ୟାଗ, ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ, ମଣିଷ ତିଆରି କାରଖାନାର ଯନ୍ତ୍ରୀ , ବଗିଚାର ମାଳିଟିଏ , ସେତ ଦେବଦୂତ ଈଶ୍ୱର ପରଂବ୍ରହ୍ମ ସ୍ୱରୂପ ଗୁରୁଙ୍କର ଚରଣ କମଳରେ ଅନନ୍ତ କୋଟି ଦଣ୍ଡବତ । ଆଜି ପବିତ୍ର ଗୁରୁ ଦିବସରେ ରାଷ୍ଟ୍ରପତି ସ୍ୱର୍ଗତଃ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କର ମହାନତାକୁ ସମଗ୍ର ଗୁରୁକୁଳଙ୍କର ମଥାନତ ପ୍ରଣାମ ଓ ଶ୍ରଦ୍ଧାଞ୍ଜଳୀ ।

୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖରେ ତାମିଲନାଡୁର ତିରୁଚ୍ଚନୀ ଠାରେ ଜନ୍ମ ଗ୍ରହଣ କରିଥିଲେ । ୧୯୦୯ ମସିହାରେ ମାଡ୍ରାସ ପ୍ରେସିଡେନ୍ସି ମହାବିଦ୍ୟାଳୟରେ ଅଧ୍ୟାପକ,୧୯୨୮ ମସିହାରେ ମୈସୁର ବିଶ୍ୱବିଦ୍ୟାଳୟରେ ଦର୍ଶନ ଶାସ୍ତ୍ରରେ ପ୍ରଫେସର , କଲିକତା ହାଓ୍ୱଡ଼ା ବିଶ୍ୱବିଦ୍ୟାଳୟ, ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟ ଅକ୍ସୋଫୋର୍ଡ଼ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ କରୁଥିଲେ ।୧୯୪୯ ମସିହାରେ ସେ ଋଷିଆକୁ ରାଷ୍ଟ୍ରଦୂତ ରୂପେ ଯାଇଥିଲେ । ପରେ ପରେ ଭାରତର ରାଷ୍ଟ୍ରପତି ଓ ଭାରତ ରତ୍ନ ଉପାଧିରେ ଭୂଷିତ ହୁଅନ୍ତି ଓ ଆଜି ସମଗ୍ର ଦେଶରେ ତାଙ୍କ ଜନ୍ମଦିନ ଶିକ୍ଷକ ଦିବସ ଭାବରେ ପାଳନ କରାଯାଉଛି । ସେ କହୁଥିଲେ - Right kind of education could solve many ills of society and country . It would versed that "Teachers lay the foundation of a civilized and progressive society .



ହେ ଗୁରୁତୁମେ ମଙ୍ଗଳମୟ
କୃପାବିନୁ ମୁକ୍ତି ନାହିଁ ।
ଗୁରୁ -ଶ୍ରେଷ୍ଠ, ଗୁରୁ- ଭାରୀ, ଗୁ ଅନ୍ଧାରରୁ ଆଲୋକ
୫ଟି ଗ କୁ ଛାତ୍ର ସମାଜ ଅନୁକରଣ ଓ ମାର୍ଗଦର୍ଶକ ଭାବେ ଗ୍ରହଣ କରିବା ଉଚିତ୍ ।
୧-ଗ- ଗୁରୁ, ୨-ଗ- ଗୀତା ୩-ଗ-ଗୋବିନ୍ଦ
୪-ଗ-ଗାୟତ୍ରୀ ୫-ଗ- ଗୋମାତା
ଗୁରୁଙ୍କୁ ନ ମଣିବ ନର
ଗୁରୁ ହିଁ ସାକ୍ଷାତ ଈଶ୍ୱର
ଗୀତା ସୁଗୀତା କର୍ତ୍ତବ୍ୟା କିମନ୍ୟୈଃ ଶାସ୍ତ୍ର ବିସ୍ତରୈଃ
ଯା ସ୍ୱୟଂ ପଦ୍ମନାଭସ୍ୟ ମୁଖପଦ୍ମାଦ୍ୱିନିଃସୃତା ।
ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ
ପଦୁ ଗଲୁଛି ମକରନ୍ଦ
ଓମ୍ ଭୂଃ ଭୂବ ସ୍ୱଃ ...
ତେତିଶ କୋଟି ଯେ ଦେବତା
ଧାରଣ କରିଛି ଗୋମାତା
ଜୟ ଗୁରୁ ଦେବ

ଗୀତି ଭାରତୀ, ଶିକ୍ଷୟିତ୍ରୀ
ବାସୁଦେବପୁର, ଭଦ୍ରକ
ମୋ-୯୩୩୭୦୮୭୫୦୦

ସାମାଜିକ ଗଣମାଧ୍ୟମର ଅପବ୍ୟବହାର ଧର୍ତବ୍ୟ ଅପରାଧ

ଅରବିନ୍ଦ ତ୍ରିପାଠୀ

ବର୍ତ୍ତମାନ ସମୟରେ ସାମାଜିକ ଗଣମାଧ୍ୟମର ବିନିଯୋଗ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରାସଙ୍ଗିକତା ବହନ କରୁଛି । ଗଣତନ୍ତ୍ରରେ ସମସ୍ତଙ୍କର ସ୍ୱାଧୀନ ଭାବେ ମତବ୍ୟକ୍ତ କରିବାର ଅଧିକାର ଆମ ସମ୍ବିଧାନ ଆମକୁ ପ୍ରଦାନ କରିଛି । ସାଂପ୍ରତିକ ସମୟରେ ସାମାଜିକ ଗଣମାଧ୍ୟମରେ ନିଜର ମତ ତଥା ଅନ୍ୟ କୌଣସି ପ୍ରସଙ୍ଗ ଆମେ ଉପସ୍ଥାପିତ କଲା ସମୟରେ ଅତି ସାବଧାନ ଓ ସତର୍କତା ଅବଲମ୍ବନ କରିବା ଆବଶ୍ୟକ । ନିଜର ସୁରକ୍ଷା ସହିତ ରାଷ୍ଟ୍ରର ସମ୍ମାନ, ସ୍ୱାଭିମାନ ଓ ଅନ୍ୟ କାହାର ଯେପରି ମାନ ହାନୀ ନହୁଏ ସେଥିପ୍ରତି ସମସ୍ତେ ଦୃଷ୍ଟିଦେବା ଆବଶ୍ୟକ ।

ମିଥ୍ୟା ଆରୋପ, ପ୍ରତ୍ୟାରୋପ, ଅନ୍ୟ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେବା, ଅଶ୍ଳୀଳ ଭାଷା ପ୍ରୟୋଗ, ଚରିତ୍ର ସଂହାର କଲାପରି ଲେଖିବା ପ୍ରାୟତଃ ଦେଖା ଯାଉଛି । କିଛି ଗଣମାଧ୍ୟମ ସଂସ୍ଥା ଯିଏକି ନିଜକୁ ନିଜେ ଆମେ ଉତ୍ତମ ବୋଲି ଦର୍ଶକଙ୍କୁ କହିବା ସହ ଉକ୍ତ କାର୍ଯ୍ୟକଳାପରେ ଲିପ୍ତଥା’ନ୍ତି । ପ୍ରଶ୍ନ ଉଠୁଛି ! ଏହାର ପ୍ରତିକାର କ’ଣ ? ଆମ ଆଇନ ଅବା ନ୍ୟାୟ ବ୍ୟବସ୍ଥା କ’ଣ କହୁଛି ? ସରକାର ଏ ସମସ୍ତ ପ୍ରସଙ୍ଗରେ ଅବଗତ ଅଛନ୍ତି ତ ? ଏମିତି ବହୁତ ପ୍ରଶ୍ନ ସ୍ୱଭାବିକ । ସାମାଜିକ ଗଣମାଧ୍ୟମରେ ମାନହାନୀ, କୁପ୍ରାରଟନା, ଅପମାନ ସୂଚକ ମନ୍ତବ୍ୟ ନିସ୍ଥିତ ଆଇନଗତ ଭାବେ ଅପରାଧିକ କାର୍ଯ୍ୟକଳାପର ଅନ୍ତର୍ଭୁକ୍ତ ଅଟେ । ସୂଚନାଯୋଗ୍ୟ ଯେ, ଭାରତରେ ୨୦୦୦ ମସିହାରୁ ସୂଚନା ପ୍ରଯୁକ୍ତି ଆଇନ ପ୍ରଚଳିତ ହୋଇ ଆସୁଛି । ସାମ୍ପ୍ରତିକ ସମୟରେ ନୂତନ ଭାବେ ପ୍ରଚଳିତ ଭାରତୀୟ ନ୍ୟାୟ ସଂହିତାର ଧାରା ୩୫୬ ଅନ୍ତର୍ଗତ ସାମାଜିକ ଗଣମାଧ୍ୟମରେ ଯେ କୌଣସି ବ୍ୟକ୍ତିବିଶେଷ କାହା ବିରୋଧରେ କୌଣସି ଅପମାନ ସୂଚକ ମନ୍ତବ୍ୟ, ପୋଷ୍ଟ, ସେୟାର କଲେ ସର୍ବାଧିକ ଦୁଇ ବର୍ଷ ସଶ୍ରମ କାରାଦଣ୍ଡ ସହ ଜୋରିମାନାର ବ୍ୟବସ୍ଥା ରହିଛି । ଆଇନ ବିଶେଷଜ୍ଞଙ୍କ ମତ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନର ଧାରା ୬୬ ଅନ୍ତର୍ଗତ କୌଣସି ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ଅପମାନ ସୂଚକ ବା ମାନହାନୀ ପୂର୍ଣ୍ଣ ମନ୍ତବ୍ୟ, ବିଭ୍ରାନ୍ତିକର ତଥ୍ୟ ପୋଷ୍ଟ କଲେ ସର୍ବାଧିକ ତିନିବର୍ଷ ସଶ୍ରମ କାରାଦଣ୍ଡ ସହ ୫ଲକ୍ଷ ଟଙ୍କା ଜୋରିମାନା ପ୍ରାବଧାନ ରହିଛି ।

ଏହା ସହିତ ଚାପ୍ଟର ୨ ଅନ୍ତର୍ଗତ ଧାରା ୪୩ ଅନୁସାରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ ପାଇଁ ବ୍ୟବହୃତ କମ୍ପ୍ୟୁଟର ମାଲିକର ବିନା ଅନୁମତିରେ ଦେଖିଲେ ଅବା ଡାଟା ଡାଉନଲୋଡ଼ କଲେ, ହେରଫେର କଲେ, ଭାଇରସକୁ ପ୍ରବେଶ କରାଇବା ଭଳି ଘୃଣ୍ୟ କାମ କଲେ ଏକ କୋଟି ଟଙ୍କା ଅର୍ଥରାଶି ଜୋରିମାନାର ପ୍ରାବଧାନ ରହିଛି । ବହୁ ଧାରା ରହିଥିଲେ ମଧ୍ୟ ସାଧାରଣ ନାଗରିକ ଏ ସମ୍ପର୍କରେ ବିଶେଷ ଭାବେ ଅବଗତ ନ ଥାନ୍ତି । ସରକାର ବର୍ତମାନ ଏହା ବିରୋଧରେ କଠିନ ଦଣ୍ଡ ବ୍ୟବସ୍ଥା ଓ ବିଶେଷ ଆଇନ ଆଣିବାକୁ କହିଲେ ମଧ୍ୟ ଏହାର ସଠିକ କାର୍ଯ୍ୟକାରିତାକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହେଉଛି । ଯେ କୌଣସି ପ୍ରସଙ୍ଗ ଉପସ୍ଥାପନ କରିବା ପୂର୍ବରୁ ତାହାର ସତ୍ୟତା ସମ୍ପୂର୍ଣ୍ଣରୂପେ ବିଚାର କରିବା ନିହାତି ଆବଶ୍ୟକ । ବିଶେଷ ଭାବେ, ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ କୌଣସି ଗୁରୁତ୍ୱପୂର୍ଣ୍ଣ, ସମ୍ବେଦନଶୀଳ ପ୍ରସଙ୍ଗରେ ଖାମଖିଆଲି ଢଙ୍ଗରେ ଉପସ୍ଥାପନ ନ କରି ସଠିକ ଭାବେ ସତ୍ୟତା ଓ ପ୍ରସଙ୍ଗଟି କେତେ ଗୁରୁତ୍ୱପୂର୍ଣ୍ଣ ତାହା ଉପରେ ନିସ୍ଥିତ ଦୃଷ୍ଟି ନିକ୍ଷେପ କରି ବିଶ୍ଳେଷଣ ଅବା ଲେଖିବା ଆବଶ୍ୟକ । କୌଣସି ନିର୍ଦ୍ଦିଷ୍ଟ ଧର୍ମ, ଜାତି, ସମ୍ପ୍ରଦାୟ ଉପରେ ଆକ୍ଷେପ କରାଯିବା ସମ୍ପୂର୍ଣ୍ଣ ଭାବେ ବର୍ଜନୀୟ ହେବା ସହିତ ରାଜ୍ୟ ତଥା ଆମ ରାଷ୍ଟ୍ରରେ ଶାନ୍ତି, ସଦଭାବନା, ଭାତୃଭାବ, ସଂସ୍କୃତି, ଐତିହ୍ୟ ପ୍ରମୁଖକୁ ଗୁରୁତ୍ୱ ପ୍ରଦାନ କରି ସେ ଦିଗରେ ଉକ୍ତ ସାମାଜିକ ଗଣମାଧ୍ୟମ ରେ ଚର୍ଚ୍ଚା ହେବା ଶୁଭଙ୍କର ହେବ । ବିଶେଷ ଭାବେ ପିତାମାତା ଓ ଅଭିଭାବକଙ୍କ ଭୂମିକା ବେଶୀ ରହିଥାଏ । ପିଲାମାନଙ୍କୁ ସାମାଜିକ ଗଣମାଧ୍ୟମରେ ଚରିତ୍ର ସଂହାର ଧର୍ତବ୍ୟ ଅପରାଧ ।

ସାମାଜିକ ଗଣମାଧ୍ୟମ ରେ ମିଥ୍ୟା ଆରୋପ, ପ୍ରତ୍ୟାରୋପ, ଅନ୍ୟ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେବା, ଅଶ୍ଳୀଳ ଭାଷା ପ୍ରୟୋଗର, ଚରିତ୍ର ସଂହାର କଲାପରି ଲେଖିବା ପ୍ରାୟତଃ ଦେଖା ଯାଉଛି । କୌଣସି ନିର୍ଦ୍ଦିଷ୍ଟ ଧର୍ମ, ଜାତି, ସମ୍ପ୍ରଦାୟ ଉପରେ ଆକ୍ଷେପ କରାଯିବା ସମ୍ପୂର୍ଣ୍ଣ ଭାବେ ବର୍ଜନୀୟ ହେବା ସହିତ ରାଜ୍ୟ ତଥା ଆମ ରାଷ୍ଟ୍ରରେ ଶାନ୍ତି, ସଦଭାବନା, ଭାତୃଭାବ, ସଂସ୍କୃତି, ଐତିହ୍ୟ ପ୍ରମୁଖକୁ ଗୁରୁତ୍ୱ ପ୍ରଦାନ କରି ସେ ଦିଗରେ ଉକ୍ତ ସାମାଜିକ ଗଣମାଧ୍ୟମ ରେ ଚର୍ଚ୍ଚା ହେବା ଶୁଭଙ୍କର ହେବ । ବିଶେଷ ଭାବେ ପିତାମାତା ଓ ଅଭିଭାବକଙ୍କ ଭୂମିକା ବେଶୀ ରହିଥାଏ । ପିଲାମାନଙ୍କୁ ସାମାଜିକ ଗଣମାଧ୍ୟମରେ ଚରିତ୍ର ସଂହାର ଧର୍ତବ୍ୟ ଅପରାଧ ।

ସାମାଜିକ ଗଣମାଧ୍ୟମ ରେ ମିଥ୍ୟା ଆରୋପ, ପ୍ରତ୍ୟାରୋପ, ଅନ୍ୟ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେବା, ଅଶ୍ଳୀଳ ଭାଷା ପ୍ରୟୋଗର, ଚରିତ୍ର ସଂହାର କଲାପରି ଲେଖିବା ପ୍ରାୟତଃ ଦେଖା ଯାଉଛି । କୌଣସି ନିର୍ଦ୍ଦିଷ୍ଟ ଧର୍ମ, ଜାତି, ସମ୍ପ୍ରଦାୟ ଉପରେ ଆକ୍ଷେପ କରାଯିବା ସମ୍ପୂର୍ଣ୍ଣ ଭାବେ ବର୍ଜନୀୟ ହେବା ସହିତ ରାଜ୍ୟ ତଥା ଆମ ରାଷ୍ଟ୍ରରେ

ଆଜି ପ୍ରଧାନମନ୍ତ୍ରୀଙ୍କ ଗୁଜରାଟ ଓ ମହାରାଷ୍ଟ୍ର ଗସ୍ତ

ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ପ୍ରକଳ୍ପର ହେବ ଶିଳାନ୍ୟାସ

ନୂଆଦିଲ୍ଲୀ,୭।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଗୁଜରାଟ ଓ ମହାରାଷ୍ଟ୍ର ଗସ୍ତ କରିବେ। ଏହି ଗସ୍ତ ସମୟରେ ସେ ବହୁ ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ ଓ ରାଷ୍ଟ୍ରକୁ ସମର୍ପଣ କରିବା ସହ ବିଭିନ୍ନ ସମାବେଶକୁ ସମ୍ବୋଧିତ କରିବେ। ଏହା ସହ ମୁମ୍ବାଇରେ ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟ (GFF) ୨୦୨୬ର ଉଦ୍‌ଘାଟନ କରିବେ। ପ୍ରଧାନମନ୍ତ୍ରୀ ପ୍ରଥମେ ଗୁଜରାଟର ଭଦୋଦରା ଗସ୍ତ କରିବେ। ସେଠାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବା ସହ କିଛି ପ୍ରକଳ୍ପକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିବେ। ପରେ ଏକ ସମାବେଶରେ ଉଦ୍‌ବୋଧନ ଦେବେ।ମୋଦୀଙ୍କ ଦ୍ୱାରା ରାଷ୍ଟ୍ରକୁ ସମର୍ପିତ ହେବାକୁ ଥିବା ପ୍ରମୁଖ ପ୍ରକଳ୍ପ ମଧ୍ୟରେ ପଶ୍ଚିମ ସମର୍ପିତ ମାଲ ପରିବହନ କରିଡର (WDFC)ର ତିନିଟି ଗୁରୁତ୍ୱପୂର୍ଣ୍ଣ ଅଂଶ ରହିଛି। ପ୍ରାୟ ୩୨୬ କିମି ଲମ୍ବା ଏହି ଅଂଶଗୁଡ଼ିକର ବିକାଶରେ ୨୦,୭୦୦ କୋଟି ଟଙ୍କାରୁ ଅଧିକ ବ୍ୟୟ ହୋଇଛି। ଏହି ତିନି ଅଂଶ ହେଲା ସନନ୍ଦ

(ଉତ୍ତର)-ମକରପୁରା, ନ୍ୟୁ ଉମ୍ବରଗାଓଁ-ନ୍ୟୁ ସାପାଲେ ଏବଂ ନ୍ୟୁ ସାପାଲେ-JNPT ସେକ୍ସନ।

WDFCର ଏହି ଅଂଶଗୁଡ଼ିକ କାର୍ଯ୍ୟକ୍ଷମ ହେବା ପରେ ସମଗ୍ର DFC ନେଟୱାର୍କ ଏହାର ନିର୍ଦ୍ଧାରିତ ଲମ୍ବରେ କାର୍ଯ୍ୟକ୍ଷମ ହେବ। ଜବାହରଲାଲ ନେହେରୁ ବନ୍ଦର ପ୍ରାଧିକରଣ (JNPA) ସହ ସିଧାସଳଖ ରେଳ ସଂଯୋଗ ଦ୍ୱାରା ରପ୍ତାନି-ଆମଦାନି (EXIM) କାର୍ଗୋ ପରିବହନ ଅଧିକ ଦ୍ରୁତ ହେବ। ଏହା ଶିଳ୍ପ କେନ୍ଦ୍ରଗୁଡ଼ିକୁ ବନ୍ଦର ସହ ଯୋଡ଼ିବା ସହ ଲଜିଷ୍ଟିକ୍ସ ଖର୍ଚ୍ଚ କମାଇବାରେ ସହାୟକ ହେବ। ଏଥିସହ ମୁମ୍ବାଇର ରେଳ ନେଟୱାର୍କ ଉପରେ ମାଲ ପରିବହନର ଚାପ ମଧ୍ୟ ହ୍ରାସ ପାଇବ।ପ୍ରଧାନମନ୍ତ୍ରୀ ନ୍ୟୁ ସନନ୍ଦ (ଉତ୍ତର), ନ୍ୟୁ ମକରପୁରା, ନ୍ୟୁ ଉମ୍ବରଗାଓଁ ଓ ନ୍ୟୁ JNPT, ମୁମ୍ବାଇରୁ ମାଲବାହୀ ଟ୍ରେନ୍ ସେବାକୁ ମଧ୍ୟ ପତାକା ଦେଖାଇ ଶୁଭାରମ୍ଭ କରିବେ।ଏହା ବ୍ୟତୀତ ଭଦୋଦରା-ଟାଣ୍ଡା ରୋଡ୍ ମଧ୍ୟରେ ଏକ ନୂଆ ଟ୍ରେନ୍ ସେବାକୁ ମଧ୍ୟ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିବେ। ଏହି ଟ୍ରେନ୍ ଦ୍ୱାରା ଭଦୋଦରା, ଛୋଟା ଉଦେପୁର ଓ ଆଲିରାଜପୁର ଜିଲ୍ଲାର ଲୋକମାନେ ଉପକୃତ ହେବେ। ମୋଦୀ ପ୍ରାୟ ୩୨୯ କିମି ଲମ୍ବା ଓ ୯,୭୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ତିନିଟି ରେଳ ପ୍ରକଳ୍ପର ଶିଳାନ୍ୟାସ କରିବେ। ଏଥିରେ ଭଦୋଦରା-ରତଲାମ ତୃତୀୟ ଓ ଚତୁର୍ଥ ରେଳ ଲାଇନ, ମିୟାଗାମ କରଜନ-ଚୋରଣ୍ଡା-ମାଲସର ଗଇ ରୂପାନ୍ତର ଏବଂ ବିଶ୍ୱାମିତ୍ରୀ-ଦାଭୋଇ ଦୋହରୀକରଣ ପ୍ରକଳ୍ପ ରହିଛି।ସେହିପରି ପ୍ରାୟ ୧,୭୮୦ କୋଟି ଟଙ୍କା ବ୍ୟୟରେ ତିନିଟି ଜାତୀୟ ରାଜପଥ ପ୍ରକଳ୍ପର ମଧ୍ୟ ଶିଳାନ୍ୟାସ କରାଯିବ। ଗୁଜରାଟ ସରକାରଙ୍କ ପ୍ରାୟ ୨,୬୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ମଧ୍ୟ ମୋଦୀ କରିବେ।

'ଉଚ୍ଚ-କ୍ଷମତାପ୍ରାପ୍ତ କମିଟି'କୁ ଅଧିକ ସମୟ ଦେବାକୁ ସୁପ୍ରିମକୋର୍ଟଙ୍କ ନା'

'ଆପଣ ମୋର ଅବସରକୁ ଅପେକ୍ଷା କରିଛନ୍ତି' : ମୁଖ୍ୟ ବିଚାରପତି

ନୂଆଦିଲ୍ଲୀ,୭।୯: ଆରାବଳି ପାହାଡ଼ର ପରିଭାଷା ନିଶ୍ଚିତ କରିବା ପାଇଁ ଗଠିତ 'ଉଚ୍ଚ-କ୍ଷମତାପ୍ରାପ୍ତ କମିଟି'କୁ ଅଧିକ ସମୟ ଦେବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। କମିଟି ୨୮ ଫେବୃଆରୀ, ୨୦୨୭ ପର୍ଯ୍ୟନ୍ତ ସମୟ ମାଗିଥିଲା। ଦୃଢ଼ ମତ ରଖି, ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ନଭେମ୍ବର ୩୦, ୨୦୨୬ ସୁଦ୍ଧା ଏହାର ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କଠୋର ଅସନ୍ତୋଷ ପ୍ରକାଶ କରି ମୁଖ୍ୟ ବିଚାରପତି କହିଛନ୍ତି ଯେ କମିଟି କାମ ଆରମ୍ଭ କରିବା ପରେ ତୁରନ୍ତ ଅତିରିକ୍ତ ଛଅ ମାସ ଅନୁରୋଧ କରିଥିଲା। ଏହା ଦେଖାଯାଉଥିଲା ଯେପରି କମିଟି ତାଙ୍କ ଅବସର ପାଇଁ ଅପେକ୍ଷା କରିଛି। ସେ ସ୍ପଷ୍ଟ କରିଛନ୍ତି ଯେ କମିଟି କୌଣସି ଏକ୍ସଟେନସନ୍ ପାଇବ ନାହିଁ। ଏହା ଦିନରାତି କାମ କରିବା ଉଚିତ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହାର ରିପୋର୍ଟ ଦାଖଲ କରିବା ଉଚିତ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୨,

୨୦୨୬ ରେ ଅନୁଷ୍ଠିତ ହେବ। ମୁଖ୍ୟ ବିଚାରପତି କହିଛନ୍ତି, 'ଯଦି ସେମାନେ ଦୁଇ ମାସ ମଧ୍ୟରେ ଏହା କରିବାରେ ବିଫଳ ହୁଅନ୍ତି, ତେବେ ଆମେ ସମଗ୍ର ପ୍ୟାନେଲକୁ ପୁନର୍ଗଠନ କରିବୁ।'

ଗତ ବର୍ଷ ନଭେମ୍ବରରେ, ସୁପ୍ରିମକୋର୍ଟ ଏକ ବିଶେଷଜ୍ଞ କମିଟିର ରିପୋର୍ଟ ଗ୍ରହଣ କରିଥିଲେ। ଏହି ରିପୋର୍ଟରେ, ୧୦୦ ମିଟରରୁ କମ୍ ଉଚ୍ଚତା ବିଶିଷ୍ଟ ପାହାଡ଼ ଗୁଡ଼ିକୁ ଆରାବଳି ପାହାଡ଼ର ପରିଭାଷାରୁ ବାଦ ଦିଆଯାଇଥିଲା। ପରିବେଶବିତମାନେ ଏହାକୁ ବିରୋଧ କରି ଯୁକ୍ତି ଦେଇଥିଲେ ଯେ ଏହା ଛୋଟ ପାହାଡ଼ ଏବଂ ଆଖପାଖର ପରିବେଶକୁ ସୁରକ୍ଷା ବାହାରେ ରଖିବ ଏବଂ ବେଆଇନ ଖଣି ଖନନ ବୃଦ୍ଧି କରିବ। ପରିବେଶ କର୍ମୀଙ୍କ ବିରୋଧ ପରେ, ସୁପ୍ରିମକୋର୍ଟ ଡିସେମ୍ବର ୨୯ ତାରିଖରେ ତାଙ୍କ ଆଦେଶ ଉପରେ ସ୍ଥଗିତ ରଖିଥିଲେ। ଚଳିତ ବର୍ଷ ମେ ମାସରେ, କୋର୍ଟ ଏହି ପ୍ରସଙ୍ଗର ସମୀକ୍ଷା କରିବା ପାଇଁ ଏକ ପାଞ୍ଚ ଜଣିଆ କମିଟି ଗଠନ କରିଥିଲେ। କମିଟିକୁ ସମଗ୍ର ଆରାବଳି ଅଞ୍ଚଳକୁ କିପରି ସୁରକ୍ଷା ଦିଆଯିବ ତାହା ନିଷ୍ପତ୍ତି ନେବାର ଦାୟିତ୍ୱ ଦିଆଯାଇଛି। ଏହା ରାଜସ୍ଥାନ ଏବଂ ଗୁଜରାଟର ଆଦିବାସୀ, ଚାଷୀ ଏବଂ ପରିବେଶ ବିଶେଷଜ୍ଞଙ୍କ କଥା ଶୁଣିବା ପରେ ଏକ ରିପୋର୍ଟ ପ୍ରସ୍ତୁତ କରିବ।

ପିଜି ବିଲ୍‌ଡିଂ ଭୁଶୁଡ଼ିବା ଘଟଣାରେ ଅସନ୍ତୋଷ ଝାଡ଼ିଲେ ହାଇକୋର୍ଟ

ସରକାର ଓ ଏମସିଡି ନିଜ ଦାୟିତ୍ୱରୁ ଖସି ଯାଇପାରିବେ ନାହିଁ

- ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ
- ବିଲ୍‌ଡିଂ ଭୁଶୁଡ଼ି ୭ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୭।୯: ଦିଲ୍ଲୀ ପେଇଂ ଗେଷ୍ଟ(ପିଜି) ବିଲଡିଂ ଭୁଶୁଡ଼ିବା ଘଟଣାରେ ଆଜି ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ଦିଲ୍ଲୀ ହାଇକୋର୍ଟ। ସରକାର ଓ ଦିଲ୍ଲୀ ପୌର ପାଳିକା ଉପରେ ହାଇକୋର୍ଟ ଜୋରଦାର ବର୍ଷିଛନ୍ତି। ସରକାର ଓ ଏମସିଡି ନିଜ ଦାୟିତ୍ୱରୁ ଖସି ଯାଇ ପାରିବେ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏଥିସହ ଦିଲ୍ଲୀ ପୌର ପାଳିକା ବା ଏମସିଡିକୁ ସତ୍ୟ ନିକେତନରେ ବିଲଡିଂ ଭୁଶୁଡ଼ିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସତ୍ୟ ନିକେତନ ବିଲଡିଂ ଭୁଶୁଡ଼ିବା ଘଟଣାରେ ୭ ଜଣଙ୍କ ମୃତ୍ୟୁ ହୋଇଛି। ଏହି ବିଲଡିଂ ବୈଧ ଅନୁମତି ସହ ନିର୍ମାଣ ହୋଇଥିଲା କି ନାହିଁ, ତା'ର ଯାଞ୍ଚ କରାଯିବ। ଏହାବାଦ ଦିଲ୍ଲୀରେ ଥିବା ସମସ୍ତ ପେଇଂ ଗେଷ୍ଟ ହେଷ୍ଟେଲକୁ ବ୍ୟବସ୍ଥିତ କରିବାକୁ ତତ୍କାଳ ପଦକ୍ଷେପ ନେବାକୁ ମଧ୍ୟ କୋର୍ଟ କହିଛନ୍ତି। କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ଏମସିଡି ତଦନ୍ତ ଉଚ୍ଚସ୍ତରୀୟ କାର୍ଯ୍ୟନିର୍ବାହୀ ସ୍ତରରେ କରିବ ଓ ଭୁଶୁଡ଼ି ପଡ଼ିଥିବା ବିଲଡିଂ ଯଦି ବୈଧକ ଅନୁମତି ବିନା ନିର୍ମାଣ ହୋଇଥିବ, ତା'ହେଲେ ଦାୟୀ ଅଧିକାରୀଙ୍କୁ ଉତ୍ତରଦାୟୀ କରିବ। ବିଲଡିଂ ଭୁଶୁଡ଼ିବା ଘଟଣାରେ ଦାୟୀ ଅଧିକାରୀଙ୍କ ବିରୋଧରେ କ'ଣ ସବୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତା'ର ତଥ୍ୟ ମଧ୍ୟ ଏମସିଡିକୁ ମାଗିଛନ୍ତି କୋର୍ଟ।

ରବିବାର ଦକ୍ଷିଣ ଦିଲ୍ଲୀର ସତ୍ୟ ନିକେତନରେ ଥିବା ୫ ମହଲା ବିଶିଷ୍ଟ ଛାତ୍ରମାନଙ୍କ ଗୋଟିଏ ପିଜି ଭୁଶୁଡ଼ି ପଡ଼ିଥିଲା। ଏଠାରେ ମରାମତି ଚାଲିଥିବା ବେଳେ ଏପରି ଘଟଣା ଘଟିଥିଲା। ଏହାର ଶୁଣାଣି ବେଳେ ଆଜି କୋର୍ଟ ଏଭଳି ନିର୍ଦ୍ଦେଶ ଜାରି କରିଛନ୍ତି। ଶୁଣାଣି ବେଳେ ଦିଲ୍ଲୀରେ ଥିବା ସମସ୍ତ ପିଜି ହଷ୍ଟେଲଗୁଡ଼ିକର ଅଡିଟ୍ କରିବାକୁ ଏମସିଡିକୁ ନିର୍ଦ୍ଦେଶ ଦିଆଯାଇଛି। ବୈଧ ଅନୁମତି ଓ ବିଲ୍ଡିଂ ବାଇ-ଲ ଅନୁସାରେ ଏହି ପିଜିଗୁଡ଼ିକ ନିର୍ମାଣ ହୋଇଛି କି ନାହିଁ, ତା'ର ଯାଞ୍ଚ କରାଯିବ। ଏଥିସହ ପିଜିଗୁଡ଼ିକରେ କେତେ ଛାତ୍ରଛାତ୍ରୀ ରହୁଛନ୍ତି, ସେନେଇ ମଧ୍ୟ ତଥ୍ୟ ମାଗିଛନ୍ତି ହାଇକୋର୍ଟ। ଛାତ୍ରଛାତ୍ରୀମାନେ ଫ୍ଲାଟ୍ ମଧ୍ୟ ଭଡ଼ାରେ ନେଇ ରହୁଥିବା କଥା ଶୁଣିବା ପରେ କୋର୍ଟ ପ୍ରଶ୍ନ କରିଛନ୍ତି ଯେ ଭଡ଼ାରେ ନିଆଯାଇଥିବା କୌଣସି ଫ୍ଲାଟ୍‌କୁ ପିଜି ଭାବେ ବ୍ୟବହାର କରାଯାଉଛି କି ନାହିଁ, ସରକାର ସେକଥା କେମିତି ଜାଣିବ କୋର୍ଟ କହିଛନ୍ତି, ଯଦି ପିଜି ଆବାସ ପାଇଁ କୌଣସି ନିୟମ ନାହିଁ, ତେବେ ସରକାରଙ୍କୁ ଏନେଇ ନିୟମ ପ୍ରଣୟନ କରିବାକୁ ପଡ଼ିବ। ଯଦି ଗେଷ୍ଟହାଉସ୍‌କୁ ନିୟନ୍ତ୍ରଣ କରିହେଉଛି, ତେବେ ପିଜିଗୁଡ଼କୁ କାହିଁକି ନୁହେଁ? ପିଜିଗୁଡ଼ିକର ଆକାର, ବିଦ୍ୟୁତ ବ୍ୟବସ୍ଥା ଓ ସୁରକ୍ଷା ଭଳି ଦିଗଗୁଡ଼ିକୁ ମଧ୍ୟ ନିୟମ ପରିସରକୁ ଆଣିବା ଆବଶ୍ୟକ ବୋଲି କୋର୍ଟ ମତ ରଖିଛନ୍ତି।

ରାଜସ୍ଥାନରୁ ହଷ୍ଟେଲ ମାଲିକ ଗିରଫ

ଧରା ପଡ଼ିଲେ ଦିଲ୍ଲୀ କିଲର ବିଲଡିଂର ମାଲିକ। ବିଲଡିଂ ଭୁଶୁଡ଼ିବାର ୨୪ ଘଣ୍ଟା ପରେ ଏହାର ମାଲିକଙ୍କୁ ରାଜସ୍ଥାନରୁ ଧରିଛି ପୁଲିସ୍। ରବିବାର ଦିଲ୍ଲୀର ସତ୍ୟ ନିକେତନ ଅଞ୍ଚଳରେ ଚାଲିଥିବା ୫ ମହଲା ବିଶିଷ୍ଟ ପିଜି(ପେଇଂ ଗେଷ୍ଟ) ହଷ୍ଟେଲ ଭୁଶୁଡ଼ି ପଡ଼ିଥିଲା। ଏଥିରେ ୭ ଜଣ ପ୍ରାଣ ହରାଇଥିବା ବେଳେ ୧୧ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏବେ ବି ବିଲଡିଂର ଧ୍ୱଂସାବଶେଷ ତଳେ ୨୦ରୁ ୨୫ ଜଣ ଫସି ରହିଥିବା ଆଶଙ୍କା କରାଯାଉଛି। ଏସବୁ ଭିତରେ ପୁଲିସ୍ ବିଲଡିଂର ମାଲିକ ହରିରାମ ଗୁପ୍ତାଙ୍କୁ ରାଜସ୍ଥାନ-ହରିୟାଣା ସୀମାନ୍ତ ଭିୱାଡିରୁ ଗିରଫ କରିଛି। ଏହା ହରିରାମଙ୍କ ଗୁରୁଗ୍ରାମ ବାସଭବନ ଠାରୁ ୪୦ କିମି ଦୂର। ରବିବାର ବିଲଡିଂ ଭୁଶୁଡ଼ିବା ପରଠାରୁ ହରିରାମ ଫେରାର ହୋଇ ଯାଇଥିଲେ। ତାଙ୍କୁ ଧରିବା ପାଇଁ ଦିଲ୍ଲୀ ପୁଲିସ୍ ଲୁକ ଆଉଟ ସର୍କ୍ୟୁଲାର ଜାରି କରିବା ସହ ତାଙ୍କ ପାସପୋର୍ଟ ଜବତ କରିଥିଲା। ସେହିପରି ତାଙ୍କୁ ଧରିବା ପାଇଁ ୧୦ଟି ଟିମ ଗଠନ କରିଥିଲା। ରାତି ତମାମ ହରିରାମଙ୍କ ସହ ଜଡ଼ିତ ବିଭିନ୍ନ ଠିକଣାରେ ରେଡ୍ କରିଥିଲା। ହରିରାମ ଗିରଫଦାରୀ ଭୟରେ ନିଜର ପେଷ୍ଟସ ଓ ହାର୍ଡୱାର ଦୋକାନ ମଧ୍ୟ ବନ୍ଦ କରି ଫେରାର ହୋଇଯାଇଥିଲେ। ହେଲେ ପୁଲିସ୍ ତାଙ୍କୁ ଏବେ ଗିରଫ କରିବାକୁ ସକ୍ଷମ ହୋଇଛି।

ଚୁଟ୍‌କୀରେ...

ଆହୁରି ମଜବୁତ ହେବ ଭାରତର ପ୍ରତିରକ୍ଷା କ୍ଷେତ୍ର
କିଣାଯିବ ୧.୧୦ ଲକ୍ଷ କୋଟିର ଯୁଦ୍ଧାସ୍ତ୍ର

ନୂଆଦିଲ୍ଲୀ,୭।୯: ଆହୁରି ମୁଜବୁତ ହେବ ଭାରତର ପ୍ରତିରକ୍ଷା କ୍ଷେତ୍ର। ବଢ଼ିବ ୩ ସେନାର ବଳ। କାରଣ ଭାରତର ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ(ଡିଏସି) ୩ ସେନା ବାହିନୀ ପାଇଁ ୧.୧୦ ଲକ୍ଷ କୋଟି ଟଙ୍କାର ଯୁଦ୍ଧାସ୍ତ୍ର କିଣିବାକୁ ଦେଇଛି ଅନୁମତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ବସିଥିବା ଡିଏସିରେ ଏଭଳି ନିଷ୍ପତ୍ତି ହୋଇଛି। ଏହା ମଧ୍ୟରୁ ପ୍ରାୟ ୯୮% ପ୍ରତିରକ୍ଷା ସାମଗ୍ରୀ ଭାରତରେ ନିର୍ମାଣ କରୁଥିବା କମ୍ପାନୀଗୁଡ଼ିକ ଠାରୁ କିଣାଯିବ ବୋଲି ପରିଷଦ କହିଛି। ପରିଷଦ ଭାରତୀୟ ସ୍ଥଳ ସେନା, ନୌସେନା ଓ ବାୟୁସେନା ପାଇଁ ବିଭିନ୍ନ ସାମରିକ ସାମଗ୍ରୀ କିଣିବା ପ୍ରସ୍ତାବକୁ ଆବଶ୍ୟକତା ସ୍ୱୀକୃତି ପ୍ରଦାନରେ ସହମତି ହୋଇଛି। ଭାରତୀୟ ସ୍ଥଳ ସେନା ପାଇଁ କେମିକାଲ, ବାୟୋଲଜିକାଲ, ରେଡିଓଲଜିକାଲ ଆଣ୍ଡ ନ୍ୟୁକ୍ଲିୟର (ସିବିଆରଏନ) ଗାଡ଼ି, ହାଇ ମୋବିଲିଟି ଭେହିକଲ୍, ସେଲ୍ଫ-ପ୍ରୋପେଲ୍ଡ ମେକାନିକାଲ ମାଇନ୍ ଲେୟର, ଆଡଭାନ୍‌ଡ୍ ଲାଇଟ୍ ହେଲିକପ୍ଟର ଓ ଟ୍ରଲ୍ ଟ୍ୟାଙ୍କ କିଣାଯିବ। ସିବିଆରଏନ ଯାନଗୁଡ଼ିକ ବିଭିନ୍ନ ଅଞ୍ଚଳକୁ ଚିହ୍ନଟ ଓ ନିରୀକ୍ଷଣ କରିବାରେ ବ୍ୟବହୃତ ହେବ। ହାଇ ମୋବିଲିଟି ଭେହିକଲ୍‌ଗୁଡ଼ିକ କଠିନ ଓ ଦୁର୍ଗମ ଅଞ୍ଚଳରେ ସେନାର ଅଭିଯାନ କ୍ଷମତା, ଲଜିଷ୍ଟିକ୍ସ ସହାୟତା କରିବ।

ଭାରତ ସହ ଚନ୍ଦ୍ର ଅଭିଯାନରେ ସାମିଲ ହେବ ଆମେରିକା

ବେଙ୍ଗାଲୁରୁ,୭।୯: ଭାରତରେ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ଉଭୟ ଦେଶର ମହାକାଶ କାର୍ଯ୍ୟକ୍ରମର ଭବିଷ୍ୟତ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତି ଦେଇଛନ୍ତି। ସେ କହିଛନ୍ତି ଯେ, ଆମେରିକା ଚନ୍ଦ୍ରକୁ ପୁଣି ଯିବ, ଏବଂ ଆମେ ଚାହୁଁଛୁ ଯେ, ଯେତେବେଳେ ଏହା ଘଟିବ ସେତେବେଳେ ଭାରତ ଆମ ସହିତ ଥିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ନାସା ଇସ୍ରୋକୁ ଏହାର ଚନ୍ଦ୍ର ବେସ୍ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆନୁଷ୍ଠାନିକ ଭାବରେ ନିମନ୍ତ୍ରଣ କରିଛି। ବେଙ୍ଗାଲୁରୁ ସ୍ପେସ୍ ଏକ୍ସପୋ ୨୦୨୬ରେ ଭାଷଣ ଦେଇ ଗୋର୍ କହିଛନ୍ତି, ଭାରତ ଆର୍ଟେମିସ୍ ଚୁକ୍ତିନାମାର ଏକ ଗର୍ବିତ ସ୍ୱାକ୍ଷରକାରୀ ଦେଶ। ଆମେ ଚନ୍ଦ୍ରକୁ ପୁଣି ଯିବୁ। ଆମେ ଚାହୁଁଛୁ ଯେ ଭାରତ ଚନ୍ଦ୍ର ପୃଷ୍ଠରେ ଆମ ସହିତ ରହୁ। ସର୍ଗିଓ ଗୋରଙ୍କ ଏହି ମନ୍ତବ୍ୟ ଏପରି ଏକ ସମୟରେ ଆସିଛି ଯେତେବେଳେ ଆର୍ଟେମିସ୍ ମିଶନ ଅନ୍ତର୍ଗତ ନାସା ବୈଜ୍ଞାନିକ ଆବିଷ୍କାର, ଆର୍ଥିକ ଲାଭ ପାଇଁ ଏବଂ ମଙ୍ଗଳ ଗ୍ରହକୁ ପ୍ରଥମ କୁ ମିଶନ ପାଇଁ ଭିତ୍ତିଭୂମି ସ୍ଥାପନ ପାଇଁ ଚନ୍ଦ୍ରର ଅଧିକ ଅଞ୍ଚଳରେ ଅନୁସନ୍ଧାନ କରିବା ପାଇଁ ମହାକାଶଚାରୀମାନଙ୍କୁ ବର୍ଦ୍ଧିତ ଚ୍ୟାଲେଞ୍ଜିଂ ମିଶନରେ ପଠାଇବ।

ଭାରତରେ ସୁନା ଆମଦାନିରେ ବମ୍ପର ହ୍ରାସ

ନୂଆଦିଲ୍ଲୀ,୭।୯: ଭାରତରେ ସୁନାର ଚାହିଦା ଏବଂ ଆମଦାନୀକୁ ନେଇ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳୁଛି। ପ୍ରକାଶିତ ତଥ୍ୟ ଅନୁସାରେ, ଅଗଷ୍ଟ ମାସରେ ଭାରତର ସୁନା ଆମଦାନୀ ବାର୍ଷିକ ଆଧାରରେ ପ୍ରାୟ ୩୦ ପ୍ରତିଶତ ହ୍ରାସ ପାଇଛି। ଏହି ହ୍ରାସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ସହିତ ସରକାରଙ୍କ ନୀତିଗତ ନିଷ୍ପତ୍ତି ସହ ଯୋଡ଼ି ଦେଖାଯାଉଛି। ତେବେ ବଜାର ବିଶେଷଜ୍ଞଙ୍କ ମତରେ, ସୁନା ଆମଦାନୀ କମିବା ପଛରେ କେବଳ ଗୋଟିଏ କାରଣ ନାହିଁ। ସୁନାର ରେକର୍ଡ ଦର ଏବଂ କଷମ ଡ୍ୟୁଟି ବୃଦ୍ଧି ମଧ୍ୟ ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। 'ମେଟାଲ୍ସ ଫୋକସ'ର ତଥ୍ୟ ଅନୁସାରେ, ମେ' ମାସରେ ଭାରତ ପ୍ରାୟ ୨୯.୪ ଟନ ସୁନା ଆମଦାନୀ କରିଥିଲା। ଗତବର୍ଷର ସମାନ ସମୟ ତୁଳନାରେ ଏହା ପ୍ରାୟ ୪ ପ୍ରତିଶତ କମ ଥିଲା। ଏହାପରେ ଆମଦାନୀ ହ୍ରାସର ଗତି ଆହୁରି ବଢ଼ିଥିଲା। ଜୁନରେ ସୁନା ଆମଦାନୀ ପ୍ରାୟ ୨୦ ପ୍ରତିଶତ, ଜୁଲାଇରେ ୨୩.୭ ପ୍ରତିଶତ ଏବଂ ଅଗଷ୍ଟରେ ପ୍ରାୟ ୩୦ ପ୍ରତିଶତ କମିଥିବା ଜଣାପଡ଼ିଛି। ତେବେ କେବଳ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଯୋଗୁ ହିଁ ଆମଦାନୀ କମିଛି ବୋଲି ତଥ୍ୟରୁ ସ୍ପଷ୍ଟ ହେଉନାହିଁ। ବର୍ତ୍ତମାନ ସୁନାର ଦର ମଧ୍ୟ ଉଚ୍ଚସ୍ତରରେ ରହିଛି। ଏହା ସହିତ ଟିକସ ଓ ଡ୍ୟୁଟି ବୃଦ୍ଧି ଯୋଗୁ ଆମଦାନୀକୃତ ସୁନା ଆହୁରି ମହଙ୍ଗା ହୋଇଛି। ସୁନା ଆମଦାନୀ ହ୍ରାସ ପଛରେ ମୁଖ୍ୟତଃ ଦୁଇଟି ବଡ଼ କାରଣ ରହିଥିବା କୁହାଯାଉଛି। କଷମ ଡ୍ୟୁଟି ବୃଦ୍ଧି: କେନ୍ଦ୍ର ସରକାର ମେ' ମାସରେ ସୁନା ଓ ରୂପା ଉପରେ କଷମ ଡ୍ୟୁଟି ବଢ଼ାଇ ୧୫ ପ୍ରତିଶତ କରିଥିଲେ। ଫଳରେ ବିଦେଶରୁ ସୁନା ଆମଦାନୀ କରିବା ମହଙ୍�ା ହୋଇଛି। ସୁନାର ରେକର୍ଡ ଦର: ଦେଶୀୟ ଓ ଅନ୍ତର୍ଜାତୀୟ ବଜାରରେ ସୁନା ଦର ଦୀର୍ଘ ସମୟ ଧରି ଉଚ୍ଚସ୍ତରରେ ରହିଛି। ଏହାର ପ୍ରଭାବ ସିଧାସଳଖ ଭାବେ ଗ୍ରାହକଙ୍କ ଉପରେ ପଡ଼ିଛି। ଅନେକ ଲୋକ ନୂଆ ଗହଣା କିଣିବାକୁ ସୀମିତ କରିଦେଇଛନ୍ତି। ଭାରତ ଚାଇନା ପରେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ସୁନା ଖରିଦଦାର ଦେଶ। ପ୍ରତିବର୍ଷ ଭାରତ ପ୍ରାୟ ୭୦୦ରୁ ୯୦୦ ଟନ ସୁନା ଆମଦାନୀ କରିଥାଏ। ଏଥିପାଇଁ ବହୁ ପରିମାଣର ବିଦେଶୀ ମୁଦ୍ରା ଖର୍ଚ୍ଚ ହୋଇଥାଏ। ଏହା ଦେଶର ବାଣିଜ୍ୟିକ ନିଅଣ୍ଟ ଏବଂ ଚାଲୁ ଖାତା ନିଅଣ୍ଟ (CAD) ଉପରେ ମଧ୍ୟ ପ୍ରଭାବ ପକାଇଥାଏ।

ନିର୍ବାଚନ କମିଶନଙ୍କ ବଡ଼ ଘୋଷଣା

୬ ଆସନରେ ହେବ ଉପନିର୍ବାଚନ

ନୂଆଦିଲ୍ଲୀ,୭।୯: ଦେଶର ୬ଟି ଆସନରେ ଉପନିର୍ବାଚନ ପାଇଁ

ଗାଁ କୁ ଗାଁ ବ୍ୟାପିବାରେ ଲାଗିଛି 'ଲମ୍ପି ଭାଇରସ୍'

ଛୋଟ ବାଛୁରୀ ଅଧିକ ଆକ୍ରାନ୍ତ, ଟଙ୍କା ଭଳି ଫଳୁଛି ଗଣ୍ଠି, କ୍ଷୀର କମୁଛି

ଅଷ୍ଟରଙ୍ଗ/କାକଟପୁର(ଅମୃତ ମିଡିଆ): ପୁରୀ ଜିଲ୍ଲା ଅଷ୍ଟରଙ୍ଗ ବ୍ଲକରେ ଏବେ ଗାଁ କୁ ଗାଁ ମାଡି ଚାଲିଛି ଲମ୍ପି ଆତଙ୍କ। ବ୍ଲକ ଅଧୀନ ଅଷ୍ଟରଙ୍ଗ, ଆଳସାହି, ନଗର, ତାଳଦା, ଶିଶୁଅ ପଞ୍ଚାୟତର ପ୍ରତି ଗାଁରେ ଶହ ଶହ ଗାଈ ଗୋରୁ ଲମ୍ପି ସ୍କିନ ଡିଜିଜ ବା ଚର୍ମ ବିଣ୍ଡି ରୋଗରେ ଛଟପଟ ହେଉଛନ୍ତି। ଶରୀର ସାରା ଟଙ୍କା ଭଳି ଗୋଲ ଗୋଲ ମାଂସଳ ଗଣ୍ଠି, ପାଟିରୁ ଲାଳ, ଆଖି ନାକରୁ ପାଣି, ଗୋଡ ଫୁଲି ଖଣ୍ଡିଆ ହୋଇ ଫାଟି ଯାଉଛି। କ୍ଷୀର ପୁରା ଶୁଖି ଯାଉଛି, ଓଜନ କମି ଯାଉଛି। ଗୋଟିଏ ଗାଈ ପଛରେ ମାସକୁ ୫ହଜାର ଟଙ୍କା ପର୍ଯ୍ୟନ୍ତ କ୍ଷତି ସହୁଛି ଚାଷୀ। ଅଷ୍ଟରଙ୍ଗ ଅଞ୍ଚଳର ଗୋପାଳକ ଅଜୟ ବେହେରାଙ୍କ ଘରେ ଏବେ ଦୁଃଖର ଛାୟା । ସେ କହିଛନ୍ତି, 'ଛୋଟ ଛୋଟ ବାଛୁରୀକୁ ଆଗ ଧରୁଛି। ଗାଈଙ୍କ ଦେହ ସବୁବେଳେ ଜ୍ୱର ଲାଗି ରହୁଛି। କ୍ଷୀର କମି ଯାଉଛି। ଡାକ୍ତର ସଠିକ କହି ପାରୁ ନାହାନ୍ତି। ଆଣ୍ଟିବାୟୋଟିକ ଦେବାକୁ କହୁଛନ୍ତି।

ଲକ୍ଷଣ ଟଙ୍କା ଭଳି ଫଳି ଯାଉଛି, ଗୋଡ ଘା ହୋଇ ଖଣ୍ଡିଆ ହୋଇ ଯାଉଛି। ମୋର ୨ରୁ ୪ଟି ବାଛୁରୀ ମରି ଗଲାଣି, ୨ଟି ବର୍ତମାନ ପୀଡିତ ଅଛନ୍ତି।' କେବଳ ଅଜୟ ନୁହେଁ, ଅଞ୍ଚଳର ପ୍ରାୟ ପ୍ରତି ଘରେ ସମାନ ଦୃଶ୍ୟ। ଏହା କ୍ୟାପ୍ରିପକ୍ସ ଭୂତାଣୁ ଦ୍ୱାରା ହେଉଥିବା ଭାଇରାଲ ରୋଗ। ବର୍ଷା ଦିନେ ମଶା, ମାଛି, ଉକୁଣୀ, ଟିଙ୍କ ଭଳି ରକ୍ତ ଶୋଷକ କୀଟଙ୍କ କାମୁଡା ଏବଂ ରୋଗୀ ଗାଈର ଲାଳ, ପାଣି ଓ କ୍ଷତରୁ ସୁସ୍ଥ ଗାଈକୁ ଡେଇଁଥାଏ। ଛୋଟ ବାଛୁରୀ ଓ ଅଧିକ କ୍ଷୀର ଦେଉଥିବା ଗାଈ ଶୀଘ୍ର ଆକ୍ରାନ୍ତ ହେଉଛନ୍ତି। ଏହା ମଣିଷକୁ ବ୍ୟାପେ ନାହିଁ ବୋଲି ବିଭାଗ କହୁଛି। ଏ ସମ୍ପର୍କରେ ଅଷ୍ଟରଙ୍ଗ ପ୍ରାଣୀ ଚିକିତ୍ସାଳୟର ଡାକ୍ତର ଶୁଭଶ୍ରୀ ପ୍ରଧାନ କହିଛନ୍ତି, 'ଲମ୍ପି ଏକ ଭାଇରାଲ ଡିଜିଜ। ଗାଈ, ଗୋରୁ ଦେହରେ ଏହା ଫଳିଯାଏ। ଜ୍ୱର ହୁଏ, ଗୋଡ ଫୁଲେ, ଖଣ୍ଡିଆ ହୋଇ ଫାଟେ। ଚିକିତ୍ସାରେ ଆଣ୍ଟିବାୟୋଟିକ ୫ରୁ ୭ ଦିନ ଦେବାକୁ ପଡିବ।' ହେଲେ ପ୍ରଶ୍ନ ଉଠୁଛି, ଆଣ୍ଟିବାୟୋଟିକ କଣ ଏକମାତ୍ର ଭରସା। ଦେଶରେ ଗୋଟ ପକ୍ସ ଟୀକାକୁ ଲମ୍ପି ପ୍ରତିଷେଧକ ଭାବେ ବ୍ୟବହାର କରାଯାଉଛି, ହେଲେ ଅଷ୍ଟରଙ୍ଗରେ ତାହା ପହଞ୍ଚି ନାହିଁ। ଆକ୍ରାନ୍ତ ଗାଈଙ୍କୁ ଅଲଗା ରଖିବା, ଗୁହାଳ ସାନିଟାଇଜ କରିବା, ମଶା ମାଛି ନିୟନ୍ତ୍ରଣ, ସଚେତନତା ଶିବିର କିଛି ହେଉ ନାହିଁ। ଗୋପାଳକ ସକାଳୁ ସଞ୍ଜ ଡାକ୍ତରଖାନା ଦୌଡୁଛନ୍ତି, କର୍ମଚାରୀ କହୁଛନ୍ତି ଔଷଧ ନାହିଁ। ବିଭାଗ କେବଳ କାଗଜ କଲମରେ ସୀମିତ। ଏହା କେବଳ ପଶୁ ରୋଗ ନୁହେଁ, ଏହା ଚାଷୀର ଜୀବିକା ଉପରେ ପ୍ରହାର। ଗାଈ ବଞ୍ଚିଲେ ଗାଁ ବଞ୍ଚିବ। ତେଣୁ ତୁରନ୍ତ ପ୍ରତି ପଞ୍ଚାୟତରେ ମେଡିକାଲ କ୍ୟାମ୍ପ, ମୋବାଇଲ ଭେଟେରିନାରୀ ଟିମ୍, ମାଗଣା ଔଷଧ ଓ ଟୀକାକରଣ ଦରକାର। ନଚେତ୍ ଆଗାମୀ ୧୫ ଦିନରେ ଅଷ୍ଟରଙ୍ଗରୁ ଶହ ଶହ ଗାଈ ଶେଷ ହୋଇଯିବେ, ଚାଷୀ ସର୍ବହରା ହେବ। ସରକାର ଏବେ ବି ଚେଇଁବେ କି ?

ତୁଳୀ ସ୍ପର୍ଶରେ ଜୀବନ୍ତ ଗଣପତି

- ଇଣ୍ଟରନେଟ୍ ଡିଜାଇନକୁ ମାଟିରେ ଉତ୍ତାରୁଛନ୍ତି କାରିଗର
- ରାଜା ବେଶ, ବାଲ୍ ଗଣେଶ, ପେଶୱା ବେଶରେ ଗଜାନନ
- ସୋମନାଥପୁରରେ ୫୦ କୁମ୍ଭକାର ପରିବାରର ଭକ୍ତି ପରମ୍ପରା
- ସୋମନାଥପୁରକୁ କେବେ ମିଳିବ 'ଶିଳ୍ପୀ 'ଗାଁ ମାନ୍ୟତା

କାକଟପୁର/ଅଷ୍ଟରଙ୍ଗ(ଅମୃତ ମିଡିଆ): ସବୁଜିମା ନୁହେଁ, ଏବେ ରଙ୍ଗର ମାହୋଲ। ପୂଜା ମାହୋଲରେ ଝୁମୁଛି ପୁରା ଜିଲ୍ଲା। କାକଟପୁର, ଅଷ୍ଟରଙ୍ଗରେ ଏବେଠୁ ଚଳଚଞ୍ଚଳ। କାରଣ ଆସୁଛନ୍ତି ବିଘ୍ନ ବିନାଶନ ଗଜାନନ। ଆଉ ପୁରା ଜିଲ୍ଲାର ପ୍ରସିଦ୍ଧ ମୂର୍ତ୍ତି ଗଡ କାକଟପୁରର ଜଗନ୍ନାଥପୁର ଓ ସୋମନାଥପୁରର ପ୍ରତି ଘରେ ଏବେ ମାଟିର ମହକ। ଶିଳ୍ପୀର ତୁଳୀ ସ୍ପର୍ଶରେ ଜୀବନ୍ତ ହେଉଛନ୍ତି ଗଣପତି। ଏଠି ୫୦ ରୁ ଅଧିକ କୁମ୍ଭକାର ପରିବାର ପୂର୍ବ ପୁରୁଷରୁ ଗଢୁଛନ୍ତି ଗଜାନନଙ୍କ ମୂର୍ତ୍ତି। ଏଠି ମୂର୍ତ୍ତି ଗଢ଼ା ନୁହେଁ, ଭକ୍ତି ଗଢ଼ା ହୁଏ ବୋଲି କୁହନ୍ତି ଶିଳ୍ପୀ। ମାଟିରୁ ମୂର୍ତ୍ତି, ମୂର୍ତ୍ତିରୁ ଭକ୍ତି, ଏହି ପରମ୍ପରାକୁ ବଞ୍ଚାଇ ରଖିଛନ୍ତି ଏମାନେ। ବାପା, ପୁଅ, ନାତି ତିନି ପିଢି ଏକାଠି ମାଟି ଦଳୁଛନ୍ତି, ବାଉଁଶ ବାନ୍ଧୁଛନ୍ତି, ରଙ୍ଗ ଦେଉଛନ୍ତି। ପ୍ରତି ଘରେ ଏବେ ନାନା ବେଶରେ ଗଜାନନ। କେଉଁଠି ରାଜା ବେଶ, ତ କେଉଁଠି ବାଲ ଗଣେଶ, କେଉଁଠି ମହାରାଷ୍ଟ୍ରୀୟ ପଗଡି ଓ ପେଶୱା ବେଶ। ଏବେ ଟ୍ରେଣ୍ଡ ବଦଳିଛି। ଗ୍ରାହକ ଇଣ୍ଟରନେଟରୁ ଡାଉନଲୋଡ କରି ଡିଜାଇନ ଦେଖାଉଛନ୍ତି, ଶିଳ୍ପୀ ମାଟିରେ ଅବିକଳ ଉତାରୁଛନ୍ତି। ନେଟ ଡିଜାଇନକୁ ବି ମାଟିରେ ଜୀବନ୍ତ କରୁଛନ୍ତି ଏହି କାରିଗର। କୋଲକାତା କାରିଗର ହୁଅନ୍ତୁ ବା ସ୍ଥାନୀୟ କାରିଗର, ସମସ୍ତେ ଦିନ ରାତି ଏକ କରିଛନ୍ତି। କାରଣ ଅପେକ୍ଷାରେ ଶହ ଶହ ପୂଜା ମଣ୍ଡପ। ଗଣେଶ ଚତୁର୍ଥୀ ପାଇଁ ଆଉ ମାତ୍ର କିଛି ଦିନ ବାକି, ତେଣୁ ରାତି ସାରା କାମ ଚାଲିଛି। ଚା ଦୋକାନରୁ ଚା ଆସୁଛି, ତୁଳୀ ଚାଲିଛି। ଗ୍ରାହକଙ୍କ ବରାଦ ଅନୁସାରେ ଚାଲିଛି ମୂର୍ତ୍ତି ତିଆରି। ଦର ରହିଛି ୨ ହଜାରରୁ ୩୫ ହଜାର ପର୍ଯ୍ୟନ୍ତ। ଛୋଟ ପିଲାଙ୍କ ଗଣେଶ ୨ ହଜାର, ବଡ ମଣ୍ଡପର ରାଜା ଗଣେଶ ୩୫ ହଜାର। ଅଭିଜ୍ଞ ଶିଳ୍ପୀଙ୍କ ହାତରେ ତିଆରି ମୂର୍ତ୍ତିର ସ୍ୱତନ୍ତ୍ର ଚାହିଦା। ନିଜ ମଣ୍ଡପକୁ ନମ୍ବର ୱାନ କରିବାକୁ କ୍ଲବ ସଦସ୍ୟଙ୍କ ମଧ୍ୟରେ ପ୍ରତିଯୋଗିତା। କେବଳ କାକଟପୁର ନୁହେଁ, ଅଷ୍ଟରଙ୍ଗ ବ୍ଲକର ହରିଣହୁଳା, ଗୋସିଙ୍ଗା, ଅସନ ଅଞ୍ଚଳରେ ମଧ୍ୟ ଖୋଲିଲାଣି ମୂର୍ତ୍ତି ଷ୍ଟଲ।

ରାସ୍ତା କଡରେ ଧାଡି ଧାଡି ଗଜାନନ ହସୁଛନ୍ତି। କାକଟପୁର ଜଗନ୍ନାଥପୁରରୁ ମୂର୍ତ୍ତି ଯାଏ ବିଭିନ୍ନ ଜିଲ୍ଲାକୁ। ଗ୍ରାମାଞ୍ଚଳ, ବିଦ୍ୟାଳୟ, କ୍ଲବରେ ପୂଜା ପାଇବେ ଗଜାନନ। ବୁକିଂ ସରିଲାଣି, ଏବେ ଡେଲିଭରୀ ଚାଲିଛି। ହେଲେ ଦୁଃଖର କଥା, ମାଟି, ବାଉଁଶ, ଖଡି, ରଙ୍ଗ ଓ ସାମଗ୍ରୀ ଦର ଦୁଇ ଗୁଣା ବଢିଛି। ଫଳରେ କାରିଗରଙ୍କୁ ପାରିଶ୍ରମିକ କମ ମିଳୁଛି। ତଥାପି ଭକ୍ତି ଓ ପରମ୍ପରାକୁ ବଞ୍ଚାଇ ରଖିଛନ୍ତି ଏହି କୁମ୍ଭକାର ପରିବାର। ସରକାରୀ ସହାୟତା, ପ୍ରଶିକ୍ଷଣ, ଷ୍ଟଲ ପାଇଁ ସ୍ଥାୟୀ ଜାଗା ନାହିଁ। ତଥାପି ଏହି ଛୋଟ ଗାଁ ଦୁଇଟି ଏବେ ଗଜାନନଙ୍କ ଆଗମନକୁ ଅପେକ୍ଷା କରିଛି। ଗଣପତି ବାପ୍ପା ମୋର୍ଯ୍ୟା ଧ୍ୱନିରେ ପ୍ରକମ୍ପିତ ହେବ ଗାଁ ଠୁ ସହର। ମାଟିର ଗଣେଶରେ ପରିବେଶ ବି ସୁରକ୍ଷିତ।

ଏମ୍ଏମ୍ଡିଆର ସଂଶୋଧନ ଆଇନ ରଦ୍ଦ ଦାବିରେ ୪ ବାମପନ୍ଥୀ ଦଳଙ୍କ ବିକ୍ଷୋଭ

ପୁରୀ (ବ୍ୟୁରୋ): ଆଜି ଏସ.ୟୁ.ସି.ଆଇ (କମ୍ୟୁନିଷ୍ଟ), ସି.ପି.ଆଇ(ଏମ,ଏଲ),ସି.ପି.ଆଇ.ଏମ.ଏଲ(ରେଡଷ୍ଟାର) ଓ ସିପିଆଇଏମଏଲ,(ନିଉ ଡିମୋକ୍ରସି) ର ମିଳିତ ଉଦ୍ୟୋଗରେ ପୁରୀ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଏକ ବିକ୍ଷୋଭ କରାଯାଇଛି। ଏହି ବିକ୍ଷୋଭରେ କେନ୍ଦ୍ର ବିଜେପି ସରକାର ଆଣିଥିବା ଏମ୍ଏମ୍ଡିଆର ସଂଶୋଧନ ଆଇନ ୨୦୨୬କୁ ରଦ୍ଦ କରିବା ପାଇଁ ଦାବି କରାଯାଇଛି। ଏହି ଆଇନ ଲାଗୁ ହେଲେ ସାରା ଦେଶରେ ଖଣିଜ ସମ୍ପଦ ଉପରେ ଥିବା ରାଜ୍ୟ ସରକାର ମାନଙ୍କର ଅଧିକାର ସମ୍ପୂର୍ଣ୍ଣ ଭାବେ ଚାଲିଯିବ। ରାଜ୍ୟ ସରକାର ମାନେ ଯାହାକିଛି ଖଣିରୁ ଟାସ୍କ ପାଉଥିଲେ ତାହା ପାଇବେ ନାହିଁ। ଅନ୍ୟ ପକ୍ଷରେ ବଡ଼ ବଡ଼ କର୍ପୋରେଟ ପୁଞ୍ଜିପତି ମାନେ ଖଣି ନିଲାମ ଏକଚାଟିଆ ଭାବେ ନିଜ ଅକ୍ତିଆରକୁ ନେବେ। ଏହା ଛଡା ଖଣି ନିକଟରେ ବସବାସ କରୁଥିବା ବିଶେଷ ଭାବେ ଆଦିବାସୀ ଓ ଅନ୍ୟାନ୍ୟ ବର୍ଗର ଗରିବ ଲୋକମାନେ ବିସ୍ଥାପିତ ହେବେ। ଓଡ଼ିଶା କ୍ଷେତ୍ରରେ ବର୍ତ୍ତମାନ ଚାଲିଥିବା ମାଳିପର୍ବତମାଳା ବିଶେଷ କରି ସିଜିମାଳି ରେ କର୍ପୋରେଟ ପୁଞ୍ଜିପତି ମାନଙ୍କର ଖଣି ଖନନ ଏ ହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳୁଛି। ରାଜ୍ୟରେ ଥିବା ଅନ୍ୟାନ୍ୟ ଖଣି ଅଞ୍ଚଳରେ ଏଭାଦୃଶ ଘଟଣା ମଧ୍ୟ ଦେଖିବାକୁ ମିଳୁଛି। ସେହିଭଳି ସାରା ଦେଶରେ ଏହି ଆଇନ ଦ୍ୱାରା ସାଧାରଣ ଲୋକମାନେ ଦର୍ଶାଇ ତୁରନ୍ତ ଏହି ଆଇନକୁ ରଦ୍ଦ କରିବା ପାଇଁ ଏସୟୁସିଆଇ(କମ୍ୟୁନିଷ୍ଟ)ର ପୁରୀ ଜିଲ୍ଲା ସମ୍ପାଦକ ସୁବାସ ବରାଳ,ବଟକୃଷ୍ଣ ସ୍ୱାଇଁ, ଆଡଭୋକେଟ୍ ନିରଞ୍ଜନ ସାମନ୍ତରାୟ, ସିପିଆଇ(ଏମଏଲ)ର ମୋହନ ନାଇତ୍ତ, ଲୋକନାଥ ନାୟକ ସିପିଆଇ(ଏମ,ଏଲ,(ରେଡଷ୍ଟାର)ର କୃଷ୍ଣ ମୋହନ ପ୍ରଧାନ ଦୃଢ଼ ଦାବି କରିଛନ୍ତି।

ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁଦିବସ

ପୁରୀ (ବ୍ୟୁରୋ): ଚୁଡଙ୍ଗ ସାହି ସ୍ଥିତ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପବିତ୍ର ଗୁରୁଦିବସ ଶ୍ରଦ୍ଧା ଓ ଭକ୍ତିର ସହ ମହା ସମାରୋହରେ ପାଳିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧ୍ରୁବଚରଣ କର, ବିଦ୍ୟାଳୟର ସଭାପତି ନାରାୟଣ ମିଶ୍ର, ଉପସଭାପତି ପ୍ରାଣକୃଷ୍ଣ ସାହୁ, ଯୁଗ୍ମ ସଂପାଦିକା ସୁଶ୍ରୀ ରୀନାସାହୁ, କୋଷାଧ୍ୟକ୍ଷ ସୁଶାନ୍ତ ପୁଷ୍ଟି,ଉପଦେଷ୍ଟା ପଣ୍ଡିତ ସତ୍ୟନାରାୟଣ ଦାଶ, ପ୍ରଫେସର ନିବାସ ପଣ୍ଡା,ଶ୍ୟାମା କାହ୍ନା ପଟ୍ଟନାୟକ, ସଦସ୍ୟ ଦେବେନ୍ଦ୍ର ନନ୍ଦ, ପିତାମ୍ବର ରଥ ଓ ଅତିଥି ଧନେଶ୍ୱର ସୁନ୍ଦରାୟ ପ୍ରମୁଖ ଯୋଗଦେଇ କହିଲେ ଗୁରୁ ହେଉଛନ୍ତି ଶିକ୍ଷାଦାତା, ପ୍ରେରଣାଦାତା ଓ ସତ୍ୟମାର୍ଗ ପ୍ରଦର୍ଶକ । ଗୁରୁ ହେଉଛନ୍ତି ଶାଶ୍ୱତ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ମାମି ଲେଙ୍କା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଗୁରୁ ଦିବସର ପ୍ରମୁଖ ଚଳନ୍ତିକା ମହାପାତ୍ର ଓ ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ସହଯୋଗ କରିଥିଲେ।ଅତିଥି ଗୁରୁ ଶିଷ୍ୟ ପରମ୍ପରା ସଂପର୍କରେ ପିଲାମାନଙ୍କୁ ସୁନ୍ଦର ନୀତିଶିକ୍ଷା ପ୍ରଦାନ କରିଥିଲେ। ଶିଶୁମାନେ ଶିକ୍ଷକ ଦିବସ ବିଷୟରେ ବକ୍ତୃତା ଦେଇଥିଲେ। ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦିଆଗଲା। ରାଷ୍ଟ୍ର ଗୀତ ବନ୍ଦେ ମାତରମ୍ ଗାନ କରାଯାଇ ସଭା ସଙ୍ଗ କରାଯାଇଥିଲା ।

ଓଡ଼ିଆ ବିଶ୍ୱବିଦ୍ୟାଳୟରେ 'ଶ୍ରୀକୃଷ୍ଣଙ୍କ ମାହାତ୍ମ୍ୟ ଓ କାଳୀୟ ଦଳନ' ଆଲୋଚନା

'ଲକ୍ଷ୍ମୀପୁରାଣ' ଗ୍ରନ୍ଥର ଲୋକାର୍ପଣ

ସତ୍ୟବାଦୀ/ ସୁଆଣ୍ଡୋ (ଅମୃତ ମିଡିଆ): ଓଡ଼ିଆ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆଜି ଅପରାହ୍ନରେ 'ଭଗବାନ ଶ୍ରୀକୃଷ୍ଣଙ୍କ ମାହାତ୍ମ୍ୟ ଓ କାଳୀୟ ଦଳନ ବୃତ୍ତାନ୍ତ' ଶୀର୍ଷକ ଏକ ଆଲୋଚନାଚକ୍ର ଏବଂ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପ୍ରାକ୍ତନ ମୁଖ୍ୟ ଡକ୍ଟର ନୃସିଂହ ଚରଣ ସାହୁଙ୍କ ଦ୍ୱାରା ସଂପାଦିତ 'ଲକ୍ଷ୍ମୀପୁରାଣ'ର ଭବ୍ୟ ଲୋକାର୍ପଣ କରାଯାଇଥିଲା । ପ୍ରାରମ୍ଭରେ ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ କୁଳପତି ପ୍ରଫେସର୍ ଡ. ସତ୍ୟନାରାୟଣ ଆଚାର୍ଯ୍ୟ ଶ୍ରୀଜଗନ୍ନାଥଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ଆଲୋଚନାଚକ୍ରର ଉଦ୍‌ଘାଟନ କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ପୁରୀ ସ୍ଥିତ ସଦାଶିବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର୍ ହରେକୃଷ୍ଣ ମହାପାତ୍ର ମୁଖ୍ୟଅତିଥି ଓ ପ୍ରଫେସର୍ ଗୌରପ୍ରିୟା ଦାଶ ମୁଖ୍ୟବକ୍ତା ରୂପେ ଯୋଗଦେଇ ଲୀଲାଳାବତାର ଭଗବାନ ଶ୍ରୀକୃଷ୍ଣଙ୍କ ଲୌକିକ-ଅଲୌକିକ ଲୀଳା ପ୍ରସଙ୍ଗ ବର୍ଣ୍ଣନା କରିବା ସଂଗେ ସଂଗେ ଭାଗବତ ବର୍ଣ୍ଣିତ କାଳୀୟ ଦଳନ ବୃତ୍ତାନ୍ତ ସଂପର୍କରେ ସବିଶେଷ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ରୂପେ ଡ. ନୃସିଂହ ଚରଣ ସାହୁ ତାଙ୍କ ବକ୍ତବ୍ୟରେ 'ଲକ୍ଷ୍ମୀପୁରାଣ' ସଂପାଦନାର ଉଦ୍ଦେଶ୍ୟ ବିଷୟ ଉଲ୍ଲେଖ ପୂର୍ବକ ସାମାଜିକ ଚେତନା ସୃଷ୍ଟି ଓ ନାରୀ-ପୁରୁଷ ଭେଦ ବିରୋଧରେ ବଳରାମ ଦାସଙ୍କ ବୈପ୍ଳବିକ ଆଭିମୁଖ୍ୟ 'ଲକ୍ଷ୍ମୀପୁରାଣ'ରେ ସାର୍ଥକ ରୂପେ ପ୍ରତିଫଳିତ ହୋଇଛି ବୋଲି କହିଥିଲେ। ଆଞ୍ଚଳିକ, ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗ ମୁଖ୍ୟା ଡ. ଶର୍ମିଷ୍ଠା ମହାପାତ୍ର ଏହି ଆଲୋଚନାଚକ୍ର ଓ ଲୋକାର୍ପଣ ଉତ୍ସବର ସଂଯୋଜନା କରିଥିଲେ । ପରିଦର୍ଶୀ ପ୍ରଫେସର୍ ଡ. ବଭ୍ରୁବାହନ ମହାପାତ୍ର, ପରିଦର୍ଶୀ ପ୍ରଫେସର୍ ଡ. ଅନନ୍ତ କିଶୋର ଜେନା, ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. ରାଧାଗୋବିନ୍ଦ କୁଇଲା, ଭାଷାବିଜ୍ଞାନ ବିଭାଗ ପରିଦର୍ଶୀ ସହକାରୀ ପ୍ରଫେସର୍ ଡ. କୁଳମଣି ଓଝା, ଭାଷା-ସାହିତ୍ୟ ବିଭାଗ ପରିଦର୍ଶୀ ସହଯୋଗୀ ପ୍ରଫେସର୍ ଡ. ବାସନ୍ତୀ ମହାନ୍ତି, ଆଞ୍ଚଳିକ-ଜନଜାତି ଭାଷା ବିଭାଗ ପରିଦର୍ଶୀ ସହଯୋଗୀ ପ୍ରଫେସର୍ ଡ. ନିବେଦିତା ମହାନ୍ତି, ଭାଷାବିଜ୍ଞାନ ବିଭାଗର ଡ. ସଂଗୀତା ଜେନା, ଡ. ଶୁଭସ୍ମିତା ନାୟକ, ଭାଷା-ସାହିତ୍ୟ ବିଭାଗର ଡ. ମୋନାଲି ଚ୍ୟାଙ୍ଗ୍ ଓ ଆଞ୍ଚଳିକ-ଜନଜାତି ଭାଷା ବିଭାଗର ଡ. ସସ୍ମିତା ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଥମେ ଛାତ୍ରଛାତ୍ରୀମାନେ ଲକ୍ଷ୍ମୀପୁରାଣର କିୟଦଂଶ ଗାନ କରିଥିଲେ । ସ୍ୱାଗତକୋଉର ଦ୍ୱିତୀୟ ବର୍ଷ ଛାତ୍ର ସାଇପ୍ରସାଦ ପଟ୍ଟନାୟକ ଲାଳାବତାର ଶ୍ରୀକୃଷ୍ଣଙ୍କ କାଳୀୟ ଦଳନ ବୃତ୍ତାନ୍ତ ପ୍ରବଚନ ମାଧ୍ୟମରେ ପ୍ରକାଶ କରିଥିଲେ । ପୁସ୍ତକ ଲୋକାର୍ପଣ ଉତ୍ସବରେ ସାକ୍ଷୀ ଗୋପୀନାଥ ମନ୍ଦିର ଟ୍ରଷ୍ଟ ଡେପୁଟି ଡାଇରେକ୍ଟର୍ ଲଲାଟେନ୍ଦୁ ମହାନ୍ତି, ପୂର୍ଣ୍ଣଚନ୍ଦ୍ର କାନୁନଗୋ, ଗୋଧୂଳି କାନୁନଗୋ ଓ କନକ ମଞ୍ଜରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସ୍ୱାତକୋଉର ପରିଷଦ ଅଧ୍ୟକ୍ଷା ଡ. ଲିପିକା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଭଡ଼ାଘରେ ମା'କୁ ମାରିବା ଘଟଣା ।।।।।।।।।।

ଭଡ଼ାଟିଆଙ୍କ ତଥ୍ୟ ଦେବାକୁ ଘରମାଲିକଙ୍କୁ ନିର୍ଦ୍ଦେଶ

ପୁରୀ (ବ୍ୟୁରୋ): କୁମ୍ଭାରପଡ଼ା ଅଞ୍ଚଳରେ ଭଡ଼ା ଘରେ ମା'କୁ ମାରି ପ୍ଲାଷ୍ଟର କରିଦେବା ଘଟଣା ପୁଲିସ ମୁଣ୍ଡ ବିନ୍ଧାର କାରଣ ହୋଇଛି। ଘର ମାଲିକ ଭଡ଼ାଟିଆର ବ୍ୟକ୍ତିଗତ ବିବରଣୀ ନ ରଖିଥିବାରୁ ପୁଲିସ ଏଯାବତ ଅଭିଯୁକ୍ତ ପୁଅର ଟେର ପାଉନାହିଁ । ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ପୁରୀ ପୁଲିସ ପକ୍ଷରୁ ସହରର ସମସ୍ତ ଥାନା ପକ୍ଷରୁ ସେହି ଅଞ୍ଚଳର ବିଭିନ୍ନ ସାହି, ଘରମାଲିକ ଏବଂ ଭଡ଼ା ଘର ଦେଇଥିବା ବ୍ୟକ୍ତିଙ୍କୁ ସଚେତନ କରାଯାଇଛି। ସିଟି ଡ଼ିଏସପି ରଶ୍ମି ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ସମସ୍ତ ଥାନା ଅଧିକାରୀ ବିଭିନ୍ନ ଥାନା ଅଞ୍ଚଳ ପରିଦର୍ଶନ କରି ଲୋକଙ୍କୁ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ କରିଛନ୍ତି। ଏହି ଅବସରରେ ଘରମାଲିକଙ୍କୁ ନିଜ ଘରେ ରହୁଥି ?ବା ଭଡ଼ାଟିଆଙ୍କ ସମ୍ପର୍କରେ ଆବଶ୍ୟକ ତଥ୍ୟ ଓ ପରିଚୟପତ୍ର ସଂଗ୍ରହ କରି ନିକଟସ୍ଥ ଥାନାରେ ଜଣାଇବାକୁ କୁହାଯାଇଛି। ବିଶେଷକରି ବାହାର ଅଞ୍ଚଳରୁ ଆସି ଭଡ଼ା ଘରେ ରହୁଥି ?ବା ବ୍ୟକ୍ତିଙ୍କ ପରିଚୟ ଓ ଠିକଣା ସମ୍ପର୍କିତ ତଥ୍ୟ ଘରମାଲିକ ରଖିବା ନିତ୍ୟାନ୍ତ ଆବଶ୍ୟକ। ଭଡ଼ାଟିଆଙ୍କ ଠିକ୍ ପରିଚୟ ଓ ତଥ୍ୟ ଘରମାଲିକଙ୍କ ନିକଟରେ ରହିଲେ ଆବଶ୍ୟକ ସମୟରେ ପୁଲିସ ତଦନ୍ତ ଓ ସହାୟତା ଅଧିକ ପ୍ରଭାବଶାଳୀ ହୋଇପାରିବ। ଏହା ଘରମାଲିକ, ଭଡ଼ାଟିଆ ଓ ସମଗ୍ର ଅଞ୍ଚଳର ସୁରକ୍ଷାକୁ ମଧ୍ୟ ସୁଦୃଢ଼ କରିବ। ସହରର ସମସ୍ତ ଥାନା ପୁଲିସ ପକ୍ଷରୁ ସମସ୍ତ ଘରମାଲିକଙ୍କୁ ନିଜ ଘରେ ରହୁଥି ?ବା ଭଡ଼ାଟିଆଙ୍କ ସମ୍ପୂର୍ଣ୍ଣ ପରିଚୟ ଓ ଆବଶ୍ୟକ ଦଲିଲ ଯାଞ୍ଚ କରି ରଖିବା ସହ ଆବଶ୍ୟକ ସମୟରେ ପୁଲିସକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍

ଛତ୍ରପୁର ଥାନା ପୋଲିସ ପକ୍ଷରୁ ଟ୍ରାଫିକ ସଚେତନତା

ଛତ୍ରପୁର (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲାରେ ଦିନକୁ ଦିନ ସଡ଼କ ଦୁର୍ଘଟଣାରେ ମୃତ ଓ ଆହତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ରୋକ ଲଗାଇବା ପାଇଁ ଜନ ସଚେତନତା ର ଆବଶ୍ୟକ ରହିଛି । ଏହି ପରିପ୍ରେକ୍ଷୀରେ ସୋମବାର ସଡ଼କ ଦୁର୍ଘଟଣା ଜନିତ ଶୂନ୍ୟ ମୃତାହତ ସଚେତନତା ସପ୍ତାହର ଶେଷ ଦିନରେ ଛତ୍ରପୁର ଥାନା ପୋଲିସ ଓ ଗଞ୍ଜାମ ଆଞ୍ଚଳିକ ପରିବହନ ବିଭାଗର ମିଳିତ ଆନୁକୂଲ୍ୟରେ ଏକ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଛତ୍ରପୁର ସ୍ଥିତ ଭିଆଇପି ରୋଡ଼ରେ ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁର ଥାନାଧିକାରୀ ସବ୍ୟସାଚୀ ମଲ୍ଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ, ଗଞ୍ଜାମ ଆଞ୍ଚଳିକ ପରିବହନ ବିଭାଗର ଜୁନିଅର ଏମଭିଆଇ ତାରାକାନ୍ତ ନନ୍ଦଙ୍କ ସମେତ ବହୁ ଥାନା କର୍ମଚାରୀ ଓ ଆଞ୍ଚଳିକ ପରିବହନ ବିଭାଗର କର୍ମଚାରୀ

ମାନେ ସାମିଲ ହୋଇ ହେଲମେଟ ପିନ୍ଧି ଗାଡି ଚଳାଉଥିବା ଚାଳକ ମାନଙ୍କୁ ଗୋଲାପ ଫୁଲ ଦେଇ ସଚେତନତା କରିଥିଲେ । ମଦ୍ୟପାନ କରି ଗାଡି ନ ଚଳାଇବା, ହେଲମେଟ ବ୍ୟବହାର କରିବା, ବାଇକରେ ତିନି ଜଣ ବସି ଯାତାୟତ ନ କରିବା, ଚାରି ଚକିଆ ଜାନ ଚଳାଇବା ବେଳେ ସିଟ ବେଲ୍ଟ ବ୍ୟବହାର କରିବା ଆଦି ଟ୍ରାଫିକ ସଚେତନତା କରିଥିଲେ ।

ରାସ୍ତା କାମ ନ କରି ୨ ଲକ୍ଷ ଟଙ୍କାର ଫଲ୍ସ ବିଲ ଅଭିଯୋଗ

ଚାନ୍ଦବାଲି (ଅମୃତ ମିଡିଆ): ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଖେରଙ୍ଗ ପଞ୍ଚାୟତର ଖେରଙ୍ଗ ଗ୍ରାମର ୫ ନମ୍ବର ୱାର୍ଡରେ ରାସ୍ତା କାମ ନକରି ୨ ଲକ୍ଷ ଟଙ୍କାର ଫଲ୍ସ ବିଲ୍ କରାଯାଇଥିବା ନେଇ ସୋମବାର ଚାନ୍ଦବାଲି ବିଡିଓ ସଂଜୀବ କୁମାର ମହାପାତ୍ରଙ୍କ ନିକଟରେ ଶତାଧିକ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୪-୨୫ରେ ରାଜ୍ୟ ଅର୍ଥ ଆୟୋଗ ଅଧୀନରେ ଖେରଙ୍ଗ ଗ୍ରାମର ଦୁର୍ଗା ମଣ୍ଡପଠାରୁ ତିବେଲ ପର୍ଯ୍ୟନ୍ତ ରାସ୍ତା କାମ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା । ତେବେ ଉକ୍ତ ସ୍ଥାନରେ କୌଣସି ରାସ୍ତା କାମ ହୋଇନଥିବା ସତ୍ତ୍ୱେ କାମ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଇ ୨ ଲକ୍ଷ ଟଙ୍କାର ବିଲ୍ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏପରିକି ଖେରଙ୍ଗ ଗ୍ରାମର ଉକ୍ତ ରାସ୍ତା କାମର ଫଟୋ ବଦଳରେ ବାସୁଦେବପୁର ବ୍ଲକ ଅଞ୍ଚଳର ଏକ ରାସ୍ତା କାମର ଫଟୋ ବ୍ୟବହାର କରାଯାଇ କାର୍ଯ୍ୟ ହୋଇଥିବା ଦର୍ଶାଯାଇଥିବା ଅଭିଯୋଗରେ

ଦର୍ଶାଇଛନ୍ତି ଗ୍ରାମବାସୀ । ଏହି ଘଟଣାରେ ପଞ୍ଚାୟତ ପିଇଓ, ଯନ୍ତ୍ରୀ, ଅଧିକ୍ଷଣ ଯନ୍ତ୍ରୀ ଓ ସରପଞ୍ଚଙ୍କ ଭୂମିକା ନେଇ ମଧ୍ୟ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି । ସମ୍ପୃକ୍ତ କର୍ମଚାରୀ ଓ ଅଧିକାରୀମାନେ ମିଳିମିଶି ସରକାରୀ ଅର୍ଥ ହଡ଼ପ କରିଥିବା ଅଭିଯୋଗ ଆଣି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି । ଏହା ପୂର୍ବରୁ ମଧ୍ୟ ଖେରଙ୍ଗ ଗ୍ରାମବାସୀ ଏହି ଅଭିଯୋଗ ନେଇ ଭଦ୍ରକ ପିଡିଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି । ତଥାପି ଘଟଣାର ସମାଧାନ ନହେବାରୁ ପୁନର୍ବାର ଚାନ୍ଦବାଲି ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରି ତୁରନ୍ତ ତଦନ୍ତ କରିବା ସହ ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ ଦୋଷୀ ଅଧିକାରୀ ଓ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନାନୁଗ କାର୍ଯ୍ୟାନୁଷ୍ଠାନ ଓ ସରକାରୀ ଅର୍ଥ ଫେରନ୍ତ ନେବାକୁ ଦାବି କରିଛନ୍ତି ଗ୍ରାମବାସୀ । ଅନ୍ୟ ପଟେ ବିଡ଼ିଓ ସଂଜୀବ କୁମାର ମହାପାତ୍ର କହିଛନ୍ତି କମିଟି ଗଠନ ହୋଇ ତଦନ୍ତ ଚାଲିଛି ଯିଏ ଦୋଷୀ କମିଟି ରିପୋର୍ଟ ଦେଲେ ତା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

କୁକୁଡ଼ାଖଣ୍ଡ ବ୍ଲକ କଂଗ୍ରେସ ବିଏଲଏ-୨ ପକ୍ଷରୁ ସମ୍ବର୍ଦ୍ଧନା ସଭା

ବ୍ରହ୍ମପୁର (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ସାଙ୍ଗଠନିକ ମୂଳଦୁଆ ଆହୁରି ସୁଦୃଢ଼ । ମୋଟ ବୁଥ୍‌ର ୮୦ ପ୍ରତିଶତରୁ ଅଧିକ କଭର କରି ୨୦୦ରୁ ଊର୍ଦ୍ଧ୍ୱ ବିଏଲଏ-୨ଙ୍କୁ ସଫଳତାର ସହ ନିଯୁକ୍ତି ଓ ପ୍ରଶିକ୍ଷଣ ଦିଆଯିବା ପରେ, ଏହି ସଫଳତାକୁ ଉତ୍ସବ ଭାବେ ପାଳନ କରିବା ଉଦ୍ଦେଶ୍ୟରେ କୁକୁଡ଼ାଖଣ୍ଡି ବ୍ଲକର ସମସ୍ତ ନବନିଯୁକ୍ତ ବିଏଲଏ-୨ ମାନଙ୍କୁ ନେଇ ପବିତ୍ର ମା' ମହୁରୀ କାଳୁଆ ପୀଠରେ ଏକ ଭବ୍ୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୋଟ ୯୦ ଜଣଙ୍କ ମଧ୍ୟରୁ ୮୫ ଜଣ ବିଏଲଏ-୨ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମରେ ବିଶିଷ୍ଟ କଂଗ୍ରେସ ନେତା ତଥା ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ବିଧାନସଭାର କଂଗ୍ରେସ ପ୍ରାର୍ଥୀ ସାକା ସୁଜିତ କୁମାର ଅଧ୍ୟକ୍ଷତା କରିଥିଲେ ।

ଏଥିରେ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ରବି ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦଙ୍କୁ ସ୍ୱାଗତ ଜଣାଇବା ସହିତ ଏଭଳି କଂଗ୍ରେସ କର୍ମୀମାନେ ଏକାଠି ରହି ଲଢ଼େଇ ଜାରି ରଖିଲେ କଂଗ୍ରେସର ପୂର୍ବ ଗୌରବ ଫେରାଇ ଆଣିପାରିଲେ ଭାଜପା ସରକାରର ନିଶ୍ଚିତ ପତନ ହେବ ବୋଲି ପ୍ରକାଶ କରିଥିଲେ । ଶ୍ରୀ ରଥ କହିଲେ, ଭାଜପାର କେନ୍ଦ୍ର ଓ ରାଜ୍ୟ ସରକାର ସାଧାରଣ ଜନତାଙ୍କ ସ୍ୱାର୍ଥ ବିରୋଧୀ ଏବଂ ଦେଶକୁ ୧୪୦ କୋଟି ଲୋକଙ୍କୁ ଲୁଟ୍ କରି ବଡ଼ ବଡ଼ ଶିଳ୍ପପତିଙ୍କ ସ୍ୱାର୍ଥରକ୍ଷା ତାଙ୍କର ପ୍ରାଥମିକତା ହେଉଛି ବୋଲି କହିଥିଲେ । ତେଣୁ ଦେଶକୁ ରକ୍ଷା କରିବାକୁ ହେଲେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ । ଗଞ୍ଜାମ ଜିଲ୍ଲା ସ୍ତରୀୟ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ, ପୂର୍ବତନ ସରପଞ୍ଚ, ସମିତି ସଭ୍ୟ ତଥା ଗଣମାଧ୍ୟମ ପ୍ରତିନିଧିମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଭୋଟର ତାଲିକା ସୁରକ୍ଷାରେ ବିଏଲଏ-୨ ଙ୍କ ଐତିହାସିକ ସଫଳତା ତଥ୍ୟଭିତ୍ତିକ ଉପସ୍ଥାପନା ଅନୁଯାୟୀ, ଅନ୍ୟ ନିର୍ବାଚନ ମଣ୍ଡଳୀ ତୁଳନାରେ ଦିଗପହଣ୍ଡିରେ ଭୋଟର ତାଲିକାରୁ ନାମ କଟିବା ସଂଖ୍ୟା ଅପେକ୍ଷାକୃତ ବହୁତ କମ୍ ରହିଛି । ଶ୍ରୀ ସାକା ସୁଜିତ କୁମାରଙ୍କ ନେତୃତ୍ୱରେ ନିଯୁକ୍ତ ହୋଇଥିବା ବିଏଲଏ-୨ ମାନଙ୍କ ପାରଦର୍ଶିତା, ସତର୍କତା ଓ ଦକ୍ଷ କାର୍ଯ୍ୟଶୈଳୀ ଯୋଗୁଁ ଅନେକ ଯୋଗ୍ୟ ଭୋଟରଙ୍କ ନାମ କଟିବାରୁ ରକ୍ଷା ପାଇପାରିଛି, ଯାହା ଆଗାମୀ ଦିନରେ ଦଳର ଭୋଟ ପ୍ରତିଶତ ବୃଦ୍ଧି କରିବାରେ ବେଶ୍ ସହାୟକ ହେବ ।ଏହି ଅବସରରେ ବିଏଲଏ-୧ ତଥା ଦିଗପହଣ୍ଡି କଂଗ୍ରେସ ବିଧାୟକ ପ୍ରାର୍ଥୀ ଶ୍ରୀ ସାକା ସୁଜିତ କୁମାର ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଦଳର ବିଜୟ ରଣନୀତି ଓ ସଫଳତାର ସୂତ୍ର ବୁଝାଇବା ସହ ସମସ୍ତ ବିଏଲଏ-୨ ଙ୍କୁ ଉତ୍ତରୀୟ ଏବଂ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତା ବିକ୍ରମ ପଣ୍ଡା, ପ୍ରକାଶ ଚନ୍ଦ୍ର ଗୌଡ଼, ଶଙ୍କର ଅଧିକାରୀ, ଆର.ଦୀନବନ୍ଧୁ, ବସନ୍ତ ପଟ୍ଟନାୟକ, ମହେଶ୍ୱର ପାତ୍ର, ଜିତେନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ସ୍ୱାଇଁ, ଜଟି ସାମଲ, ସୁଦାମ ଗୌଡ଼, ମୃତ୍ୟୁଞ୍ଜୟ ପାତ୍ର, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ସାଗର ମହାରଣା, ଶିବ ମହାରଣା ପ୍ରମୁଖ ଭାଷଣ ଦେଇ କଂଗ୍ରେସ ଦଳକୁ ଶକ୍ତିଶାଳୀ କରି ରାହୁଲ ଗାନ୍ଧୀଙ୍କ ହାତ ମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ । ଉତ୍ତମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପରିଶେଷରେ ସମସ୍ତ ଅତିଥି ଓ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ ସହ ମା'ଙ୍କ ଆଶୀର୍ବାଦରୁ ତୃଣମୂଳ ସ୍ତରରେ ଦଳକୁ ବିଜୟୀ କରାଇବା ପାଇଁ ସଂକଳ୍ପ ନିଆଯାଇ ସଭା ସମାପ୍ତ ହୋଇଥିଲା ।

ପିଲିଅନ୍ ହେଲମେଟ୍ ଜୋରିମାନା ବାତିଲ ମାନବ ଅଧିକାର ସୁରକ୍ଷା ମଞ୍ଚର ଦାବି

ବ୍ରହ୍ମପୁର (ଅମୃତ ମିଡିଆ): ସଡ଼କ ସୁରକ୍ଷାକୁ ସମର୍ଥନ କରିବା ସହ ପିଲିଅନ୍ ହେଲମେଟ୍ ନ ପିନ୍ଧିବା ପାଇଁ କ୍ୟାମେରା ମାଧ୍ୟମରେ ଆଦାୟ ହେଉଥିବା ୧୦୦୦ ଟଙ୍କା ଜୋରିମାନା ବାତିଲ ଦାବି କରିଛି ମାନବ ଅଧିକାର ସୁରକ୍ଷା ମଞ୍ଚ । ଏ ନେଇ ମଞ୍ଚ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା ଓ ପରିବହନ କମିଶନରଙ୍କ ଉଦ୍ଦେଶ୍ୟରେ ଉପ-ଜିଲ୍ଲାପାଳ, ବ୍ରହ୍ମପୁରଙ୍କ ଜରିଆରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ହେଲମେଟ୍ ଜୀବନ ସୁରକ୍ଷା ପାଇଁ ଅତ୍ୟନ୍ତ ଆବଶ୍ୟକ ଏବଂ ଏହାର ବ୍ୟବହାରକୁ ସମସ୍ତେ ସମର୍ଥନ କରୁଛନ୍ତି କିନ୍ତୁ ଓଡ଼ିଶାର ଅଧିକାଂଶ ଗରିବ, କୃଷକ, ଦିନମଜୁରିଆ ଓ ଛାତ୍ରଛାତ୍ରୀଙ୍କ ପାଇଁ ୧୦୦୦ ଟଙ୍କା ଜୋରିମାନା ଅତ୍ୟଧିକ ଆର୍ଥିକ ବୋଝ ସୃଷ୍ଟି କରୁଛି । ରାଜ୍ୟ ସରକାରଙ୍କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଆଗୁଆ କୌଣସି ସୂଚନା ନ ଜଣାଇ ଏକ ପାର୍ଶ୍ୱଆ ଭାବେ ଓଡ଼ିଶା ବାସୀଙ୍କ ଉପରେ ଏଭଳି ଜୋରିମାନା ବୋଝ ଲଦିବା ଆଦୌ ଗ୍ରହଣୀୟ ନୁହେଁ ।

ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଗୁରୁପୂଜନ ଉତ୍ସବ
୫୦ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ଗୁରୁ ସମ୍ବର୍ଦ୍ଧିତ

ଭଞ୍ଜନଗର (ଅମୃତ ମିଡିଆ): ଭଞ୍ଜନଗର ବେଲେଶ୍ୱର କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ର ଗୁରୁ ପୂଜନ ଉତ୍ସବ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନଗରପାଳ ଗୋପବନ୍ଧୁ ମହାପାତ୍ର ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ । ବିଇଓ ଲୋପାମୁଦ୍ରା ରଥ, ଓଷା ର ଜିଲ୍ଲା ସଭାପତି ଦିଲ୍ଲୀପ କୁମାର ପ୍ରଧାନ, ଧୋବା ଗୌଡ, ଅବସରପ୍ରାପ୍ତ ଶିକ୍ଷକ ସରୋଜ ଶତପଥୀ ଓ ଜଗବନ୍ଧୁ ଜେନା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ରହିଥିଲେ । ପ୍ରାରମ୍ଭରେ ଗୁରୁ ପୂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ବର୍ଷିଆନ୍ ଗୁରୁ ରାମଚନ୍ଦ୍ର ଗୌଡ ଓ ସଚିଦାନନ୍ଦ ତ୍ରିପାଠୀ ଙ୍କୁ ବିଧାୟକ ଓ ଅନ୍ୟ ଅତିଥି ମାନେ ପାଦ ଛୁଇଁ ପ୍ରଣାମ କରିବା ସହ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ଚଳିତ ବର୍ଷ ଏବେ ସୁଦ୍ଧା ବିଭିନ୍ନ ବିଦ୍ୟାଳୟ ରୁ ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଅତିଥି ମାନେ ଉପଢୌକନ ଓ ପ୍ରଶଂସା ପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଅତିଥି ମାନେ ନିଜ ନିଜର ବକ୍ତବ୍ୟ ରେ ଗୁରୁ ହିଁ ମଣିଷ ତିଆରି କାରଖାନାର ପ୍ରକୃତ ବିକ୍ରାଣି । ଗୁରୁ ହିଁ ସମାଜ ର ପଥ ପ୍ରଦର୍ଶକ, ମାର୍ଗ ଦର୍ଶକ । କଳୁଷିତ ସମାଜରେ ସଂସ୍କାର ଆଣିବାରେ ଗୁରୁ ହିଁ ସକ୍ଷମ ବୋଲି ଉଲ୍ଲେଖ କରିଥିଲେ । ଏହି ଅବସରରେ ଡଳଜିବିକା ହାଇସ୍କୁଲର ଛାତ୍ରୀ ମାନେ ଡଙ୍ଗରିଆ କନ୍ଧମାନଙ୍କ ଜୀବନ ଜୀବିକା ଉପରେ ଏକ ସୁନ୍ଦର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ । ଯାହା ଉପସ୍ଥିତ ସମସ୍ତ ଙ୍କୁ ବେଶ ଛୁଇଁଥିଲା । ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ସଂପୂର୍ଣ୍ଣ ସହଯୋଗ କରିଥିଲେ ।

ବ୍ରହ୍ମାକୁମାରୀଜ୍‌ରେ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ପାଳିତ

କବିସୂର୍ଯ୍ୟନଗର (ଅମୃତ ମିଡିଆ): କବିସୂର୍ଯ୍ୟନଗର ଆଇ.ବି. ଛକସ୍ଥିତ ପ୍ରଭୁପ୍ରୀତ ଭବନ ବ୍ରହ୍ମାକୁମାରୀଜ୍ ? ସହଜ ରାଜଯୋଗ ଶିକ୍ଷାକେନ୍ଦ୍ର ପରିସରରେ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ଶ୍ରଦ୍ଧା, ଭକ୍ତି ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି ।

ଏହି ଅବସରରେ କବିସୂର୍ଯ୍ୟନଗର ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ଅଭିମନ୍ୟୁ ସାହୁ ମୁଖ୍ୟ ଅତିଥି ଏବଂ ଉପଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ଜୟସେନ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ନିଜ ଅଭିଭାଷଣରେ ଉଭୟେ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାରେ ଶିକ୍ଷା ସହିତ ଆଧ୍ୟାତ୍ମିକତା, ନୈତିକତା ଓ ଚରିତ୍ର ନିର୍ମାଣକୁ ସମାନ ଗୁରୁତ୍ୱ ଦେବାର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ । ଶିକ୍ଷାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତମ ଚରିତ୍ର ଗଠନରେ ଗୁରୁମାନଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି ସେମାନେ ଉଲ୍ଲେଖ କରିଥିଲେ ।

କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବେ ଆଣ୍ଠା ବସ୍ ?ଷ୍ଟାଣ୍ଡସ୍ଥିତ ବ୍ରହ୍ମାକୁମାରୀଜ୍ ଶାନ୍ତି ଶକ୍ତି ଭବନର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଦିଦି ଯୋଗଦେଇ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ବିକାଶରେ ଆଧ୍ୟାତ୍ମିକତାର ଭୂମିକା ସମ୍ପର୍କରେ ସୁନ୍ଦର ଭାବେ ଆଲୋକପାତ କରିଥିଲେ । ସେ ଧାର୍ମିକତା ଓ ଆଧ୍ୟାତ୍ମିକତା ମଧ୍ୟରେ ଥିବା ସୂକ୍ଷ୍ମ ପାର୍ଥକ୍ୟକୁ ସରଳ ଭାବରେ ବୁଝାଇଥିଲେ । ଏଥିସହ ସମାଜରେ ଆଧ୍ୟାତ୍ମିକ ମୂଲ୍ୟବୋଧକୁ ଆପଣାଇ ଶିକ୍ଷାର୍ଥୀଙ୍କ ସର୍ବାଙ୍ଗୀଣ ଓ ଗୁଣାତ୍ମକ ବିକାଶରେ ସହଯୋଗ କରିବାକୁ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଆହ୍ୱାନ ଦେଇଥିଲେ ।

ରାଜଯୋଗୀ ବ୍ରହ୍ମାକୁମାର ସତର୍ଯ୍ୟପ୍ରିୟ ଭାଇ ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ପରିଚୟ ପ୍ରଦାନ କରିବା ସହ ଏକ ମୂଲ୍ୟନିଷ୍ଠ, ସୁନ୍ଦର ଓ ଶାନ୍ତିମୟ ସମାଜ ଗଠନରେ ଏହି ବିଶ୍ୱବିଦ୍ୟାଳୟ ଦୀର୍ଘ ୯୧ ବର୍ଷ ଧରି ନିରନ୍ତର କାର୍ଯ୍ୟ କରିଆସୁଛି ଏବଂ ଆଗାମୀ ଦିନରେ ମଧ୍ୟ ଏହି ସେବା କାର୍ଯ୍ୟ ଅବ୍ୟାହତ ରହିବ ବୋଲି ପ୍ରକାଶ କରିଥିଲେ । ପ୍ରଭୁପ୍ରୀତ ଭବନର ସଞ୍ଚାଳିକା ବ୍ରାହ୍ମାକୁମାରୀ ସୁଜ୍ଞାନୀ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସଂଯୋଜନା କରିଥିଲେ । ପରିଶେଷରେ ଉପସ୍ଥିତ ସମସ୍ତ ଗୁରୁ ଓ ଗୁରୁମାମାନଙ୍କୁ ଆନ୍ତରିକ ଶ୍ରଦ୍ଧା ଓ ସମ୍ମାନର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ବ୍ରହ୍ମାକୁମାରୀ ନିଗୁପ୍ରଭା ସମସ୍ତ ଅତିଥି, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଉପସ୍ଥିତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମର ସଫଳ ଆୟୋଜନରେ ବ୍ରହ୍ମାକୁମାରୀ ଅନୁ, ଧରଣୀ, ଅନିତା, ଦିବ୍ୟାନି ପ୍ରମୁଖ ଏବଂ ବ୍ରହ୍ମାକୁମାର ଚରଣ, ବଳରାମ, ସମୀର, କପିଳେନ୍ଦ୍ର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

ଡିଏମପିଏସରେ ଜ୍ଞାନ ବିଜ୍ଞାନ ମେଳା - ୨୦୨୬-୨୦୨୭

ପୋଲସରା (ଅମୃତ ମିଡିଆ): ପୋଲସରା ଦାଶରଥି ନଗର ବ୍ଲକ୍ ଛକ ସ୍ଥିତ ଦୀପକ ମେମୋରିଆଲ୍ ପବ୍ଲିକ ସ୍କୁଲରେ ଜ୍ଞାନ ବିଜ୍ଞାନ ମେଳା-୨୦୨୬-୨୦୨୭ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଅନୁଷ୍ଠାନର ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ୍ ଭବାନୀ ଶଙ୍କର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମେଳାରେ ୟୁ କେଜିରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୪୫ ଜଣ ଛାତ୍ରଛାତ୍ରୀମାନେ ବିଜ୍ଞାନ, କଳା ଓ ପୋଷଣ ଖାଦ୍ୟକୁ ନେଇ ଆୟୋଜିତ ମେଳାରେ ଭାଗନେଇ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିବାର ସୁଯୋଗ ପାଇଥିଲେ । ଏଥିରେ ବିଚାରକ ଭାବେ ପୋଲସରା ପିଏମଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ଡଃ- ଅମ୍ରେଶ ପଟ୍ଟନାୟକ, ସ୍ଥାନୀୟ ପ୍ରତିଷ୍ଠିତ ଶିକ୍ଷାବିତ୍ ଲିଙ୍ଗରାଜ ବାଳିକା ହାଇସ୍କୁଲର ଶିକ୍ଷକ ଅମୀୟ ପ୍ରସାଦ ସାହୁ, ସ୍ଥାନୀୟ ବିଜ୍ଞାନ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପକ ଦେବାଶିଷ ସ୍ୱାଇଁ, ଗଙ୍ଗାଧର ସାହୁ ବିଜ୍ଞାନ ମହାବିଦ୍ୟାଳୟ ହାଡାଓଟର ଅଧ୍ୟାପିକା ଜାନକୀ କୁମାରୀ ସାହୁ ପ୍ରମୁଖ ଯୋଗଦେଇଥିଲେ ।

ଏହି ଅବସରରେ କାର୍ଯ୍ୟକ୍ରମକୁ ଉକ୍ତ ସମସ୍ତ ଅତିଥିବୃନ୍ଦଙ୍କ ଉପସ୍ଥିତିରେ ସଭାପତି ମହୋଦୟ ଶ୍ରୀ ଗଣେଶଙ୍କ ପ୍ରତିମୂର୍ତ୍ତିରେ

ସରକାରୀ ଛୁଟି ବାତିଲ ବେଳେ ଅନୁପସ୍ଥିତ ଘଟଣା

ଖବର ପ୍ରସାରଣ ପରେ ଜିଲ୍ଲାପାଳଙ୍କ ତନାଘନା

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ପରିସ୍ଥିତି ସମୟରେ କାର୍ଯ୍ୟାଳୟ ଗୁଡ଼ିକର ପରିଚାଳନା ପାଇଁ ଅଗଷ୍ଟ ମାସ ୨୬ ଓ ୨୭ ତାରିଖରେ କାର୍ଯ୍ୟାଳୟ ଗୁଡ଼ିକର କାର୍ଯ୍ୟକାରିତା ଏବଂ କର୍ମଚାରୀଙ୍କ ଉପସ୍ଥାନ ରିପୋର୍ଟ ଦାଖଲ କରିବା ପାଇଁ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା-୨୭୦୦,ତା ୦୫ ସେପ୍ଟେମ୍ବର ୨୦୨୬ରେ ନିର୍ଦ୍ଦେଶ ଜାରି କରାଯାଇଛି । ଏହି ଦୁଇ ସରକାରୀ ଛୁଟି ଦିନ ଖୋଲା ରଖିବାକୁ ନିର୍ଦ୍ଦେଶ ହୋଇଥିବା ବିଭାଗ ଗୁଡିକ ଭିତରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ଉପ-ଜିଲ୍ଲାପାଳ, କେନ୍ଦ୍ରାପଡ଼ା,ସମସ୍ତ ତହସିଲ କାର୍ଯ୍ୟାଳୟ, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ, ନିର୍ବାହୀ ଅଧିକାରୀ, କେନ୍ଦ୍ରାପଡ଼ା ଏବଂ ପଟ୍ଟାମୁଣ୍ଡାଇର ପୌରପାଳିକା କାର୍ଯ୍ୟାଳୟ, ସିଡିଏମଓ କାର୍ଯ୍ୟାଳୟ, ଡିଏସଡବ୍ଲୁଓ କାର୍ଯ୍ୟାଳୟ, ଡିଡବ୍ଲୁଓ କାର୍ଯ୍ୟାଳୟ, ସିଡ଼ିଭିଓ କାର୍ଯ୍ୟାଳୟ, ସିଡିଏଓ କାର୍ଯ୍ୟାଳୟ, ସିଏସଓ କାର୍ଯ୍ୟାଳୟ, ଅଧୀକ୍ଷଣ ଯନ୍ତ୍ରୀ, ଜଳସେଚନ, ଅଧୀକ୍ଷଣ ଯନ୍ତ୍ରୀ, ଆରଡବ୍ଲୁଏସଏସ୍ କାର୍ଯ୍ୟାଳୟ, ନିର୍ବାହୀ ଯନ୍ତ୍ରୀ, ଟିପିସିଓଡିଏଲ (ଡିଭିଜନ-୧ ଏବଂ ୨), କେନ୍ଦ୍ରାପଡ଼ା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଅଧିକ୍ଷଣ ଯନ୍ତ୍ରୀ, ତଟବନ୍ଧ ଡିଭିଜନ(ଆଳି), ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜରୁରୀକାଳୀନ ଉପବିଭାଗ, ସଂସ୍ଥାପନ ବିଭାଗ, ନିଜାରତ ବିଭାଗ ଓ ଚିଠି ପ୍ରେରଣ ଏବଂ ଗ୍ରହଣ ଉପବିଭାଗ କାର୍ଯ୍ୟାଳୟ ଗୁଡିକୁ ନିର୍ଦ୍ଦେଶନାମା ପ୍ରତି ଦୃଷ୍ଟି ଆକର୍ଷଣ କରି ସମସ୍ତ ସମ୍ପୃକ୍ତ କାର୍ଯ୍ୟାଳୟକୁ ୨୬ ଅଗଷ୍ଟ ୨୦୨୬ (ମହମ୍ମଦଙ୍କ ଜନ୍ମଦିନ) ଏବଂ ୨୭ ଅଗଷ୍ଟ ୨୦୨୬(ଝୁଲଣ ପୂର୍ଣ୍ଣିମା) ଦିନ ଖୋଲା ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଯେଉଁଥିରେ ସ୍ପଷ୍ଟ ସୂଚନା ଥିଲା ଯେ କୌଣସି ଅଧିକାରୀ କିମ୍ବା କର୍ମଚାରୀ ପୂର୍ବ ଅନୁମତି ବିନା ମୁଖ୍ୟ ଦପ୍ତର (ହେଡକ୍ୱାର୍ଟର୍ସ) ଛାଡି ଯାଇପାରିବେ ନାହିଁ ।ଏହାର ସ୍ପଷ୍ଟ ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଏହି କାର୍ଯ୍ୟାଳୟ ଗୁଡିକୁ ସେହି ଦୁଇ ଦିନର କର୍ମଚାରୀଙ୍କ ଉପସ୍ଥାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ । ଏହି ଦୁଇ ସରକାରୀ ଛୁଟି ଦିନରେ ବନ୍ୟା ମୁକାବିଲା ପାଇଁ କାର୍ଯ୍ୟାଳୟ ଖୋଲା ଥିଲା ଏବଂ କାର୍ଯ୍ୟକ୍ଷମ ଥିଲା ବୋଲି ରିପୋର୍ଟ ମଗାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି । ଏହାସହ ଉଭୟ ତାରିଖରେ କାର୍ଯ୍ୟରେ ଉପସ୍ଥିତ ଥିବା ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥାପନ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି । ପୂର୍ବ ଲିଖିତ ଅନୁମତି ବିନା ଅନୁପସ୍ଥିତ ଥିବା କୌଣସି ଅଧିକାରୀ କିମ୍ୟା କର୍ମଚାରୀଙ୍କ ବିବରଣୀ ପ୍ରଦାନ କରିବା ସହ ଆବଶ୍ୟକ ଅନୁପାଳନ ରିପୋର୍ଟ ଏବଂ ନିର୍ଦ୍ଦିଷ୍ଟ ତାରିଖ ଗୁଡ଼ିକର ଉପସ୍ଥାନ ଖାତା/ଲଗ୍ ବୁକର ଏକ ସ୍କାନ କପି ସହିତ ଶନିବାର ସଂଧ୍ୟା ୫ଟା ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଥିବା ବେଳେ ଯଦି ରିପୋର୍ଟ ପ୍ରଦାନରେ ବିଳମ୍ବ କରାଯାଏ ତେବେ ଗମ୍ଭୀରତାର ସହ ନିଆଯିବ ବୋଲି ଚିଠିରେ ନିର୍ଦ୍ଦେଶ ରହିଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବା ଅମାନିଆ କର୍ମଚାରୀଙ୍କ ବିରୁଦ୍ଧରେ କେବେ ଓ କେଉଁ ପ୍ରକାର କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ଜିଲ୍ଲାପାଳ ତାହା ସମୟ ସାପେକ୍ଷ ।

କର୍ମଚାରୀଙ୍କ ଉପସ୍ଥାନ ରିପୋର୍ଟ ଦାଖଲ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ପାଞ୍ଚ ମାସର ଭତ୍ତା ନପାଇ ଆଖି ବୁଜିଲେ ବୃଦ୍ଧ

ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) : ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ ଦାଉଦପୁର ପଂଚାୟତ ଗୋପୀନାଥପୁର ଗ୍ରାମର କୁଳମଣି ସାହୁ(୮୬)ଙ୍କର ଅତ୍ୟନ୍ତ ଦୟନୀୟ ଭାବେ ମୃତ୍ୟୁ ହୋଇଛି । ତାଙ୍କର କୌଣସି ପୁତ୍ର ସନ୍ତାନ ନଥିବାରୁ ସେ ନିଃସହାୟ ହୋଇ ଦୀର୍ଘ ୨୦ ବର୍ଷ ହେବ ଏହି ଭତ୍ତା ଅର୍ଥରେ ଅତି କଷ୍ଟରେ କାଳାତିପାତ କରୁଥିଲେ । ସେ ଏବେ ବର୍ଦ୍ଧିତ ହାରରେ ୩୫୦୦ ଟଙ୍କା ଭତ୍ତା ପାଉଥିଲେ । ହେଲେ ଗତ ଏପ୍ରିଲ ମାସଠାରୁ ତାଙ୍କୁ ଭତ୍ତା ଅର୍ଥ ନ ମିଳିବାରୁ ସେ ଠିକ୍ ଭାବେ ଖାଇବାକୁ ପାଉନଥିବା ବେଳେ ଔଷଧ କିଣିବାକୁ ପଇସା ନଥିବାରୁ ଅଧିକ ରୋଗାଗ୍ରସ୍ତ ହୋଇ ଶଯ୍ୟାଶାୟୀ ହୋଇଥିଲେ । ବିଗତ ୫ ମାସ ହେବ ଭତ୍ତା ଅର୍ଥ ପାଇବା ପାଇଁ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ବିଭିନ୍ନ ପ୍ରଶାସନିକ ଅଧିକାରୀ ଓ ରାଜନୈତିକ ନେତୃବୃନ୍ଦଙ୍କୁ ନେହୁରା ହୋଇଥିଲେ ମଧ୍ୟ ତାଙ୍କ କଥାକୁ କେହି କର୍ଣ୍ଣପାତ କରିନଥିଲେ । ସେ କିଭଳି ଭତ୍ତା ପାଇବେ ସେ ନେଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମଧ୍ୟ ଉପଯୁକ୍ତ ପଦକ୍ଷେପ ନେଇନଥିଲେ । ଯାହାଦ୍ୱାରା ଅର୍ଥ ଅଭାବରୁ ସେ ଔଷଧ ଓ ଖାଦ୍ୟ ନପାଇ ଗତ ଶୁକ୍ରବାର ରାତିରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିବା ତାଙ୍କ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ତାଙ୍କର ଏଭଳି ମୃତ୍ୟୁରେ ସ୍ଥାନୀୟ ଅଂଚଳରେ ଦୁଃଖଦ ପରିସ୍ଥିତି ସୃଷ୍ଟି ହୋଇଥିଲା ବେଳେ ବର୍ତ୍ତମାନ ସରକାରଙ୍କର ପାରିବା ପଣିଆ ପଦାରେ ପଡିଛି । ପ୍ରଶାସନିକ ଅବହେଳା ଯୋଗୁ ସଂପୃକ୍ତ ବୃଦ୍ଧ ଜଣକ ଭତ୍ତା ଅର୍ଥ ନପାଇ ଖାଦ୍ୟ ଓ ଔଷଧ କିଣି ନପାରି ଛଟପଟ ହୋଇ ମୃତ୍ୟୁବରଣ କରିଥିବା ଘଟଣାକୁ ନେଇ ଏ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହାର ଏକ ବିଧିବଦ୍ଧ ତଦନ୍ତ କରାଯାଇ ଭତ୍ତା ବଣ୍ଟନ ଦାୟିତ୍ୱରେ ରହିଥିବା କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ଗ୍ରାମବାସୀମାନେ ଦାବି କରିଛନ୍ତି ।

ଚାଷୀ ଭାଇଙ୍କ ଉପରେ ଅତ୍ୟାଚାର ଆଉ କେତେଦିନ : ଚର୍ଚ୍ଚା

ବାରିପଦା/ଉଦଳା (ଅମୃତ ମିଡିଆ) : ଦେଶବାସୀଙ୍କୁ ଆହାର ଯୋଗାଉଥିବା ଚାଷୀ ଭାଇ ମାନଙ୍କୁ ଯେଉଁଭଳି ଅତ୍ୟାଚାର କରାଯାଉଛି, ଏହାକୁ ଦେଖି ଏବେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । 'ଚାଷ କାମ ଯାହାର, କେତେ ସୁଖ ତାହାର...' ଯେଉଁ କବିତା ପାଠ କରାଯାଉଥିଲା, ଏହାଯେ ସମ୍ପୂର୍ଣ୍ଣ ମିଛ କବିତା ଏହାର ବାସ୍ତବ ଚିତ୍ର ଆମେ ଆଖିରେ ଦେଖୁଛୁ ବୋଲି ଅନେକ କହିଛନ୍ତି । ଚାଷୀ ଭାଇ ମାନେ ବର୍ଷର ବିଭିନ୍ନ ସମୟରେ ସରକାରୀ ସାହାଯ୍ୟ ପାଇବା ପାଇଁ ଲ୍ୟାମ୍ପ ସମ୍ପୁଖରେ ଧାଡ଼ିବାନ୍ଧି ଛିଡ଼ା ହେଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । କେତେବେଳେ ସାର ନେବା ପାଇଁତ କେତେବେଳେ ପୁଣି ଧାନ ବିକ୍ରୟ ପାଇଁ ଅନଲାଇନ ବୁକିଂ ସକାଶେ । ଖରା, ବର୍ଷାରେ ଚାଷୀ ଭାଇ ମାନଙ୍କୁ ଘଂଟା ଘଂଟା ଧରି ଅପେକ୍ଷା କରିବାକୁ ପଡୁଛି । ପୁଣି କେତେବେଳେ ଦିନ ତମାମ ଜଗି ରହିବାକୁ ପଡୁଛି । ଏ କ୍ଷେତ୍ରରେ ମହିଳା ଓ ବୟସ୍କ ଚାଷୀ ମାନେ ସବୁଠାରୁ ଅଧିକ କଷ୍ଟ ଓ ଯନ୍ତ୍ରଣା ଭୋଗୁଛନ୍ତି । ଏହା କେବଳ ନିର୍ଦ୍ଦିଷ୍ଟ ଗୋଟିଏ ସ୍ଥାନର କଥା ନୁହେ ସମଗ୍ର ଓଡ଼ିଶାରେ ସମାନ ଚିତ୍ର ଦେଖିବାକୁ ମିଳୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଚାଷୀ ଭାଇ ମାନଙ୍କ ଉପରେ ଚାଲିଥିବା ଏପରି ଅତ୍ୟାଚାରକୁ ଆଉ କେତେଦିନ ବୋଲି ବହୁ ଜ୍ଞାନି ଗୁଣି ଲୋକେ ପ୍ରଶ୍ନ ଉଠାଇଛନ୍ତି ।ଚାଷୀ ଭାଇ ମାନଙ୍କ ଉପରେ ଏହି ସବୁ ସରକାରୀ ସୁବିଧା କିପରି ସହଜରେ ପଂଚିପାରିବ ଓ ସେମାନେ ଯେପରି ସମ୍ମାନର ସହ ଜୀବନ ବଂଚିବାର ସୁଯୋଗ ପାଇବେ ସେଥିପାଇଁ ବ୍ୟବସ୍ଥା କରିବାକୁ ଲୋକ ସଂଗଠନ ଜନଜାଗୃତି ମଞ୍ଚର ସଦସ୍ୟମାନଙ୍କ ସହିତ ବହୁ ସ୍ୱେଚ୍ଛାସେବୀ ସଂଗଠନ ଅନୁରୋଧ ଜଣାଇଛନ୍ତି ।

ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

ପେନସନ୍ ...

ପ୍ରକଳ୍ପଗୁଡ଼ିକରେ ପର୍ଯ୍ୟଟନ ସୁବିଧାର ବିକାଶ (ବୋଇତ)'କୁ ଅନୁମୋଦନ ମିଳିଛି । ଓଡ଼ିଶା କୃଷି ସେବା କ୍ୟାଡର ପୁନର୍ଗଠନରେ ବିଭିନ୍ନ ପଦୋନ୍ନତିସ୍ତରରେ ପଦବୀ ବୃଦ୍ଧି, 'ଶ୍ରୀଜଗନ୍ନାଥ ମନ୍ଦିର ଭୂମି ପ୍ରବନ୍ଧନ ନିୟମ, ୨୦୨୬'କୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ମିଳିଛି । ଏହା ସହ 'ପଞ୍ଚସଖା ଶିକ୍ଷା ସେତୁ ଯୋଜନା'ର କାର୍ଯ୍ୟକାରିତାକୁ ମଞ୍ଜୁରୀ ମିଳିଛି । ସଂଶୋଧିତ 'ବସୁଧା' ଯୋଜନାରେ ୨୦୨୬-୨୭ରୁ ୨୦୨୮-୨୯ ପର୍ଯ୍ୟନ୍ତ ୫,୦୪୫ କୋଟି ଟଙ୍କା ରାଜ୍ୟ ପାଣ୍ଠି ବ୍ୟୟ ହେବ । ଭବାନୀପାଟଣାମୁନିଗୁଡ଼ା ରାସ୍ତାକୁ ୨ ଲେନ୍‌କୁ ୪ ଲେନ୍ କରିବାକୁ ୧୯୬.୧୮ କୋଟି ପ୍ରକଳ୍ପକୁ ଅନୁମୋଦନ । ଓଡ଼ିଶା ଯୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ ନିୟମାବଳୀ, ୨୦୨୫ର ସଂଶୋଧନକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି । ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଅଧୀନରେ 'ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା'କୁ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରାଯାଇଛି । ବୃଦ୍ଧି ପାଉଥିବା ଐଶ୍ୱର୍ଯ୍ୟଶାଳୀ ଶିଳ୍ପ ଆବଶ୍ୟକତା ପୂରଣ, ପ୍ରକଳ୍ପଗୁଡ଼ିକରୁ ବିଦ୍ୟୁତ୍ ସଂଗ୍ରହ ଏବଂ ନବୀକରଣ ଯୋଗ୍ୟ ଶକ୍ତିର ସଂଯୋଜନା ପାଇଁ ବିଦ୍ୟୁତ୍ ପରିବହନ ଭିତ୍ତିଭୂମିର ନିର୍ମାଣ ଓ ଆଧୁନିକୀକରଣ କରାଯିବ । ଏହି ଯୋଜନା ପାଇଁ ମୋଟ ୧୫,୯୪୮ କୋଟି ଟଙ୍କାର ଆକଳିତ ବଜେଟ୍ ସ୍ଥିର ହୋଇଛି, ଯେଉଁଥିରେ ରାଜ୍ୟ ସରକାରଙ୍କ ଇକ୍ୱିଟି (୩୦%) ୪,୭୮୫ କୋଟି ଟଙ୍କା ଏବଂ ଋଣ (୭୦%) ୧୧,୧୬୪ କୋଟି ଟଙ୍କା ରହିଛି । ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷରୁ ରଚଚ ମୋଡ଼ରେ ୩-୪ ବର୍ଷ ମଧ୍ୟରେ ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେବ ।ଗ୍ରିଡ୍ ସବ୍-ଷ୍ଟେସନ୍ ସମ୍ପ୍ରସାରଣ: ଖୁଣ୍ଟୁଣୀ (ବେଟାଖୋଲି), ଦୁବୁରୀ (ଯାଜପୁର) ଓ କୋଲାବିରା (ଝାରସୁଗୁଡ଼ା)ଠାରେ ୭୬୫ ଲଠ ମେଗା ଗ୍ରିଡ୍ ସବ୍-ଷ୍ଟେସନ୍ ନିର୍ମାଣ ହେବ ।

ଶୁଣାଣି ...

ଅନ୍ୟମାନଙ୍କୁ ଆଗକୁ ନିଆଯାଇଥିବାବେଳେ ତାଙ୍କର ଦୀର୍ଘ ୩୨ ବର୍ଷର ଦାଗହୀନ କ୍ୟାରିୟର, ସଫଳ ସେବା ରେକର୍ଡ ଓ ରାଷ୍ଟ୍ରପତି ପଦକ ପାଇଥିବା ବିଷୟକୁ ଅଣଦେଖା କରାଯାଇଛି । ସେଥିପାଇଁ ପିଆଇଏଲ୍ ସମ୍ପର୍କିତ ସମସ୍ତ କାଗଜପତ୍ର ତାଙ୍କୁ ପ୍ରଦାନ କରିବା ଓ ତାଙ୍କୁ ନିଜ ପକ୍ଷ ରଖିବାକୁ ସୁଯୋଗ ଦେବା ଲାଗି ସେ ଅନୁରୋଧ କରିଥିଲେ । ଖଣ୍ଡପୀଠ ତାଙ୍କର ଯୁକ୍ତି ଶୁଣିବା ସହ ତାଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ ହୋଇ ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି । ସେଥିପାଇଁ ଜନସ୍ୱାର୍ଥ ମାମଲା ଓ ଏହି ମାମଲା ସମ୍ପର୍କିତ ସମସ୍ତ କାଗଜପତ୍ର ତାଙ୍କୁ ପ୍ରଦାନ କରିବାକୁ ତାଙ୍କ ଓକିଲ ନିବେଦନ କରିଥିଲେ । ଏପରିକି ତାଙ୍କର ମାମଲା ଏକ ସ୍ୱତନ୍ତ୍ର କାରଣ ଉପରେ ଆଧାରିତ ହୋଇଥିବାରୁ ଏହାକୁ ଅନ୍ୟ ମାମଲା ସହ ନମିଶାଇ ସ୍ୱତନ୍ତ୍ର ଭାବେ ଶୁଣାଣି କରିବାକୁ ଅନୁରୋଧ କରିଥିଲେ ।

ଭିଜିଲାନ୍ସ ...

ସୂଚନା ମିଳିଛି । ସୂଚନାନୁସାରେ, କୃଷି ଜମିକୁ ଘରବାଡ଼ି ଜମିରେ ପରିବର୍ତ୍ତନ ସହ ଜଡ଼ିତ ଏକ ମ୍ୟୁଟେସନ୍ ମାମଲାର ତଦନ୍ତ ରିପୋର୍ଟ ପ୍ରସ୍ତୁତ କରି ତାହାକୁ ଆଗକୁ ପଠାଇବା ପାଇଁ ଅଭିଯୋଗକାରୀଙ୍କୁ ୩୫ ହଜାର ଟଙ୍କା ଲାଞ୍ଚ ଦାବି କରାଯାଇଥିବା ଅଭିଯୋଗ ହୋଇଥିଲା । ବାରମ୍ବାର ଅନୁରୋଧ ସତ୍ତ୍ୱେ ଟଙ୍କା ନଦେଲେ କାମ ଆଗକୁ ବଢୁନଥିବା ଅଭିଯୋଗ କରି ସମ୍ପୃକ୍ତ ବ୍ୟକ୍ତି ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗ ପରେ ଭିଜିଲାନ୍ସ ପକ୍ଷରୁ ଯୋଜନାବଦ୍ଧ ଭାବେ ଟ୍ରାପ୍ କରାଯାଇଥିଲା । ଯୋଜନା ଅନୁଯାୟୀ ଆଜି ମଧ୍ୟାହ୍ନରେ ୩୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଉଭୟ ଅଧିକାରୀ ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଥିଲେ ।

ରେକର୍ଡ ...

ଏହାସହ ରାଜ୍ୟ ସରକାର ବର୍ତ୍ତମାନସୁଦ୍ଧା ୨ଲକ୍ଷ ୯୭ହଜାର ଟନ୍ ସାର ପାଇଛନ୍ତି । ପ୍ୟାକ୍‌ସଙ୍କୁ ୨,୬୭ଲକ୍ଷ, ଡିଲରଙ୍କୁ ୨୪୧୧ ଟନ୍ ସାର ଦିଆଯାଇଛି । ସରକାରଙ୍କ ପାଖରେ ୨୪ହଜାର ୪ଶହ ଟନ୍ ମହଜୁଦ ରହିଛି । ଚାଷୀଙ୍କୁ ସାର ଯୋଗାଇବାରେ ସରକାର ଅବହେଳା କରିନାହାନ୍ତି । ଟିକେ ଅବହେଳା ହେଲେ ଡିଲରଙ୍କୁ ନିଲମ୍ବନ ସହ ଲାଇସେନ୍ସ ରଦ୍ଦ କରାଯାଉଛି । ଉଲ୍ଲେଖ ଯେ ଚଳିତବର୍ଷ ଖରିଫ୍ ଧାନ କିଣା ନେଇ ରାଜ୍ୟ ସରକାର ଏଗ୍ରିଷ୍କାଲ୍ ବାଧତାମୂଳକ କରିବା ପରେ ବିବାଦ ଦେଖାଦେଇଥିଲା । ଏହାକୁ ନେଇ ଚାରିଆଡୁ ବିରୋଧ ହେବା ପରେ ରାଜ୍ୟ ସରକାର ଏହା ବାଧତାମୂଳକ ନୁହେଁ ବୋଲି କହିଥିଲେ । ସମସ୍ତ ଚାଷୀଙ୍କ ପଞ୍ଜୀକରଣ କରାଯିବ ଓ ସମସ୍ତଙ୍କୁ ଟୋକନ୍ ମିଳିବ ବୋଲି ସରକାର ଆଶ୍ୱାସନା ଦେଇଥିଲେ ।

ଜାଗୃତିକା ତରଫରୁ ନନ୍ଦ ଉତ୍ସବ ପାଳିତ

ଚିଲିକା(ଅମୃତ ମିଡ଼ିଆ) : ପ୍ରତିବର୍ଷ ପରି ଚଳିତ ବର୍ଷ ନାବୁଣୀସ୍ଥ ଅଗ୍ରଣୀ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ ଜାଗୃତିକା ତରଫରୁ 'ଆଶିଷ ଭବନ' ଠାରେ ନନ୍ଦ ଉତ୍ସବ ପାଳିତ ହୋଇଯାଇଅଛି । ଯୁବଜ୍ୟୋତି ହାଇସ୍କୁଲର ପ୍ରଧାନ ଶିକ୍ଷକ ଆଶିଷ କୁମାର ପତିଙ୍କ ତତ୍ୱାବଧାନରେ ଅନୁଷ୍ଠିତ ନନ୍ଦ ଉତ୍ସବର ପ୍ରାରମ୍ଭରେ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତିମାଙ୍କୁ ଏକ ସୁସର୍ଜିତ ଦୋଳିରେ ଉପବେଶନ କରାଯାଇ ଧୂପ, ଦୀପ ଓ ପୁଷ୍ପ ଅର୍ପଣ ପୂର୍ବକ ବନ୍ଦାପନା କରାଯାଇଥିଲା । ଏହାପରେ ସଂଗୀତଜ୍ଞ ଅଜିତ୍ କୁମାର ମିଶ୍ରଙ୍କ ସଂଯୋଜନାରେ ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଜାଗୃତିକାର ଉପଦେଷ୍ଟା ଗାୟକ ଦକ୍ଷିଣକେଶରୀ ରାମଚନ୍ଦ୍ର କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଧ୍ୟାତ୍ମିକ ସଭାରେ ଜାଗୃତିକାର ସଭାପତି ପ୍ରାଧାପକ ଗଙ୍ଗାଧର ପ୍ରଧାନ, ନାବୁଣୀ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ରାଜକିଶୋର ସାହୁ, ଶିକ୍ଷକ ଦୁଃଯୋଧନ ପ୍ରଧାନ, ପଣ୍ଡିତ ଭବାନୀ ଶଙ୍କର ମହାପାତ୍ର, ମର୍ଦ୍ଦରାଜ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ସାମ୍ବାଦିକ ଦିଲ୍ଲୀପ କୁମାର ଶତପଥୀ, ନାବୁଣୀ କଲେଜ ଓଡ଼ିଆ ବିଭାଗ ମୁଖ୍ୟ ପ୍ରଦୀପ କୁମାର ମିଶ୍ର, ଅଧ୍ୟାପକ ଚିନ୍ମୟ ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ, ନୀଳକଣ୍ଠ ହାଇସ୍କୁଲର ପ୍ରଧାନ ଶିକ୍ଷକ ନିରଞ୍ଜନ ନନ୍ଦ, ପୂର୍ବତନ ପ୍ରଧାନ ଶିକ୍ଷକ ସୁଦର୍ଶନ ପରିଡା, କବି ଶିବ ପ୍ରସାଦ ତ୍ରିପାଠୀ, ସୁରେଶ ଚନ୍ଦ୍ର ହୋତା, ପୁରୁଷୋତ୍ତମ ମିଶ୍ର, ପ୍ରଭାତ କୁମାର ମାନଧାତା, ବେଣୁଧର ସାହୁ, ସଂଗ୍ରାମ କେଶରୀ ବଳବନ୍ତରାୟ ଓ ବାସନ୍ତୀ ସାହୁ ପ୍ରମୁଖ ଉତ୍ସବରେ ଯୋଗ ଦେବା ସହ ଆଧ୍ୟାତ୍ମିକ ଆଲୋଚନାରେ ଅଂଶ ଗ୍ରହଣ କରି ଭଗବାନ ଶ୍ରୀକୃଷ୍ଣଙ୍କ ଦିବ୍ୟଲୀଳା ଉପରେ ଆଲୋକପାତ କରିଥିଲେ । ପରିଶେଷରେ ଜାଗୃତିକାର ସଂପାଦକ ବିରଞ୍ଚିନାରାୟଣ ପ୍ରସାଦ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

ଆଇପିଏଲ୍ ଢାଞ୍ଚାରେ ହେଲା ଖେଳାଳି ଚୟନ ଅକ୍ସନ

କଟକ (ବ୍ୟୁରୋ) : କଟକ ଆଇସିଏଆଇ ଭବନରେ ପ୍ରଫେସର ପ୍ରିମିୟର ଲିଗ୍‌ର ଚତୁର୍ଥ ସଂସ୍କରଣ କ୍ରିକେଟ୍ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ ଅକ୍ସନ୍ ଆଜି ଅନୁଷ୍ଠିତ ହୋଇଯାଇଛି । କ୍ରମାଗତ ତିନିଟି ସଫଳ ସଂସ୍କରଣ ପରେ ଏବେ ଚତୁର୍ଥ ସଂସ୍କରଣକୁ ନେଇ ଖେଳାଳି ଓ ଆୟୋଜକଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି । ଏହି କ୍ରିକେଟ୍ ପ୍ରତିଯୋଗିତା ଟି-୨୦ ଫର୍ମାଟ୍‌ରେ ଖେଳାଯିବ । ଓଡ଼ିଶାର ବିଭିନ୍ନ ସ୍ଥାନରୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, କଷ୍ଟ ଆକାଉଣ୍ଟାଣ୍ଟ, କମ୍ପାନୀ ସେକ୍ରେଟାରୀ ଏବଂ ଫାଇନାନ୍ସିଆଲ୍ ସେକ୍ଟର ସହ ଜଡ଼ିତ ବ୍ୟକ୍ତିମାନଙ୍କୁ ନେଇ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି । ଚଳିତ ବର୍ଷ ୯୦ରୁ ଅଧିକ ଖେଳାଳି ଏଥିରେ ଭାଗ ନେବେ । ଆଇପିଏଲ୍ ଭଳି ନିଲାମ ପ୍ରକ୍ରିୟାରେ ଖେଳାଳି ଚୟନ କରାଯାଇଛି । ଏଥିପାଇଁ ପ୍ରତ୍ୟେକ ଦଳକୁ ଭର୍ଚୁଆଲ୍ ମନି ଦିଆଯାଇଥାଏ । ଚଳିତ ସଂସ୍କରଣରେ ପ୍ରତ୍ୟେକ ଦଳ ପାଇଁ ୧୦ କୋଟି ଭର୍ଚୁଆଲ୍ ମନି ରଖାଯାଇଛି । ମୋଟ ୫ଟି ଦଳ ପ୍ରତିଯୋଗିତାରେ ଭାଗ ନେବେ ଏବଂ ପ୍ରତ୍ୟେକ ଦଳରେ ୧୬ ଜଣ ଖେଳାଳି ରହିବେ ।

ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ଟେଷ୍ଟ ଦଳ ଘୋଷଣା କଲା ଅଷ୍ଟ୍ରେଲିଆ

ନୂଆଦିଲ୍ଲୀ ; ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ଟେଷ୍ଟ ଦଳ ଘୋଷଣା କରିଛି ଅଷ୍ଟ୍ରେଲିଆ । ଟେଷ୍ଟ ଦଳରେ ୧୬ ଜଣ ଖେଳାଳି ଅଛନ୍ତି । ଏହି ୧୬ ଜଣ ଖେଳାଳିଙ୍କ ମଧ୍ୟରୁ ଚୟନକର୍ତ୍ତାମାନେ ମଧ୍ୟ ତାଙ୍କ ଉପରେ ଆତ୍ମବିଶ୍ୱାସ ପ୍ରକାଶ କରିଛନ୍ତି । ଏହି ଗସ୍ତ ପାଇଁ ଦଳରେ ମନୋନୀତ ହୋଇଥିବା ଖେଳାଳି ୬ ବର୍ଷ ତଳେ ସସପେଣ୍ଡ ହୋଇଥିଲେ । ସେମାନଙ୍କ ଉପରେ ପୁଣି ଭରସା କରିଛି କ୍ରିକେଟ୍ ଅଷ୍ଟ୍ରେଲିଆ । ବାଂଲାଦେଶ ବିପକ୍ଷ ଘରୋଇ ଟେଷ୍ଟ ସିରିଜରେ ୧-୧ ଡ୍ର ପରେ ଲାବୁସାନେଙ୍କ ଦଳରେ ସ୍ଥାନ ନେଇ ଦ୍ୱନ୍ଦ୍ୱ ଦେଖାଦେଇଥିଲା । କିନ୍ତୁ, ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ଦଳ ଘୋଷଣା ପରେ ଏହା ସ୍ପଷ୍ଟ ହୋଇଛି ଯେ, ସେମାନଙ୍କ ଉପରେ ଚୟନକର୍ତ୍ତାଙ୍କ ବିଶ୍ୱାସ ଏବେ ବି ଅକ୍ଷୁର୍ଣ୍ଣ ରହିଛି । ବିଶେଷ କରି ଦଳରେ ୩ ଜଣଙ୍କର ସେଞ୍ଚାଲ୍ ଏଣ୍ଟ୍ରୀ ହୋଇଛି । କୁପର କନୋଲି, ମ୍ୟାଥ୍ୟୁ କୁନହେମ୍ୟାନ୍ ଏବଂ ମାଇକେଲ୍ ନେସେରଙ୍କୁ ସ୍ଥାନ ମିଳିଛି । ବଲ୍ ଟ୍ୟାମ୍ପରିଂ ଘଟଣା ପରେ ପ୍ରଥମ ଦକ୍ଷିଣ ଆଫ୍ରିକା ଗସ୍ତ- ଟେଷ୍ଟ ସିରିଜ୍ ପାଇଁ ୨୦୧୮ ପରେ ଅଷ୍ଟ୍ରେଲିଆର ଏହା ପ୍ରଥମ ଦକ୍ଷିଣ ଆଫ୍ରିକା ଗସ୍ତ ହେବ । ୮ ବର୍ଷ ପୂର୍ବେ ଶେଷ ଗସ୍ତରେ ଘଟିଥିବା ବଲ୍ ଟ୍ୟାମ୍ପରିଂ ଘଟଣା ପରେ ବିଶ୍ୱ କ୍ରିକେଟରେ ହଲଚଲ ସୃଷ୍ଟି କରିଥିଲା। ଏହି ଘଟଣାରେ ୩ ଜଣ ଅଷ୍ଟ୍ରେଲୀୟ ଖେଳାଳି ଡେଭିଡ୍ ୱାର୍ଣ୍ଣର, ଷ୍ଟିଭ୍ ସ୍ମିଥ୍ ଏବଂ କ୍ୟାମେରନ୍ ବାନକ୍ରଫ୍ଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ସେମାନଙ୍କୁ ବ୍ୟାନ୍ କରାଯାଇଥିଲା । ବର୍ତ୍ତମାନର ଭ୍ରମଣ ଦଳର ସେହି ୩ ଖେଳାଳିଙ୍କ ମଧ୍ୟରୁ ଷ୍ଟିଭ୍ ସ୍ମିଥ୍ ହେଉଛନ୍ତି ଏକମାତ୍ର ଖେଳାଳି । କିନ୍ତୁ ସେହିବର୍ଷ ଟେଷ୍ଟ ଦଳରେ ଥିବା ଖେଳାଳି ୧୬ ଜଣିଆ ଦଳରେ ସ୍ଥାନ ପାଇଛନ୍ତି । ସେମାନେ ହେଲେ ଷ୍ଟିଭ୍ ସ୍ମିଥ୍, ପ୍ୟାଟ୍ କମିନ୍ସ୍, ଜୋସ୍ ହାଜେଲଉଡ୍, ନାଥନ୍ ଲିଅନ୍ ଏବଂ ମିଚେଲ ଷ୍ଟାର୍କ । ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ଅଷ୍ଟ୍ରେଲିଆର ଟେଷ୍ଟ ଦଳ- ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ଅଷ୍ଟ୍ରେଲିଆର ଟେଷ୍ଟ ଦଳରେ ପ୍ରାୟତଃ ସେହି ଖେଳାଳି ଅଛନ୍ତି ଯେଉଁମାନେ ବାଂଲାଦେଶ ବିପକ୍ଷ ମାକେ ଟେଷ୍ଟରେ ଦଳର ଅଂଶ ଥିଲେ । କୁପର କନୋଲି ମଧ୍ୟ ଦଳରେ ଏକ ସୁଯୋଗ ପାଇଛନ୍ତି . ଯାହା ପ୍ରମାଣ କରେ ଯେ, ଚୟନକର୍ତ୍ତାମାନେ ତାଙ୍କ ପାଇଁ ଏକ ଦୀର୍ଘକାଳୀନ ଯୋଜନା ବିଷୟରେ ଚିନ୍ତା କରୁଛନ୍ତି । ଚାଲନ୍ତୁ ନଜର ପକାଇବା ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ଅଷ୍ଟ୍ରେଲିଆର ଟେଷ୍ଟ ଦଳ ଉପରେ । ଅଷ୍ଟ୍ରେଲିଆ ଦଳ: ପ୍ୟାଟ୍ କମିନ୍ସ୍ (ଅଧିନାୟକ), ମିଚେଲ ଷ୍ଟାର୍କ, ଜୋସ୍ ହାଜେଲଉଡ୍, ଷ୍ଟିଭ୍ ସ୍ମିଥ୍, ଟ୍ରାଭିସ୍ ହେଡ୍, କୁପର କନୋଲି, ମାର୍ନସ୍ ଲାବୁସାନ୍, ସ୍କଟ୍ ବୋଲାଣ୍ଡ, ଜୋସ୍ ଇଙ୍ଗଲିସ୍, ମ୍ୟାଥ୍ୟୁ କୁନହେମ୍ୟାନ୍, କ୍ୟାମେରନ୍ ଗ୍ରୀନ୍, ଆଲେକ୍ସ କ୍ୟାରି, ନାଥନ୍ ଲାୟନ୍, ମାଇକେଲ୍ ନେସେର, ମ୍ୟାଥ୍ୟୁ ରେନଶା, ବିଉ ୱେବଷ୍ଟର । ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଟେବୁଲକୁ ଦେଖିଲେ ଅଷ୍ଟ୍ରେଲିଆ ଏବେ ଶୀର୍ଷରେ ରହିଛି । ଅଷ୍ଟ୍ରେଲିଆର ପଏଣ୍ଟ ପ୍ରତିଶତ ୮୦ ରହିଛି । ଦକ୍ଷିଣ ଆଫ୍ରିକା ବିପକ୍ଷରେ ବିଜୟ ସହିତ ଫାଇନାଲର ଗୋଟିଏ ପାଦ ନିକଟତର ହେବାକୁ ଚାହୁଁଛନ୍ତି । ଦକ୍ଷିଣ ଆଫ୍ରିକା ୭୫ ପ୍ରତିଶତ ସହ ଦ୍ୱିତୀୟ ସ୍ଥାନରେ ରହିଛି । ଏହି ଦଳ ମଧ୍ୟରେ ୨୦୨୫ ଫାଇନାଲ ଖେଳାଯାଇଥିଲା, ଯେଉଁଥିରେ ଦକ୍ଷିଣ ଆଫ୍ରିକା ଏକ ସ୍ମରଣୀୟ ବିଜୟ ହାସଲ କରି ଇତିହାସ ରଚିଥିଲା ।

ଫାଇନାଲରେ କ୍ୟାପଟେନ ଇଶାନ କିଶନଙ୍କ ଦ୍ୱିଶତକ, ରଚିଲେ ଇତିହାସ

ନୂଆଦିଲ୍ଲୀ : ଦୁଲୀପ୍ ଟ୍ରଫିର ଫାଇନାଲରେ ଇଶାନ କିଶନଙ୍କ ଜଲଓ୍ୱା । ସାଉଥ୍ ଜୋନ୍ ବିପକ୍ଷରେ ଦମଦାର ବ୍ୟାଟିଂ କରିଛନ୍ତି ଇଷ୍ଟ ଜୋନର ଅଧିନାୟକ ଇଶାନ କିଶନ । ଇଶାନ ଦ୍ୱିଶତକ ମାରିଥିବା ବେଳେ ଶେଷ ଇଚ୍ଛା ପୂରଣ ହୋଇପାରିନାହିଁ । ଦୁଇ ଦିନର ଖେଳରେ ଇଶାନ ୨୭୦ ରନର ବିଶାଳ ଇନିଂସ ଖେଳିଥିବା ବେଳେ ମାତ୍ର ୩୦ ରନ୍ ପାଇଁ ତାଙ୍କ ତ୍ରିଶତକ ଅଧୂରା ରହିଯାଇଛି । ଇଷ୍ଟ ଜୋନର ନେତୃତ୍ୱ ନେଉଥିବା ଇଶାନ ଦୁଲୀପ୍ ଟ୍ରଫି ଫାଇନାଲରେ ଦ୍ୱିଶତକ ହାସଲ କରିଥିବା ପ୍ରଥମ ୱିକେଟକିପର୍ ଅଧିନାୟକ ହୋଇଛନ୍ତି । ଏହାସହ ଦୁଲୀପ୍ ଟ୍ରଫି ଫାଇନାଲରେ ଦ୍ୱିଶତକ ମାରିଥିବା ମାତ୍ର ସପ୍ତମ ବ୍ୟାଟର୍ ହୋଇଛନ୍ତି । ଇଶାନଙ୍କ ବିଶାଳ ଇନିଂସ ଇଷ୍ଟ ଜୋନକୁ ଫାଇନାଲରେ ଏକ ମଜବୁତ ସ୍ଥିତିରେ ପହଞ୍ଚାଇଛି । ଏହି ଇନିଂସ ସମୟରେ ଇଶାନ କିଶନ ପ୍ରଥମ ଶ୍ରେଣୀ କ୍ରିକେଟରେ ୪ ହଜାର ରନ୍ ପୂରଣ କରିଛନ୍ତି । ଏହାସହ ଏହି ଫର୍ମାଟରେ ତାଙ୍କର ଶତକ ସଂଖ୍ୟା ୧୦ରେ ପହଞ୍ଚିଛି । ଗୋଟିଏ ଇନିଂସରେ ଦୁଇଟି ବଡ଼ ଉପଲବ୍ଧି ହାସଲ କରିଛନ୍ତି ଇଶାନ । ଏହା ପୂର୍ବରୁ ସେ ସୟଦ ମୁସ୍ତାକ ଅଲି ଟ୍ରଫିର ଫାଇନାଲରେ ମଧ୍ୟ ଶତକ ହାସଲ କରିଥିଲେ । ସେହି ମ୍ୟାଚରେ ଇଶାନ ମାତ୍ର ୪୯ ବଲରୁ ୧୦୧ ରନର ଧମାକାଦାର ଇନିଂସ ଖେଳିଥିଲେ । ଦୁଲୀପ୍ ଟ୍ରଫି ଫାଇନାଲରେ ଇଶାନ ୩୩୪ ବଲରୁ ୨୭୦ ରନ୍ କରିଥିଲେ । ଫାଇନାଲରେ ପ୍ରଥମ ଦୁଇ ଦିନରେ ଇଷ୍ଟ ଜୋନ୍ ବ୍ୟାଟିଂ କରିଥିଲା । ଦଳ ୧୬୩ ଓଭରରେ ୭୦୮ ରନର ବିଶାଳ ସ୍କୋର କରି ଅଲଆଉଟ୍ ହୋଇଛି । ଇଶାନ କିଶନଙ୍କ ୨୭୦ ରନ୍ ବ୍ୟତୀତ କୁମାର କୁଶାଗ୍ର ୧୦୧ ରନର ଶତକୀୟ ଇନିଂସ ଖେଳିଛନ୍ତି । ଏବେ ତୃତୀୟ ଦିନରେ ସାଉଥ୍ ଜୋନ୍ ବ୍ୟାଟିଂ କରିବ ।

ପାକିସ୍ତାନ ଅଧିନାୟିକା ଫତିମାଙ୍କୁ ଜରିମାନା

ଦୁବାଇ: ଭାରତ ବିପକ୍ଷ ମହିଳା ଏସିଆ କପ୍ ଟ୍ୱେଣ୍ଟି-୨୦ ମ୍ୟାଚ୍ ବେଳେ ଖରାପ ଆଚରଣ ଲାଗି ପାକିସ୍ତାନ ଅଧିନାୟିକା ଫତିମା ସାନାଙ୍କୁ ଜରିମାନା ହୋଇଛି । ଭାରତୀୟ ଓପନର ଶେଫାଲି ବର୍ମାଙ୍କୁ ଆଉଟ୍ କରିବା ପରେ ଫତିମା ତାଙ୍କୁ ଆଙ୍ଗୁଠି ଦେଖାଇ ପ୍ୟାଭିଲିୟନକୁ ଫେରିଯିବାକୁ ଇଶାରା ଦେଇଥିଲେ। ଏଥିପାଇଁ ଆଇସିସି ଆଚରଣବିଧି ଲେବଲ୍-୧ ଉଲ୍ଲଂଘନ ଯୋଗୁଁ ତାଙ୍କ ମ୍ୟାଚ୍ ପାଉଣାର ୧୦ ପ୍ରତିଶତ କଟାଯିବା ସହ ଗୋଟିଏ ଡିମେରିଟି ପଏଣ୍ଟ୍ ମିଳିଛି । ଫଳରେ ଗତ ୨୪ ମାସ ମଧ୍ୟରେ ତାଙ୍କ ଡିମେରିଟ୍ ପଏଣ୍ଟ୍ ସଂଖ୍ୟା ୨ରେ ପହଞ୍ଚିଛି । ପଡ଼ିଆ ଅମ୍ପାୟାର ନିମାଳି ପେରେରା, ଶଥିରା ଜାକିର ଜେସି ଓ ତୃତୀୟ ଅମ୍ପାୟାର ରୋକେୟା ସୁଲତାନ ଓ ଚତୁର୍ଥ ଅମ୍ପାୟାର ରବାବ ଏହସାନଙ୍କ ଅଭିଯୋଗ ପରେ ରେଫରି ସୁପ୍ରିୟା ରାଣୀ ଦାସ ଏହି ଦଣ୍ଡ ଶୁଣାଇଛନ୍ତି। ସେ ନିଜ ଦୋଷ ଓ ଦଣ୍ଡ ସ୍ୱୀକାର କରି ନେଇଥିବାରୁ ପରବର୍ତ୍ତୀ ଶୁଣାଣୀର ଆବଶ୍ୟକତା ରହିନି। ''ଖେଳାଳି ଓ ଖେଳାଳିଙ୍କ ସମ୍ପୃକ୍ତ ଅଧିକାରୀଙ୍କ ପାଇଁ ଥିବା ଆଇସିସି ଆଚରଣ ବିଧିର ଧାରା ୨.୫ (ଅନ୍ତର୍ଜାତୀୟ ମ୍ୟାଚ୍ ବେଳେ ଆଉଟ୍ କରିବା ପରେ ବ୍ୟାଟରଙ୍କୁ ଖରାପ ଭାଷା, ବ୍ୟବହାର କରିବା କିମ୍ବା ଆକ୍ରମଣାତ୍ମକ କାର୍ଯ୍ୟ କରିବା)କୁ ଫତିମା ଉଲ୍ଲଂଘନ କରିଛନ୍ତି। ତେଣୁ ଦଣ୍ଡ ଭାବେ ଗୋଟିଏ ଡିମେରିଟ୍ ପଏଣ୍ଟ୍ ଫତିମାଙ୍କ ଶୃଙ୍ଖଳାଗତ ଖାତାରେ ଯୋଡ଼ା ଯିବା ସହ ମ୍ୟାଚ୍ ପାଉଣାର ୧୦ ପ୍ରତିଶତ କାଟି ଦିଆଯାଇଛି। ୨୪ ମାସ ମଧ୍ୟରେ ଏହା ତାଙ୍କର ଦ୍ୱିତୀୟ ଦୋଷ ହୋଇଥିବାରୁ ଡିମେରିଟ୍ ପଏଣ୍ଟ୍ ୨ରେ ପହଞ୍ଚିଛି'' ବୋଲି ଆଇସିସି ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ଗତବର୍ଷ ଅଗଷ୍ଟ ୬ ତାରିଖରେ ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଖରାପ ଆଚରଣ ପାଇଁ ଫତିମାଙ୍କୁ ଗୋଟିଏ ଡିମେରିଟ୍ ପଏଣ୍ଟ୍ ମିଳିଥିଲା।

ରୁଷ୍ ବିପକ୍ଷରେ ଫୁଟ୍‌ବଲ ମ୍ୟାଚ୍ ଖେଳିବ ଭାରତୀୟ ମହିଳା ଦଳ

ନୂଆଦିଲ୍ଲୀ: ଭାରତୀୟ ପୁରୁଷ ଦଳ ପରେ ମହିଳା ଦଳ ଏକ ଶକ୍ତିଶାଳୀ ଦେଶ ବିପକ୍ଷରେ ଫୁଟ୍‌ବଲ ମ୍ୟାଚ୍ ଖେଳିବାର ସମ୍ଭାବନା ରହିଛି । ଚଳିତ ବର୍ଷ ରୁଷ ବିପକ୍ଷରେ ଭାରତୀୟ ମହିଳା ଦଳ ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିପାରେ। କଲକାତାରେ ଏହି ମ୍ୟାଚ୍ ଖେଳାଯିବାର ସମ୍ଭାବନା ଅଛି। ବିଶ୍ୱରେ ୬୯ତମ ସ୍ଥାନରେ ଥିବା ଭାରତୀୟ ମହିଳା ଦଳ ଏସୀୟ କପ୍‌ର ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିବା ବେଳେ ଫିଫା ସିରିଜ୍‌ରେ ମାଲଦ୍ୱିକୁ ହରାଇ ୩ୟ ସ୍ଥାନରେ ରହିଥିଲା। ପରେ ଭାରତ ଜୁନ୍ରେ ସାଫ୍ ଚମ୍ପିଆନ୍‌ସିପ୍ ଜିତିଥିଲା। ସାଫ୍ ଟାଇଟଲ ଜିତିବା ପରେ ଭାରତୀୟ ପ୍ରଶିକ୍ଷକ ଅଦ୍ରୁକ ରାଙ୍କିଙ୍କୁ ପଏଣ୍ଟ ପାଇଁ ଉଚ୍ଚ ମାନ୍ୟତାପ୍ରାପ୍ତ ଦଳଙ୍କ ବିପକ୍ଷରେ ଖେଳିବାକୁ ଚାହୁଁଥିଲେ। ତେଣୁ ବିଶ୍ୱରେ ୨୭ତମ ସ୍ଥାନରେ ଥିବା ରୁଷ ଦଳ ବିପକ୍ଷରେ ଭାରତ ଖେଳିବା ନେଇ ଯୋଜନା ରହିଛି। ଏହି ମ୍ୟାଚ୍ ପାଇଁ ୟୁଏଫା ଓ ଫିଫାର ଅନୁମୋଦନ ବାକି ଅଛି।

ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜ୍ ଖେଳିବେନି ଆୟର

ନୂଆଦିଲ୍ଲୀ : ଭାରତୀୟ ଦଳ ସେପ୍ଟେମ୍ବର ୨୭ରୁ ଓ୍ୱେଷ୍ଟଇଣ୍ଡିଜ ବିପକ୍ଷରେ ତିନି ମ୍ୟାଚ ବିଶିଷ୍ଟ ଏକ ଦିନିକିଆ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହି ସିରିଜରେ ଟିମ ଇଣ୍ଡିଆର ମଧ୍ୟକ୍ରମ ଲାଇନଅପରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖାଯାଇପାରେ। ନିୟମିତ ଚତୁର୍ଥ ନମ୍ବର ବ୍ୟାଟସମ୍ୟାନ ଶ୍ରେୟସ ଆୟର ଏହି ସିରିଜ ପାଇଁ ଉପଲବ୍ଧ ହେବାର ସମ୍ଭାବନା କମ। ଫଳରେ ଯୁବ ବ୍ୟାଟସମ୍ୟାନ ତିଲକ ବର୍ମାଙ୍କ ପାଇଁ ଏକ ସମ୍ଭାବ୍ୟ ସୁଯୋଗ ସୃଷ୍ଟି କରିବ। ଏହା ବ୍ୟତୀତ, ତିଲକଙ୍କୁ ଚତୁର୍ଥ ନମ୍ବର ସ୍ଥାନରେ ବ୍ୟାଟିଂ କରିବାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇପାରେ। ସେପ୍ଟେମ୍ବର ୧୯ ତାରିଖରେ ଜାପାନରେ ଏସୀୟ କ୍ରୀଡ଼ା ଆରମ୍ଭ ହେବାକୁ ଯାଉଛି, ଏବଂ ଶ୍ରେୟସ ଆୟର ସେଠାରେ ଭାରତୀୟ କ୍ରିକେଟ ଦଳର ନେତୃତ୍ୱ ନେବେ। ଫଳସ୍ୱରୂପ, ତାଙ୍କ ପାଇଁ ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ଏକ ଦିନିକିଆ ସିରିଜ ରେ ଅଂଶଗ୍ରହଣ କରିବା ସମ୍ଭବ ହେବ ନାହିଁ। ବହୁତ ସମୟ ଧରି ଦିନିକିଆ ଦିବସୀୟ ମ୍ୟାଚରେ ଭାରତର ନିୟମିତ ଚତୁର୍ଥ ନମ୍ବର ବ୍ୟାଟସମ୍ୟାନ ହୋଇଥିବାରୁ, ତାଙ୍କର ଅନୁପସ୍ଥିତି ଚୟନକର୍ତ୍ତାଙ୍କ ପାଇଁ ଏକ ପ୍ରମୁଖ ପ୍ରଶ୍ନ ସୃଷ୍ଟି କରେ। ତିଲକ ବର୍ମାଙ୍କୁ ଏହି ସ୍ଥାନ ପାଇଁ ଏକ ଦୃଢ଼ ଦାବିଦାର ଭାବରେ ବିବେଚନା କରାଯାଉଛି। ମଧ୍ୟମ କ୍ରମରେ ଖେଳୁଥିବା ଜଣେ ବାମହାତୀ ବ୍ୟାଟସମ୍ୟାନ ହେବା ତାଙ୍କ ପକ୍ଷରେ କାମ କରେ। ଯଦି ରୋହିତ ଶର୍ମାଙ୍କୁ ଓ୍ୱେଷ୍ଟଇଣ୍ଡିଜ ସିରିଜ ପାଇଁ ଚୟନ କରାଯାଏ, ତେବେ ଭାରତର ଶୀର୍ଷ କ୍ରମ ପ୍ରାୟତଃ ସ୍ଥିର ଦେଖାଯାଉଛି। ରୋହିତ ଶର୍ମା ଏବଂ ଶୁବମନ ଗିଲ ଇନିଂସ ଓପନ କରିପାରନ୍ତି, ବିରାଟ କୋହଲି ତୃତୀୟ ନମ୍ବରରେ ଆସିବେ। ଏହି ତିନି ଜଣ ଡାହାଣହାତୀ ବ୍ୟାଟସମ୍ୟାନ। ଏହି ପରିସ୍ଥିତିରେ ଚତୁର୍ଥ ନମ୍ବରରେ ବାମହାତୀ ତିଲକ ବର୍ମାଙ୍କୁ କ୍ଷେତ୍ରରକ୍ଷଣ କରିବା ଦ୍ୱାରା ଲାଇନଅପ ମଧ୍ୟରେ ଏକ ବାମ-ଡାହାଣ ବ୍ୟାଟିଂ ମିଶ୍ରଣ ସୃଷ୍ଟି ହେବ। ଏହା ସହିତ, ପଞ୍ଚମ ନମ୍ବରରେ କେଏଲ ରାହୁଲଙ୍କ ଉପସ୍ଥିତି ଦଳର ମଧ୍ୟମ କ୍ରମକୁ ଆହୁରି ସନ୍ତୁଳିତ କରିପାରିବ। ତିଲକଙ୍କ ଆଉ ଏକ ଶକ୍ତି ହେଉଛି ମ୍ୟାଚ ପରିସ୍ଥିତି ଅନୁସାରେ ତାଙ୍କର ବ୍ୟାଟିଂ ଗତିକୁ ସଜାଡ଼ିବାର କ୍ଷମତା; ଆବଶ୍ୟକ ସମୟରେ ଇନିଂସକୁ ସ୍ଥିର କରିବା ଏବଂ ଦ୍ରୁତ ଗତିରେ ରନ ସ୍କୋର କରିବାର କ୍ଷମତା ତାଙ୍କ ପାଖରେ ଅଛି। ତେଣୁ, ତାଙ୍କୁ ଦିନିକିଆରେ ଚତୁର୍ଥ ନମ୍ବରରେ ଚେଷ୍ଟା କରିବା ଦଳ ପରିଚାଳନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିକଳ୍ପ ହୋଇପାରେ। ତିଲକ ବର୍ମା ଭାରତ ପାଇଁ ପାଞ୍ଚଟି ଦିନିକିଆ ମ୍ୟାଚ ଖେଳି ମୋଟ ୬୮ ରନ କରିଛନ୍ତି। ସେ ଡିସେମ୍ବର ୬, ୨୦୨୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ତାଙ୍କର ଶେଷ ଦିନିକିଆ ଖେଳିଥିଲେ, ଯଦିଓ ତାଙ୍କୁ ସେହି ମ୍ୟାଚରେ ବ୍ୟାଟିଂ କରିବାର ସୁଯୋଗ ମିଳି ନ ଥିଲା। ଶ୍ରେୟସ ଆୟରଙ୍କ ସ୍ଥାନ ପାଇଁ ତିଲକ ବର୍ମା ଏକମାତ୍ର ଦାବିଦାର ନୁହଁନ୍ତି। ଋତୁରାଜ ଗାୟକ୍ୱାଡ ମଧ୍ୟ ଦୌଡ଼ରେ ଅଛନ୍ତି, ଏବଂ ତାଙ୍କର ଦାବିକୁ ଅଣଦେଖା କରାଯାଇପାରିବ ନାହିଁ। ଅଭିଜ୍ଞତା ଏବଂ ବର୍ତ୍ତମାନର ଫର୍ମ ଆଧାରରେ ଓ୍ୱେଷ୍ଟଇଣ୍ଡିଜ ସିରିଜରେ କେଉଁ ଖେଳାଳିଙ୍କୁ ସୁଯୋଗ ଦିଆଯିବ ତାହା ଚୟନକର୍ତ୍ତାମାନଙ୍କୁ ନିଷ୍ପତ୍ତି ନେବାକୁ ପଡିବ।

୨୦୨୬ ବିଶ୍ୱକପ୍ ପୂର୍ବରୁ
ଦଳର ସ୍ପେଶାଲିଷ୍ଟ ହ୍ୱାଇଟ୍-ବଲ୍ ମେଣ୍ଟର ଭାବେ ପିଟରସନ୍ ନିଯୁକ୍ତ

ନୂଆଦିଲ୍ଲୀ ; ଇଂଲଣ୍ଡ କ୍ରିକେଟରେ ଆସପଟଇଲା ବଡ଼ ପରିବର୍ତ୍ତନ। ପୁଣି ଥରେ ଇଂଲଣ୍ଡ ଦଳ ସହ ଯୋଡ଼ିହେବେ ପୂର୍ବତନ ଅଧିନାୟକ କେଭିନ୍ ପିଟରସନ୍। ୨୦୧୪ରେ ଶେଷ ଥର ପାଇଁ ଇଂଲଣ୍ଡ ପାଇଁ ଖେଳିଥିବା ପିଟରସନ୍‌ଙ୍କୁ ୨୦୨୭ ବିଶ୍ୱକପ୍ ପୂର୍ବରୁ ଦଳର ସ୍ପେଶାଲିଷ୍ଟ ହ୍ୱାଇଟ୍-ବଲ୍ ମେଣ୍ଟର ଭାବେ ନିଯୁକ୍ତ କରାଯାଇଛି। ଆସନ୍ତା ୧୨ ମାସ ଧରି ସେ ଦ୍ରେଣ୍ଡନ୍ ମ୍ୟାକକୁଲମ୍‌ଙ୍କ କୋଚିଂ ଷ୍ଟାଫ୍‌ର ଅଂଶ ହୋଇ ଇଂଲଣ୍ଡର ଧଳା ବଲ୍ ଦଳ ସହ କାମ କରିବେ। ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବିଆରେ ହେବାକୁ ଥିବା ୨୦୨୭ ବିଶ୍ୱକପ୍ ପାଇଁ ଦଳକୁ ପ୍ରସ୍ତୁତ କରିବାରେ ପିଟରସନଙ୍କ ଅଭିଜ୍ଞତା ଉପଯୋଗ ହେବ। ପିଟରସନ୍ କହିଛନ୍ତି, ପୁଣି ଥରେ ଇଂଲଣ୍ଡର ପୋଷାକ ପିନ୍ଧିବା ତାଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଭାବପ୍ରବଣ ମୁହୂର୍ତ୍ତ। ଦଳର ପ୍ରତିଭାବାନ ଖେଳାଳିଙ୍କ ସହ କାମ କରି ବିଶ୍ୱକପ୍ ଜିତିବା ଲକ୍ଷ୍ୟରେ ଯୋଗଦାନ କରିବାକୁ ସେ ଉତ୍ସାହିତ ଥିବା କହିଛନ୍ତି। ପିଟରସନଙ୍କ ନିଯୁକ୍ତିକୁ ମ୍ୟାକକୁଲମ୍ ମଧ୍ୟ ସ୍ୱାଗତ କରିଛନ୍ତି। ବିଶେଷ କରି ଇଂଲଣ୍ଡର ବ୍ୟାଟରମାନେ ତାଙ୍କ ଅଭିଜ୍ଞତା ଓ ଜ୍ଞାନରୁ ବହୁତ ଲାଭ ପାଇବେ ବୋଲି ମ୍ୟାକକୁଲମ୍ କହିଛନ୍ତି। ପିଟରସନଙ୍କ ପ୍ରଥମ ଦାୟିତ୍ୱ ହେବ ଅଷ୍ଟ୍ରେଲିଆ ଗସ୍ତ। ଏହାପରେ ଦକ୍ଷିଣ ଆଫ୍ରିକା ଗସ୍ତ ସହ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ସିରିଜ୍‌ରେ ମଧ୍ୟ ସେ ଦଳ ସହ ରହିବେ। ଖେଳାଳି ଭାବେ ଇଂଲଣ୍ଡ ସହ ତାଙ୍କର ସମ୍ପର୍କ ୨୦୧୪ରେ ବିବାଦୀୟ ଭାବେ ଶେଷ ହୋଇଥିଲା। ଏବେ ପ୍ରାୟ ୧୨ ବର୍ଷ ପରେ ପୁଣି ଇଂଲଣ୍ଡ ଦଳକୁ ଫେରି ପିଟରସନ୍ ନୂଆ ଭୂମିକାରେ ନିଜ ଅଭିଜ୍ଞତା ବାଣ୍ଟିବେ।

ଗିଲ୍‌ଙ୍କୁ ୫ ହଜାର ଟଙ୍କା ଦେଲେ ଅଭିଷେକ ଶର୍ମାଙ୍କ ପିତା

ନୂଆଦିଲ୍ଲୀ : ଟିମ ଇଣ୍ଡିଆର ଅଧିନାୟକ ଶୁବମନ ଗିଲଙ୍କ ମୋଟ ସମ୍ପତ୍ତି ୮୦ କୋଟି ବୋଲି ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ୫,୦୦୦ ଟାଙ୍କ ପାଇଁ ବିଶେଷ ଗୁରୁତ୍ୱ ରଖେ ନାହିଁ। କିନ୍ତୁ ଅଭିଷେକ ଶର୍ମାଙ୍କ ପିତା ରାଜକୁମାର ଶର୍ମାଙ୍କଠାରୁ ତାଙ୍କୁ ମିଳିଥିବା ୫,୦୦୦ ଉପହାର ଭିନ୍ନ ଥିଲା। ରାଜକୁମାର ଶେର-ଏ-ପଞ୍ଜାବ ଟି-୨୦ ଲିଗ ସମୟରେ ଗିଲଙ୍କୁ ଏହି ରାଶି ଦେଇଥିଲେ। ସେ ଏହାକୁ ଖୁସିରେ ଗ୍ରହଣ କରିଥିଲେ। ସେପ୍ଟେମ୍ବର ୬ରେ ଲୁଧିଆନା ଲାୟନ୍ସ ବିପକ୍ଷରେ ଏକ ମ୍ୟାଚ୍‌ରେ ଫାଲିଲକା ଫାଲକନ୍ସ ପାଇଁ ଖେଳି ସେ ସର୍ବାଧିକ ଚୌକା ମାରିଥିଲେ। ଅଭିଷେକଙ୍କ ପିତା ଦେଇଥିବା ୫ ହଜାର ସେହି ନିର୍ଦ୍ଦିଷ୍ଟ ସଫଳତା ପାଇଁ ପୁରସ୍କାର ଥିଲା।

ୟୁଏସ୍ ଓପନ୍: କ୍ୱାର୍ଟରରେ ୨୦୨୫ର ଚାମ୍ପିଅନ ଆଲ୍‌କାରାଜ, ସାବାଲେଙ୍କା

ନୂଆଦିଲ୍ଲୀ : ଆହତ ହୋଇ ଦୀର୍ଘଦିନ ପରେ କୋର୍ଟକୁ ଫେରିଥିବା ଡିଫେଣ୍ଡିଂ ଚାମ୍ପିଅନ୍ କାର୍ଲୋସ୍ ଆଲକାରାଜ ୟୁଏସ୍ ଓପନ୍‌ରେ ଚମତ୍କାର ପ୍ରଦର୍ଶନ ଜାରି ରଖିଛନ

ପୂଜାମଣ୍ଡପ ଭାଙ୍ଗିବା ପାଇଁ ପ୍ରଶାସନର ତାଗିଦ୍

ବ୍ୟବସାୟୀ ସଂଘର ବିରୋଧ

ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) : ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘର ସ୍ଥାୟୀ ଜଳଜ୍ଞର ବଧ ପୂଜା ମଣ୍ଡପକୁ ଆସନ୍ତା ୨୫ ତାରିଖ ମଧ୍ୟରେ ଭାଙ୍ଗିବା ପାଇଁ ତହସିଲ ପକ୍ଷରୁ ନୋଟିସ ଜାରୀ ହୋଇଛି । ଆସନ୍ତା ଅକ୍ଟୋବର ମାସରେ ଦଶହରା ପର୍ବ ପଡୁଥିବାରୁ ଏହା ପୂର୍ବରୁ ଉକ୍ତ ପୂଜା ମଣ୍ଡପକୁ ଭାଙ୍ଗିବା ସମ୍ଭବପର ନୁହେଁ ବୋଲି ବ୍ୟବସାୟୀ ସଂଘ ପକ୍ଷରୁ ଦାବି କରାଯାଇ ଏ ସଂକ୍ରାନ୍ତରେ ତହସିଲଦାରଙ୍କୁ ଏକ ଲିଖିତ ଅଭିଯୋଗ କରାଯାଇଛି । ଏହି ବଜାର ବ୍ୟବସାୟୀ ସଂଘ ଏ ଅଂଚଳର ଏକ ପ୍ରମୁଖ ଅନୁଷ୍ଠାନ ହୋଇଥିବାରୁ ବହୁ ସାମାଜିକ କାର୍ଯ୍ୟ କରିବା ସହିତ ବିଭିନ୍ନ ସମୟରେ ବିପନ୍ନମାନଙ୍କୁ ସହଯୋଗ କରିବା ଏବଂ ଅଭାବୀ ଓ ଅସହାୟ ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିବା କ୍ଷେତ୍ରରେ ଅଗ୍ରସର ହୋଇଥାଏ । ବିଶେଷକରି ଦଶହରା ପର୍ବକୁ ଏହି ସଂଘ ଅତ୍ୟନ୍ତ ଧୁମ୍‌ଧାମ୍‌ରେ ପାଳନ କରିଥାଏ । ଏହାକୁ ଦେଖିବା ପାଇଁ ହଜାର ହଜାର ଦର୍ଶକଙ୍କର ସମାଗମ ମଧ୍ୟ ହୋଇଥାଏ । ଏଭଳି ଏକ ଘଡିସନ୍ଧି ସମୟରେ ପୂଜା ମଣ୍ଡପ ଭାଙ୍ଗିବା ପାଇଁ ତହସିଲ ପକ୍ଷରୁ ହଠାତ୍ ନୋଟିସ ଜାରୀ କରାଯାଇଥିବାରୁ ବ୍ୟବସାୟୀଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖାଯାଇଛି । ଯେଉଁ ସ୍ଥାନରେ ପୂଜା ମଣ୍ଡପଟି ନିର୍ମାଣ କରାଯାଇଛି ସେଥିରେ ସରକାରଙ୍କର ୮ କଡି ଜମି ଦଖଲ ହୋଇଥିଲା ବେଳେ ଏହା ପାର୍ଶ୍ୱରେ ରହିଥିବା ସର୍ବସାଧାରଣ ରାସ୍ତାରେ ବ୍ୟବସାୟୀ ସଂଘର ମଧ୍ୟ ୩ ଡିସିମିଲ୍ ୬ କଡି ନିଜସ୍ୱ ଜାଗା ରହିଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି । ଉଭୟ ପକ୍ଷଙ୍କ ଜମିକୁ ଦୁଇ ପକ୍ଷ ପରସ୍ପର ମଧ୍ୟରେ ଜବରଦଖଲରେ ରହିଥିବା ବେଳେ ଏଥିରେ ସର୍ବସାଧାରଣଙ୍କର କୌଣସି ଅସୁବିଧା ହେଉନାହିଁ । ଏସଂକ୍ରାନ୍ତରେ ବ୍ୟବସାୟୀ ସଂଘ ପକ୍ଷରୁ ନିଶ୍ଚିନ୍ତକୋଇଲି ରାଜସ୍ୱ ନିରୀକ୍ଷକଙ୍କୁ ଏକ ନକ୍ସା ପ୍ରଦାନ କରାଯାଇ ଭଲ ଭାବରେ ଅବଗତ କରାଯାଇଥିଲେ ମଧ୍ୟ କାହା ସ୍ୱାର୍ଥରେ ବ୍ୟବସାୟୀ ସଂଘ ସହିତ ଆଲୋଚନା ନକରି ଏଭଳି ନୋଟିସ ଜାରୀ କରାଯାଇଛି ସେ ନେଇ ବ୍ୟବସାୟୀ ମହଲରେ ପ୍ରଶ୍ନ ଉଠିଛି । ତୁରନ୍ତ ଏହାର ବିଧିବଦ୍ଧ ତଦନ୍ତ କରାଯାଇ ପୂଜା ମଣ୍ଡପ ଭାଙ୍ଗିବା ପାଇଁ ତହସିଲଦାରଙ୍କ ନୋଟିସଜାରୀ କରିବା କେତେଦୂର ସମିଚୀନ ତାହା ବ୍ୟବସାୟୀ ଓ ଜନସାଧାରଣ ବିଚାର କରିବେ ବୋଲି ବ୍ୟବସାୟୀ ସଂଘର ସଭାପତି ଓ ସଂପାଦକ ଜୀବନାନନ୍ଦ ଦାଶଙ୍କ ପକ୍ଷରୁ ପ୍ରକାଶ ପାଇଛି । ଉତ୍ତରୀୟ, ପୁଷ୍ପଗୁଚ୍ଛ, ମାନପତ୍ର ପ୍ରଦାନ ପୂର୍ବକ ଗୁରୁ ଗୌରବ ସମାରୋହ-୨୦୨୬ରେ ସମ୍ବର୍ଦ୍ଧିତ କରିବା ସହ ଗୁରୁ ଶିଷ୍ୟର ପରମ୍ପରା କେଉଁ ଆଦିମ କାଳରୁ ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କଟକ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ବାରିକ ଯୋଗଦାନ କରି ବିଧାୟକ ଶ୍ରୀଯୁକ୍ତ ପ୍ରଧାନଙ୍କ ଏ ଯେଉଁ ପ୍ରୟାସ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଅତିରିକ୍ତ କଟକ ଜିଲ୍ଲା ଶିକ୍ଷାଧିକାରୀ ମନୋରଂଜନ ବାରିକ, ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ନୃସିଂହଚରଣ ମିଶ୍ର ଯୋଗଦାନ କରି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲା ବେଳେ ମାହାଙ୍ଗା ମଣ୍ଡଳ ଶିକ୍ଷାଧିକାରିଣୀ ମୋନାଲିସା ସରକାର ଅତିଥି ପରିଚୟ ଓ ସ୍ୱାଗତଭାଷଣ ପ୍ରଦାନ କରିଥିଲେ । ଶେଷରେ କେନ୍ଦୁପାଟଣା ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ରଂଜନ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦୀପକ କୁମାର ବେହେରାଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପୁରାତନ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ ।

ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ଜରୁରୀ ବୈଠକ

ବାରିପଦା (ଅମୃତ ମିଡିଆ) : ସ୍ଥାନୀୟ ଭଂଜପୁର ଠାରେ ଓଡିଶା ଦୁର୍ନୀତି ସଂଘର୍ଷ ମଞ୍ଚ, ବାରିପଦା ଶାଖାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ସଭାପତି ମୁକ୍ତେଶ୍ୱର ଜାଉଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପ ସଭାପତି ହରିନାରାୟଣ ମିଶ୍ର, ସମ୍ପାଦକ ସୁନୀଲ କୁମାର ହୋତା, ଆଜୀବନ ସଦସ୍ୟ ଡଃ ଦିଲ୍ଲୀପ କୁମାର ପଣ୍ଡା, ରସାନନ୍ଦ ବେହେରା, ଭାନୁପ୍ରତାପ ଭଞ୍ଜଦେଓ, ରାମଚନ୍ଦ୍ର ବିନ୍ଧାଣୀ, ଆତୋଷ କୁମାର ସାହୁ, ଅରୁଣ କୁମାର ପଣ୍ଡା, ପରେଶ ଚନ୍ଦ୍ର ଧଳ, ରାମଚନ୍ଦ୍ର ଦାସ ଓ ବିଶ୍ୱରୂପ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲାରେ ଉପୁଜିଥିବା ବନ୍ୟାରେ ପୀଡିତ ବିପନ୍ନମାନଙ୍କୁ ରିଲିଫ ଓ ଭାଙ୍ଗିଯାଇଥିବା ଘରଗୁଡିକୁ ପୁନଃ ଥଇଥାନ କରିବା ପାଇଁ ଜିଲ୍ଲାପାଳ ଏବଂ ତହସିଲଦାରମାନଙ୍କୁ ଭେଟି ପଦକ୍ଷେପ ନେବା ପାଇଁ ଆଲୋଚନା କରାଗଲା । କ୍ଷତିଗ୍ରସ୍ତ ପରିବାରଙ୍କୁ ପ୍ରଦାନ କରାଯାଉଥିବା ସରକାରୀ ସାହାଯ୍ୟ ଠିକ ଭାବରେ ଯେପରି କରାଯିବ ସେଥିପ୍ରତି ସଂଘର୍ଷ ମଞ୍ଚ ନଜର ରଖିବା ପାଇଁ ସମସ୍ତେ ମତ ଦେଇଥିଲେ । ପିଆରଏମ ମେଡିକାଲ କଲେଜ ଓ ଡାକ୍ତରଖାନା ସହରଠାରୁ ଦୂରରେ ଅବସ୍ଥିତ ହୋଇଥିବାରୁ ରୋଗୀର ଉପଯୁକ୍ତ ଚିକିତ୍ସା ଓ ତାଙ୍କ ପରିବାର ବର୍ଗଙ୍କ ଯିବାଆସିବାରେ ବହୁ ଅସୁବିଧା ହେଉଥିବାରୁ ଅତିକମରେ ଦୁଇଟି ବସ ଚଳାଚଳ ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିବା ପାଇଁ ସିଦ୍ଧାନ୍ତ ନିଆଗଲା ଓ ସଭାପତି ଶ୍ରୀ ଜୀଉ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ଅନ୍ୱେଷଣ ଥିଏଟର ପକ୍ଷରୁ ଗୁରୁପୂଜନ

ଯାଜପୁର (ଅମୃତ ମିଡିଆ) : ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ପବିତ୍ର ଗୁରୁଦିବସ ଅବସରରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି, ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ରଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଓ ସଦସ୍ୟା ମାନେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ବାସଭବନରେ ଏକତ୍ରିତ ହୋଇ ଅନୁଷ୍ଠାନର ପୁରୁଯ ଗୁରୁଙ୍କୁ ଉପଢ଼ୌକନ, ପୁଷ୍ପମାଲ୍ୟ ପ୍ରଦାନ କରି ସମସ୍ତେ ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଅନୁଷ୍ଠାନର କୋର୍ କମିଟିର ଅଧକ୍ଷ ସେକ୍ ଅବଦୁଲ ସାଜିଦ କୋର୍ କମିଟିର ସଦସ୍ୟ ରବିନାରାୟଣ ରାଉତ, ଅଶୋକ କୁମାର ପାଣିଗ୍ରାହୀ, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ସଙ୍ଗଠନ ସମ୍ପାଦକ ଧନଞ୍ଜୟ ପୁଷ୍ଟି, ସହ ସମ୍ପାଦିକା ଶକୁନ୍ତଳା ବେହେରା, ବରିଷ୍ଠ ସଦସ୍ୟ ଅବକାଶ ରଥ, ସମ୍ପାଦକ ଅଭିମନ୍ୟୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ଅକାଳବିୟୋଗ

ଖୋର୍ଦ୍ଧା (ଅମୃତ ମିଡିଆ) : ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ବିଭୁଦତ ପଟ୍ଟନାୟକ ଦେହାନ୍ତ ହୋଇଯାଇଛି । ସେ ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ରୂପେ କାର୍ଯ୍ୟରତ ଥିଲେ । ଏଠାକୁ ସେ ଡେପୁଟେସନରେ ଶାଳେଶ୍ୱର ଦେବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅଣ୍ଡାରୁ ଫେବୃଆରୀ ମାସ ୨୦୨୧ ମସିହାରୁ ଆସି କାର୍ଯ୍ୟ କରୁଥିଲେ । ତାଙ୍କର କାର୍ଯ୍ୟ ଦକ୍ଷତା ଯୋଗୁଁ ସମସ୍ତଙ୍କ ନିକଟ ରେ ପ୍ରିୟପାତ୍ର ହୋଇପାରିଥିଲେ । ସେ ଜଣେ ଭଦ୍ର, ସରଳ ଓ ଅମାୟିକ ସ୍ୱଭାବର ଥିଲେ । ତାଙ୍କ ବିୟୋଗରେ ଖୋର୍ଦ୍ଧା ବ୍ଲକ ଶିକ୍ଷକ ସମାଜ ରେ ଶୋକର ଛାୟା ଖେଳିଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ, ଖୋର୍ଦ୍ଧା ମୋନାଲିସା ନାୟକ ଗୋପବନ୍ଧୁ ସରକାରୀ ଚିକିତ୍ସାଳୟ ଯାଇ ଶେଷ ଦର୍ଶନ କରିବା ସହିତ ଅମର ଆତ୍ମା ସଦଗତି କାମନା କରିଛନ୍ତି ଅନ୍ୟ ମାନଙ୍କ ମଧ୍ୟରେ ବେଗୁନିଆ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଯାଜ୍ଞସେନି ସାହୁ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ, ଖୋର୍ଦ୍ଧା ବ୍ଲକର ସମସ୍ତ ସିଆରସିସିଓ କାର୍ଯ୍ୟାଳୟର କର୍ମଚାରୀ, ଯୁଧିଷ୍ଠିର ସାହୁ, ଅମୀୟ କୁମାର ପରିଡା, ଉପସଭାପତି ରଶ୍ମି ଦାସ, ଜ୍ୟୋତି ନାୟକ, ରବି ନାରାୟଣ ପଣ୍ଡା, ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

୫ ପଞ୍ଚାୟତକୁ ନେଇ ବିଜେଡିର ସାଙ୍ଗଠନିକ ସମ୍ମିଳନୀ

ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) : ୨୦୨୭ ପଂଚାୟତ ନିର୍ବାଚନକୁ ଆଖି ଆଗରେ ରଖି କଟକ-ଚୌଦ୍ୱାର ନିର୍ବାଚନମଣ୍ଡଳୀ ଅଧିନସ୍ଥ ୫ଗୋଟି ପଂଚାୟତ ଯଥା ବାଣିପଦା, ଇନ୍ଦ୍ରାଣୀପାଟଣା, କୟଳପଡ଼ା, ନଖରା, ଆଗ୍ରାହାଟର ଛାମୁଆ ନେତା ଓ କର୍ମୀମାନଙ୍କୁ ନେଇ ଏକ ବିଶାଳ ସାଙ୍ଗଠନିକ ସମ୍ମିଳନୀ ସ୍ଥାନୀୟ ଶ୍ରୀରାମ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଟାଙ୍ଗୀ ବ୍ଲକ୍ ବିଜେଡ଼ି ସଭାପତି ଧୀରେନ୍ଦ୍ର ଜେଠାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ବିଜେଡ଼ିର ରାଜ୍ୟସ୍ତରୀୟ ହେଭିୱେଟ୍ ନେତା ତଥା ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ସାଲେପୁର-ଟାଙ୍ଗୀ ବିଧାୟକ ପ୍ରଶାନ୍ତ ବେହେରା, ଜିଲ୍ଲା ସଭାପତି ପଫୁଲ୍ଲ ସିଂ, ଜିଲ୍ଲା ସାଧାରଣ ସମ୍ପାଦକ ତାପସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଉଦ୍‌ବୋଧନ ଦେଇ ଦେବୀ ମିଶ୍ର କହିଥିଲେ ଯେ ବିଜୁବାବୁଙ୍କ କର୍ମଭୂମିରେ ବିଜେଡ଼ିର ଶଙ୍ଖଧ୍ୱନୀ ବଜାୟ ରହିବ ଓ ଆଗାମୀ ପଂଚାୟତ ନିର୍ବାଚନରେ ବିଜେଡ଼ିର ସମସ୍ତ ପ୍ରାର୍ଥୀ ବିଜୟ ଲାଭ କରିବେ । ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ ଯେ ନବୀନ ବାବୁ ପୁର୍ନବାର ଖୁବ୍ ଶୀଘ୍ର ମୁଖ୍ୟମନ୍ତ୍ରୀ ହେବେ ଏବଂ ଚୌଦ୍ୱାରରେ ବିଜେଡ଼ି ଚାର ବିଜୟ ଜାରି ରଖିବ । ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ତୃଣମୂଳସ୍ତରରେ କର୍ମୀମାନଙ୍କୁ ସଂଗଠିତ କରି ଦଳକୁ ସୁଦୃଢ଼ କରିବା ସହିତ ଆଗାମୀ ପଂଚାୟତ ନିର୍ବାଚନରେ ବିଜେଡ଼ି ବିଜୟ ଶଙ୍ଖ ଫୁଙ୍କିବ । ଆଜିର ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଟାଙ୍ଗୀ ବ୍ଲକ୍ ଉପାଧକ୍ଷା ସୁପ୍ରିୟା ଜେଠା, ଚୌଦ୍ୱାର ନଗର ବିଜେଡ଼ି ସଭାପତି ପ୍ରେମଚାନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବିମଳ ବେଉରା, ଜିଲ୍ଲା ପରିଷଦ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, କଟକ ମହାନଗର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜୟଦେବ ଜେନା, ରାଜ୍ୟ ସମ୍ପାଦକ ଚିରଂଜୟ ସାହୁ, ଶିଶିର ପରିଜା, ଜିଲ୍ଲା ବିଜେଡ଼ି ଯୁବ ସଭାପତି ସୃତିରଂଜନ ନାୟକ, ଛାତ୍ର ବିଜେଡ଼ି ଜିଲ୍ଲା ସଭାପତି ସୁମନ ବେହେରା, ଚନିଶିତ କରଣ, ଚୌଦ୍ୱାର ପୌର ପରିଷଦର କାଉନ୍‌ସିଲର ଅର୍ଚ୍ଚନା ବେହେରା, ଅଜୟ ବେହେରା, ସୁବ୍ରତ ସାମଲ, ରଂଜୁଲତା ଦାସ, ସବିତା ମାହାଜି, ରଙ୍ଗଲତା ସାହୁ, ଆଶୁତୋଷ ଦାସ, ବିଜୟ ମଲ୍ଲିକ, ବିଜୟ ସାହୁ, କଲ୍ୟାଣୀ ସାହୁ, ପୂର୍ବତନ ସରପଂଚ ତାର୍ଥାନନ୍ଦ ସୁବୁଦ୍ଧିରାୟ, ବାଣିପଦା ବିଜେଡ଼ି ସଭାପତି ରଂଜନ କୁମାର ପରିଡ଼ା, ସରପଂଚ ଦିଲ୍ଲୀପ ଭୋଇ, ଆଗ୍ରାହାଟ ସରପଂଚ ପ୍ରତିନିଧି ମୁନା ରାଉତ, ଇନ୍ଦ୍ରାଣୀପାଟଣା ପଂଚାୟତର ନୂତନ ସଭାପତି ମନୋଜ କୁମାର ବେଉରା, ଝୁଲେନ୍ଦ୍ର ନାୟକ, ମଙ୍ଗରାଜ ବେହେରା, ବିଷ୍ଣୁଚରଣ ସାହୁ, ସୁଭୟ ବେଉରା, ସୁରେଶ ସ୍ୱାଇଁ, ଶ୍ରୀଧର ରାଉଳ, ଲକ୍ଷ୍ମୀଧର ନାୟକ, ମୋହନ ସାହୁ, ସମିତି ସଭ୍ୟ ଓ ପଂଚାୟତସ୍ତରର କର୍ମକର୍ତ୍ତାଙ୍କ ସହିତ ଛାତ୍ରନେତା କୁମାର ପଲ୍ଲୀପ୍ରକାଶ, ସୂର୍ଯ୍ୟକାନ୍ତ ଜେନା, ରାଜନ୍ କାଦିର, ପ୍ରଭାତ ବେହେରାଙ୍କ ସମେତ ବହୁ ଦଳୀୟ ଛାମୁଆ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

ଦଳଦଳି ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସମ୍ବର୍ଦ୍ଧିତ

ବାରିପଦା (ଅମୃତ ମିଡିଆ) : ବେଶିଙ୍ଗା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦଳଦଳି ପରିସରରେ ଶନିବାର ଦିନ (୫ ସେପ୍ଟେମ୍ବର) ପୂର୍ବାହ୍ନ ୧୧ ଘଟିକା ସମୟରେ ପବିତ୍ର ଗୁରୁଦିବସ ତଥା ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମଦିନ ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ କୁମାର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ତାଙ୍କୁ ବିଦ୍ୟାଳୟ ତରଫରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ନୀଳାଦ୍ରି ଶେଖର ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରାରମ୍ଭରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା । ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯିବା ସହ ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପିଲାମାନଙ୍କର ସୁମଧୁର ଗୁରୁବନ୍ଦନା ଗାନରେ ସଭାକାର୍ଯ୍ୟ ମୁଖରିତ ହୋଇପଡ଼ିଥିଲା । ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ନିଜର ସ୍ୱାଗତ ଅଭିଭାଷଣରେ ଗୁରୁଦିବସର ତାତ୍ପର୍ଯ୍ୟ ବର୍ଣ୍ଣନା କରିବା ସହିତ ପୁରାତନ ଯୁଗର ଗୁରୁ-ଶିଷ୍ୟ ସମ୍ପର୍କ ଓ ଆଧୁନିକ ଯୁଗର ଗୁରୁ-ଶିଷ୍ୟ ସମ୍ପର୍କର ଏକ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରି ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ । ଏହି ଅବସରରେ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଦାସ ଏବଂ ଶିକ୍ଷକ ଅଭିଷେକ ମିଞ୍ଜୀ ମଧ୍ୟ ନିଜର ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରି ପିଲାମାନଙ୍କୁ ଉଷାହିତ ତଥା ମାର୍ଗଦର୍ଶନ କରିଥିଲେ । ଏଥିସହିତ ଛାତ୍ରଛାତ୍ରୀମାନେ ମଧ୍ୟ ମିଳିତ କଣ୍ଠରେ ବନ୍ଦନା ଏବଂ ଭାଷଣ ପ୍ରଦାନ କରିବା ସହ ନିଜ ଗୁରୁମାନଙ୍କର ପରିଚୟ ପ୍ରଦାନ କରିଥିଲେ । ସଭାକାର୍ଯ୍ୟର ମନମୁଗ୍ଧକର ପରିବେଶ ଏବଂ ପିଲାଙ୍କ ଶୃଙ୍ଖଳା ଦେଖି ମୁଖ୍ୟ ଅତିଥି ଅତ୍ୟନ୍ତ ଖୁସିବ୍ୟକ୍ତ କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ । ଶେଷରେ ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ କୁମାର ମିଶ୍ର ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିବା ପରେ ସଭାକାର୍ଯ୍ୟ ସଫଳତାର ସହ ସାଙ୍ଗ ହୋଇଥିଲା ।

କେନ୍ଦ୍ରାପଡା ନଗର କଂଗ୍ରେସ କମିଟିର ବନ୍ଧୁମିଳନ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡାରେ କଂଗ୍ରେସ ଦଳର ସଂଗଠନକୁ ମଜଭୁତ କରାଯିବ । ଦଳର ପ୍ରତ୍ୟେକ କର୍ମୀ ଜଣେ ଜଣେ ଯୋଦ୍ଧା । କେନ୍ଦ୍ରାପଡା ପୌରାଞ୍ଚଳର ପ୍ରତ୍ୟେକ ୱାର୍ଡରେ କଂଗ୍ରେସ କର୍ମୀମାନେ ସକ୍ରୀୟ ହୁଅନ୍ତୁ ତାହାହେଲେ ଦଳର ସଂଗଠନ ମଜଭୁତ ହେବା ସହ ଆଗାମୀ ଦିନରେ କଂଗ୍ରେସ ଦଳ ସରକାର ଗଠନ କରିପାରିବ ବୋଲି କଜଳାସ୍ଥିତ ଜିଲ୍ଲା କଂଗ୍ରେସ ଭବନରେ ଆୟୋଜିତ ନଗର କଂଗ୍ରେସ କମିଟିର ବନ୍ଧୁମିଳନ ଉତ୍ସବରେ ଯୋଗଦେଇ ଦଳର ବରିଷ୍ଠନେତୃତ୍ୱ ଓ କର୍ମୀମାନେ କହିଛନ୍ତି । କଂଗ୍ରେସଦଳର ଜବାହରଲାଲ ନେହେରୁ, ଲାଲବାହାଦୂର ଶାସ୍ତ୍ରୀ, ଇନ୍ଦିରା ଗାନ୍ଧୀ ଓ ରାଜୀବ ଗାନ୍ଧୀ ପ୍ରମୁଖ ଦେଶ ପାଇଁ ନିଜ ଜୀବନକୁ ବଳି ଦେଇଛନ୍ତି । କଂଗ୍ରେସ ସରକାର ଅମଳରେ ଇବ ଥର୍ମାଲ, ନାଲକୋ, ପାରାଦୀପ ପୋର୍ଟ, ଇଫକୋ ଭଳି ବହୁ ସଂସ୍ଥା ପ୍ରତିଷ୍ଠା ହୋଇଛି । ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ଲୋକମାନେ ରୋଜଗାର ଓ ନିଯୁକ୍ତି ପାଇଛନ୍ତି । ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ସମ୍ବିଧାନ ସଂଶୋଧନ କରାଯାଇ କ୍ଷମତାର ବିକେନ୍ଦ୍ରୀକରଣ ପୂର୍ବକ ପୌର ପ୍ରତିନିଧି ଓ ତ୍ରିସ୍ତରୀୟ ପଞ୍ଚାୟତ ପ୍ରତିନିଧିମାନଙ୍କୁ କ୍ଷମତା ଅର୍ପଣ କରାଯାଇଛି ବୋଲି ନଗର କଂଗ୍ରେସ ସଭାପତି ଦିଲ୍ଲୀପ କୁମାର ପ୍ରଧାନଙ୍କ ପୌ

ଚଣ୍ଡିଖୋଲ ଦୁର୍ଗାପୂଜା କମିଟି ପ୍ରସ୍ତୁତି ବୈଠକ

ଚଣ୍ଡିଖୋଲ (ଅମୃତ ମିଡ଼ିଆ) : ଚଳିତବର୍ଷ ମା'ଙ୍କ ଦୁର୍ଗାପୂଜା କିପରି ଶାନ୍ତି ଶୃଙ୍ଖଳାରେ ସମାପନ ହେବ ଓ ପବିତ୍ର ସୁନିଆରେ କିପରି ମାଟି ଉଠାଣ ହେବ ସେଥିନେଇ ଆଜି ପୂଜା ମଣ୍ଡପରେ ସଭାପତି ବିଭୁତି ଭୂଷଣ ଜେନାଙ୍କ ଅଧକ୍ଷତାରେ ଏକ ପ୍ରସୂତି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପୂଜା କମିଟିର ସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁ ପୂର୍ବ ବର୍ଷର ବିବରଣୀ ପାଠ କରିବା ପରେ ଅନ୍ୟ ସଭ୍ୟମାନେ କିପରି ଶାନ୍ତି ଶୃଙ୍ଖଳାରେ ମାଟି ଉଠାଣ ହେବ ଏବଂ ଚଳିତ ବର୍ଷ ଦୁର୍ଗାପୂଜା କିପରି ଶାନ୍ତି ଶୃଙ୍ଖଳାରେ ସମାପନ କରାଯିବ ଏହାଉପରେ ଆଲୋଚନା କରାଯାଇଥିଲା। ଆଜିର ଏହି ପ୍ରସୂତି ବୈଠକରେ କମିଟିର ସମସ୍ତ ସଭ୍ୟ ଯୋଗଦେଇଥିଲେ।

ମହାନ୍ତି ସାହି ଗୋବରୀ ନଦୀବନ୍ଧ ନଦୀଶଯ୍ୟାରେ ଲୀନ ହେବାର ଆଶଙ୍କା

ମାହାଙ୍ଗା (ଅମୃତ ମିଡ଼ିଆ) : ସରକାର ଜନସାଧାରଣଙ୍କ ହିତ ସାଧନ ନିମନ୍ତେ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ଘାଟ ଓ ନଦୀବନ୍ଧଗୁଡିକୁ ନିର୍ମାଣ କରି ସେଗୁଡିକୁ ସୁଦୃଢ଼ୀକରଣ କରୁଛନ୍ତି। ମାତ୍ର କେତେକ ସ୍ଥାନରେ ଏହି ସରକାରୀ ଯୋଜନା ପହଂଚିପାରୁନାହିଁ। ଫଳରେ ନଦୀବନ୍ଧ ଗୁଡିକ ଭାଙ୍ଗି ନଦୀଶଯ୍ୟାରେ ଲୀନ ହେବାକୁ ବସିଛି। ଏହିଭଳି ଏକ ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ପଂଚାୟତ ଅଧୀନ ୪ନମ୍ବର ୱାର୍ଡର ଜଳେଶ୍ୱରପୁର ମହାନ୍ତି ସାହି ଗୋବରୀ ନଦୀବନ୍ଧ ଉପରେ। ଗତ ଲଘୁଚାପ ଲଗାଣ ବର୍ଷାରେ ଏହି ନଦୀବନ୍ଧଟି ଧୋଇ ହୋଇ ରାସ୍ତାର ଉପରି ଭାଗରୁ ଫଟ୍ଟ ସୃଷ୍ଟି ହେବାରୁ ତାହା ଧୀରେ ଧୀରେ ନଦୀଗର୍ଭକୁ ଚାଲିଯିବାକୁ ବସିଥିଲା। ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଗୋଚର ହେବାରୁ ସେ ଏହାର ଅସ୍ଥାୟୀ ପ୍ରତିକାର ନିମନ୍ତେ କାଠ ବଲ୍ହା ଓ ଡଷ୍ଟଗୁଣ୍ଡ ବ୍ୟବହାର କରି ରାସ୍ତା ନିର୍ମାଣ କରିଥିଲେ। ମାତ୍ର କାର୍ଯ୍ୟ ସରିବାର କିଛି ଦିନ ପରେ ନଦୀବନ୍ଧଟି ନଦୀ ମଧ୍ୟକୁ ଭୁଶୁଡି ଯିବା ଦ୍ୱାରା ସ୍ଥାନୀୟ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ନଦୀବନ୍ଧ ରାସ୍ତା ଟି ଗ୍ରାମବାସୀଙ୍କର ଏକମାତ୍ର ଗମନାଗମନ ରାସ୍ତା ହୋଇଥିବାରୁ ଗ୍ରାମର କୋମଳମତି ଛାତ୍ରଛାତ୍ରୀମାନେ ସ୍କୁଲ ଓ କଲେଜକୁ ଯାଆ ଆସ କରିପାରୁନାହାନ୍ତି। ଆମ୍ବୁଲାନ୍ସଟିଏ ମଧ୍ୟ ଗ୍ରାମ ମଧ୍ୟକୁ ପ୍ରବେଶ କରୁନାହିଁ। ଅଗ୍ନିକାଣ୍ଡ ହେଲେ ଅଗ୍ନିକ ଗାଡିଟିଏ ମଧ୍ୟ ଗ୍ରାମ ମଧ୍ୟକୁ ଯାଇପାରିବନାହିଁ। ଯଦି ଆଗାମୀ ଦିନରେ ଏହାର ସ୍ଥାୟୀ ପ୍ରତି କାର କରାନଯାଏ ତେବେ ଏହା ସମ୍ପୂର୍ଣ ଭାବରେ ନଦୀ ମଧ୍ୟକୁ ଚାଲିଯିବ। ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ଗ୍ରାମବାସୀମାନେ ସ୍ଥାନୀୟ ବିଧାୟକଙ୍କ ନିକଟରେ ଦୃଢ଼ ଦବି କରିଛନ୍ତି।

ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ରାଷ୍ଟ୍ରୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସମ୍ବର୍ଦ୍ଧିତ

ଜଗତସିଂହପୁର (ଅମୃତ ମିଡ଼ିଆ) : ଗତ ଗୁରୁଦିବସ ଅବସରରେ ବିଜ୍ଞାନ ଭବନରେ ରାଷ୍ଟ୍ରପତିଙ୍କ ଠାରୁ ଜାତୀୟ ଶିକ୍ଷକ ପୁରସ୍କାର ଗ୍ରହଣ କରିଥିବା ଜଗତସିଂହପୁର ମାଟିର କୃତୀ ଶିକ୍ଷକ ପଦରାଜ ଉମାକାନ୍ତ ନାୟକଙ୍କୁ ନୂଆଦିଲ୍ଲୀ ସ୍ଥିତ ଓଡ଼ିଶା ନିବାସରେ ପ୍ରବାସୀ ଓଡ଼ିଆ ବୁଦ୍ଧିଜୀବୀ ଫୋରମ 'ଦି ଇଣ୍ଟେଲେକ୍ଟସ' ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ସଂଗଠନର ଅଧ୍ୟକ୍ଷ ତଥା ଐତିହାସିକ ଅଳକା ଆଶ୍ରମର ଆବାହକଙ୍କ ଦେବେନ୍ଦ୍ର ନାଥ ରାଉତଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଶ୍ରୀ ନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ତାଙ୍କର ସମର୍ପିତ ପ୍ରୟାସକୁ ପ୍ରଶଂସା କରିବା ସହିତ ଅଭିନନ୍ଦନ ଜଣାଇ ଥିଲେ। ଏହି ପ୍ରୟାସ ଆଗାମୀ ଜୀବନରେ ଜାରି ରଖିବାକୁ ଉତ୍ସାହିତ କରିବା ସହିତ ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ଓ ପୂର୍ବତନ ରାଷ୍ଟ୍ରପତି ଡଃ ଏପିଜେ ଅବଦୁଲ କଲାମଙ୍କ ଜୀବନୀ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରକାଶ ଥାଉକି ଶ୍ରୀ ନାୟକ ଜଗତସିଂହପୁର ଜିଲ୍ଲା ଅଲପଙ୍ଗଳ ଉଚ୍ଚ ବିଦ୍ୟାଳୟର ବଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟ କରି ଏହି ସମ୍ମାନର ଅଧିକାରୀ ହୋଇଛନ୍ତି। ଏହି ପ୍ରତିନିଧି ଦଳରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରାଧାପିକା ଡଃ ସୁବାସିନୀ ବାରିକ, ଅନୁଷ୍ଠାନର ଉପସଭାପତି ପଙ୍କଜମାଳା ଷଡଙ୍ଗୀ, କାର୍ଯ୍ୟକାରିଣୀ ସଦସ୍ୟ ପ୍ରଳୟ କୁମାର ବାହାଳୀ, ସୃତିଧାର ରାଉତ ପ୍ରମୁଖ ଉପସ୍ଥିତ ଥଲେ।

ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ

ବାରିପଦା/ଉଦଳା (ଅମୃତ ମିଡିଆ) : ଭାରତର ପୂର୍ବତନ ରାଷ୍ଟ୍ରପତି ଡ଼. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମ ଦିବସ ସେପ୍ଟେମ୍ବର ୫ ତାରିଖଟିକୁ ଦେଶବ୍ୟାପି ଗୁରୁଦିବସ ରୁପେ ପ୍ରତିବର୍ଷ ପାଳନ କରାଯାଉଛି। ଏହି ଅବସରରେ ଉଦଳା ବ୍ଲକ ଅନ୍ତର୍ଗତ ଆମ୍ବଡ଼ିହା କଲୋନିସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସର ଉତ୍ସବ ମୁଖର ହୋଇ ପଡ଼ିଥିଲା। କାର୍ଯ୍ୟରତ ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ପ୍ରିୟଦର୍ଶନି ସାମଲ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ ଅଧକ୍ଷତା କରି ଏହି ବିଶେଷ ଦିନଟି ଆମକୁ ଗୁରୁ ଓ ଶିଷ୍ୟର ପବିତ୍ର ସମ୍ପର୍କ ଏବଂ ସମାଜ ଗଠନରେ ଗୁରୁଙ୍କ ଭୂମିକା ବିଷୟରେ ଗଭିର ଅନୁଚିନ୍ତା କରିବାକୁ ସୁଯୋଗ ଦେଇଥାଏ ବୋଲି ବ୍ୟକ୍ତ କରିଥିଲେ। ଏହାପରେ ଡ଼କ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଫଟୋ ଚିତ୍ରରେ ପୁଷ୍ପ, ଧୂପ, ଦୀପ ଅର୍ପଣ ପୂର୍ବକ ବେଦମନ୍ତ୍ର ଉଚ୍ଚାରଣ କରି ଛାତ୍ର ଛାତ୍ରୀ ମାନେ ପୂଜାର୍ଚ୍ଚନା କରିଥିଲେ। ଅବସର ପ୍ରାପ୍ତ ଶିକ୍ଷକ ତଥା ପ୍ରାଥମିକ ଶିକ୍ଷକ ସଂଘର ପ୍ରାକ୍ତନ ଜିଲ୍ଲା ସଭାପତି ଆରତ କୁମାର ପରିଡ଼ା ଅତିଥି ଭାବରେ ଯୋଗଦେଇଥିବାରୁ ପ୍ରାରମ୍ଭରେ ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସେ ତାଙ୍କର ବକ୍ତବ୍ୟରେ ଗୁରୁଦିବସ ହେଉଛି କୃତଜ୍ଞତା ଜ୍ଞାପନ କରିବାର ଦିନ। ଜୀବନର ପ୍ରତିଟି ମୋଡ଼ରେ ଆମକୁ ସତପଥ ଦେଖାଇଥିବା ପ୍ରତ୍ୟେକ ଗୁରୁଙ୍କ ଚରଣରେ ପ୍ରଣାମ ଜଣାଇବାର ଏହା ଏକ ପବିତ୍ର ଅବସର ବୋଲି କହିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ, ଅଭିଭାବକ ଓ ପରିଚାଳନା କମିଟିର ସମସ୍ତ ସଦସ୍ୟ ଯୋଗଦେଇଥିଲେ। ଶେଷରେ ସମସ୍ତେ ମିଳିମିଶି ଏକସ୍ୱରରେ ଗୁରୁବନ୍ଦନା ବୋଲିବା ପୂର୍ବକ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ।

ଏମସିଏଏମ କଲେଜରେ ଜିଲ୍ଲାସ୍ତରୀୟ ଗୁରୁବନ୍ଦନା ଉତ୍ସବ

ଜିଲ୍ଲାର ୧୦ ଶିକ୍ଷକଙ୍କୁ ମୟୂରଭଞ୍ଜ ଗୌରବ ସମ୍ମାନ

ବାରିପଦା (ଅମୃତ ମିଡିଆ) : ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମସିଏଏମ) ସନ୍ନିଳନୀ କକ୍ଷରେ ଶନିବାର ଜିଲ୍ଲାସ୍ତରୀୟ ଗୁରୁ ବନ୍ଦନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷା, ସଂସ୍କାର ଓ ସମାଜ ଗଠନରେ ଗୁରୁଙ୍କ ଅବଦାନ ଉପରେ ବିଶଦ ଆଲୋଚନା ହୋଇଥିଲା। ଉତ୍ସବରେ ପ୍ରଫେସର ଡ. ବିଷ୍ଣୁପ୍ରିୟା ହାଁସଦା ମୁଖ୍ୟ ଅତିଥି, ଡ. ପୁଷ୍ପା ପାତ୍ର ମୁଖ୍ୟବକ୍ତା, ବରିଷ୍ଠ ସାମ୍ବାଦିକ କଲ୍ୟାଣ ସିହ୍ନା ବିଶେଷ ଅତିଥି, ପ୍ରଫେସର ସୁନୀଲ କୁମାର ଜେନା, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପ୍ରତିଷ୍ଠାତା ଲକ୍ଷ୍ମୀକାନ୍ତ ଦାସ, ବିବେକାନନ୍ଦ ଶିକ୍ଷାଶ୍ରମର ଅଧକ୍ଷା ବୀଣାପାଣି ଦାସ, ଇଂରାଜୀ ଅଧ୍ୟାପକ ଡ. ଅଜିତ କୁମାର ମହାପାତ୍ର, ପ୍ରଫେସର ଡ. ଶରତ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ବକ୍ତା ଭାବରେ ଯୋଗଦେଇ ଜଣେ ଶିକ୍ଷକ କେବଳ ପାଠ୍ୟପୁସ୍ତକର ଜ୍ଞାନ ପ୍ରଦାନ କରନ୍ତି ନାହିଁ; ବରଂ ଶିକ୍ଷାର୍ଥୀଙ୍କ ଚରିତ୍ର, ଚିନ୍ତନଶକ୍ତି ଓ ମାନବିକ ମୂଲ୍ୟବୋଧର ବିକାଶରେ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। କଲେଜର ଆଇନ ବିଭାଗୀୟ ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ର ଚିନ୍ମୟୀ ସେଜପଡ଼ା ଓ ଛାତ୍ରୀ ଗାୟତ୍ରୀ ପଟ୍ଟନାୟକ ଗୁରୁବନ୍ଦନା ନୃତ୍ୟ ଏବଂ ସୋନାଲି ମାରାଣ୍ଡି ଓ ସାଥି ଆବାହନ ସଂଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଆୟୋଜିତ ତର୍କ ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ଦୀକ୍ଷା ଅଗ୍ରୱାଲ ପ୍ରଥମ, ସୁଭାସ୍ମିତା ବେହେରା ଦ୍ୱିତୀୟ ଓ ପ୍ରିୟଦର୍ଶିନୀ ମୁର୍ମୁ ତୃତୀୟ ସ୍ଥାନ ଏବଂ କନିଷ୍ଠ ବିଭାଗରେ ବିଜୟଲକ୍ଷ୍ମୀ ଗିରି ପ୍ରଥମ, ସୁଜାତା ମହାଲି ଦ୍ୱିତୀୟ ଓ ପ୍ରତୀକ୍ଷା ଗିରି ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ସେହିପରି ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ପାଇଁ ଶିକ୍ଷକ ଲକ୍ଷ୍ମୀକାନ୍ତ ଦାସ, ସହଯୋଗୀ ପ୍ରଫେସର ଡ଼. ବିଷ୍ଣୁପ୍ରିୟା ହାଁସଦା, ବରିଷ୍ଠ ସାମ୍ବାଦିକ କଲ୍ୟାଣ ସିହ୍ନା, ବରିଷ୍ଠ ଶିକ୍ଷକ ତିମିର ରଞ୍ଜନ ପଣ୍ଡା, ଶିକ୍ଷକ ଶଙ୍କର ଜେନା, ସାହିତ୍ୟିକ ଅଜୟ ପାଳ, ଅଧ୍ୟାପକ ଡ଼. ଅଜିତ କୁମାର ମହାପାତ୍ର, ବୀଣାପାଣି ଦାସ, ଶିକ୍ଷୟତ୍ରୀ ମାଧୁରୀ ଦ୍ୱିବେଦୀ ଓ ଶିକ୍ଷୟତ୍ରୀ ପ୍ରତି ପଟ୍ଟନାୟକଙ୍କୁ ମୟୂରଭଞ୍ଜ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦେବସ୍ମିତା ବିଶ୍ୱାଳ, ଅଭିପ୍ସା ନାୟକ, ପୂର୍ଣ୍ଣିମା ମହାନ୍ତି, ରୂପମଞ୍ଜରୀ ବେହେରା ଓ ସୁଜାତା ପାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କଲେଜର ଉପାଧ୍ୟକ୍ଷା ପ୍ରଫେସର ସଙ୍ଗମିତ୍ରା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ରଘୁନାଥ ଉଚ୍ଚବିଦ୍ୟାଳୟରେ ଗୁରୁ ଦିବସ ପାଳିତ

ବାରିପଦା (ଅମୃତ ମିଡିଆ) : ମୟୁରଭଞ୍ଜ ଜିଲ୍ଲା, ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଗୁରୁ ଦିବସର ପବିତ୍ର ଅବସରରେ 'ତସ୍ମୈ ଶ୍ରୀ ଗୁରବେ ନମଃ' କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ପ୍ରାତ ସ୍ମରଣୀୟ ପୂଜ୍ୟ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁ କୁଳଙ୍କ ପଦ ପ୍ରକ୍ଷାଳନ କରି ଗୁରୁ ବନ୍ଦନା ଗାନପରେ ଛାତ୍ରଛାତ୍ରୀମାନେ ପୂଜ୍ୟ ଗୁରୁଙ୍କୁ ପୁଷ୍ପମାଲ୍ୟ, ଉତ୍ତରୀୟ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନାଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅବସର ଗ୍ରହଣ କରିଥିବା ବରିଷ୍ଠ ଶିକ୍ଷକ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅତୁଲ କୁମାର ମିଶ୍ର, ରାଜକିଶୋର ଦାସ ଓ ପ୍ରଫୁଲ୍ଲ କୁମାର ମିଶ୍ରଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଭବିଷ୍ୟତ ଜୀବନ ଗଢି ତୋଳିବାକୁ ଛାତ୍ରଛାତ୍ରୀମାନଙ୍କୁ ମଞ୍ଚାସୀନ ଗୁରୁଜୀ ଗୁରୁମାମାନେ ପରାମର୍ଶ ଦେଇ ଥିଲେ। 'ଗୁରୁ ଶିଷ୍ୟ ପରମ୍ପରାର ଅତୀତ,ବର୍ତ୍ତମାନ ଓ ଭବିଷ୍ୟତ' ବିଷୟବସ୍ତୁ ଉପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଛାତ୍ରଛାତ୍ରୀମାନେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଗୁରୁ ଶିଷ୍ୟ ସମ୍ପର୍କର ପବିତ୍ରତା ରକ୍ଷା ହେଲେ ଏକ ଶୃଙ୍ଖଳିତ ସମାଜ ଗଠିତ ହୋଇ ପାରିବ ବୋଲି ମଞ୍ଚାସିନ ଗୁରୁକୁଳ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଦଶମଶ୍ରେଣୀ ଛାତ୍ର ହିମାଂଶୁ ସେନାପତିଙ୍କ ସଂଯୋଜନା ଓ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଗୁରୁବନ୍ଦନା ଗାନ କରିଥିଲେ। ଦଶମ ଶ୍ରେଣୀ ଛାତ୍ର ପରମେଶ୍ୱର ସାହୁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଦ୍ୟାଳୟ ତରଫରୁ ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

ପୂର୍ଣ୍ଣଚନ୍ଦ୍ରପୁର ଉପ୍ରାବିଦ୍ୟାଳୟରେ ଗୁରୁ ଦିବସ ଓ ଜନ୍ମାଷ୍ଟମୀ

ବାରିପଦା (ଅମୃତ ମିଡିଆ) : ଜିଲ୍ଲାର ଅଗ୍ରଣୀ ପ୍ରାଥମିକ ବିଦ୍ୟାଳୟ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉପ୍ରା ବିଦ୍ୟାଳୟର ଗୁରୁଦିବସ ତଥା ନେତାଜୀ ସୁବାଷ ଚନ୍ଦ୍ର ବୋଷ ଆବାସିକ ବିଦ୍ୟାଳୟରେ ପିଲାମାନଙ୍କ ଦ୍ୱାରା ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଗୀତି ନାଟ୍ୟ ଆୟୋଜିତ ହୋଇଯାଇଛି। ଏଥିରେ ହଷ୍ଟେଲ ଅନ୍ତେବାସୀମାନେ ଶ୍ରୀକୃଷ୍ଣ, ବଳରାମ, କଂସ, ରାଧା, ବସୁଦେବ, ଦେବକୀ, ଯଶୋଦା ତଥା ଅନ୍ୟାନ୍ୟ ପୌରାଣିକ ଚରିତ୍ରରେ ଜୀବନ୍ତ ଅଭିନୟ କରିଥିଲେ। ଏଥିରେ ସୁମିତ୍ରା ରାଉତ, ଗଣେଶ ବେହେରା, ହରପ୍ରିୟା ବେହେରା, ରବି ମୁଣ୍ଡା ପ୍ରମୁଖ ପିଲାଙ୍କୁ ନେଇ କାର୍ଯ୍ୟକ୍ରମ ଆୟୋଜିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ସମାଜ ସେବୀ ସୋମନାଥ ସିଂହ ଓ ଅବସର ପ୍ରାପ୍ତ ଶିକ୍ଷକ ଅସୀମ ଚକ୍ରବର୍ତ୍ତୀ ଯୋଗ ଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ସେହିପରି ବିଦ୍ୟାଳୟ ପ୍ରାଙ୍ଗଣ ରେ ଗୁରୁ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଅଭିନ୍ନ ଢଙ୍ଗ ରେ ସରକାରଙ୍କ ଯୋଜନା ଅନୁସାରେ ବିଦ୍ୟାଳୟ ତରଫରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୋମନାଥ ସିଂହ, ସୁରମା ଦାସ ଓ ଅନିମା ଆଚାର୍ଯ୍ୟଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ଶିକ୍ଷକ/ଶିକ୍ଷୟତ୍ରୀ ପିଲାଙ୍କ ଜୀବନରେ ଗୁରୁଙ୍କ ଭୂମିକା ଓ ଗୁରୁତ୍ୱ ସହ ବିଭିନ୍ନ ପୌରାଣିକ ଉପାଖ୍ୟାନ ମାଧ୍ୟମରେ ଭାରତୀୟ ଦର୍ଶନ ଓ ସଂସ୍କୃତିରେ ଗୁରୁ ଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀଙ୍କ ଜୀବନରେ ଶୃଙ୍ଖଳା, ନୀତି ଆଦର୍ଶ ରହିଲେ ଯେ ଜଣେ ସଫଳ ହେଇ ପାରିବ ସେ ଉପରେ ସମସ୍ତେ ବିଭିନ୍ନ ଉପଦେଶ ମାନ ଦେଇଥିଲେ। ହଷ୍ଟେଲ ଅନ୍ତେବାସୀ ମାନେ ନିଜ ହାତରେ ତିଆରି ବିଭିନ୍ନ ଉପହାର ସହ ଫୋଟ ଚିତ୍ର ପ୍ରଭୃତି ଶିକ୍ଷକ ଶିକ୍ଷୟତ୍ରୀ ଓ ହଷ୍ଟେଲ ଶିକ୍ଷକ ଶିକ୍ଷୟତ୍ରୀ ତଥା ନୃତ୍ୟ ଗୁରୁ ରୂପମ ରାମ, ଏଥେଲେଟିକ କୋଚ ବିଷ୍ଣୁପ୍ରିୟା ସାହୁଙ୍କୁ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ହଷ୍ଟେଲ ତରଫରୁ ଗଣେଶ ବେହେରା, ହରପ୍ରିୟା ବେହେରା, ସରୋଜ ସାବତ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟ ତରଫରୁ ସୁମିତ୍ରା ରାଉତ, ବିପ୍ରିମୟୀ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗଣେଶ ବେହେରା ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ସୌମ୍ୟ ଦାଶ ସର୍ବଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ପୋଲିସ ପକ୍ଷରୁ 'ଶ୍ରମଦାନ' ସଫେଇ କାର୍ଯ୍ୟକ୍ରମ

ବାରିପଦା (ଅମୃତ ମିଡିଆ) : ପୋଲିସ କେବଳ ଆଇନ ଶୃଙ୍ଖଳା ରକ୍ଷାକରେ ତା ନୁହଁ, ଏହା କରିଦେଖାଉଛି ରାଇରଙ୍ଗପୁର ଜିଲ୍ଲା ପୋଲିସ, ପ୍ରଥମ କରି ରାଇରଙ୍ଗପୁର ପୋଲିସ ଜିଲ୍ଲା ପକ୍ଷରୁ ନିଆରା ପ୍ରୟାସ, ଚଳିତ ମାସରୁ ପ୍ରତ୍ୟେକ ରବିବାର ଦିନ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଶ୍ରମ ଦାନ ବାବଦକୁ ପୋଲିସ କର୍ମଚାରୀଙ୍କ ଦ୍ୱାରା ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସରକାରୀ ଅନୁଷ୍ଠାନ ମାନଙ୍କରେ ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ରବିବାର ଯଶିପୁର ଥାନା ଅଞ୍ଚଳ ନିକଟସ୍ଥ ପଦ୍ମପୁର ଉପ୍ରା ବିଦ୍ୟାଳୟ ଓ ଯଶିପୁର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କେତେକ ଛାତ୍ରଛାତ୍ରୀ ଓ ପୋଲିସର ମିଳିତ ସହଯୋ

୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ପଣ୍ଡିତ ତେଜେନ୍ଦ୍ର ନାରାୟଣ ମଜୁମଦାରଙ୍କ ସଙ୍ଗୀତ ପରିବେଷଣରେ ଦର୍ଶକ ମନ୍ତ୍ରମୁଗ୍ଧ

ଭୁବନେଶ୍ୱର (ବ୍ୟୁରୋ) : ସୃଜନ-ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶା ନୃତ୍ୟବାସ ଦ୍ୱାରା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କଟକଙ୍କ ସହଯୋଗରେ ଆୟୋଜିତ ୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପରେ ତାହାର ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜାରି ରଖିଥିଲା । ଦ୍ୱିତୀୟ ସନ୍ଧ୍ୟାରେ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଥିଲେ ପ୍ରଖ୍ୟାତ ଓଡ଼ିଶୀ କଣ୍ଠଶିଳ୍ପୀ ଓ ପଣ୍ଡିତ ଗୁରୁ ରାମହରି ଦାସ, ଭୁବନେଶ୍ୱର ମଦର୍ସ ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ଶ୍ରୀମତୀ ପଲ୍ଲୀ ପଟ୍ଟନାୟକ, କଟକର ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡ଼.) ରବି ନାରାୟଣ ଶତପଥୀ, ବିଶିଷ୍ଟ ଶାସ୍ତ୍ରୀୟ ଓ ସୁଗମ ସଙ୍ଗୀତ କଣ୍ଠଶିଳ୍ପୀ ଶ୍ରୀ ପାର୍ଥସାରଥୀ "ବାବୁ" ପାଣିଗ୍ରାହୀ ଏବଂ ସୃଜନର ନିର୍ଦ୍ଦେଶକ ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କଳା, ଯୋଗାଯୋଗ ଓ ଇଣ୍ଟିକ୍ ଷ୍ଟଡିଜ୍ ବିଭାଗର ଡିନ୍ ଗୁରୁ ରତିକାନ୍ତ ମହାପାତ୍ର। ସନ୍ଧ୍ୟାର ସଙ୍ଗୀତ କାର୍ଯ୍ୟକ୍ରମ ସେନିଆ ମୈହାର ଘରାନାର ଜଣେ ବିଶିଷ୍ଟ ବାଦକ ପଣ୍ଡିତ ତେଜେନ୍ଦ୍ର ନାରାୟଣ ମଜୁମଦାରଙ୍କ ସରୋଦ ବଦନରୁ ଆରମ୍ଭ ହୋଇଥିଲା, ଯିଏ ତାଙ୍କ ସଙ୍ଗୀତରେ ଧ୍ରୁପଦ, ତନ୍ତ୍ରକାରୀ ଏବଂ ଗାୟକୀକୁ ସୁନ୍ଦର ଭାବେ ସମନ୍ୱୟ କରି ସରୋଦ ବଦନ କରିଥିଲେ। ପଦ୍ମଶ୍ରୀ ଏବଂ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରରେ ସମ୍ମାନିତ ଏହି ସରୋଦ ମହାରଥୀ ତାଙ୍କ ଧ୍ୟାନମଗ୍ନ ଏବଂ ସ୍ଥାପତ୍ୟଗତ ଭାବେ ସୁନିର୍ଦ୍ଦିଷ୍ଟ ପରିବେଷଣ ମାଧ୍ୟମରେ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ। ତାଙ୍କୁ ତବଲାରେ ଶ୍ରୀ ସତ୍ୟଜିତ ତାଲଓ୍ୱାଲକର ସହଯୋଗ କରିଥିଲେ। ସନ୍ଧ୍ୟାର ଦ୍ୱିତୀୟାର୍ଦ୍ଧ ଏକକ ଓଡ଼ିଶୀ ନୃତ୍ୟକୁ ଉତ୍ସର୍ଗ କରାଯାଇଥିଲା, ଯେଉଁଥିରେ ପ୍ରଶଂସିତ ଓଡ଼ିଶୀ ନୃତ୍ୟଶିଳ୍ପୀ ଲିପ୍ସା ଶତପଥୀଙ୍କ କଳାତ୍ମକତା, ପ୍ରାଣବନ୍ତତା ଏବଂ ସୌନ୍ଦର୍ଯ୍ୟ ପ୍ରଦର୍ଶିତ ହୋଇଥିଲା। ତାଙ୍କର ପ୍ରଥମ ପ୍ରସ୍ତୁତିରେ ଥିଲା ପଞ୍ଚଭୂତ ଯାହା ରାଗ ରାଗମାଳିକା ଓ ତାଳ ତାଳମାଳିକାରେ ନିବଦ୍ଧ ଥିଲା ଯାହାର ସଙ୍ଗୀତ ସଂଯୋଜନା ଗୁରୁ ରାମହରି ଦାସ, ତାଳ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ ଓ ନୃତ୍ୟ ସଂରଚନା ଗୁରୁ ଅରୁଣା ମହାନ୍ତି କରିଥିଲେ। ତାଙ୍କର ଦ୍ୱିତୀୟ ପ୍ରସ୍ତୁତିରେ ଥିଲା ଦେବଗାନ୍ଧାରୀ ପଲ୍ଲବୀ ଯାହାର ସଙ୍ଗୀତ ସଂଯୋଜନା ଗୁରୁ ରାମହରି ଦାସ, ତାଳ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ ଓ ନୃତ୍ୟ ସଂରଚନା ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ କରିଥିଲେ। ତାଙ୍କର ଅନ୍ତିମ ପ୍ରସ୍ତୁତିରେ ଥିଲା ଓଡିଆ ଅଭିନୟ କହିବାକୁ ଲାଜ ଯାହାର ସଙ୍ଗୀତ ସଂଯୋଜନା ସୁରମଣି ରମେଶ ଚନ୍ଦ୍ର ଦାସ, ତାଳ ସଂଯୋଜନା ଗୁରୁ ଗଙ୍ଗାଧର ପ୍ରଧାନ ଓ ନୃତ୍ୟ ସଂରଚନା ଗୁରୁ ଅରୁଣା ମହାନ୍ତି କରିଥିଲେ। ତାଙ୍କୁ କଣ୍ଠରେ ରୂପକ କୁମାର ପରିଡ଼ା, ବେହେଲାରେ ଅଗ୍ନିମିତ୍ର ବେହେରା, ବଂଶୀରେ ସୌମ୍ୟରଞ୍ଜନ ଯୋଶୀ, ମର୍ଦ୍ଦଳରେ ସୀତାକାନ୍ତ ଜେନା ଏବଂ ମଞ୍ଜୀରାରେ ରୋହିତ ପ୍ରଧାନ ସହଯୋଗ କରିଥିଲେ। ଏହି ଉତ୍ସବର ପରିକଳ୍ପନା ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା କରାଯାଇଥିବା ବେଳେ ଏହାକୁ କାର୍ଯ୍ୟକାରୀ ଦେବୀପ୍ରସାଦ ମିଶ୍ର କରିଥିଲେ। ଏହି କାର୍ଯ୍ୟକ୍ରମଟିକୁ ଡକ୍ଟର ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ।

ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲରେ ଗୁରୁଦିବସ

ଭୁବନେଶ୍ୱର (ବ୍ୟୁରୋ) : ଭୁବନେଶ୍ୱର ଉପକଣ୍ଠ ମଳିପଡା ସ୍ଥିତ ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲରେ ଗୁରୁ ଦିବସ ମହାଆଡମ୍ବରରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚେୟାରମ୍ୟାନ ପବିତ୍ର ରାଉତରାୟ ଯୋଗଦେଇ କହିଥିଲେ ଶିକ୍ଷକମାନେ ହେଉଛନ୍ତି ଦେଶ ଓ ଜାତି ଗଠନର ମୂଳ ବିଦ୍ଧାଣୀ। ପିଲାମାନେ ପାଠ ପଢିବା ସହିତ କିପରି ସଂସ୍କାରୀ ହୋଇ ପାରିବେ ସେ ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଶିକ୍ଷାବିତ ଜଲିଲ ଖାଁ, ବିଦ୍ୟାଳୟର ଅଧ୍ୟକ୍ଷା ନମ୍ରତା ସିଂ ଓ ଉପାଧ୍ୟକ୍ଷ କବିନ୍ଦ୍ର ଦାଶ ଗୁରୁଛାତ୍ରଙ୍କୁ ଗୁରୁ ଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଏବଂ ଗୁରୁ ଦିବସର ମହତ୍ୱ ସମ୍ବନ୍ଧରେ ପିଲାମାନଙ୍କୁ କହିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ନୃତ୍ୟ, ସଂଗୀତ ପରିବେଷଣ କରିଥିଲେ।

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକ ଅବହେଳିତ

ଭୁବନେଶ୍ୱର (ବ୍ୟୁରୋ) : ଗଣଶିକ୍ଷା ବିଭାଗରେ କ୍ୟାଡ଼ର ପୁର୍ନଗଠନ ଯୋଗୁଁ ଅନେକ ଶିକ୍ଷକ ପଦୋନ୍ନତି ପାଇପାରୁଛନ୍ତି। କିନ୍ତୁ ଏସ୍.ଏସ୍.ଡି. ବିଭାଗରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକ ନା ପାଉଛନ୍ତି ପଦୋନ୍ନତି ନା ଭଲ ଦରମା। ଏହି ବିଭାଗରେ କାର୍ଯ୍ୟରତ ଶିକ୍ଷକ ୨୪ ଘଣ୍ଟା ଡ୍ୟୁଟି କରି ମଧ୍ୟ ଗଣଶିକ୍ଷା ବିଭାଗର କାର୍ଯ୍ୟରତ ଶିକ୍ଷକଙ୍କଠାରୁ ବହୁତ କମ୍ ଦରମା ପାଉଛନ୍ତି ତାହା ମଧ୍ୟ ପ୍ରଧାନ ସେବକ ଯାହା ଗ୍ରେଡ୍ ପେ' ଗଣଶିକ୍ଷା ବିଭାଗର ଲେଭେଲ୍ 'ଭିବି' ସହିତ ସମାନ। ଗଣଶିକ୍ଷା ବିଭାଗର କାର୍ଯ୍ୟରତ ଶିକ୍ଷକ ସେହି ସମୟରେ ଲେଭେଲ୍-୩ ପଦବୀ ପଦୋନ୍ନତି ପାଇଁ ୪୬୦୦/- ଗ୍ରେଡ୍ ପେ' ପାଉଛନ୍ତି, ଯାହା ଆକାଶ ପାତାଳ ପାର୍ଥକ୍ୟ। କଲ୍ୟାଣ ବିଭାଗ ଶିକ୍ଷକ ସଂଘ ଅନେକ ବର୍ଷ ହେବ କ୍ୟାଡର୍ ରୁଲ୍ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା ହୋଇପାରିନାହିଁ। ଆଦିବାସୀ ପିଲାଙ୍କ ଉନ୍ନତି ପାଇଁ ମଙ୍ଗଳ ବିଭାଗ ପ୍ରାଥମିକ ଶିକ୍ଷକ ନିଜକୁ ଉତ୍ସର୍ଗୀକୃତ କରି ସେବା ଯୋଗାଉଥିଲେ ମଧ୍ୟ ସେମାନଙ୍କ କଥା ସରକାର ଧ୍ୟାନ ନ ଦେବା ବୈମାତୃକ ମନୋଭାବର ପରିଚାୟକ। ସମାନ ସମୟରେ ଚାକିରି ଆରମ୍ଭ କରିଥିବା ଗଣଶିକ୍ଷା ବିଭାଗ ଶିକ୍ଷକ ଓ ମଙ୍ଗଳ ବିଭାଗ ଶିକ୍ଷକଙ୍କ ଦରମା ମଧ୍ୟରେ ଅନେକ ତାରତମ୍ୟ। ମଙ୍ଗଳ ବିଭାଗରେ କ୍ୟାଡର ରୁଲ୍ ନ ଥିବାରୁ ପଦୋନ୍ନତି ନ ପାଇ ଅନେକ ଶିକ୍ଷକ ଅବସର ଗ୍ରହଣ କରିସାରିଲେଣି। ପ୍ରାଥମିକ ଶିକ୍ଷକଙ୍କ ନିମନ୍ତେ ତୁରନ୍ତ କ୍ୟାଡର ରୁଲ୍ ଲାଗୁ କରିବାକୁ କଲ୍ୟାଣ ଶିକ୍ଷକ ସଂଘ ସରକାରଙ୍କୁ ଦାବି ଜଣାଉଛି।

ଦୁର୍ଗାପୂଜା ପାଇଁ ମୂର୍ତ୍ତିକା ଆନୟନ ଉତ୍ସବ

ଭୁବନେଶ୍ୱର (ବ୍ୟୁରୋ) : ପବିତ୍ର ଜନ୍ମାଷ୍ଟମୀ ତିଥିରେ ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଅସୋସିଏସନ୍ ପକ୍ଷରୁ ସାର୍ବଜନୀନ ଦୁର୍ଗାପୂଜା ପାଇଁ କୁଆଖାଇ ନଦୀ ପଠାରୁ ମାଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ ନିମନ୍ତେ ମୂର୍ତ୍ତିକା ଅନୟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୁର୍ଗାପୂଜା ପୀଠରେ ପ୍ରତିଦିନ ପୂଜା ପାଉଥିବା ଅଷ୍ଟଭୁଜା ଦେବୀଙ୍କ ନିକଟରେ ବିଶେଷ ପୂଜାର୍ଚ୍ଚନା କରାଯାଇ ମୂର୍ତ୍ତିକା ଆନୟନ ପାଇଁ କୁଆଖାଇ ଅଭିମୁଖେ ବାହାରିଥିଲେ। ସେଠାରେ ଯଥାବିଧି ରୀତିନୀତି ଅନୁସାରେ ପୂଜା ସମ୍ପର୍ଣ୍ଣ କରାଯାଇ କର୍ତ୍ତା ରବିନ୍ଦ୍ର କୁମାର ରାଉତ ମାଟି ଅନୁକୁଳ କରିଥିଲେ। ଏହି ଉତ୍ସବରେ ଆସୋସିଏନର ସଭାପତି ଡ. ଦାମୋଦର ପ୍ରଧାନୀ, ସାଧାରଣ ସମ୍ପାଦକ ସରୋଜକାନ୍ତ ମଲ୍ଲିକଙ୍କ ସମେତ ଡ. ରବିନ୍ଦ୍ର କୁମାର ପାତ୍ରୀ, ରମେଶ ଚନ୍ଦ୍ର ପ୍ରଧାନ, ଅଭୟ କୁମାର ନାୟକ, ରମେଶ ଚନ୍ଦ୍ର ବାରିକ, ସୁବାସ ଚନ୍ଦ୍ର ମହାନ୍ତି, ତମସା ରାଣୀ ଦାସମହାପାତ୍ର, ଶରତ କୁମାର ନାୟକ, କୈଳାସ ଚନ୍ଦ୍ର ପ୍ରଧାନ, ଚିତ୍ତରଞ୍ଜନ ସାହୁ, ମନୋଜ କୁମାର ପାତ୍ର, ତେଜେଶ୍ୱର ସରାଫ, ସୁକାନ୍ତ କୁମାର ଭୂୟାଁ, ପ୍ରଶାନ୍ତ କୁମାର ପରିଡା, ସୁରେଶ ଚନ୍ଦ୍ର ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

ଜାଗୋ କ୍ଲବ ପକ୍ଷରୁ ଗୁରୁ ଦିବସ ପାଳିତ

ସବୁ କ୍ଷେତ୍ରରେ ଗୁରୁମାନଙ୍କର ବଳିଷ୍ଠ ଅବଦାନ ରହିଛି : ସୋଆ ଉପସଭାପତି

ଭୁବନେଶ୍ୱର (ବ୍ୟୁରୋ) : ମଣିଷର ଜୀବନ ଗଠନ ଓ ତା'ର ଭବିଷ୍ୟତର ଭିତିଭୂମି ପ୍ରସ୍ତୁତ କରିବାରେ ଗୁରୁମାନଙ୍କର ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଗୁରୁମାନଙ୍କର ବଳିଷ୍ଠ ଅବଦାନ ରହିଛି ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶାଶ୍ୱତୀ ଦାସ କହିଛନ୍ତି। ସୋଆର ସାମାଜିକ ଓ ସାଂସ୍କୃତିକ ସଂଗଠନ 'ଜାଗୋ' କ୍ଲବ ପକ୍ଷରୁ ଶନିବାର ଆୟୋଜିତ ଗୁରୁ ଦିବସ ପାଳନ ଓ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ ଜାଗୋ କ୍ଲବ ସହ ଜଡ଼ିତ ସୋଆର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ପ୍ରକୃତ ଗୁରୁ ଭାବେ ଅଭିହିତ କରିଥିଲେ। ସୋଆ ପରିଚାଳିତ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀମତି ଦାସ କହିଥିଲେ ଯେ ୨୦୦୭ ମସିହାରେ ଆରମ୍ଭ ହୋଇଥିବା 'ଜାଗୋ' ଆଜି ଏକ ମହତ୍ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି। ଆରମ୍ଭରୁ ସୋଆର ଛାତ୍ରଛାତ୍ରୀମାନେ କ୍ୟାମ୍ପସ ନିକଟବର୍ତୀ ବସ୍ତିରେ ବସବାସ କରୁଥିବା ଆର୍ଥିକ ଓ ସାମାଜିକ ଭାବେ ଅନଗ୍ରସର ପରିବାରର କୁନି କୁନି ଶିଶୁମାନଙ୍କୁ କ୍ୟାମ୍ପସକୁ ଆଣି ଶିକ୍ଷାଦାନ କରିବା ସହ ସେମାନଙ୍କର ସାମଗ୍ରିକ ବିକାଶ ଦିଗରେ ସହାୟତା ଯୋଗାଇ ଆସୁଛନ୍ତି। ଦୀର୍ଘ ବର୍ଷ ଧରି ନିଷ୍ଠା ଓ ସମର୍ପଣର ସହ ଏହି ମହତ୍ କାର୍ଯ୍ୟକୁ ଆଗେଇ ନେଇଥିବା ଜାଗୋର ଛାତ୍ରଛାତ୍ରୀ ସଦସ୍ୟମାନଙ୍କ ଅବଦାନକୁ ପ୍ରଶଂସା କରି ଶ୍ରୀମତି ଦାସ କହିଥିଲେ ଯେ ସେମାନେ କେବଳ ଶିକ୍ଷାଦାନ କରୁନାହାନ୍ତି ବରଂ ଅନେକ ଶିଶୁଙ୍କ ଜୀବନରେ ଆଶା ଓ ସମ୍ଭାବନାର ଆଲୋକ ପ୍ରଜ୍ୱଳିତ କରୁଛନ୍ତି। ଗୁରୁଦିବସ ଅବସରରେ ସେ ସମସ୍ତ ଜାଗୋ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଜାଗୋ କ୍ଲବର ପ୍ରଶଂସନୀୟ କାର୍ଯ୍ୟଧାରାକୁ ଉଚ୍ଚ ପ୍ରଶଂସା କରିଥିଲେ। ସୋଆର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ଜଣେ ଜଣେ ଗୁରୁ ଭାବେ ଅଭିହିତ କରି ସେ କହିଥିଲେ ଯେ ବିଶ୍ୱବିଦ୍ୟାଳୟ ହେଉଛି ଜ୍ଞାନର ଆଦାନପ୍ରଦାନ ଓ ସାମୂହିକ ଶିକ୍ଷାର କେନ୍ଦ୍ର। ପରସ୍ପରଠାରୁ ଶିକ୍ଷା ଲାଭ ଏବଂ ଜ୍ଞାନର ଆଦାନପ୍ରଦାନ ଦ୍ୱାରା ନୂତନ ଚିନ୍ତାଧାରାର ବିକାଶ ହେବା ସହ ଅଭିନବ ଗବେଷଣାର ସମ୍ଭାବନା ସୃଷ୍ଟି ହୋଇଥାଏ। ତେଣୁ ବିଶ୍ୱବିଦ୍ୟାଳୟରେ ପ୍ରତ୍ୟେକ ଛାତ୍ରଛାତ୍ରୀ କୌଣସି ନା କୌଣସି ଭାବରେ ଅନ୍ୟମାନଙ୍କ ପାଇଁ ଗୁରୁର ଭୂମିକା ନିର୍ବାହ କରିଥାନ୍ତି ବୋଲି ପ୍ରଫେସର ନନ୍ଦ କହିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଟିଇଆରର ଡିନ୍ ପ୍ରଫେସର ପି.କେ ସାହୁ, ସୋଆର ଡିନ୍ (ରିସର୍ଚ୍ଚ ଆଣ୍ଡ ଡେଭଲପମେଂଟ) ପ୍ରଫେସର ଜେ.କେ. ନାଥ, କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଗୁରୁ ଦିବସର ମହତ୍ୱ ଉପରେ ଆଲୋକପାତ କରିବା ସହ 'ଜାଗୋ' କ୍ଲବର କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିଥିଲେ।

ସରକାରୀ ବିଦ୍ୟାଳୟରେ ଗୁରୁ ସମ୍ମାନ ଉତ୍ସବ

ଭୁବନେଶ୍ୱର (ବ୍ୟୁରୋ) : ପବିତ୍ର ଗୁରୁ ଦିବସ ଅବସରରେ ବ୍ରହ୍ମରାଷ୍ଟ୍ର ଏକମ୍ ଓ ସକ୍ଷମ୍ ଟ୍ରଷ୍ଟ ପକ୍ଷରୁ ଗୁରୁ ସମ୍ମାନ ଉତ୍ସବ ଶୈଳଶ୍ରୀବିହାର ଫେଜ ୨ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ସକ୍ଷମ୍ ଅଧ୍ୟକ୍ଷା ଦେବସ୍ମିତା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ବିଜୟାଲକ୍ଷ୍ମୀ ଶତପଥୀ, ନିବେଦିତା ରାୟ, ସୁବାଶିଷ ରାୟ, ଚନ୍ଦନ ସ୍ୱାଇଁ, ଡ. କାଳି ଚରଣ ସିଂ ପ୍ରମୁଖ ଯୋଗଦେଇ କହିଥିଲେ ସମାଜରେ ଗୁରୁଙ୍କ ସ୍ଥାନ ବହୁ ଉର୍ଦ୍ଧ୍ୱରେ। ଗୁରୁ ଆମକୁ ସଂସ୍କାର, ଶିକ୍ଷା, ସେବା ସଂସ୍କୃତି ଓ ପରମ୍ପରା ନିର୍ବାହ ପାଇଁ ଶିକ୍ଷା ପ୍ରଦାନ କରିଥାନ୍ତି। ସେମାନେ ସଦାସର୍ବଦା ଚିର ନମସ୍ୟ। ସେମାନଙ୍କୁ ସବୁବେଳେ ସମ୍ମାନ ଦେବା ସହ ଆଦି ଗୁରୁ ପିତା ମାତାଙ୍କୁ ସମ୍ମାନ ପ୍ରଦର୍ଶନ କରିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଲିଜା ସାହୁ ଗୁରୁ ଓ ଶିଷ୍ୟ ମାନଙ୍କ ଦୃଢ଼ ସମ୍ପର୍କ, ଶିଷ୍ୟ ମାନଙ୍କ ପ୍ରତି ଗୁରୁଙ୍କର ବୈଚାରିକ ମନୋଭାବ, ଗୁରୁମାନଙ୍କ ପ୍ରତି ଶିଷ୍ୟ ମାନଙ୍କର ଭକ୍ତିଭାବ ଓ ସାମାଜିକ କର୍ତ୍ତବ୍ୟବୋଧ ସମ୍ବନ୍ଧରେ କହିଥିଲେ। ଏହି ଅବସରରେ ଗୁରୁ ମାନଙ୍କୁ ପ୍ରଭୁ ଶ୍ରୀ ଜବନ୍ନାଥଙ୍କ ଫଟୋଚିତ୍ର, ମାନପତ୍ର ଓ ଉତ୍ତରୀୟ ପ୍ରଦାନ ସ୍ୱରୂପ ସମ୍ମାନିତ କରାଯାଇଥିଲା। ବ୍ରହ୍ମରାଷ୍ଟ୍ର ଏକମ୍ ଓଡିଶା ପ୍ରଦେଶ ଅଧକ୍ଷ ପୂର୍ଣ୍ଣେନ୍ଦୁ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ ଦେଇଥିଲେ।

ନୀଳାଦ୍ରିବିହାରରେ ହେବ ୪୨ ଫୁଟର ଗଣେଶ

ପାଦତଳେ ପାହାଡ ମସ୍ତକ ଉପରେ ଶ୍ରୀମନ୍ଦିର ଶୋଭାବର୍ଦ୍ଧନ

ଭୁବନେଶ୍ୱର (ବ୍ୟୁରୋ) : ଆଉ କେଇଟା ପରେ ଧରା ଧାମକୁ ବିଜେ କରିବେ ଆଦିଦେବ ପ୍ରଭୁ ଶ୍ରୀ ଗଜାନନ। ସେଥିପାଇଁ ଭୁବନେଶ୍ୱରରେ ବିଭିନ୍ନ ଗଣେଶ ପୂଜା କମିଟି ଓ କ୍ଲବ ତରଫରୁ ଜୋରଦାର ପ୍ରସ୍ତୁତି ଚାଲିଛି। ରାଜଧାନୀର କେଉଁ ସ୍ଥାନରେ ନଭଷ୍ଟୁମ୍ଭୀ ତୋରଣ ନିର୍ମାଣ ହେଉଛିତ କେଉଁଠାରେ ବିଶାଳକାୟ ମୂର୍ତ୍ତି। ଏହି ଦୌଡରେ ପଛରେ ପଡିନାହିଁ ନୀଳାଦ୍ରିବିହାର ଗଣପତି ୟୁଥ କ୍ଲବ। ଚଳିତବର୍ଷ କ୍ଲବର ଦ୍ୱାଦଶ ବାର୍ଷିକ ଗଣେଶ ପୂଜା ପାଳନ ଅବସରରେ ନୀଳାଦ୍ରିବିହାର ଦୁର୍ଗା ପଡିଆ ଠାରେ ୪୨ ଫୁଟର ଆକର୍ଷଣୀୟ ଗଣେଶ ମୂର୍ତ୍ତି ନିର୍ମାଣ କରାଯାଉଛି। ପାଦ ତଳେ ପାହାଡ ରହିଥିଲା ବେଳେ ମସ୍ତକ ଉପରେ ଶ୍ରୀମନ୍ଦିର ଶୋଭାବର୍ଦ୍ଧନ କରିବ। ଯାଜପୁର ଓ ପଣ୍ଡିବଙ୍ଗର କାରିଗରମାନେ ଦୀର୍ଘ ଦେଢ ମାସ ହେବ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ମୂର୍ତ୍ତି ଛଣ ଓ ମାଟିରେ ନିର୍ମିତ ହେଉଥିଲା ବେଳେ ପାହାଡଟି ବାଉଁଶ ଓ ଅଖା ପଟିରେ ନିର୍ମାଣ କରାଯାଉଛି। ଏବଂ ମସ୍ତକ ଉପରେ ସୋଲ ଓ କାଗଜ ବ୍ୟବହାର କରି ଶ୍ରୀମନ୍ଦିର ନିର୍ମାଣ କରାଯିବା ସହ ଏହା ଭିତରେ ତ୍ରିମୂର୍ତ୍ତି ଶୋଭା ପାଇବେ। କୌଣସି କେମିକାଲସ୍ ରଙ୍ଗ କିମ୍ବା ପଲିଥିନ ବ୍ୟବହାର କରାଯିବ ନାହିଁ ବୋଲି କାରିଗରମାନେ କହିଛନ୍ତି। ସମସ୍ତ କାର୍ଯ୍ୟ ପ୍ରାୟ ଶେଷ ପାର୍ଯ୍ୟାୟରେ ପହଞ୍ଚିଛି। ବିଦ୍ୟୁତ ସାଜସଜ୍ଜା ଓ ସୁରକ୍ଷା ବ୍ୟବସ୍ଥାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ପଡିଆ ସାରା ରଙ୍ଗ ବେରଙ୍ଗର ଆଲୋକ ମାଳା ସଜାଯିବା ସହ କଲୋନୀ ପ୍ରବେଶ ପଥରେ ଦୁଇଟି ଏଲଇଡି ଗେଟ୍ ରହିବ। ସୁରକ୍ଷା ପାଇଁ ସିସିଟିଭି କ୍ୟାମେରା ଲଗାଯିବା ସହ ମଣ୍ଡପରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖାଯିବ। ଶୃଙ୍ଖଳିତ ଦର୍ଶନ ପାଇଁ ୫୦ ରୁ ଊର୍ଦ୍ଧ୍ୱ ଯୁବକ ନିୟୋଜିତ ରହିବେ। ଦର୍ଶକଙ୍କ ମନୋରଞ୍ଜନ ପାଇଁ ପଡିଆରେ ମିନା ବଜାର ଓ ବିଭିନ୍ନ ପ୍ରକାର ଦୋଳି ପକାଯାଇଛି। ଚଳିତ ବର୍ଷ ୮ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ରହ

କୃଷକଙ୍କ ସୁରକ୍ଷା ନେଇ
୧୫ରୁ ରାଜ୍ୟବ୍ୟାପୀ କଂଗ୍ରେସ କରିବ ପ୍ରତିବାଦ

ଭୁବନେଶ୍ୱର(ବ୍ୟୁରୋ): ଚାଷୀଙ୍କ ସୁରକ୍ଷା ବିଫଳତା, ଚାଉଳ ନ ଉଠିବା ଓ ଖରିଫ ଋତୁର ଚାଉଳ ଉଠାଣ ପ୍ରସଙ୍ଗରେ ଚଳିତମାସ ୧୫ରୁ ନଭେମ୍ବର ୧୫ତାରିଖ ପର୍ଯ୍ୟନ୍ତ ପ୍ରଦେଶ କିସାନ କଂଗ୍ରେସର ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତି ଜିଲ୍ଲାରେ ୨ଦିନ ଲେଖାଏ ପ୍ରତିବାଦ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଘୋଷଣା କରିଛନ୍ତି କିସାନ କଂଗ୍ରେସ ଅଧକ୍ଷ ଅଭୟ ସାହୁ। ଆଜି (ରବିବାର) କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ଦେବାଶିଷ ପଟ୍ଟନାୟକ କହିଲେ, ଏଫ୍‌ସିଆଇ ଚାଉଳ ଉଠାଉନି ବୋଲି ଯୋଗାଣ ମନ୍ତ୍ରୀ ଭରାସଭାରେ କହିବା ଡବଲ ଇଞ୍ଜିନର ମୁଖା ଖୋଲିଯାଇଛି। କେନ୍ଦ୍ର କେବଳ ଡବଲ ଇଞ୍ଜିନ ରାଜ୍ୟକୁ ଶୋଷଣ କରିବା ପାଇଁ ବ୍ୟବହାର କରୁଥିବା ସ୍ପଷ୍ଟ ହୋଇଛି। ପଶ୍ଚିମାଞ୍ଚଳ ଓଡ଼ିଶାର ଭାତହାଣ୍ଡି। ସେଠାରେ ଚାଷୀଙ୍କ ଧାନ ବିକ୍ରୀ ନ ହୋଇ ପଡ଼ି ରହିବା ପରିତାପର ବିଷୟ। ବିଜେପି ଦଳର ପ୍ରକୃତ ପରିଚୟ ରାଜ୍ୟବାସୀ ଜାଣି ରଖିବା ଉଚିତ। କଂଗ୍ରେସ ସମବାୟ ସେଲ୍‌ର ଅଧକ୍ଷ ଅମୀୟ ପଟ୍ଟନାୟକ କହିଲେ, ଡବଲ ଇଞ୍ଜିନ ସରକାରଙ୍କ ଯୋଗୁଁ ରାଜ୍ୟର ଚାଷୀ ଡବଲ ଅସୁବିଧା ଓ ଦୁଃଖର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ପଟେ ଏମ୍‌ଏସ୍‌ପି ବୃଦ୍ଧି କରିଛନ୍ତି କିନ୍ତୁ ଅନ୍ୟ ପଟରେ ଚାଷୀଙ୍କ ଧାନ କିଣୁ ନାହାନ୍ତି। ଏମ୍‌ଏସ୍‌ପି ବୃଦ୍ଧି ଯୋଗୁଁ କୃଷକ ଯେତିକି ଲାଭବାନ ହେବା କଥା ତାହା ନ ହୋଇ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ସରକାର ଏମ୍‌ଏସ୍‌ପିକୁ ଆଜି ପର୍ଯ୍ୟନ୍ତ ନିୟମ କରି ପାରିଲେ ନାହିଁ। ଏଥିରୁ କୃଷକ ପାଇଁ ସରକାରଙ୍କ ମନ୍ଦ ଅଭିସନ୍ଧି ରହିଥିବା ପ୍ରମାଣିତ ହେଉଛି। ସାମ୍ବାଦିକ ସମ୍ମିଳନୀରେ ପିସିସି ସାଧାରଣ ସମ୍ପାଦକ ବିଶ୍ୱଜିତ ଦାଶ ଉପସ୍ଥିତ ଥିଲେ।

ଆନ୍ତଃ-ବିଭାଗୀୟ ସମନ୍ୱୟ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର(ବ୍ୟୁରୋ): ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ (ବିକେପିପିଇଆର୍) ପ୍ରକଳ୍ପର କାର୍ଯ୍ୟାନ୍ୱୟନ ନେଇ ଶନିବାର ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ତଃ-ବିଭାଗୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବୈଠକରେ ଅଧକ୍ଷତା କରିଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂଙ୍କ ସମେତ ବିଭିନ୍ନ ବିଭାଗର ଏସିଏସ୍, ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଓ ବରିଷ୍ଠ ପଦାଧିକାରୀମାନେ ଏଥିରେ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ବିକେପିପିଇଆର୍ ପ୍ରକଳ୍ପ ଓଡ଼ିଶାର ଆର୍ଥିକ ବିକାଶର ଏକ ପ୍ରମୁଖ 'ଗ୍ରୋଥ୍ ଇଞ୍ଜିନ୍'। ଏହା ଭିଜନ୍-୨୦୩୬ ଓ ୨୦୪୭ର ଲକ୍ଷ୍ୟ ପୂରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ପାଇଁ ସମସ୍ତ ବିଭାଗର ସମନ୍ୱିତ ପ୍ରୟାସ ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷାପାଢ଼ୀ ପ୍ରକଳ୍ପର ଅଗ୍ରଗତି ଓ ପ୍ରାଥମିକତା କ୍ଷେତ୍ର ସମ୍ପର୍କରେ ତଥ୍ୟ ରଖିଥିଲେ। ମଲ୍ଟିମୋଡାଲ୍ ପରିବହନ, ସୁଲଭ ଆବାସ, ଜଳବାୟୁ-ସହନଶୀଳ ଭିତ୍ତିଭୂମି ଓ ସହରୀ ପୁନରୁଦ୍ଧାର ମାଧ୍ୟମରେ ଏହି ଅଞ୍ଚଳକୁ ସମାବେଶୀ, ସ୍ଥାୟୀ ଓ ବିଶ୍ୱସ୍ତରୀୟ ଅର୍ଥନୈତିକ ଅଞ୍ଚଳ ଭାବେ ବିକଶିତ କରିବା ଲକ୍ଷ୍ୟ ରହିଥିବା ସେ କହିଥିଲେ। ଭାରତ ସରକାରଙ୍କ 'ସିଟି ଇକୋନୋମିକ୍ ରିଜିଅନ୍' ଯୋଜନା ଅଧୀନରେ ଦେଶର ଚାରିଟି ପ୍ରମୁଖ ପାଇଲଟ୍ ପ୍ରକଳ୍ପ ମଧ୍ୟରୁ ବିକେପିପିଇଆର୍ ଅନ୍ୟତମ। ନୀତି ଆୟୋଗ ଚିହ୍ନଟ କରିଥିବା ୧୯ଟି ବିଭାଗର ୨୬୯ଟି ପ୍ରକଳ୍ପ ନେଇ ବୈଠକରେ ଆଲୋଚନା ହୋଇଥିଲା। ପିଏମ୍ ଗତିଶକ୍ତି ପୋର୍ଟାଲରେ ପ୍ରକଳ୍ପ ମ୍ୟାପିଂ, ବିଭାଗୀୟ ସମନ୍ୱୟ ଓ ଆଗାମୀ କାର୍ଯ୍ୟପନ୍ଥା ମଧ୍ୟ ସମୀକ୍ଷା କରାଯାଇଥିଲା। ଖୋର୍ଦ୍ଧା, କଟକ, ପୁରୀ ଓ ଜଗତସିଂହପୁର ଜିଲ୍ଲାର ୧୯ଟି ସହରାଞ୍ଚଳକୁ ନେଇ ଗଠିତ ଏହି ଅର୍ଥନୈତିକ ଅଞ୍ଚଳରେ ୪୦ ଲକ୍ଷରୁ ଅଧିକ ଅଣ-କୃଷି ନିଯୁକ୍ତି ଏବଂ ୪୦୦ ବିଲିୟନ୍ ଡଲାରରୁ ଅଧିକ କର୍ପୋରେଟ୍ ନିବେଶର ଲକ୍ଷ୍ୟ ରହିଛି। ଭୁବନେଶ୍ୱରର ଆଇଟି ଓ ପ୍ରଯୁକ୍ତି, ପର୍ଯ୍ୟଟନ ଓ ସଂସ୍କୃତି, ପାରମ୍ପରିକ ବ୍ୟବସାୟ ସହ ପାରାଦୀପର ବନ୍ଦରଭିତ୍ତିକ ଶିଳ୍ପ ଓ ଲଜିଷ୍ଟିକ୍‌କୁ ଏକତ୍ରିତ କରି ଆଞ୍ଚଳିକ ଅର୍ଥନୀତିକୁ ସୁଦୃଢ଼ କରାଯିବ। ଏହି ପଦକ୍ଷେପକୁ ଅଧିକ ସୁଦୃଢ଼ ଆନୁଷ୍ଠାନିକ ଢାଞ୍ଚା ଦେବା ପାଇଁ 'କ୍ୟାପିଟାଲ ଇକୋନୋମିକ୍ ରିଜିଅନ୍ ଡେଭେଲପମେଣ୍ଟ ଅଥରିଟି'କୁ ନିକଟରେ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏହି କର୍ତୃପକ୍ଷ ଯୋଜନା ପ୍ରସ୍ତୁତି, ପ୍ରକଳ୍ପ କାର୍ଯ୍ୟାନ୍ୱୟନ, ଅର୍ଥ ବ୍ୟବସ୍ଥା ଓ ନିବେଶ ସଂଗ୍ରହ ଭଳି କାର୍ଯ୍ୟରେ ଏକୀକୃତ ଆଞ୍ଚଳିକ ପରିଚାଳନା ବ୍ୟବସ୍ଥା ସୁନିଶ୍ଚିତ କରିବ।

୮ରେ ଆଉ ଏକ ଘୂର୍ଣ୍ଣିବଳୟ, ୧୧ଯାଏଁ ଛେଚିବ

ଭୁବନେଶ୍ୱର(ବ୍ୟୁରୋ): ଆସନ୍ତା ୮ ତାରିଖରେ ଉତ୍ତର ଓଡ଼ିଶା ଉପରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ । ଏହା ଲଘୁଚାପ ରୂପ ନେବାର ସମ୍ଭାବନା କମ୍ । କିନ୍ତୁ ଏହା ପ୍ରଭାବରେ ୧୧ ତାରିଖ ଯାଏ ରାଜ୍ୟରେ ଭାରୀ ବର୍ଷା ହେବ । ସୋଆ ଜଳବାୟୁ ଓ ପରିବେଶ କେନ୍ଦ୍ର ନିର୍ଦ୍ଦେଶକ ଡ. ଶରତ ସାହୁ ଏଭଳି ପୂର୍ବାନୁମାନ କରିଛନ୍ତି । ଏହା ପ୍ରଭାବରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ ଜିଲ୍ଲା ସମେତ ଉତ୍ତର ଓଡ଼ିଶାର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । ଯାଜପୁର, ବାଲେଶ୍ୱର, ଦେବଗଡ଼, କେନ୍ଦୁଝର ଓ ସୁନ୍ଦରଗଡ଼ରେ ଭଲ ବର୍ଷା ହେବ । ବିକ୍ଷିପ୍ତ ସ୍ଥାନରେ ଭାରୀ ବର୍ଷା ହୋଇପାରେ । ସେପଟେ ପାଣିପାଗ ବିଭାଗ ଆକଳନ କହୁଛି, ୯ ତାରିଖରୁ ଉତ୍ତର ଓଡ଼ିଶାରେ ବର୍ଷା ବଢ଼ିପାରେ । ୧୦ତାରିଖରେ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, କେନ୍ଦୁଝର ଓ ମୟୂରଭଞ୍ଜରେ ଭାରୀ ବର୍ଷା ହୋଇପାରେ । ୧୧ ତାରିଖରେ ଉତ୍ତର ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ଅଧିକ ବର୍ଷା ସମ୍ଭାବନା ଅଛି । ରବିବାର ଦିନତମାମ ରାଜ୍ୟର କିଛି ସ୍ଥାନରେ ବର୍ଷା ହୋଇଛି । ବାରିପଦାରେ ୧୭.୮ମିମି ବର୍ଷା ରେକର୍ଡ ହୋଇଛି । ଭୁବନେଶ୍ୱର, କଟକ ଓ କେନ୍ଦ୍ରାପଡ଼ାର କିଛି ସ୍ଥାନରେ ବର୍ଷା ହୋଇଛି ।

ପାର୍ବଣ ଆରମ୍ଭରୁ ରାଜଧାନୀରେ ଡରାଇଲେଣି ଅପରାଧୀ
ଅପରାଧ ରୋକିବାକୁ ନୀଳ ନକ୍ସା: କଡ଼ାକଡ଼ି ହେବ ପାଟ୍ରୋଲିଂ

ଭୁବନେଶ୍ୱର(ବ୍ୟୁରୋ): ପାର୍ବଣ ଆରମ୍ଭରୁ ରାଜଧାନୀରେ ଡରାଇଲେଣି ଅପରାଧୀ। କେଉଁଠି ବଟି ପାଇଁ ତ କେଉଁଠି ଚାନ୍ଦା ପାଇଁ ଦେଖାଉଛନ୍ତି ଦାଦାଗିରି। ଦଳବଳ ହୋଇ ପହଞ୍ଚି ଯାଉଛନ୍ତି, ନଦେଲେ ଧମକଚମକ ଦେଉଛନ୍ତି। ଆକ୍ରମଣ କରିବାକୁ ବି ପଛାଉ ନାହାନ୍ତି। ଖାଲି ଏତିକି ନୁହେଁ, ଅଭ୍ୟାସଗତ ଅପରାଧୀଙ୍କ ଦୌରାତ୍ମ୍ୟ ବି ବଢ଼ିଚାଲିଛି। ବାରରେ ମସ୍ତି କରି ରକ୍ତପାତ ଘଟୁଛି। କିଛିଦିନ ତଳେ ଦାଦାବଟି ନଦେବାରୁ କ୍ୟାପିଟାଲ୍ ଥାନା ଅଞ୍ଚଳରୁ ଯୁବକଙ୍କୁ ଅପହରଣ ଉଦ୍ୟମ, ଖଣ୍ଡଗିରି ଥାନା ଅଞ୍ଚଳରେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ଭଳି ଘଟଣା ସାମ୍ନାକୁ ଆସିଛି। ସେହିପରି ପଥରବନ୍ଧ ବସ୍ତିରେ ଦୁଇସାହି ମଧ୍ୟରେ ଗୋଷ୍ଠୀ ସଂଘର୍ଷ, ସତ୍ୟବିହାର ଅଞ୍ଚଳରେ ଏକ ବାରରେ ନିଶାଡ଼ିଙ୍କ ଆତଙ୍କ, କିଛିଦିନ ହେବ ଅପରାଧୀଙ୍କ ଏଭଳି ଆତଙ୍କରୁ ରାଜଧାନୀର ଅପରାଧର ଚିତ୍ର ସ୍ପଷ୍ଟ ବାରି ହେଉଛି। ଭାଇଗିରି ଓ ଅପରାଧୀଙ୍କ ଦୌରାତ୍ମ୍ୟକୁ ରୋକିବାଲାଗି କମିସନରେଟ୍ ପୁଲିସ ବିଭିନ୍ନ ଥାନା ଅଞ୍ଚଳରେ ଥିବା ୧୫୦୦ରୁ ଅଧିକ ଅପରାଧୀଙ୍କ ତାଲିକା କରିଛି। ଖୋଜିଖୋଜି ସେହି ଅପରାଧୀଙ୍କୁ ବନ୍ଧାଯିବ। ସେମାନଙ୍କୁ ସମ୍ପୃକ୍ତ ଅଞ୍ଚଳରୁ ତଡ଼ିବାଲାଗି ଚିନ୍ତା ମଧ୍ୟ କରାଯାଉଛି। ଏହିକ୍ରମରେ ଆଜି ଅତର୍କିତଭାବେ ପୁଲିସ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ୩ରୁ ଅଧିକ ବାରରେ ଚଢ଼ଉ କରି ଡିଜେ ଜବତ ସହ ମାଲିକଙ୍କୁ ନୋଟିସ୍ ଦେଇଛି। ସେହିପରି ବିଭିନ୍ନ ବସ୍ତରେ ଜବରଦଖଲ କରି ରହି ଆପରାଧିକ କାର୍ଯ୍ୟକଳାପରେ ସାମିଲ ହେଉଥିବା ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ବସ୍ତିରେ ନୋଟିସ ଲାଗିଛି। କରାଯାଇଛି। ଅପରାଧୀଙ୍କୁ ସାବାଡ଼ ପାଇଁ କମିସନରେଟ୍ ପୁଲିସ ଏଭଳି ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛି। ପୂଜା ସମୟରେ ଯେଭଳି କୌଣସି ପ୍ରକାର ଅପ୍ରୀତିକର ସ୍ଥିତି ସୃଷ୍ଟି ନହୁଏ, ଏଥିପାଇଁ ଡିସିପି ଜଗମୋହନ ମୀନା ସମସ୍ତ ଥାନାକୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଅପରାଧରେ ସମ୍ପୃକ୍ତ ଅପରାଧୀମାନଙ୍କୁ ସାମାଜିକ ଭାବେ ବାସନ୍ଦ କରିବାକୁ ବସ୍ତିର ମୁରବିମାନଙ୍କୁ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି। ସେହିପରି ଦାଗୀ ଅପରାଧୀଙ୍କୁ ସପ୍ତାହକୁ ଥରେ ଥାନାରେ ହାଜିରା ଦେବାକୁ ବାଧ କରାଯିବ। ଏଥିପାଇଁ ଡିସିପିଙ୍କ ନେତୃତ୍ୱରେ ପ୍ରାଥମିକ ପର୍ଯ୍ୟାୟରେ ଅଭ୍ୟାସଗତ ଅପରାଧୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ପାର୍ବଣକୁ ନେଇ ଉପରମୁହାଁ ହେଉଥିବା ଅପରାଧୀଙ୍କୁ ସାବାଡ଼ ପାଇଁ ଏହି ପ୍ରସ୍ତୁତି କରାଯାଇଛି। ଖଣ୍ଡଗିରି ଓ ସଦିନଗର ଥାନାରେ ସର୍ବାଧିକ ଦାଗୀ ଅପରାଧୀ ଥିବା ଜଣାପଡ଼ିଛି। ସେହିପରି ମଞ୍ଚେଶ୍ୱର ଥାନା,ଲକ୍ଷ୍ମୀସାଗର, ନୂଆପଲ୍ଲୀ, ଇନଫୋସିଟି, ଇନ୍‌ଫୋଭ୍ୟାଲି, ଏୟାରଫିଲ୍ଡ, ଚନ୍ଦକା ଓ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏମାନଙ୍କ ସଂଖ୍ୟା ମଧ୍ୟ ଚିନ୍ତାଜନକ ରହିଛି। କମିସନରେଟ ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅପରାଧୀ ଦମନ ଅଭିଯାନରେ ଆଗକୁ ଆହୁରି ଅପରାଧୀଙ୍କ ନାଁ ଯୋଡ଼ି ହେବ। ଅପରାଧ ଛାଡ଼ିପାରୁନଥିବା ଅଭ୍ୟାସଗତଙ୍କ ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଛି। ଏହାଛଡ଼ା ୩ଜଣଙ୍କୁ ତଡ଼ିପାର ପାଇଁ କମିସନରେଟ୍ ପୁଲିସ ତାଲିକା କରିଛି। ପାର୍ବଣରେ ଜୋରଜବରଦଣ୍ଡି ଚାନ୍ଦା ମାଗୁଥିବା ଅସାମାଜିକଙ୍କ ରିପୋର୍ଟ କରିବା ପାଇଁ ଟୋଲ୍ ଫ୍ରି ନମ୍ବର ୧୧୨ରେ ଅଭିଯୋଗ କରିବା ପାଇଁ ଡିସିପି ଶ୍ରୀ ମୀନା କହିଛନ୍ତି।

ସାବଧାନ ଅମାନିଆ ଗାଡ଼ିଚାଳକ, ରାସ୍ତାରେ ଜଗିଛି ଇ-ଡିଟେକ୍ସନ ସିଷ୍ଟମ

ଭୁବନେଶ୍ୱର(ବ୍ୟୁରୋ): ସାବଧାନ ଅମାନିଆ ଗାଡ଼ି ଚାଳକ। ଏଣିକି ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର କିମ୍ବା ବୀମା ନଥିଲେ ଆଉ ବର୍ତ୍ତି ପାରିବେ ନାହିଁ। ରାଜ୍ୟରେ ସେପ୍ଟେମ୍ବର ୧ ତାରିଖରୁ ଇ-ଡିଟେକ୍ସନ୍ ସିଷ୍ଟମ୍ କାର୍ଯ୍ୟକାରୀ ହୋଇଛି। ଏଣିକି ପରିବହନ ନିୟମ ଉଲ୍ଲଂଘନ କଲେ ସ୍ୱୟଂଚାଳିତ ଭାବେ ଇ-ଚାଲାଣ କଟିବ। ଗାଡ଼ିର ବୈଧ ପିୟୁସିସି ଓ ବୀମା ଦସ୍ତାବିଜ ଅପ୍‌ଡେଟ୍ କରି ରଖିବା ନେଇ ନିର୍ଦ୍ଦେଶ ଜାରି କରାଯାଇଛି। ରାସ୍ତାରେ ଚଳାଚଳ କରୁଥିବା ପ୍ରତ୍ୟେକ ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର ଓ ବୀମା ବାଧ୍ୟତାମୂଳକ କରାଯାଇଛି। ଏନେଇ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଆଡଭାଇଜରୀ ଜାରି କରାଯାଇଛି। ପରିବହନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସେପ୍ଟେମ୍ବର ୧ ତାରିଖରୁ ଏହି ନୂଆ ନିୟମ କଡ଼ାକଡ଼ି ଭାବେ ଲାଗୁ କରାଯାଇଛି। ବର୍ତ୍ତମାନ ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର (ଚଟଉ), ଫିଟନେସ୍, ରୋଡ୍ ଟ୍ୟାକ୍ସ ଏବଂ ବୈଧ ବୀମା ନଥିଲେ 'ଇ-ଡିଟେକସନ' ସିଷ୍ଟମ୍ ସହାୟତାରେ ସ୍ୱୟଂଚାଳିତ ଭାବେ ଗାଡ଼ିମୁଡ଼ିକୁ ଚିହ୍ନଟ କରାଯିବ। ଗାଡ଼ିର ଚଟଉ ନଥିଲେ କିମ୍ବା ବୀମାର ଅବଧି ଶେଷ ହୋଇଥିଲେ ଇ-ଡିଟେକ୍ସନ୍ ସିଷ୍ଟମ୍ ଜରିଆରେ ସ୍ୱୟଂଚାଳିତ ଭାବେ ଚାଲାଣ କଟିବ। ଏଥିସହ ପୂର୍ବରୁ ଥିବା ବକେୟା ଇ-ଚାଲାଣ ପୈଠ କରିବାକୁ ମଧ୍ୟ ପରିବହନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଗାଡ଼ି ମାଲିକମାନେ ଅଧିକୃତ ସରକାରୀ ପୋର୍ଟାଲରେ ନିଜ ଗାଡ଼ିର ପିୟୁସିସି, ବୀମା ସମେତ ଅନ୍ୟ ବୈଧାନିକ ଦସ୍ତାବିଜର ସ୍ଥିତି ଯାଞ୍ଚ କରିପାରିବେ। ସେହିପରି ବକେୟା ଇ-ଚାଲାଣର ସ୍ଥିତି ମଧ୍ୟ ଜାଣିପାରିବେ।

ରାଜଧାନୀରେ ପୁଣି ହିଟ୍ ଆଣ୍ଡ ରନ୍, ଦ୍ରୁତଗାମୀ କାର୍ ଧକ୍କାରେ ଯୁବକ ଗୁରୁତର

ଭୁବନେଶ୍ୱର(ବ୍ୟୁରୋ): ରାଜଧାନୀରେ ପୁଣି ହିଟ୍ ଆଣ୍ଡ ରନ୍ । ରାସ୍ତା ପାର୍ ବେଳେ ଧକ୍କା ଦେଲା ଦ୍ରୁତଗାମୀ କାର୍ । ଭୁବନେଶ୍ୱର ବରମୁଣ୍ଡା କାଳୀ ମନ୍ଦିର ପାଖରେ ଦୁର୍ଘଟଣା । ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କ ଗୋଡ଼ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଘଟଣାସ୍ଥଳରେ ପୋଲିସର ଛାନଭିନ ଜାରି ରହିଛି । ସୂଚନା ଅନୁସାରେ, ଯୁବକ ଜଣକ ରାସ୍ତା ପାର୍ ହେଉଥିବା ସମୟରେ ହଠାତ୍ ଏକ ଦ୍ରୁତଗାମୀ କାର୍ ତାଙ୍କୁ ଧକ୍କା ଦେଇଥିଲା । ଧକ୍କା ଏତେ ଜୋରଦାର ଥିଲା ଯେ, ଯୁବକ ଜଣକ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ଦୁର୍ଘଟଣାରେ ତାଙ୍କ ଗୋଡ଼ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲ୍‌କୁ ପଠାଇଥିଲେ । ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ଅନ୍ୟପଟେ, ଦୁର୍ଘଟଣା ଘଟାଇଥିବା କାର୍ ଘଟଣାସ୍ଥଳରୁ ପଳାଇ ଯାଇଥିବାରୁ ଏହାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ଛାନଭିନ୍ ଜାରି ରଖିଛି । ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରାର ଫୁଟେଜ୍ ଯାଞ୍ଚ କରାଯାଉଥିବା ସୂଚନା ମିଳିଛି । କାରଟିର ନମ୍ବର କିମ୍ବା ଅନ୍ୟ କୌଣସି ପରିଚୟ ମିଳିଲେ ଖୁବଶୀଘ୍ର ଗାଡ଼ି ଓ ଚାଳକଙ୍କୁ ଠାବ କରାଯିବ ବୋଲି ପୋଲିସ ଆଶା ରଖିଛି ।

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୨ ସିଂହ ଶାବକ ଜନ୍ମ

ଭୁବନେଶ୍ୱର(ବ୍ୟୁରୋ):

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ସିଂହୀ ମାୟାର ପ୍ରଥମ ଗର୍ଭରୁ ଶିବମ୍ ମିଳନରୁ ୨ ଶାବକ ଜନ୍ମ ନେଇଛନ୍ତି । ଆଗକୁ ଜନ୍ମ ସଂଖ୍ୟା ଆହୁରି ବଢିବା ଆଶା କରାଯାଉଛି । ଶିବମ ଓ ମାୟା ଦୁଇଟି ଏସିୟ ସିଂହ ଓ ସିଂହୀ ଅଟନ୍ତି । ଏମାନେ ଗତ ୨୦୨୫ ମସିହା ଜାନୁଆରୀ ୨୫ ତାରିଖରେ ସିଂହୀ ରେଖା ଗର୍ଭରୁ ଜନ୍ମ ନେଇଥିଲେ । ଆଜି ମାୟାର ଶାବକ ଦୁଇଟି ଜନ୍ମ ନେବା ଫଳରେ ନନ୍ଦନକାନନର ମୋଟ ସିଂହ ସଂଖ୍ୟା ୨୪କୁ ବୃଦ୍ଧି ହୋଇଛି । ତେବେ ଆଗକୁ ସଂଖ୍ୟା କେତେ ହେବ ତାହା ଶାବକଙ୍କର ମାର ଯତ୍ନ ଓ ଜନ୍ମ ମୃତ୍ୟୁ ଉପରେ ନିର୍ଭର କରୁଛି ।

ବଦଳୁଛି ଯାତ୍ରା କାହାଣୀ, ବଢୁଛି ବିବାଦ

ଭୁବନେଶ୍ୱର(ବ୍ୟୁରୋ): ଯାତ୍ରା କାହାଣୀର ଜମାନା ବଦଳୁଛି । ବାଜି ମାରୁଛି ବିବାଦୀୟ ଓ ସମ୍ବେଦନଶୀଳ କାହାଣୀ । ସାମାଜିକ ଗଣମାଧ୍ୟମରେ ଯାହା ଟ୍ରେଣ୍ଡିଂ ବଜାରରେ ସେଇଆ ଚାଲୁଛି । ପ୍ରେମ, ପ୍ରତିଶୋଧ ଓ ପାରିବାରିକ ଡ୍ରାମାକୁ ପଛରେ ପକାଇ ମଞ୍ଚ ଦଖଲ କରୁଛି ପ୍ରେମ ଆଉ ଧର୍ମ । ଯାହାକୁ ନେଇ ବିବାଦୀୟ ହେଉଛି ଯାତ୍ରା ମଞ୍ଚ । ଗୋଟିଏ ପରେ ଗୋଟିଏ ଯାତ୍ରା ପାର୍ଟି ପ୍ରେମ ଆଉ ଧର୍ମଭିତ୍ତିକ ନାଟକ କରୁଥିବା ବେଳେ, କେଉଁଠି ଦର୍ଶକଙ୍କ ଉତ୍ସାହ ତ କେଉଁଠି ବିବାଦ ସାମ୍ନାକୁ ଆସୁଛି । ଯେଉଁଥିପାଇଁ ଚେୟାର, ବୋତଲ ମାଡ଼ ଭଳି ଘଟଣା ଘଟୁଛି । ଲୋକେ ମଞ୍ଚକୁ ଉଠି କଳାକାରଙ୍କୁ ବାଡ଼େଇବାକୁ ବି ପଛାଉ ନାହାନ୍ତି । ଫଳରେ ଯାତ୍ରାରେ ପୁଣି ନୂଆ ବିବାଦ ଆରମ୍ଭ ହୋଇଛି । ପ୍ରେମ କାହାଣୀରେ ଧର୍ମାନ୍ତରୀକରଣର ଟ୍ୱିଷ୍ଟ । ପେଣ୍ଡାଲରେ ପ୍ରେମ, ଧର୍ମ ଓ ବିବାଦ । ବହି ଲେଖୁଛି ନୂଆ କାହାଣୀ । ମାଡ଼ିଚାଲିଛି ସମ୍ବେଦନଶୀଳ ଷ୍ଟୋରୀର ଟ୍ରେଣ୍ଡ । ସାମାଜିକ ଘଟଣାବଳୀକୁ ନେଇ ନାଟକ ହେଉଛି, ହେଲେ କାହାଣୀରେ ସ୍

ନାନା ସମସ୍ୟାରେ ଛନ୍ଦି ହୋଇଛି ବରି ହାଇସ୍କୁଲ

ସିମୁଳିଆ(ଅମୃତ ମିଡିଆ): ୨୦୨୪-୨୫ ଶିକ୍ଷାବର୍ଷରୁ ବାଲେଶ୍ୱର ଜିଲାରେ ପ୍ରଥମ ପିଏମ୍‌ଶ୍ରୀ ବିଦ୍ୟାଳୟର ମାନ୍ୟତା ପାଇଥିବା ସିମୁଳିଆ ବ୍ଲକର ବରି ହାଇସ୍କୁଲ ନାନା ସମସ୍ୟା ମଧ୍ୟରେ ଛନ୍ଦି ହୋଇରହିଛି। ବିଶେଷକରି ସ୍ଥାୟୀ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିବା ଓ ପରିଚାଳନା କମିଟି ଗଠନ ନ ହେବାଯୋଗୁ ବିଦ୍ୟାଳୟ ପରିଚାଳନା ବ୍ୟବସ୍ଥିତ ହୋଇପାରୁନାହିଁ। ସମସ୍ୟା ଦୂର ହେବା ତ ପର କଥା, ଚକ୍‌ଖଡି କିଣିବା ପାଇଁ ମଧ୍ୟାହ୍ନଭୋଜନ ଅର୍ଥ ଉପରେ ନିର୍ଭର କରିବାକୁ ପଡୁଛି। ସରକାରଙ୍କ ନିୟମ ଅନୁସାରେ ପିଏମ୍‌ଶ୍ରୀ ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନ ଶିକ୍ଷକ ଓ ପରିଚାଳନା କମିଟି ବିନା ବିଦ୍ୟାଳୟ ପରିଚାଳନା ପାଇଁ କୌଣସି ଟଙ୍କା ଆକାଉଣ୍ଟରୁ ଉଠାଯାଇପାରିବନାହିଁ, ଯାହାକି ବର୍ତ୍ତମାନ ପିଲାମାନଙ୍କ ପାଇଁ ସମସ୍ୟା ପାଲଟିଛି। ୧୯୬୭ରେ ବରି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ବଙ୍କିମ ଚନ୍ଦ୍ର ମହାରଣା, ଡ. ସୁଦର୍ଶନ ପଟ୍ଟନାୟକ, ସ୍ୱର୍ଗତ ଗଗନ ବିହାରୀ ପଟ୍ଟନାୟକଙ୍କ ସମେତ ସ୍ଥାନୀୟବାସିନ୍ଦାଙ୍କ ପ୍ରଚେଷ୍ଟାରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ପୂର୍ବରୁ ୧୯୫୮ରେ ପ୍ରତିଷ୍ଠିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ସରକାରଙ୍କ ମିଶ୍ରଣ ଯୋଜନାରେ ଗତ ୨୦୧୭ରୁ ଦୁଇଟି ବିଦ୍ୟାଳୟ ମିଶି ଗୋଟିଏ ହତା ମଧ୍ୟରେ ପରିଚାଳିତ ହେଉଛି। ବର୍ତ୍ତମାନ ଶିଶୁବାଟିକାରୁ ଦଶମଶ୍ରେଣୀ ମଧ୍ୟରେ ୨୫୯ ଛାତ୍ରୀ ଓ

୩୭୪ ଛାତ୍ରଙ୍କୁ ମିଶାଇ ମୋଟ ୬୩୩ଜଣ ଶିକ୍ଷାର୍ଥୀ ପାଠ ପଢୁଛନ୍ତି। ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ପାଇଁ ୫ ଶିକ୍ଷୟିତ୍ରୀ ଓ ୪ ଶିକ୍ଷକ ଅଛନ୍ତି, ଯାହାକି ଆବଶ୍ୟକ ସଂଖ୍ୟାଠାରୁ ୩ କମ୍। ଅଧିକ ପିଲା ଯୋଗୁ ଆବଶ୍ୟକ ଶ୍ରେଣୀଗୃହ ଅଭାବ ଥିବାରୁ ଗୋଟିଏ କକ୍ଷରେ ୨ଟି ଶ୍ରେଣୀର ପିଲା ବସୁଛନ୍ତି। ୧୩ଟି ଶ୍ରେଣୀ ଗୃହ ଆବଶ୍ୟକ ଥିବା ସ୍ଥଳେ ବର୍ତ୍ତମାନ ୭ଟି ଗୃହ ଅଛି। ଗୃହ ଅଭାବ ଯୋଗୁ ଶ୍ରେଣୀ ପଛପଟେ ଓ ଆକରେ ଜିନିଷପତ୍ର ଲଦାଯାଇ ରଖାଯାଇଛି। ପିଲାମାନଙ୍କ ମଧ୍ୟାହ୍ନଭୋଜନ ପ୍ରସ୍ତୁତି ପାଇଁ ଥିବା ଆଜବେଷ୍ଟସ ରୋଷେଇ ଗୃହର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ବର୍ଷା ହେଲେ ଚୁଲିରେ ପାଣି ପଶିଯାଉଛି। ଏତେସଂଖ୍ୟକ ପିଲାଙ୍କ ପାଇଁ ଖାଦ୍ୟ ଯୋଗାଇବା ଲାଗି ୪ଥର ରୋଷେଇ କରାଯାଉଛି। ପିଲାମାନେ ବସିବା ପାଇଁ ଜାଗା ନ ଥିବାରୁ ବିଦ୍ୟାଳୟ ବାରଣ୍ଡା ଓ ବାହାରେ ବୁଲି ବୁଲି ପିଲାମାନେ ଖାଦ୍ୟ ଖାଉଥିବା ଶିକ୍ଷକ ଗଙ୍ଗାଧର ଶିଅଳ ସୂଚନା ଦେଇଛନ୍ତି। ପିଲାମାନଙ୍କ ପାଇଁ ଖେଳପଡିଆ ମଧ୍ୟ ନାହିଁ। ପଡ଼ିଆ ଜବରଦଖଲ ହେବା ସମ୍ପର୍କରେ ପ୍ରାକ୍ତନ ଛାତ୍ର ତଥା ସ୍ଥାନୀୟ ସରପଞ୍ଚ ବିମଳଲୋଚନ ଲେଙ୍କା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିବା କହିଛନ୍ତି। ଗତ ୫ମାସ ପୂର୍ବରୁ ଏହାର ତଦନ୍ତ କରାଯାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ପିଲାମାନଙ୍କ ପାଇଁ ସାଇକେଲ ଷ୍ଟାଣ୍ଡ ଓ ପ୍ରାର୍ଥନା ପଡ଼ିଆଟିଏ ନ ଥିବା ଶିକ୍ଷୟିତ୍ରୀ ରଶ୍ମିରେଖା ଦାସ କହିଛନ୍ତି। ମୋ ସ୍କୁଲ ଯୋଜନାରେ ପୁରାତନ ଛାତ୍ରମାନେ ୨୦ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ସରକାର ଦୁଇଗୁଣା ଟଙ୍କା ପ୍ରଦାନ କରିବା ପରେ ମୋଟ ୬୦ଲକ୍ଷ ଟଙ୍କାରେ ବିଦ୍ୟାଳୟର ଉନ୍ନତୀକରଣ ହୋଇଥିଲା। ଏଥିଯୋଗୁ ୨୦୨୩ରେ ପୁରାତନ ଛାତ୍ରମାନଙ୍କ ସହଯୋଗ ଓ ଉଦ୍ୟମରେ ଏହି ବିଦ୍ୟାଳୟ ସମଗ୍ର ରାଜ୍ୟରେ ୧ନଂ. ହେବା ଯୋଗୁ ମୁଖ୍ୟମନ୍ତ୍ରୀ ୧ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ବାଲେଶ୍ୱର ଜିଲାରେ ବରି ହାଇସ୍କୁଲ ସର୍ବଶ୍ରେଷ୍ଠ ବିଦ୍ୟାଳୟ ପାଇଁ ୩ଲକ୍ଷ ଟଙ୍କା ମଧ୍ୟ ପୁରସ୍କାର ପାଇଥିଲା। ପୁରାତନ ଛାତ୍ରମାନଙ୍କ ଦ୍ୱାରା ବଙ୍କିମ ଚନ୍ଦ୍ର ପାଠାଗାର ଓ ବିଜ୍ଞାନ ଲାବ୍ ନିର୍ମାଣ କରାଯାଇଛି। ଗତ ୧୩।୯।୨୦୨୦ରୁ ୩୦।୪।୨୦୨୫ ପର୍ଯ୍ୟନ୍ତ ଏହି ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଚିରଞ୍ଜନ ମହାନ୍ତି ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହିଥିଲେ। ପରେ ସ୍ଥାନୀୟ ବରି ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ଦାସଙ୍କୁ ଏହି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦିଆଯାଇଛି। ତେବେ ସ୍ଥାୟୀ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଛି। ସେହିପରି ବିଭିନ୍ନ କାରଣରୁ ବିଦ୍ୟାଳୟ ପରିଚାଳନା କମିଟି ୨୫।୧୧।୨୫ରୁ ଗଠନ ହୋଇପାରିନାହିଁ। କମିଟି ସଭାପତି ନ ଥିବାରୁ ପ୍ରାୟ ୧୦ଲକ୍ଷ ଟଙ୍କାର ଅନୁଦାନ ମଧ୍ୟ ଫେରିଯାଇଛି। ଛାତ୍ରୀଛାତ୍ରମାନଙ୍କ ପାଇଁ ଆବଶ୍ୟକ ଶୌଚାଳୟ ନାହିଁ। ପୂର୍ବରୁ ୫-ଟି ଯୋଜନାରେ ୪୫ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା। ପରେ ପିଏମ୍‌ଶ୍ରୀ ଯୋଜନାରେ ୧କୋଟି ଟଙ୍କା ବ୍ୟୟ ହୋଇଛି। ବିଦ୍ୟାଳୟ ପରିସର ଅନାବନା ବଣଜଙ୍ଗଲ ସହିତ ଅଳିଆ ଆବର୍ଜନା ପଡିରହିଥିବା ଅଭିଭାବକମାନେ ସୂଚନା ଦେଇଛନ୍ତି। ଆସନ୍ତା ୨୦୨୭ରେ ହୀରକ ଜୟନ୍ତୀ ପାଇଁ ପ୍ରସ୍ତୁତି ପର୍ବ ଚାଲିଥିବାବେଳେ ବର୍ତ୍ତମାନ ବିଦ୍ୟାଳୟର ପରିଚାଳନା ଛାତ୍ରାଛାତ୍ର ଓ ଅନୁଷ୍ଠାନର ଭବିଷ୍ୟତ ଅନ୍ଧାର ଆଡକୁ ଠେଲି ହୋଇଯାଉଛି। ପିଏମ୍ ଶ୍ରୀ ବରି ହାଇସ୍କୁଲର ପୂର୍ବତନ ସଭାପତି ନରେନ୍ଦ୍ର କୁମାର ମହାକୁଡ଼ଙ୍କ ମତାମତ ନେବାରୁ ସେ କହିଥିଲେ, ସଭାପତି ଥିବା ବେଳେ ସେ ପୁରାତନ ଛାତ୍ର ମାନଙ୍କ ପରାମର୍ଶରେ ସବୁକିଛି କରୁଥିଲେ। ତେଣୁ କୌଣସି ବିବାଦ କିମ୍ବା ବିଶୃଙ୍ଖଳା ସୃଷ୍ଟି ହୋଇ ନ ଥିଲା। ତେବେ ବର୍ତ୍ତମାନ ରାଜନୈତିକ ଦଳକୁ ପ୍ରାଧାନ୍ୟ ଦେଇ ଟଣାଓଟରା ଚାଲିଥିବା ଯୋଗୁ କମିଟି ଗଠନ ହୋଇ ପାରୁନାହିଁ। ସେହିପରି ଜିଲା ଶିକ୍ଷା ଅଧିକାରୀ(ଡିଇଓ) ଡ. ବସନ୍ତ କୁମାର ନାୟକଙ୍କୁ ପଚାରିବାରୁ ବରି ହାଇସ୍କୁଲର କମିଟି ଗଠନ ହୋଇ ନ ପାରିବାରୁ ସମସ୍ୟା ସୃଷ୍ଟି ହୋଇଛି। ଏସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ତେବେ ସରକାରୀ ଅନୁଦାନ ଫେରି ନ ଯାଇ କିପରି କାର୍ଯ୍ୟକାରୀ ହୋଇପାରିବ ତାହାର ଯୋଜନା ଚାଲିଥିବା ସେ ସୂଚନା ଦେଇଛନ୍ତି।

ଖଣି ନିଲାମକୁ ନେଇ ତେଜୁଛି ବିରୋଧ, ଆନ୍ଦୋଳନ ଚେତାବନୀ ଦେଲେ ଅଞ୍ଚଳବାସୀ

ଥୁଆମୂଳ ରାମପୁର(ଅମୃତ ମିଡିଆ): କଳାହାଣ୍ଡି ଜିଲା କର୍ଲାପାଟ ବନ୍ୟପ୍ରାଣୀ ଅଭୟାରଣ୍ୟ ଅନ୍ତର୍ଗତ ଖଣ୍ଡୁଆଳମାଳି ପାହାଡ଼ କର୍ଲାପାଟ ବକ୍ସାଇଟ ବ୍ଲକକୁ ନେଇ ବିରୋଧ ତେଜୁଛି। ଆନୁମାନିକ ୨୪.୮ କୋଟି ଟନ ଉତ୍ତମାନର ବକ୍ସାଇଟ ଗଚ୍ଛିତ ଥିବା ଏହି ସମ୍ପଦବହୁଳ ପାହାଡ଼କୁ କମ୍ପାନୀକୁ ହସ୍ତାନ୍ତର କରିବା ପ୍ରକ୍ରିୟାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ଥୁଆମୂଳ ରାମପୁର ବ୍ଲକ କର୍ଲାପାଟ ଗ୍ରାମ ପଞ୍ଚାୟତର ଅମଠାଗୁଡ଼ା ଧରଣୀ ଭଟାଠାରେ ରବିବାର 'ଖଣ୍ଡୁଆଳମାଳି ସୁରକ୍ଷା ସମିତି' ଦ୍ୱାରା ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଉପସ୍ଥିତ ସ୍ଥାନୀୟ ପ୍ରତିନିଧି ଓ ଗ୍ରାମବାସୀ ସରକାରଙ୍କ ନୀତିକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଯଦି ସରକାର କେବଳ ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱ ଦେଉଛନ୍ତି, ତେବେ ଖଣ୍ଡୁଆଳମାଳିରେ ଥିବା ପ୍ରାକୃତିକ ଜଳପ୍ରପାତର ସୌନ୍ଦର୍ଯ୍ୟକରଣ କରି ତାହାକୁ ଏକ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରାଯାଉନାହିଁ କାହିଁକି ? କେବଳ ପ୍ରାକୃତିକ ସମ୍ପଦ ନଷ୍ଟ କରି ଖଣିଖନନ କଲେ ହିଁ ରାଜସ୍ୱ ଆଦାୟ ହୋଇପାରିବ କି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସେହିପରି କର୍ଲାପାଟ ଅଭୟାରଣ୍ୟରେ ବନ୍ୟପ୍ରାଣୀ କରିଡ଼ର ଓ ପର୍ଯ୍ୟଟନ ମାଧ୍ୟମରେ ରାଜସ୍ୱ ପାଇଁ ବିକଳ୍ପ ପନ୍ଥା ଆପଣାଇବା ପରିବର୍ତ୍ତେ, କନ୍ଧ ଆଦିବାସୀ ସମ୍ପ୍ରଦାୟଙ୍କ ପବିତ୍ର ପୀଠ ତଥା ବାବା 'ଖଣ୍ଡୁଆଳ' ଦେବତାଙ୍କ ନିବାସସ୍ଥଳୀକୁ କମ୍ପାନୀ ସ୍ୱାର୍ଥରେ ନଷ୍ଟ କରିବାକୁ ଷଡ଼ଯନ୍ତ୍ର କରାଯାଉଥିବା ନେଇ ଅଭିଯୋଗ ହୋଇଛି। ପେସା ଆଇନ ଅନୁଯାୟୀ କୌଣସି ପ୍ରକଳ୍ପ ପୂର୍ବରୁ ସ୍ଥାନୀୟ ଗ୍ରାମସଭାର ସମ୍ମତି ବାଧ୍ୟତାମୂଳକ। ତେବେ ଗ୍ରାମସଭାକୁ ଅଣଦେଖା କରି ଆଦିବାସୀଙ୍କୁ ଉତ୍ତାମାଟିରୁ ଉଚ୍ଛେଦ କରିବାର ପ୍ରୟାସ ଚାଲିଥିବା ନେଇ ଅଭିଯୋଗ ହୋଇଛି। ଏହି ଗୁରୁତ୍ୱପୂର୍ଣ୍ଣ ସଭା ଖଣ୍ଡୁଆଳମାଳି ସ୍ଥାୟୀ ସମିତି ସଭାପତି କାର୍ତ୍ତିକ ମାଝୀ, ରାମ ମାଝୀ ଓ ରାମକୃଷ୍ଣ ମାଝୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭାରେ ସଂଗ୍ରାମୀ ସତ୍ୟନାରାୟଣ ମାଝୀ, କର୍ଲାପାଟ ସରପଞ୍ଚ ବଶ୍ୱନାଥ ମାଝୀ, ପୂର୍ବତନ ସରପଞ୍ଚ ରାମ ମାଝୀ, ରବନାରାୟଣ ସଂ, ରଞ୍ଜିତ ମାଝୀ, ଧୋବା ସାହୁ, ଖଣ୍ଡୁଆଳମାଳିର କରୁଣା ମାଝୀ, ଚିକନୁ ମାଝୀ, ଶିବ ନାଏକ, ସୁରେନ୍ଦ୍ର ମାଝୀ, ଇନ୍ଦ୍ର ମାଝୀ, ଅର୍ଜୁନ ମାଝୀ ଏବଂ ରାଜାରାମ ମାଝୀ ଏବଂ ପଞ୍ଚାୟତର ସମସ୍ତ ମେମ୍ବର, ବୁଦ୍ଧିଜୀବୀ, ଆଇନଜୀବୀ ପ୍ରମୁଖ ଉପସ୍ଥିତ ରହି ସମର୍ଥନ ଜଣାଇଥିଲେ। ସରକାର ଓ କମ୍ପାନୀ ତୁରନ୍ତ ଖଣ୍ଡୁଆଳମାଳି ଖଣି ଲିଜ୍ ପ୍ରତ୍ୟାହାର ନ କଲେ, ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ କମ୍ପାନୀ ଓ ସରକାରଙ୍କ ବିରୋଧରେ ଜୋରସୋରରେ ଗଣଆନ୍ଦୋଳନ କରାଯିବ ବୋଲି ଖଣ୍ଡୁଆଳମାଳି ସ୍ଥାୟୀ ସଂଗ୍ରାମୀମାନେ ଚେତାବନୀ ଦେଇଛନ୍ତି।

ପ୍ରହସନ ପାଲଟିଛି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

ବାଲେଶ୍ୱର(ଅମୃତ ମିଡିଆ): ପ୍ରାକୃତିକ ଦୁର୍ବିପାକରେ ଫସଲ କ୍ଷତି ହେଲେ ଚାଷୀଙ୍କୁ ଆର୍ଥିକ ସୁରକ୍ଷା ଦେବା ଲକ୍ଷ୍ୟ ନେଇ କେନ୍ଦ୍ର ସରକାର 'ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା' ଆରମ୍ଭ କରିଛନ୍ତି। କିନ୍ତୁ ବାଲେଶ୍ୱର ଜିଲ୍ଲାରେ ଏହି ଯୋଜନାର ସୁଫଳ ଚାଷୀଙ୍କ ପାଖରେ ପହଞ୍ଚୁନାହିଁ। ବୀମା କମ୍ପାନିଗୁଡ଼ିକ କୋଟି କୋଟି ଟଙ୍କା ପ୍ରିମିୟମ୍ ନେଉଥିବାବେଳେ କ୍ଷତିପୂରଣ ନାମରେ କମ୍ ଚାଷୀଙ୍କୁ ସାମାନ୍ୟ ଅର୍ଥ ରାଶି ଦେଉଥିବାରୁ ଯୋଜନାଟି ପ୍ରହସନରେ ପରିଣତ ହୋଇଛି। ଜିଲ୍ଲା ଦେଇ ପ୍ରବାହିତ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଜଳକା, କାଂଶବାଂଶ ଓ ସୋନ ନଦୀ ବନ୍ୟାରେ ପ୍ରତିବର୍ଷ ସଦର, ରେମୁଣା, ବସ୍ତା, ଭୋଗରାଇ, ଜଲେଶ୍ୱର ଓ ବାଲିଆପାଳ ବ୍ଲକ୍‌ର ଚାଷୀମାନେ ବ୍ୟାପକ କ୍ଷତି ସହୁଛନ୍ତି। ହେଲେ ଅଧିକାଂଶ କ୍ଷେତ୍ରରେ ବୀମାଭୁକ୍ତ ଚାଷୀଙ୍କୁ ପ୍ରକୃତ କ୍ଷତିପୂରଣ ମିଳୁନାହିଁ। ଜିଲ୍ଲାର ବିଧାୟକମାନେ ବିଧାନସଭାରେ ଏହି ପ୍ରସଙ୍ଗ ଏକାଧିକ ଥର ଉଠାଇଥିଲେ ମଧ୍ୟ ସ୍ଥିତିରେ ସୁଧାର ଆସିନାହିଁ। ସୂଚନା ମୁତାବକ ୨୦୨୨-୨୩ରୁ ୨୦୨୪-୨୫ ମଧ୍ୟରେ ବୀମା କମ୍ପାନିଗୁଡ଼ିକ ପ୍ରିମିୟମ୍ ବାବଦରେ ପ୍ରାୟ ୧୦୧ କୋଟି ଟଙ୍କା ନେଇଥିବାବେଳେ କ୍ଷତିପୂରଣ ବାବଦରେ ମାତ୍ର ୧୯ କୋଟି ୬୭ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ୨୦୨୨-୨୩ରେ ବୀମା କମ୍ପାନିଗୁଡ଼ିକ ୨୦ କୋଟି ୧୨ ଲକ୍ଷ ଟଙ୍କା ପ୍ରିମିୟମ୍ ନେଇଥିବାବେଳେ ୧୦ କୋଟି ୬୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେଇଥିଲେ। ୨୦୨୩-୨୪ରେ ପ୍ରିମିୟମ୍ ବଢ଼ି ୩୫ କୋଟି ୮୩ ଲକ୍ଷ ଟଙ୍କା ହୋଇଥିବାବେଳେ କ୍ଷତିପୂରଣ ୮ କୋଟି ୫୦ ଲକ୍ଷ ଟଙ୍କାକୁ ଖସି ଆସିଥିଲା। ସବୁଠୁ ଚିନ୍ତାଜନକ ସ୍ଥିତି ୨୦୨୪-୨୫ରେ ଦେଖାଯାଇଥିଲା। ସେହି ବର୍ଷ ୪୪ କୋଟି ୮୩ ଲକ୍ଷ ଟଙ୍କା ପ୍ରିମିୟମ୍ ଆଦାୟ ହୋଇଥିବାବେଳେ କ୍ଷତିପୂରଣ ମାତ୍ର ୫୨ ଲକ୍ଷ ଟଙ୍କାରେ ସୀମିତ ରହିଥିଲା। ସେହିପରି କ୍ଷତିପୂରଣ ପାଇଥିବା ଚାଷୀଙ୍କ ସଂଖ୍ୟା ମଧ୍ୟ ଅତ୍ୟନ୍ତ କମ୍। ୨୦୨୨-୨୩ରେ ବୀମା କରିଥିବା ୨୮,୬୪୬ ଜଣ ଚାଷୀଙ୍କ ମଧ୍ୟରୁ ୬,୦୩୩ ଜଣ, ୨୦୨୩-୨୪ରେ ୧,୩୭,୮୧୫ ଜଣଙ୍କ ମଧ୍ୟରୁ ୧୨,୦୯୩ ଜଣ ଏବଂ ୨୦୨୪-୨୫ରେ ୧,୬୦,୦୫୫ ଜଣଙ୍କ ମଧ୍ୟରୁ ମାତ୍ର ୧,୬୪୪ ଜଣ କ୍ଷତିପୂରଣ ପାଇଛନ୍ତି। ବାଲେଶ୍ୱର ସଦର ବ୍ଲକ୍‌ର ଚାଷୀ ସୁଶାନ୍ତ ମହାପାତ୍ର କହିଛନ୍ତି, 'ପ୍ରତିବର୍ଷ ବୀମା କରୁଛୁ। ବନ୍ୟାରେ ଫସଲ ପୂରା ଉଜୁଡ଼ିଯାଉଛି। ହେଲେ କ୍ଷତିପୂରଣ ମିଳୁନାହିଁ। ଅଧିକରୁ ଅଧିକ ଚାଷୀଙ୍କୁ ବୀମା ପଞ୍ଜୀକୃତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି, କିନ୍ତୁ କ୍ଷତିପୂରଣ ପ୍ରଦାନ ବେଳେ କମ୍ପାନିଗୁଡ଼ିକ ବିଭିନ୍ନ ଆଳ ଦେଖାଉଛନ୍ତି।' ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ ପଣ୍ଡାଙ୍କୁ ପଚରାଯାଇଥିଲା। ସେ କହିଛନ୍ତି, ନିୟମ ଅନୁଯାୟୀ କ୍ଷତିପୂରଣ ଦିଆଯାଉଛି। ଚାଷ ଆରମ୍ଭ ପର୍ଯ୍ୟାୟରେ ତଳି ଭାସିଯିବା କିମ୍ବା ପ୍ରାରମ୍ଭିକ କ୍ଷତି ପାଇଁ 'ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା'ରେ କ୍ଷତିପୂରଣର ବ୍ୟବସ୍ଥା ନାହିଁ।

ବିଲୁପ୍ତପ୍ରାୟ ଆଦିବାସୀଙ୍କ ଔଷଧୀୟ ତେଲ

ବୁର୍ଲା(ଅମୃତ ମିଡିଆ): ପଶ୍ଚିମ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ପିଢ଼ି ପରେ ପିଢ଼ି ଚାଲିଆସୁଥିବା ପାରମ୍ପରିକ ଔଷଧୀୟ ଜ୍ଞାନ ଏବେ ବିଲୁପ୍ତିର ଦ୍ୱାରଦେଶରେ। ବିଶେଷକରି ବିଭିନ୍ନ ଗଛଲତା, ପଶୁ ଓ ସରୀସୃପରୁ ପ୍ରସ୍ତୁତ ହେଉଥିବା ଔଷଧୀୟ ତେଲର ବ୍ୟବହାର ଧୀରେଧୀରେ ହ୍ରାସ ପାଉଥିବା ବେଳେ କେତେକ ତେଲ ପ୍ରସ୍ତୁତି ପାଇଁ ଆବଶ୍ୟକ କଞ୍ଚାମାଲ ଅଭାବ ଯୋଗୁଁ ସମ୍ପୂର୍ଣ୍ଣ ଲୋପ ପାଇବା ଆଶଙ୍କା ଦେଖାଦେଇଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ବିକାଶ ଓ ଆଦିବାସୀ ଅଧ୍ୟୟନ ଗବେଷଣା ଉତ୍କର୍ଷ କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ଅରୁଣ କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ପଶ୍ଚିମ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ଔଷଧୀୟ ତେଲ ସମ୍ପର୍କରେ ଦୀର୍ଘଦିନ ଧରି ଦସ୍ତାବିଜୀକରଣ କରାଯାଉଛି । ସୁନ୍ଦରଗଡ଼ ଓ ଦେବଗଡ଼ ଜିଲ୍ଲାର ପାଉଡ଼ି ଭୂୟାଁ, ମୁଣ୍ଡା ଓ କିଷାନ ସମ୍ପ୍ରଦାୟ ମଧ୍ୟରେ ଏନେଇ ଅଧ୍ୟୟନ କରାଯାଇଛି । ଗବେଷଣାରୁ ଜଣାପଡ଼ିଛି ଯେ ଏହି ଆଦିବାସୀ ସମ୍ପ୍ରଦାୟ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଏବେ ବି ପାରମ୍ପରିକ ଚିକିତ୍ସା ଉପରେ ନିର୍ଭରଶୀଳ । ଗବେଷଣା କେନ୍ଦ୍ର ପକ୍ଷରୁ ଉଦ୍ଭିଦ, ପଶୁ ଓ ସରୀସୃପ ଆଧାରିତ ପ୍ରାୟ ୨୦ ପ୍ରକାର ଔଷଧୀୟ ତେଲ ସମ୍ପର୍କରେ ଦସ୍ତାବିଜୀକରଣ କରାଯାଇଛି । ସ୍ଥାନୀୟ ବୈଦ୍ୟ ଓ ଚିକିତ୍ସକମାନେ ଏହି ତେଲକୁ ବିଭିନ୍ନ ରୋଗର ଚିକିତ୍ସାରେ ବ୍ୟବହାର କରିଥାନ୍ତି । ଉଦ୍ଭିଦ ଆଧାରିତ ତେଲ ମଧ୍ୟରେ ଭାଲିଆ ତେଲ, ପିଙ୍ଗ ତେଲ, ଜଟାଙ୍ଗୀ ତେଲ, ଟୋଲ ତେଲ, ଜଡ଼ା ତେଲ, କୁସୁମ ତେଲ, କରଞ୍ଜ ତେଲ, ନିମ୍ବ ତେଲ ଓ ଜଙ୍ଗଲୀ ସୋରିଷ ତେଲ

ରହିଛି । ସେହିପରି ପଶୁ ଓ ସରୀସୃପ ଆଧାରିତ ତେଲ ମଧ୍ୟରେ ରଣା ସାପ ତେଲ, ଘୁସୁରା ତେଲ, ଭାଲୁ ତେଲ, ଜଙ୍ଗଲୀ କୁକୁଡ଼ା ତେଲ, ଝିଙ୍କ ତେଲ ଓ ଛେଳି ତେଲ ଆଦି ରହିଛି । ଗବେଷଣାରେ ଦର୍ଶାଯାଇଛି ଯେ ପାରମ୍ପରିକ ଭାବେ ଏହି ତେଲଗୁଡ଼ିକୁ ଯକ୍ଷ୍ମା, ପେଟ ଓ ଚର୍ମ କର୍କଟ, କାଶ, ମିରିଗୀ, କେଶ ଝଡ଼ିବା, ଆର୍ଥ୍ରାଇଟିସ୍, ପକ୍ଷାଘାତ, କୋଷ୍ଠକାଠିନ୍ୟ, ରକ୍ତହୀନତା, ପ୍ରସବ ପରବର୍ତ୍ତୀ ସ୍ତନ୍ୟପାନ ସମ୍ପର୍କିତ ସମସ୍ୟା, ଚର୍ମରୋଗ, ପୋଡ଼ା ଘା', ମୁଣ୍ଡବିନ୍ଧା, ମାଂସପେଶୀ ଯନ୍ତ୍ରଣା, ଫଙ୍ଗାଲ୍ ସଂକ୍ରମଣ, ମ୍ୟାଲେରିଆ, ସାପ କାମୁଡ଼ା, ଦାନ୍ତ ଯନ୍ତ୍ରଣା, ଜଣ୍ଡିସ୍, ଏକ୍ଜିମା ଓ ଶିଶୁଙ୍କ କୃମି ଆଦି ସମସ୍ୟାରେ ବ୍ୟବହାର କରାଯାଏ । ଗବେଷଣାର ସବୁଠାରୁ ଚିନ୍ତାଜନକ ଦିଗ ହେଉଛି କେତେକ ଗୁରୁତ୍ୱପୂର୍ଣ୍ଣ ଔଷଧୀୟ ତେଲ ଏବେ ବିଲୁପ୍ତିର ଦ୍ୱାରଦେଶରେ । ରାମ ଜଡ଼ା, ଶିଶୁ ତେଲ, ବେଣ୍ଡୋ ତେଲ, ସାର୍ଗା ତେଲ ଓ ଗୋଧି ତେଲ ଭଳି ତେଲର ଆବଶ୍ୟକ କଞ୍ଚାମାଲ ପ୍ରାକୃତିକ ପରିବେଶରେ ଆଉ ସହଜରେ ମିଳୁନାହିଁ । କମ୍ ବର୍ଷା, ତାପମାତ୍ରା ବୃଦ୍ଧି ଓ ଦୀର୍ଘ ଗ୍ରୀଷ୍ମ ଋତୁ ଯୋଗୁଁ ଅନେକ ଉଦ୍ଭିଦ ଓ ଜୀବଜନ୍ତୁ ପ୍ରଜାତି ବିଲୁପ୍ତ ହେଉଥିବା କିମ୍ବା ବିଲୁପ୍ତି ମୁହାଁରେ ଥିବା ଅଧ୍ୟୟନରୁ ଜଣାପଡ଼ିଛି । ପ

ଶ୍ରୀଧାମ ଜଗନ୍ନାଥ ପୁରୀରେ ପୂଜ୍ୟ ଦିଦି ମା'ଙ୍କୁ ଦେଖିବା ଓ ତାଙ୍କର ଅମୃତବାଣୀ ଶୁଣିବା ଆମ ପାଇଁ ଏକ ବଡ଼ ସୌଭାଗ୍ୟ : ମୁଖ୍ୟମନ୍ତ୍ରୀ

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ବାର୍ଷିକୋତ୍ସବ

ଏମଏମଡିଆର୍ ସଂଶୋଧନ ଆଇନ ରଦ୍ଦ ଦାବିରେ ୪ ବାମପନ୍ଥୀ ଦଳଙ୍କର ବିକ୍ଷୋଭ

ରେଳବାଇ ପକ୍ଷରୁ ବସ୍ତି ଉଚ୍ଛେଦ ପ୍ରତିବାଦରେ ବିକ୍ଷୋଭ

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.140, Tuesday, 8 September 2026, Puri, Pages - 25, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୦, ମଙ୍ଗଳବାର, ୮ ସେପ୍ଟେମ୍ବର ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା